

ପୃଷ୍ଠା ୨ 'ଦୃଶ୍ୟମ୍' ସିକ୍ୱେଲରେ ଅଜୟ


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 92 ◆ BHUBANESWAR ◆ SATURDAY ◆ 25 SEPTEMBER 2021 ◆ PAGE- 16 ◆ ₹ 5.00


•ବର୍ଷ-୧୯ •ସଂଖ୍ୟା- ୯୨ •ଭୁବନେଶ୍ୱର •ଶନିବାର •୨୫ ସେପ୍ଟେମ୍ବର ୨୦୨୧ •ପୃଷ୍ଠା- ୧୬ •ଟ.୫.୦୦



EXPECTED RESULT IN NEET-2021
We Expect 25 to 30 admission in Govt. Medical College Out of 80 Students
TETRAHEDRON RESIDENTIAL COACHING
Tangi, Cuttack, Mob- 7008222977 / 8093064522
702/720 Sushree Sangita Sahoo, Roll No.: 3605014263, 1st Preparation, M- 9810975701 (F)
680/720 Debasis Sahoo, Roll No.: 3605015126, 2nd Preparation, M- 9861492793 (O), 9853700493 (F)
Botany: M.K.S. Sir (20 Yrs. Exp.), A.B. Sir (22Yrs. Exp.)
Zoology: KK Sir (42 Yrs. Exp.), SM Sir (25 Yrs. Exp.)
Physics: MP Sir (40Yrs. Exp.), Bikash Sir (32Yrs. Exp.), Manas Sir (22Yrs. Exp.)
Chemistry: KR Sir (40Yrs. Exp.), DD Sir (28Yrs. Exp.), Trideb Sir (20Yrs. Exp.)
100% NCERT based Coaching
100% Guidance and Care
No. Outside Movement.
Highest No. of Classes in Physics & Chemistry
Chapterwise MCQ discussion in Phy. Chem and Biology
Special Discount for a Student Securing More Than 500 Marks


# ମାଡ଼ି ଆସୁଛି 'ଗୁଲାବ'

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା
- ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ସ୍ଥଳଭାଗ ମୁହାଁ
- ୨୬ରେ କଳିଙ୍ଗପଟ୍ଟନମ୍ ନିକଟରେ ଛୁଇଁବ ସ୍ଥଳଭାଗ
- ଗଜପତି, ରାୟଗଡ଼ା, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲାରେ ଅତି ପ୍ରବଳ ବର୍ଷା; ୮ ଜିଲ୍ଲାକୁ ସତର୍କ ସୂଚନା ଜାରି
- ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲିବାକୁ ନିର୍ଦ୍ଦେଶ



■ ଭୁବନେଶ୍ୱର, ୨୪।୯ (ସମିସ): ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇଛି। ସମୁଦ୍ର ମଧ୍ୟରେ ବାତ୍ୟା ବଳ ଗୋଟାଇ ଆଗକୁ ବଢୁଛି। ୨୬ ତାରିଖରେ ଏହା ଓଡ଼ିଶାର ଗୋପାଳପୁର ଦକ୍ଷିଣ ଭାଗ ତଥା ଉତ୍ତର ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ବାତ୍ୟାର ପ୍ରଭାବ ଆରମ୍ଭ ହୋଇଯିବ ବୋଲି ଆମେରିକାର ପ୍ରମୁଖ ପାଣିପାଗ ଆକଳନ ସଂସ୍ଥା ଜଏଣ୍ଟ ଟାଇଫୁନ୍ ୱାର୍ଣ୍ଣିଂ ସେଣ୍ଟର (ଜେଟିଡବ୍ଲ୍ୟୁସି) ପକ୍ଷରୁ ପୂର୍ବାନୁମାନ କରିଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ଲଘୁଚାପ ସୃଷ୍ଟି ହୋଇଛି। ଗୋଟିଏ ଦିନ ମଧ୍ୟରେ ଏହା ଘନୀଭୂତ ହୋଇ ଲଘୁଚାପରୁ ବାତ୍ୟାରେ ପରିଣତ ହୋଇଛି। ବାତ୍ୟା କେନ୍ଦ୍ରବିନ୍ଦୁରେ ବର୍ତ୍ତମାନ ୬୫ କିମିରୁ ଅଧିକ ବେଗରେ ପବନ ବହୁଛି। ବାତ୍ୟା ଆଗକୁ ବଢ଼ିବା ପରେ ଧୀରେ ଧୀରେ ପବନର ବେଗ ବୃଦ୍ଧି ହେବ। ଉପକୂଳରେ ବାତ୍ୟା ମାଡ଼ ବେଳେ ପବନର ବେଗ ୧୦୦-୧୧୦ କିମି ରହିବ ବୋଲି ସଂସ୍ଥା ପକ୍ଷରୁ ପ୍ରାଥମିକ ଆକଳନରୁ କୁହାଯାଇଛି। ▶ପୃଷ୍ଠା-୧୦

## ଆଇଏମ୍‌ଡିର ରାତିଅଧିଆ ବାତ୍ୟା ସୂଚନା

■ ଭୁବନେଶ୍ୱର, ୨୪।୯ (ସମିସ): ଆମେରିକାର ପ୍ରମୁଖ ପାଣିପାଗ ଗବେଷଣା ସଂସ୍ଥା ଜେଟିଡବ୍ଲ୍ୟୁସି ପକ୍ଷରୁ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ନେଇ ବହୁ ପୂର୍ବରୁ ସୂଚନା ଦେଇଛି। ମାତ୍ର ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଆଇଏମଡି ପକ୍ଷରୁ ବାତ୍ୟା ନେଇ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ବିଳମ୍ବିତ ରାତିରେ ତରବରିଆ ଭାବେ ବାତ୍ୟା ଆସୁଥିବା ପୂର୍ବାନୁମାନ କରିଛି। ସାଧାରଣ ଭାବେ ଗଭୀର ଅବପାତର ମଧ୍ୟ ଭାଗରେ ୬୩ କିମି ବେଗରୁ ଅଧିକ ବେଗରେ ପବନ ବହିଲେ ଆଇଏମଡି ଏହାକୁ ବାତ୍ୟା ଭାବେ ବିବେଚନା କରିଥାଏ। ଏହି ଆଧାରରେ ଆଇଏମଡି ପକ୍ଷରୁ ଏହାକୁ ବାତ୍ୟାର ରୂପ ଦିଆଯିବା କଥା। ଜେଟିଡବ୍ଲୁସି ଏହାକୁ ବାତ୍ୟାର ରୂପ ଦେଇ ସାରିଥିବା ବେଳେ ଆଇଏମଡି ଏ କ୍ଷେତ୍ରରେ ବିଳମ୍ବ କରିବା ସାଧାରଣରେ ଉଦବେଗ ସୃଷ୍ଟି କରିଛି। ଯଦିଓ ଏହା ଓଡ଼ିଶା ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ବିଭିନ୍ନ ମଡେଲ୍ କହୁଛି; ତଥାପି ପୂର୍ବରୁ ସୂଚନା ପ୍ରଦାନ କରିବାରେ ଆଇଏମ୍‌ଡି ▶ପୃଷ୍ଠା-୧୦

### ପାଞ୍ଚ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

# ଦୋହରାଇବେ ରାଜ୍ୟର ହକ୍


■ ଭୁବନେଶ୍ୱର, ୨୪।୯ (ସମିସ): ଶୁକ୍ରବାରଠାରୁ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତା ୨୬ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ମାଓ ମୁକାବିଲା ସଂକ୍ରାନ୍ତ ବୈଠକରେ ଅଂଶଗ୍ରହଣ କରିବା ସହ ରାଜ୍ୟର ବିଭିନ୍ନ ହକ୍ ଉପସ୍ଥାପନ କରିବେ ବୋଲି ସୂଚନା ମିଳିଛି। କେନ୍ଦ୍ର ସରକାର ଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା, କେନ୍ଦ୍ରୀୟ ଯୋଜନାରେ ଧାରାବାହିକ ଭାବରେ ଅଂଶଧନ ହ୍ରାସ କରି ଚାଲିଛନ୍ତି। ଏହାବ୍ୟତୀତ ରାଜ୍ୟକୁ କେନ୍ଦ୍ରୀୟ ସହାୟତା ମଧ୍ୟ ହ୍ରାସ ହୋଇଛି। ଏହି ପ୍ରସଙ୍ଗ ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀ ରାଜ୍ୟର ହକ୍ ସମ୍ବନ୍ଧିତ ଦାବିକୁ ଦୋହରାଇବାର ସମ୍ଭାବନା ରହିଛି। ପଛୁଆ ବର୍ଗ ଜନଗଣନା, କେନ୍ଦ୍ରୀୟ ଅନୁଦାନ ଓ ଜିଏସଟି ବକେୟା, ଆବାସ ସହାୟତା, ଏଫସିଆଇ ଦ୍ୱାରା ଚାଉଳ ଉଠାଣ, ମାଓ ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସେବା, କୋଇଲା ରାଜଭାଗ ବୃଦ୍ଧି, କୋଇଲା ସେସ୍‌ରୁ ଭାଗ ଆଦି ସଂକ୍ରାନ୍ତରେ ଦାବି କରିପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

ନିଜ ପରିସର ମଧ୍ୟରେ ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଉଦ୍ୟମ କରିଛନ୍ତି। ପଞ୍ଚାୟତଓ ପୌର ନିର୍ବାଚନ ନିୟମରେ ସଂଶୋଧନ କରାଯାଇ ସର୍ବାଧିକ ୨୭% ପର୍ଯ୍ୟନ୍ତ ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରିଛନ୍ତି। ମାତ୍ର ସମ୍ବିଧାନର ନବମ ଅନୁଚ୍ଛେଦରେ ସଂଶୋଧନ କରାଯାଇ ପଛୁଆ ବର୍ଗ ଜନସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଗଲେ ଏହା ସମସ୍ତଙ୍କ ପାଇଁ ସହଜ ହୋଇ ପାରିବ ଏବ ୫୦% ସିଲିଂ ନେଇ ଅଦାଲତର ବାଧା ମଧ୍ୟ ରହିବ ନାହିଁ। ତେଣୁ ଏଥିନିମନ୍ତେ ପଛୁଆ ବର୍ଗଙ୍କ ଜନଗଣନା ଆବଶ୍ୟକ। ଏହା ଆଧାରରେ ସମ୍ବିଧାନରେ ଏ ସଂକ୍ରାନ୍ତ ସଂଶୋଧନ ହୋଇପାରିବ। ବିଜେଡି ସାଂସଦମାନେ ଏଥିନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ମାତ୍ର ଏ ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ରାଜ୍ୟର ଏହି ଦାବିକୁ ଶାଣିତ କରିବେ ବୋଲି ସୂଚନା ମିଳିଛି।

ମାଓ ମୁକାବିଲା ନିମନ୍ତେ କେନ୍ଦ୍ରୀୟ ବାହିନୀ ମୁତୟନ ନିମନ୍ତେ ରାଜ୍ୟକୁ କେନ୍ଦ୍ର ସରକାର ପୂର୍ବରୁ ବାରମ୍ବାର ଅର୍ଥ ଦାବି କରି ଆସିଛି। ରାଜ୍ୟ ସରକାର ଏହି ଅର୍ଥ ଛାଡ଼ କରିବାକୁ ମଧ୍ୟ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗ ମଧ୍ୟ ମୁଖ୍ୟମନ୍ତ୍ରୀ ବୈଠକରେ ଉଠାଇପାରନ୍ତି। ଏହାବ୍ୟତୀତ ଆହୁରି କିଛି ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କୋଇଲା ରାଜଭାଗ ବୃଦ୍ଧି କରା ନ ଯିବା ଦ୍ୱାରା ରାଜ୍ୟ ସରକାର ବିପୁଳ କ୍ଷତି ସହୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସେସ୍ ବାବଦରେ ଆଦାୟ କରୁଥିବା ବିପୁଳ ଅର୍ଥରୁ ରାଜ୍ୟକୁ ଅଂଶ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିପାରନ୍ତି ବୋଲି କୁହାଯାଉଛି।

କୋଇଲା ରାଜଭାଗ ବୃଦ୍ଧି କରାଯାଇ ନ ଥିବାରୁ ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନ୍ୟୂନ ୧୦ ହଜାର କୋଟି ଟଙ୍କା ହରାଇଛନ୍ତି; ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ସ୍ୱଚ୍ଛ ଟିକସ (ଗ୍ରୀନ୍ ସେସ୍) ବାବଦରେ କୋଇଲାରୁ ଆଦାୟ କରିଛନ୍ତି ପ୍ରାୟ ୨୮ ହଜାର କୋଟି ଟଙ୍କା। କେନ୍ଦ୍ର ସରକାର ଆଦାୟ କରିଥିବା ଏହି ବିପୁଳ ଅର୍ଥରୁ ଫଟା ପାହୁଲାଟିଏ ମଧ୍ୟ ରାଜ୍ୟକୁ ମିଳିନାହିଁ।

ଭାରତୀୟ ଖାଦ୍ୟ ନିଗମ ଏଫସିଆଇ ରାଜ୍ୟରୁ ଚାଉଳ ଉଠାଇବାରେ ଅବହେଳା କରୁଥିବା ପ୍ରସଙ୍ଗ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିପାରନ୍ତି। ଏଫସିଆଇ ଓଡ଼ିଶାକୁ ଅବହେଳା କରୁଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟର ବିଭିନ୍ନ ଗୋଦାମରେ ପଡ଼ି ରହିଥିବା ପ୍ରାୟ ୭ ଲକ୍ଷ ଟନ୍ ଚାଉଳ ଏଫସିଆଇ ଉଠାଉ ନ ଥିବାରୁ ଏହି ଚାଉଳ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ସଂରକ୍ଷଣ ବ୍ୟବସ୍ଥାର ଅଭାବ ଦର୍ଶାଇ ଓଡ଼ିଶାରୁ ଚାଉଳ ଉଠାଇବା ନିମନ୍ତେ ▶ପୃଷ୍ଠା-୧୦



**୨୬ରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ବୈଠକରେ ଭାଗ ନେବେ**

**ଉଠିପାରେ ପଛୁଆ ବର୍ଗ ଜନଗଣନା, ଅନୁଦାନ ଓ ବକେୟା ସହାୟତା ପ୍ରସଙ୍ଗ**

### ମହାନଦୀରେ ଓଲଟିଲା ଓଡ୍ରାଫ୍ ବୋଟ୍


# ସାମ୍ବାଦିକ ମୃତ, ଯବାନ ନିଖୋଜ



ଅରିନ୍ଦମ ଦାସ

- ୫ଜଣ ଏସ୍‌ସିବିରେ ଭର୍ତ୍ତି
- ଘଟଣାର ତଦନ୍ତ ଆରମ୍ଭ
- ମୁଖ୍ୟମନ୍ତ୍ରୀଙ୍କ ଶୋକ

■ କଟକ / ବାରଙ୍ଗ, ୨୪।୯ (ସମିସ): ହାତୀ ଫସିଥିବା ଖବର ସଂଗ୍ରହ ପାଇଁ ଓଡ୍ରାଫ୍ ବୋଟରେ ଯାଇଥିବା ଓଟିଭିର ସାମ୍ବାଦିକ ଅରିନ୍ଦମ ଦାସ ମହାନଦୀରେ ବୁଡ଼ିଯିବାରୁ ପ୍ରାଣ ହରାଇଛନ୍ତି। ଓଡ୍ରାଫ ଟିମର ବୋଟରେ ବସି ହାତୀ ଫସିଥିବା ଖବର ଲାଇଭ୍ କରୁଥିଲେ। କିନ୍ତୁ ଜଳରାଶିରେ ହାତୀର ନିକଟତର ହେବା ବେଳକୁ ସ୍ରୋତର ବିପରୀତରେ ଯାଉଥିବା ବୋଟ୍‌ଟି ହଠାତ୍ ଓଲଟି ପଡ଼ିଥିଲା। ବୋଟ୍‌ରେ ମୋଟ ୭ ଜଣ ଥିବା ବେଳେ ଓଡ୍ରାଫ୍ ଯବାନଙ୍କ ସହ ଅରିନ୍ଦମ ଓ ତାଙ୍କ କ୍ୟାମେରା ସହଯୋଗୀଙ୍କୁ ଉଦ୍ଧାର କରି ଏସ୍‌ସିବି ▶ପୃଷ୍ଠା-୧୦




www.flyusha.in
USHA TRAVELS
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| CHENNAI | 3433/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| AHMEDABAD | 3833/-* |
| PUNE | 4533/-* |
| ABUDHABI | 10,333/-* |
| DUBAI | 10,333/-* |

T&C Apply*
Mob. : 9937438896
TOLL FREE 1800 890 3566


## ଲୋକକଥା



ପାର୍ବଣ ପାଖେଇ ଆସିଲା ବେଳକୁ
ବଢ଼ିଲାଣି ସଂକ୍ରମଣ,
ପୁଣି ମାତିବ କରୋନା ଅସୁର
କଟକଣା ନ କଲେ ଟାଣ।
ଶାସକ ବାବୁ ହେ ଜାଣ
ପୂରା ସ୍ଥିତି ଅଣାୟତ୍ତ ହୋଇଗଲେ,
ସଙ୍କଟେ ପଡ଼ିବ ପ୍ରାଣ...!!

### ୟୁପିଏସ୍‌ସି ପରୀକ୍ଷା ଫଳ ପ୍ରକାଶିତ

## ଶୁଭମ୍ କୁମାର ସର୍ବଭାରତୀୟ, ଜୁବିନ୍ ମହାପାତ୍ର ଓଡ଼ିଶା ଟପ୍ପର



ଶୁଭମ୍ କୁମାର



ଜୁବିନ୍ ମହାପାତ୍ର

■ ଭୁବନେଶ୍ୱର, ୨୪।୯ (ସମିସ): କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୦ ବର୍ଷର ପ୍ରଶାସନିକ ସେବା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସର୍ବଭାରତୀୟସ୍ତରରେ ମୋଟ୍ ୭୬୧ ଜଣ ଛାତ୍ରଛାତ୍ରୀ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ଶୁଭମ୍ କୁମାର ଦେଶରେ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଜାଗ୍ରତି ଆୱାସ୍ତି ଥିବାବେଳେ ତୃତୀୟରେ ଅଙ୍କିତା ଜୈନ, ଚତୁର୍ଥରେ ଯସ୍ ଜାଲୁଜା ଓ ପଞ୍ଚମରେ ମମତା ଯାଦବ ରହିଛନ୍ତି। ସାଧାରଣ ବର୍ଗରେ ୨୬୩ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଇଡବ୍ଲ୍ୟୁଏସ୍ ବର୍ଗରେ ୮୬, ଓବିସି ବର୍ଗରେ ୨୨୯, ଅନୁସୂଚିତ ଜାତି ବର୍ଗରେ ୧୨୨ ଏବଂ ଅନୁସୂଚିତ ଜନଜାତି ବର୍ଗରେ ୬୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ୟୁପିଏସସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୫୦ ଜଣ ପ୍ରାର୍ଥୀଙ୍କୁ ରିଜର୍ଭ ତାଲିକାରେ ରଖାଯାଇଛି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶାର ଜୁବିନ୍ ମହାପାତ୍ର ୪୬ ତମ ସ୍ଥାନରେ ରହିଛନ୍ତି। ସେହିପରି ୫୨ ତମ ସ୍ଥାନରେ ଆଶିଷ କୁମାର ମିଶ୍ର, ୬୮ ତମ ସ୍ଥାନରେ ଅପୂର୍ବ ତ୍ରିପାଠୀ, ୭୯ ତମ ସ୍ଥାନରେ ଶୁଭଙ୍କର ବଳ, ୮୨ରେ ସାର୍ଥକ ଚୌଧୁରୀ, ୧୯୪ରେ ରୀନା ପ୍ରଧାନ, ୨୪୪ରେ ପୂର୍ବୀ ନନ୍ଦ, ୩୦୭ରେ ମର୍ଲିନ ଦାସ, ୩୨୨ରେ ଆକାଶ ଚୌଧୁରୀ, ୩୯୫ରେ ନବଜ୍ୟୋତି ମିଶ୍ର, ୪୬୪ରେ ବିବର୍ତ୍ତନୀ ସ୍ୱାଇଁ, ୫୨୨ରେ ଅଙ୍କିତ ମିଶ୍ର, ୫୪୩ରେ ଚନ୍ଦ୍ର ଶେଖର ମେହେର, ▶ପୃଷ୍ଠା-୧୦

### ■ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୧ ବର୍ଷ ଜେଲ୍ ଓ ଜରିମାନା

■ ବ୍ରହ୍ମପୁର, ୨୪।୯ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ନୂତନ ଭାବେ ହୋଇଥିବା ଦ୍ୱିତୀୟ ପୋସ୍କ କୋର୍ଟ ତଥା ଫାଷ୍ଟଟ୍ରାକ୍ କୋର୍ଟର ଜଜ୍ ଗୁରୁପ୍ରସାଦ ସାହୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦର୍ଶାଇ ଅଭିଯୁକ୍ତ ଅଲିଆ ସାହୁଙ୍କୁ ୧୧ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାର ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୪ ମାସ ଅଧିକ ଜେଲ ଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ହୋଇଛି।



**ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଡିଏଲ୍‌ଏସ୍‌କୁ ନିର୍ଦ୍ଦେଶ**

ପୀଡ଼ିତା ନାବାଳିକାଙ୍କ ପରିବାରରୁ ୫ ଲକ୍ଷ ଟଙ୍କା ଦେବା ପାଇଁ ମଧ୍ୟ ଡିଏଲ୍‌ଏସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବୁଗୁଡା ଥାନା ଅନ୍ତର୍ଗତ ସୀତାରାମପଲ୍ଲୀ ▶ପୃଷ୍ଠା-୧୦

## ନାବାଳିକାଙ୍କୁ ଗଣଦୁଷ୍କର୍ମ; ଦୁଇ ଗିରଫ

■ ଦେବଗଡ଼, ୨୪।୯ (ସମିସ): ରିଆମାଳ ଥାନା ବୁରବୁଡ଼ା ଜଙ୍ଗଲ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଟ୍ୟୁସନରୁ ଫେରୁଥିବାବେଳେ ଜଣେ ୧୨ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ପୀଡ଼ିତା ଛାତ୍ରୀ ଜଣକ ଟ୍ୟୁସନରୁ ସାଇକଲରେ ଘରକୁ ଫେରୁଥିବାବେଳେ ନିକଟସ୍ଥ କଙ୍କରଖୋଲ ଗ୍ରାମର ସୁବାସ ବାଦୀ ଏବଂ ଚିନ୍ମୟ ରଞ୍ଜନ ବାଦୀ ବୁରବୁଡ଼ା ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ସେଠାରୁ ଘରକୁ ଫେରି ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ରିଆମାଳ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁଷ୍କର୍ମକାରୀ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶୁକ୍ରବାର ▶ପୃଷ୍ଠା-୧୦

### ▶ ଦେଶର ସୁନାମ ଲାଗି ଅଣ୍ଟାଭିଡ଼ିଛି ଓଡ଼ିଶା

# କ୍ରୀଡ଼ା କ୍ଷେତ୍ରରେ ନବୀନ ଏବେ ବ୍ରାଣ୍ଡ ଆମ୍ବାସାଡର

**ଯୁବ ବର୍ଗ, କ୍ରୀଡ଼ାବିତ୍, ରାଜନୈତିକ ମହଲରେ ଚର୍ଚ୍ଚା**

**କମିଲାଣି କ୍ରିକେଟ୍ ମାନିଆ, ବଢୁଛି ହକି ପ୍ରତି ଆଦୃତ୍ତି**

**ଖେଳର ରାଜଧାନୀ ଭୁବନେଶ୍ୱର, ବଦଳୁଛି ପରିଚୟ**

**ସବୁଠି ଏବେ ଓଡ଼ିଶାର ପ୍ରଶଂସା, ବିଶ୍ୱସ୍ତରରୁ ମିଳୁଛି ସ୍ୱୀକୃତି**


■ ଭୁବନେଶ୍ୱର, ୨୪।୯ (ସମିସ): ସାରା ଭାରତରେ କ୍ରିକେଟ୍ ପ୍ରତି ରହିଥିବା ଭଲପାଇବା ଓ ଯୁବ ବର୍ଗମଧ୍ୟରେ ଏହାର ଆଦୃତ୍ତି ପାଇଁ ଉଦାହରଣର ଆବଶ୍ୟକତା ନାହିଁ। ଏହା ସହିତ ଯୋଡି ହୋଇଥିବା ଅର୍ଥନୀତି ଓ ପଟିଆରା ଲଢ଼େଇ ସଂପର୍କରେ ମଧ୍ୟ ସମସ୍ତେ ଢ଼ଣା ଅଧିକ ଜାଣନ୍ତି।

ହେଲେ ହକି, ଫୁଟବଲ, ରଗ୍‌ବୀ ଭଳି କ୍ରୀଡା କ୍ଷେତ୍ରରେ ବିଶ୍ୱ ଦରବାରରେ ଦେଶ ପାଇଁ ଗୌରବ ଆଣିବା ଲାଗି କେନ୍ଦ୍ର ସରକାର କି ଦେଶ ନୁହେଁ, ଗୋଟିଏ ରାଜ୍ୟ (ଓଡ଼ିଶାର ମୁଖ୍ୟମନ୍ତ୍ରୀ) ଲଢିବା ଓ ସଫଳତା ଆଣିବା ଘଟଣା ଅବିଶ୍ୱାସ ମନେ ହେଲେ ବି ସତ। ଭାରତର ବିଶିଷ୍ଟ ରାଜନେତା, କ୍ରୀଡାପ୍ରେମୀ ସବୁ ମହଲରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ଏମିତି ଚର୍ଚ୍ଚା ଆରମ୍ଭ ହୋଇଛି। କେହି କେହି ହକି ଓ କ୍ରୀଡାର ବିକାଶ କ୍ଷେତ୍ରରେ ନବୀନଙ୍କୁ ବ୍ରାଣ୍ଡ ଆମ୍ବାସାଡର ମଧ୍ୟ କହିବା ଆରମ୍ଭ କଲେଣି।

'ଯେହେତୁ ଦେଶର ପ୍ରତିଷ୍ଠା ବିପଦରେ, ଆମେ ଏହାକୁ ଆୟୋଜନ କରିବାକୁ ସହଜରେ ସହମତ ହୋଇଛୁ।' ଗତକାଲି (ଗୁରୁବାର) ଏଭଳି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଫଆଇଏଚ୍ ପୁରୁଷ ଜୁନିୟର ବିଶ୍ୱକପ୍ ଆୟୋଜନ ଦାୟିତ୍ୱ ମୁଣ୍ଡକୁ ନେଇଥିଲେ। ଉଭୟ ଟ୍ରଫି ଓ ଲୋଗୋର ଅନାବରଣ ଉତ୍ସବ ଆୟୋଜନ କରାଯାଇଥିଲା। ନବୀନ ଏହି ଅବସରରେ ଆହୁରି କହିଥିଲେ ଯେ ଦେଶର ପ୍ରତିଷ୍ଠା ପାଇଁ ଓଡ଼ିଶା ମାତ୍ର ଦୁଇମାସ ସମୟ ଅବଧି ମଧ୍ୟରେ ଏତେ ବଡ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତୁତ ରହିଛି। କରୋନାର ତୃତୀୟ ଲହରର ମୁକାବିଲା ପାଇଁ ଯେତେବେଳେ ଅନ୍ୟରାଜ୍ୟମାନେ ସାହସ କୁଳେଇ ପାରୁନାହାନ୍ତି, ସେତେବେଳେ ନବୀନଙ୍କର ଏଭଳି ସାହସିକତା ଓ କ୍ରୀଡା ପ୍ରତି ଭଲପାଇବା ଅବଶିଷ୍ଟ ରାଜ୍ୟମାନଙ୍କୁ ବିସ୍ମିତ ▶ପୃଷ୍ଠା-୧୦



# ଓଠରେ ଦୁଃଖୀ ଆଖିରେ ସୁଖୀ



## ହାଟ ମଝିରେ ବ୍ରହ୍ମଜ୍ଞାନ

କରୋନା କାଳ (ଦୀର୍ଘ ଦେଢ଼ବର୍ଷ)ର କ୍ଷୟକ୍ଷତି ଅନେକ। ନିଜ ନିଜ ଢଙ୍ଗରେ ସମସ୍ତେ ତାହା ଆକଳନ କରୁଚନ୍ତି। କରୋନା କାଳରେ ମାସ୍କ ବ୍ୟବହାର ଯୋଗୁଁ ଯେ ମଣିଷର ଶାରୀରିକ କ୍ଷତି ହେଉନାହିଁ ତାହା କହିବା ବି ଠିକ୍ ନୁହେଁ। ତେବେ ତାହା ବୈଜ୍ଞାନିକମାନଙ୍କ କାମ। ମାସ୍କ ବ୍ୟବହାରକୁ ନେଇ ହେଉଥିବା କ୍ଷତିର ଅନ୍ୟଦିଗକୁ ନେଇ ଆମ୍ଭେ କିଛି ବିଚାର ରଖୁଛୁ। ଶାରୀରିକ, ମାନସିକ, ଆର୍ଥିକ, ବ୍ୟବହାରିକ, ସାହିତ୍ୟିକ, ସାଂସ୍କୃତିକ ତଥା ଭାବାତ୍ମକ ଦୃଷ୍ଟିରୁ ବିଚାର କରି ଆମ୍ଭେ ଏହି ସିଦ୍ଧାନ୍ତରେ ଉପନୀତ ହେଇଅଛୁ ଯେ, କରୋନାର ସଙ୍କଟ କାଳରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛି ଓଠ।

ଏଇ ଓଠକୁ ବନ୍ଦନା କରି ଗୀତ/କବିତା ଲେଖୁଥିବା ଗୀତିକାର/କବିମାନେ ଆଜି ନିରବି ଯାଇଛନ୍ତି। ରସିକ ତଥା କଣ୍ଠଶିଳ୍ପୀ ଆଜି ଓଠର ଜୟଗୀତି ଆଉ ଗାଉନାହାନ୍ତି। ଗଳିକନ୍ଦିରେ ଆଉ ଶୁଭୁନାହିଁ-

**"ଲିପ୍‌ଷ୍ଟିକ୍ ବାଲି ଓଠ ତୋର ଫୁଲ୍ ଝାଲାନାଲା,
ତୋ ପାଇଁକି ଲିପ୍‌ଷ୍ଟିକ୍‌ର ରେଟ୍ ବଢ଼ିଗଲା।"**

ଦିଶୁ ନ ଥିବା ଓଠରେ ଆଉ ଏବେ ଲିପ୍‌ଷ୍ଟିକ୍ ଲଗଉଚି କିଏ ଯେ! ଯାହାର ବ୍ୟବହାର କମିଯାଇଚି, ତା'ର ରେଟ୍ ବା ବଢ଼ିବ କେମିତି?

"ଭିଜା ଭିଜା ଓଠ ତୋର, ମନ ମୋ ରସିଲା।" ଗୀତକୁ ଆଜି ରସିକ ଗାଉନାହିଁ। ଭିଜା ଭିଜା ଓଠକୁ ଭୁଲି ନିଜ ଛେପ ନିଜେ ଢ଼ୋକି ସେ ତା ତୃଷା ମେଣ୍ଟେଇ ଦେଉଚି। "ହୋଁଠ୍ ରସିଲେ ତେରେ, ହୋଁଠ୍ ରସିଲେ.." – ଏ ରସାଳ ଓଠକୁ ଦେଖି ଏବେ କୋଉ ରସିକ ରସୁଚନ୍ତି? ସବୁ ଓଠଗୁଡ଼ା ତ କରୋନା ଡରରେ ଯାଇ ମୁଖାତଳେ ଫସିଚନ୍ତି।

ମୋଟାମୋଟି ଦେଖିଲେ ଏବେ ଓଠ ତା'ର ପ୍ରାଧାନ୍ୟ ହରେଇଚି। ପ୍ରସାଧନ କାଳରେ ଆଗଭଳି ସେ ଓଠରେ କେହି ଲାଇନର୍ ଟାଣୁ ନାହାନ୍ତି କି ରଙ୍ଗ ବୋଲୁ ନାହାନ୍ତି। ସାଲୱାର ଶାଢ଼ି ସାଙ୍ଗରେ ମ୍ୟାଚିଙ୍ଗ୍ କରି ଓଠରେ ଆଉ ଲିପ୍‌ଷ୍ଟିକ୍ ଲାଗୁନି। ଏଇ ଦୃଷ୍ଟିରୁ ଓଠ ଆଜି ସବୁଠୁ ବେଶୀ କ୍ଷତିଗ୍ରସ୍ତ।

କାଳେ କାଳେ ଜଣଙ୍କର କ୍ଷତିରେ ଅନ୍ୟଜଣଙ୍କର ଲାଭ ହେଇଥାଏ। ରୋଗୀର ରୋଗ ବଢ଼ିଲେ ଡାକ୍ତରଙ୍କ ଲାଭ। ବନ୍ୟାବାତ୍ୟା ହେଲେ କିଛି ଅଫିସରଙ୍କ ଲାଭ, ରାହୁ କେତୁ ମଣିଷଙ୍କୁ ଗ୍ରାସିଲେ ଜ୍ୟୋତିଷଙ୍କ ଲାଭ, ଜନତା ମୂର୍ଖ ଓ ଗରିବ ହେଲେ ନେତାଙ୍କୁ ଲାଭ ଇତ୍ୟାଦି ଇତ୍ୟାଦି। ସେହି ଆଧାରରେ ଆଜି ଓଠର କ୍ଷତିରେ ଆଖିର ହିଁ ଲାଭ ହୋଇଛି।

ମଉକା ପାଇଲେ ଅନେକ ନିଜ ନିଜ ପ୍ରାଧାନ୍ୟ ଦେଖେଇ ଥା'ନ୍ତି। ଅଭିଶାପ ବି କିଛି ସମୟରେ ଆଶୀର୍ବାଦ ପାଲଟିଯାଏ। ପୁରାଣକାଳରେ ବି ଏହା ଦେଖାଯାଇଛି। ଏକାଧିକ ଆଖିଥିବା ଦେବତାମାନେ ରାମଚନ୍ଦ୍ରଙ୍କ ବିବାହ କାଳରେ କିଭଳି ନିଜ ନିଜକୁ ଧନ୍ୟ ମନେ କରିଛନ୍ତି ତାହା ରାମଚରିତ ମାନସରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ପ୍ରତି ମୁଖରେ ତିନିଟି ଲେଖାଏଁ ଆଖିଥିବା ପଞ୍ଚାନନ ଶିବ ରାମଚନ୍ଦ୍ରଙ୍କ ସୁନ୍ଦର ରୂପ ଦେଖି 'ମୋର ପନ୍ଦର ଆଖି ଆଜି ଧନ୍ୟ ହେଲା' ବୋଲି କହିଛନ୍ତି। ଚତୁର୍ବଦନ ବ୍ରହ୍ମା ରାମରୂପ ଦର୍ଶନ କରି ଖୁସି ହେବା ସହ ମାତ୍ର ଆଠଟି ଆଖି ପାଇଁ ମନଦୁଃଖ କରିଛନ୍ତି। ଷଡାନନ କାର୍ତ୍ତିକ ବ୍ରହ୍ମାଙ୍କଠାରୁ ଦେଢ଼ଗୁଣ ଆଖି ପାଇ ନିଜକୁ ଅତ୍ୟନ୍ତ ସୁଖୀ ମଣିଛନ୍ତି। ଏପରିକି ଗୌତମଙ୍କ ଅଭିଶାପରେ ସହସ୍ର ଆଖି ପାଇଥିବା ଇନ୍ଦ୍ରଙ୍କୁ ଦେଖି ସବୁ ଦେବଗଣ ଈର୍ଷାନ୍ୱିତ ହେଇ କହିଛନ୍ତି:-

**"ଅଭିଶାପ ଦେଲେ ସିନା ଗୌତମ
ହେଲା ଅନୁଗ୍ରହ ଅତି ଉତ୍ତମ।"**

ଯୁଗେ ଯୁଗେ ସୁଯୋଗ ଉଣ୍ଡି ନିଜକୁ ଧନ୍ୟ କରିଥିବା ଆଖି ଏ କରୋନା କାଳର ସୁଯୋଗ ନେଇ ପୁଣି ଥରେ ନିଜକୁ ମହିମା ମଣ୍ଡିତ କରିଛି। ଆଗରୁ ମଧ୍ୟ ମଣିଷ ଆଖିକୁ ପ୍ରାଧାନ୍ୟ ଦେଇ ଆସିଛି ଏବଂ ବହୁ ପ୍ରକାର ବ୍ୟବହାର କରି ଆସିଛି। ଆଖିରେ ହାଣିଚି, ଆଖିରେ ଟାଣିଚି, ଆଖି ମାରିଚି, ଆଖି ଠାରିଚି, ଆଖି ପକେଇଚି, ଆଖି ଦେଖେଇଚି, ଆଖି ବୁଲେଇଚି, ଆଖି ନଚେଇଚି, ଆଖିକି କଥା କୁହେଇଚି, ଆଖିରେ ଲୁହ ବୁହେଇଚି। ମନର ଦୁଃଖ ତଥା ଅନ୍ତରର ଅବସାଦକୁ ଆଖି ମାଧ୍ୟମରେ ପ୍ରକାଶ କରିଚି:-

**"ମନ ତଳେ ଯେତେ ଅବସାଦ;
ଓଠର ଭାଷାରେ କହି ହୁଏ ନାହିଁ
ଆଖି ଲୁହ କରେ ଅନୁବାଦ।"**

ତେବେ, କରୋନାର ସଙ୍କଟ କାଳରେ ମାସ୍କ ତଳେ ଲୁଚି ଯାଇଥିବା ଓଠର ସମସ୍ତ ଦାୟିତ୍ୱ ବହନ କରିଚି ଆଖି। ଆଜି ଆଖିରେ ଆଖିରେ ଭାବବ୍ୟକ୍ତ କରିବାକୁ ପଡୁଚି। ଆଖି କଥା କହୁଚି। ଚକାଚକା ଆଖି ଦେଖି ଜଗନ୍ନାଥଙ୍କୁ, ପତ୍ର ଦେହରେ ଆଖି ଦେଖି ଦେବୀଙ୍କୁ ଓ ପଦ୍ମ ପ୍ରାୟ ନେତ୍ର ଦେଖି ରାମଚନ୍ଦ୍ରଙ୍କୁ ଚିହ୍ନିଲା ପରି ସାଧାରଣ ଆଖିକୁ ଦେଖି ସାଧାରଣ ମଣିଷଙ୍କୁ ଚିହ୍ନିବାକୁ ପଡୁଚି। ଆଖି ହିଁ ମଣିଷର ବଡ଼ ପରିଚୟ ପାଲଟିଚି। ପାର୍ଲରରେ କେବଳ ଆଖିର ହିଁ ପ୍ରସାଧନ। ସବୁଠି ଆଖିର ରାଜୁତି, ଆଖିର ଜୟଗୀତି। ଆଖିକୁ ନେଇ ଲେଖାଯାଇଥିବା ଗୀତ ଯେତେ, ଆଜି ପୁଣିଥରେ ଜୀବନ୍ତ:-

**"ଆଖି ତୋର ନୀଳସାଗର, ଓଠ ତୋର ବଂଶୀ"
"ଆଖି ଛୁରି ମାର୍ ବାବୁ, ଘାଏଲ ତୁ କରନା"
"ତୋର ଟଣାଟଣା ଆଖି ତୋର ତିରିଛି ଚାହାଣୀ"
"ମୁହାଁମୁହିଁ ଦେଖା ହେଲେ ଚାହୁଁନ
ଯଦି କେବେ ଚାହୁଁଚ, ଆଖିରେ ହାଣି ଦେଉଚ।"
"ଝୁମି ଝୁମି ଆସେ ଆଖି
ସପନଭରା ଜୀବନେ ମୋର ରାତି ଆଉ କେତେ ବାକି?"।**

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଜଣା ଅଜଣା

- ୧୮୩୨ରୁ ୧୯୬୪ ପର୍ଯ୍ୟନ୍ତ କମ୍ପ୍ୟୁଟରରେ କି-ବୋର୍ଡ କିମ୍ବା ମାଉସ୍ ନ ଥିଲା।
- ଟାଇପ୍ କରୁଥିବା ମଣିଷଙ୍କ ଅଙ୍ଗୁଳି ପ୍ରତିଦିନ ୨୦ କି.ମି ଗତି କରିଥାଏ।
- ଭାରତରେ ନିର୍ମିତ ପ୍ରଥମ କମ୍ପ୍ୟୁଟରର ନାଁ 'ସିଦ୍ଧାର୍ଥ'।
- ପ୍ରତି ମାସରେ ପାଖାପାଖି ୬ ହଜାର କମ୍ପ୍ୟୁଟର ଭାଇରସ୍ ତିଆରି କରାଯାଏ।



## ଛାଡ଼ପତ୍ର ପାର୍ଟି



ସାଧାରଣତଃ ବିବାହ ତଥା ବୈବାହିକ ଜୀବନକୁ ସୁନ୍ଦର କରିବା ଲାଗି ଲୋକମାନେ ବହୁତ କିଛି କରିଥାନ୍ତି। ମାତ୍ର ଅନେକଙ୍କ ଦାମ୍ପତ୍ୟ ସମ୍ପର୍କ ବେଶି ଦିନ ପର୍ଯ୍ୟନ୍ତ ତିଷ୍ଠି ନ ଥାଏ। ଫଳରେ ସେମାନେ ପରସ୍ପରଠାରୁ ସବୁଦିନ ପାଇଁ ଅଲଗା ହେବାର ନିଷ୍ପତ୍ତି ନିଅନ୍ତି। ତେବେ ଜଣେ ମହିଳା ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବା ପରେ ଦୁଃଖୀ ହେବା ପରିବର୍ତ୍ତେ ଖୁସି ମନାଉଛନ୍ତି। ୪୫ ବର୍ଷୀୟା ସୋନିଆ ଗୁପ୍ତା ନାମ୍ନୀ ଏହି ମହିଳା ଜଣକ ୧୭ ବର୍ଷର ବିବାହ ବନ୍ଧନରୁ ସବୁଦିନ ଲାଗି ମୁକ୍ତ ହୋଇଛନ୍ତି। ଆଉ ଛାଡ଼ପତ୍ର ପରେ ସେ 'ଡିଭୋର୍ସ ପାର୍ଟି' ବା 'ଛାଡ଼ପତ୍ର ପାର୍ଟି'ର ଆୟୋଜନ କରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏଭଳି ଏକ ଖୁସିରେ ସାମିଲ ହେବା ଲାଗି ସେ ତାଙ୍କ ସମ୍ପର୍କୀୟ ତଥା ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ବି କରିଛନ୍ତି। ସୋନିଆଙ୍କ ଛାଡ଼ପତ୍ର ପ୍ରକ୍ରିୟା ଶେଷ ହେବା ଲାଗି ପୂରା ତିନି ବର୍ଷ ଲାଗି ଥିଲା। ଏହି ଅବସରରେ ସେ ରଙ୍ଗିନ ଡ୍ରେସ୍ ପିନ୍ଧିବା ସହ ଛାଡ଼ପତ୍ର ପାଇଥିବା ଏକ ସାସ୍ (ପୋଷାକ ଉପରେ ପକାଯାଉଥିବା ବ୍ୟାନର୍ ଭଳି ଏକ ଜିନିଷ) ବି ପରିଧାନ କରିଥିଲେ। ଏହା ସହ ସେ ତାଙ୍କର ଅତିଥିମାନଙ୍କୁ ମଧ୍ୟ ରଙ୍ଗିନ ତଥା ସୁନ୍ଦର ଡ୍ରେସ୍‌ରେ ସାମିଲ ହେବାକୁ କହିଥିଲେ। ୨୦୧୩ରେ ସେ ବିବାହ କରିଥିଲେ ଓ ସ୍ୱାମୀଙ୍କ ସହ ବ୍ରିଟେନ୍‌ରେ ରହୁଥିଲେ। ବୈବାହିକ ଜୀବନକୁ ନେଇ ଖୁସି ନ ଥିଲେ ସୋନିଆ। ତାଙ୍କର ଓ ତାଙ୍କ ସ୍ୱାମୀଙ୍କ ସ୍ୱଭାବ ଖାପ ଖାଉ ନ ଥିବାରୁ ଉଭୟ ଅଲଗା ହୋଇଯିବା ପାଇଁ ନିଷ୍ପତ୍ତି ନେଲେ। ସୋନିଆ କହନ୍ତି ବାହାଘର ପୂର୍ବରୁ ସେ ବେଶ୍ ଖୁସିରେ ଥିଲେ। ମାତ୍ର ବାହାଘର ପରେ ତାଙ୍କ ଜୀବନରୁ ଖୁସି ଚାଲିଗଲା। ଅବଶ୍ୟ ଡିଭୋର୍ସ ପାର୍ଟି ମାଧ୍ୟମରେ ତାଙ୍କ ବିଚାରକୁ ସମର୍ଥନ କରିଥିବା ପରିବାର ତଥା ବନ୍ଧୁବାନ୍ଧବଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ଛାଡ଼ପତ୍ର ପରେ ଜୀବନ ଶେଷ ହୋଇଯାଏ ବୋଲି ଅଧିକାଂଶ ଭାବନ୍ତି, ମାତ୍ର ଏଇଠୁ ଆଉ ଏକ ଜୀବନ ଆରମ୍ଭ ହୁଏ ବୋଲି କହିଛନ୍ତି ସୋନିଆ।

## ବିନା ଡ୍ରାଇଭରରେ ଚାଲିବ ଗାଡ଼ି

ଆମେ ସମସ୍ତେ ଫିଲ୍ମରେ ଦେଖିଛନ୍ତି ଯେ, ଗୋଟିଏ କାର୍ କିଭଳି ଭାବେ ବିନା ଡ୍ରାଇଭର୍‌ରେ ଚାଲିଥିଲା। ଫିଲ୍ମର ଏହି କାହାଣୀର କାର୍ ଏବେ ବାସ୍ତବ ରୂପ ନେଇସାରିଛି। ବିଦେଶରେ ଏଭଳି କାର୍ ଦେଖିବାକୁ ମିଳିସାରିଥିଲେ ମଧ୍ୟ ଭାରତରେ ଖୁବ୍ ଶୀଘ୍ର ଏମିତି ଏକ କାର୍‌ର ଶୁଭାରମ୍ଭ ହେବାକୁ ଯାଉଛି। ଏହି କାର୍ ବିନା ଡ୍ରାଇଭର୍‌ରେ ଚାଲିବ। ମାଲିକ ବା ଯାତ୍ରୀ ବିନା ଡ୍ରାଇଭର୍‌ରେ ଏଥିରେ ଆରାମରେ ବସିକି ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ। ସ୍ୱତନ୍ତ୍ର ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି କାର୍ ନିର୍ମିତ। କ୍ଲଚ୍‌ଠାରୁ ଆରମ୍ଭ କରି ଷ୍ଟିୟରି ବୁଲାଇବା ଓ କାର୍‌ର ବେଗ ବଢ଼ାଇବା ଓ କମାଇବା ଯାଏଁ ସବୁ କାମ କାର୍ ନିଜେ ନିଜେ କରିଥାଏ। କାରଣ ଏଥିରେ ୮ଟି କ୍ୟାମେରା ଲାଗିଛି ଏବଂ ଏହାର ଦିଗ ନିର୍ଦ୍ଦେଶ ଅନୁଯାୟୀ କାର୍ ବିନା କୌଣସି ଅସୁବିଧାରେ ଏହି ସବୁ କାମ କରିପାରେ। ଏହି କାର୍‌ର ଆଉ ଏକ ସ୍ୱତନ୍ତ୍ର ଗୁଣ ହେଲା, ଏଥିରେ ପେଟ୍ରୋଲ୍ ବା ଡିଜେଲ୍ ନୁହେଁ, ବ୍ୟାଟେରି ଚାର୍ଜ କରିବାକୁ ପଡ଼ିଥାଏ, ଯାହାକି ପରିବେଶ ଅନୁକୂଳ। ଥରେ ଚାର୍ଜ ହେଲେ କାର୍‌ଟି ୫୦୦ ମାଇଲ୍ ପର୍ଯ୍ୟନ୍ତ ଯାଇପାରିବ। ଏହା ବ୍ୟକ୍ତିକୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ଚାର୍ଜିଂ ଷ୍ଟେସନ୍ କେଉଁଠି ଅଛି, ତାହାର ସୂଚନା ମଧ୍ୟ ଦେବ। ଚାର୍ଜ ସରିଗଲେ ମଧ୍ୟ କୌଣସି ସମସ୍ୟା ହେବ ନାହିଁ। ଫୁଲ୍ ଚାର୍ଜ ପାଇଁ ଏହା ମାତ୍ର ୩୫ରୁ୪୦ମିନିଟ୍ ସମୟ ନେଇଥାଏ। କିନ୍ତୁ ଭାରତରେ ଏହି କାର୍ ପାଇଁ ଚାର୍ଜିଂ ଷ୍ଟେସନ୍ ନାହିଁ। ଏହି ଚାର୍ଜିଂ ଷ୍ଟେସନ୍ ନିର୍ମିତ ହେବାପରେ କାର୍‌ଟି ଭାରତକୁ ଆସିବାର ସମ୍ଭାବନା ଦୃଢ଼ ହୋଇପାରିବ। ଏବେ ଆମେରିକାରେ ଏହି କାର୍‌କୁ 'ଲଗଜରି ଅନ୍ ହୁଇଲି' ନାମ ଦିଆଯାଇଛି।



## ରେଳ ଧାରଣାରେ କାହିଁକି ଲାଗେନି କଳଙ୍କି



ସାମାନ୍ୟ ଟିକେ ପାଣି କିମ୍ବା ଆର୍ଦ୍ର ଜଳବାୟୁର ସଂସ୍ପର୍ଷରେ ଆସିଲେ ଲୁହାରେ କଳଙ୍କି ଲାଗିଯାଏ। କିନ୍ତୁ ବର୍ଷ ବର୍ଷ ଧରି ବର୍ଷା ପାଣି, ଅସହ୍ୟ ଗରମ ଓ ଆର୍ଦ୍ର ଜଳବାୟୁରେ ରହୁଥିଲେ ମଧ୍ୟ ରେଳଧାରଣାଗୁଡ଼ିକ କଳଙ୍କି ଲାଗିନଥାଏ। ଏହାପଛରେ କ'ଣ କାରଣ ରହିଛି? ବୈଜ୍ଞାନିକ ତଥ୍ୟ ଅନୁଯାୟୀ, ଲୁହା ଯେତେବେଳେ ଆଦ୍ରତା ସଂସ୍ପର୍ଷରେ ଆସେ, ତେବେ ଅମ୍ଳଜାନ ସହିତ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇ ଲୁହା ଉପରେ ଆଇରନ୍ ଅକ୍ସାଇଡର ପରସ୍ତ ଜମା ହୋଇଯାଏ। ଯାହା ଫଳରେ ଲୁହାର ରଙ୍ଗରେ ପରିବର୍ତ୍ତନ ଦେଖାଯାଏ। ଏହାକୁ ହିଁ ଲୁହାରେ କଳଙ୍କି ଲାଗିବା କୁହାଯାଏ, ଯାହାକି ଲୁହାକୁ ଦୁର୍ବଳ କରିଦିଏ। ଲୋକମାନେ ଭାବନ୍ତି ଯେ, ରେଳ ଧାରଣାଗୁଡ଼ିକ ଉପରେ ଲଗାତାର ବର୍ଷା ହେବା ସତ୍ତ୍ୱେ ଏଥିରେ କଳଙ୍କି କହିଁକି ଲାଗିନଥାଏ। ପ୍ରକୃତ କଥା ହେଲା ରେଳ ଧାରଣାରେ ମାଙ୍ଗାନିଜ ଷ୍ଟିଲ ବ୍ୟବହାର ହୋଇଥାଏ। ଏହି ମାଙ୍ଗାନିଜ ଷ୍ଟିଲରେ ୧୨ ପ୍ରତିଶତ ମାଙ୍ଗାନିଜ୍ ଓ ମାତ୍ର ୧ ପ୍ରତିଶତ କାର୍ବନ ରହିଥାଏ। ତେଣୁ ରେଳଧାରଣାଗୁଡ଼ିକରେ ସହଜରେ ଅକ୍ସିକରଣ ହୋଇପାରେ ନାହିଁ ଏବଂ କୌଣସି କ୍ଷତି ଘଟିନଥାଏ। ଯଦି କେବେ କଳଙ୍କି ଲାଗେ, ତାହେଲେ ତା' ପାଇଁ ବର୍ଷ ବର୍ଷ ସମୟ ଲାଗିଯାଏ।

## ଆଜିର ଇତିହାସ

- ୧୩୪୦: ଇଂଲଣ୍ଡ ଓ ଓ ଫ୍ରାନ୍ସ ମଧ୍ୟରେ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର।
- ୧୬୩୯: ଆମେରିକାର ମାସାଚୁଏସଟସ୍‌ରେ ପ୍ରଥମ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ।
- ୧୮୪୪: କାନାଡ଼ା ଓ ଆମେରିକା ମଧ୍ୟରେ ନ୍ୟୁୟର୍କରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ମ୍ୟାଚ୍ ଆୟୋଜିତ।
- ୧୮୯୭: ବ୍ରିଟେନର ବସ୍ ସେବା ଆରମ୍ଭ।
- ୧୯୧୬: ଅର୍ଥଶାସ୍ତ୍ରୀ, ସମାଜଶାସ୍ତ୍ରୀ, ସାମ୍ବାଦିକ ତଥା ମହାନ ଚିନ୍ତାନାୟକ ଦୀନ ଦୟାଳ ଉପାଧ୍ୟାୟଙ୍କ ଜନ୍ମ।
- ୨୦୧୫: ପ୍ରଦୂଷଣ ଯୋଗୁଁ ସିଙ୍ଗାପୁରରେ ସ୍କୁଲ ବନ୍ଦ କରାଯାଇଥିଲା।

## 'ଦୃଶ୍ୟମ୍' ସିକ୍ୱେଲରେ ଅଜୟ



'ଦୃଶ୍ୟମ୍'ର ସଫଳତା ପରେ ଖୁବ୍ ଶୀଘ୍ର ପରଦାରେ ଆସିବାକୁ ଯାଉଛି 'ଦୃଶ୍ୟମ୍-୨'। ଏହାର ସିକ୍ୱେଲରେ ମଧ୍ୟ ନଜର ଆସିବେ ଅଭିନେତା ଅଜୟ ଦେବଗନ୍। ଏହି ସୁପରହିଟ୍ ଫିଲ୍ମ ପ୍ରଥମେ ମାଲାୟଲମ୍‌ରେ ୨୦୧୩ରେ ରିଲିଜ୍ ହୋଇଥିଲା। ଏହାର ହିନ୍ଦୀ ରିମେକ୍ ୨୦୧୫ରେ ମୁକ୍ତିଲାଭ କରିଥିଲା। ଯେଉଁଥିରେ ଅଜୟ ଓ ତବୁ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। ସେହିପରି ମାଲାୟଲମ୍‌ରେ ଏହାର ସିକ୍ୱେଲ ଚଳିତବର୍ଷ ଫେବୃଆରୀ ମାସରେ ଆମାଜନ ପ୍ରାଇମ୍‌ରେ ରିଲିଜ୍ ହୋଇଥିଲା। ଆଉ ଏବେ ଏହାର ସିକ୍ୱେଲକୁ ହିନ୍ଦୀରେ ନିର୍ମାଣ କରାଯିବା ଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ଅଜୟ 'ଦୃଶ୍ୟମ୍ ୨'ର ସୁଟିଂ ଆରମ୍ଭ କରିପାରନ୍ତି। ଏଥର ବି ସେ ବିଜୟ ସାଲଗୋନକର ଚରିତ୍ରରେ ନଜର ଆସିବେ। ଅଜୟଙ୍କ ସମେତ ଅନ୍ୟାନ୍ୟ ଭୂମିକାରେ ତବୁ, ଶ୍ରିୟା ସରନ ଓ ଇଶିତା ଦତ୍ତ ପ୍ରମୁଖ ନଜର ଆସିବେ। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଅଭିଷେକ ପାଠକ। ବର୍ତ୍ତମାନ ଅଜୟ 'ମୈଦାନ', 'ଥ୍ୟାଙ୍କ୍ ଗଡ୍', ୱେବ୍ ସିରିଜ୍ 'ରୁଦ୍ର' ସୁଟିଂରେ ବ୍ୟସ୍ତ ଅଛନ୍ତି। ଅଜୟ ଶେଷଥର ପାଇଁ 'ଭୁଜ୍: ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'ରେ ନଜର ଆସିଥିଲେ।



## ଏରୋପ୍ଲେନ୍ ଟିକେଟ୍ ଦାମ୍‌ରେ ଶଗଡ଼ ଯାତ୍ରା

ଶଗଡ଼କୁ ଦୁନିଆର ସର୍ବପୁରାତନ ପରିବହନର ସାଧନ କହିଲେ ଅତ୍ୟୁକ୍ତି ହେବନାହିଁ। ଏକଦା ଏହା ଭାରତର ଗ୍ରାମାଞ୍ଚଳଗୁଡ଼ିକରେ ବହୁଳ ଭାବରେ ବ୍ୟବହୃତ ହୁଏ। ଏହାକୁ ପରିବହନର ସବୁଠାରୁ ଶସ୍ତା ଓ ସ୍ଥାୟୀ ମାଧ୍ୟମ ଭାବେ ବିବେଚନା କରାଯାଏ। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ ମଧ୍ୟପ୍ରଦେଶର ରତଲାମ ଜିଲ୍ଲାର ବିବରୋଡ୍ ଗ୍ରାମରେ। ଏଠାରେ ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭ ଦେବଙ୍କର ମନ୍ଦିର ଅଛି। ମନ୍ଦିର ପରିଦର୍ଶନାର୍ଥେ ବହୁ ଦୂରଦୂରାନ୍ତରୁ ଲୋକ ଏଠାକୁ ଆସନ୍ତି। ଗାଁ ମଧ୍ୟରୁ ମନ୍ଦିରକୁ ବଳଦଗାଡିରେ ଯାତ୍ରା କରିବା ପାଇଁ (ପାଞ୍ଚରୁ ଛଅ କିଲୋମିଟର) ଶ୍ରଦ୍ଧାଳୁ ୬ ହଜାର ଟଙ୍କା ଭଡ଼ା ଦେଇଥାନ୍ତି। ଅବଶ୍ୟ, ଏହା ବର୍ଷ ତମାମ ହୋଇ ନଥାଏ। ପୌଷ ମାସ ଅମବାସ୍ୟା ଦିନ ଜୈନଧର୍ମାବଲମ୍ବୀଙ୍କ ଏଠାରେ ଭିଡ଼ ଜମିଥାଏ। ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ଶଗଡ଼ ଗାଡ଼ିରେ ମନ୍ଦିରକୁ ଗଲେ ପରିବାରର ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ଓ ସମସ୍ତ ସମସ୍ୟା ଦୂର ହୋଇଥାଏ। ଏହି କାରଣରୁ ଏହି ସମୟରେ ଏଠାରେ ଶଗଡ଼ ଗାଡ଼ି ବହୁ ସଂଖ୍ୟାରେ ଦେଖିବାକୁ ମିଳେ। ଅଧିକାଂଶ ଭକ୍ତ ଏଠାକୁ ଆସିବା ପୂର୍ବରୁ ଶଗଡ଼ ବୁକ୍ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ। ରାଜନୀତିରେ ଚଳଚଞ୍ଚଳ ରହିବେ। ମହିଳାମାନେ ବିରକ୍ତିମନା ହେବେ। ପରିବହନ ଓ ବାଣିଜ୍ୟରେ ପରିସର ବୃଦ୍ଧି ପାଇବ। ଶିକ୍ଷାର୍ଥୀ ଚଞ୍ଚଳମନା ହେବେ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ବୃଷ:** ଅନ୍ୟର ସହଯୋଗ ପାଇଁ ଆଗେଇବେ। ଚାକିରିରେ ସହଯୋଗ ପାଇବେ। ରାଜନୀତିରେ ଦୂରଯାତ୍ରା କରିପାରନ୍ତି। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମିଥୁନ:** ସାମାଜିକସ୍ତର, ପ୍ରଶାସନିକ ଓ ରାଜନୀତିରେ ସୁନାମ ପାଇବେ। ଚାକିରିରେ ସ୍ୱାଧୀନତା ରହିବ। ବାଣିଜ୍ୟରେ ସଞ୍ଚୟ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**କର୍କଟ:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ଚାକିରିରେ ଧନସମ୍ମାନ ପାଇବେ। ମହିଳାମାନେ ଆଦରଣୀୟା ହେବେ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଉତ୍ସାହିତ ରହିବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ମେରୁନ୍**

**ସିଂହ:** ଯୋଜନା କରି ଅସଫଳ ହେବେ। ସାଂସାରିକ ଧର୍ମାଦି କାର୍ଯ୍ୟରେ ବ୍ୟୟକରି ଅଭାବରେ ପଡିବେ। ଚାକିରିରେ ସମସ୍ୟା ରହିବ। ବାଣିଜ୍ୟରେ ମାନ୍ଦା ରହିବ। ଶିକ୍ଷାର୍ଥୀ ଅସ୍ଥିର ରହିବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ଧଳା**

**କନ୍ୟା:** କର୍ମକ୍ଷେତ୍ରରେ ଶତ୍ରୁବୃଦ୍ଧି ହେବେ। ରାଜନୀତିରେ ବିଷମ ପରିସ୍ଥିତି ରହିବ। ମହିଳାମାନେ ଅଶାନ୍ତିରେ ରହିବେ। ବାଣିଜ୍ୟରେ ହାନି ହୋଇପାରେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

**ତୁଳା:** କର୍ମକ୍ଷେତ୍ର ଉତ୍ସାହଜନକ ରହିବ। ଚାକିରିରେ ସହଯୋଗ ମିଳିବ। ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-କଳା**

**ବିଛା:** କର୍ମକ୍ଷେତ୍ରରେ ସମ୍ମାନ ପାଇବେ। ଚାକିରିରେ କର୍ତ୍ତବ୍ୟନିଷ୍ଠ ରହିବେ। ରାଜନୀତିରେ ଶତ୍ରୁମାନେ ଆୟତ୍ତାଧୀନ ହେବେ। ବାଣିଜ୍ୟରେ ଲାଭାନ୍ୱିତ ହେବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ସିଲଭର୍**

**ଧନୁ:** କର୍ମକ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। କାର୍ଯ୍ୟ ବିଳମ୍ବ ଓ ବିରକ୍ତିମନା ରହିବେ। ପ୍ରଶାସନିକ ସମସ୍ୟାରେ ରହିବେ। ବାଣିଜ୍ୟରେ ଆୟବ୍ୟୟ ସମାନ ରହିବ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ମକର:** ବହୁଚେଷ୍ଟା କରି ସଫଳ ହେବେ। ଅତିଥିଙ୍କ ଆଗମନ ହୋଇପାରେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ନୀଳ**

**କୁମ୍ଭ:** କୌଣସି ଗୁରୁତ୍ୱ କାର୍ଯ୍ୟରେ ସଫଳ ହେବେ। ପ୍ରଶାସନିକ ପ୍ରଭାବଶାଳୀ ରହିବେ। ଶିକ୍ଷାର୍ଥୀ ଅଧ୍ୟୟନରତ ରହିବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ମୀନ:** ଦିନଟି ସମସ୍ୟା ଭିତରେ ଗତି କରିବେ। ଚାକିରିରେ ଅସହଯୋଗ ଦେଖାଯିବ। ବାଣିଜ୍ୟରେ ମନ୍ଥରତା ରହିବ। ଶିକ୍ଷାର୍ଥୀ ତ୍ରୁଟି କରିପାରନ୍ତି। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦

## ଓଡ଼ିଶାରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି



ଭୁବନେଶ୍ୱର,୨୪।୯(ସମିସ): ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏନ୍.ଭି ରମ୍ମନା ଦୁଇଦିନିଆ ଓଡ଼ିଶା ଗସ୍ତରେ ଶୁକ୍ରବାର ଓଡ଼ିଶା ଆସିଛନ୍ତି। ଜଷ୍ଟିସ୍ ରମ୍ମନା ପ୍ରାୟ ସନ୍ଧ୍ୟା ୮ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆର୍ନ୍ତଜାତିକ ବିମାନ ବନ୍ଦରରେ ପହଞ୍ଚିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର, ପୁଲିସ୍ ମହାନିର୍ଦ୍ଦେଶକ ଅଭୟ, ଦ୍ୱୈତ ନଗରୀ ପୁଲିସ୍ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରେ ପହଞ୍ଚିବା ପରେ ଜଷ୍ଟିସ୍ ରମ୍ମନା ପୁରୀ ଗସ୍ତରେ ଯାଇଥିଲେ।

ପୁରୀରେ ପହଞ୍ଚିବା ପରେ ଜଷ୍ଟିସ୍ ରମ୍ମନାଙ୍କୁ ସ୍ଥାନୀୟ ଏମ୍‌ପି ତଥା ଆଇନଜୀବୀ ପିନାକୀ ମିଶ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରେ ମେଫେୟାର ହୋଟେଲରେ ରାତ୍ରି ଯାପନ କରିଛନ୍ତି।

### ଆଜି କରିବେ ଜଗନ୍ନାଥ ଦର୍ଶନ

ଶନିବାର ରମ୍ମନା ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉମାନଙ୍କ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ଏହା ପରେ ରମ୍ମନା କଟକ ଗସ୍ତ କରି ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି।

**ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଗୁପ୍ତଚରୀ** | **ସରିଲା ରିମାଣ୍ଡ, ଜେଲ୍ ଗଲେ ୫ ଅଭିଯୁକ୍ତ**

# ଲାପ୍‌ଟପ୍ ଓ ମୋବାଇଲ୍‌ର ଫୋରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା

କଟକ, ବାଲେଶ୍ୱର, ୨୪।୯(ସମିସ): ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଗୁପ୍ତଚରୀ ଘଟଣାରେ ଗିରଫ ୫ ଜଣ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ଅବଧି ଶୁକ୍ରବାର ସରିଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ସମସ୍ତ ଅଭିଯୁକ୍ତଙ୍କୁ ଆଜି ବାଲେଶ୍ୱର ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟରୁ ଅଭିଯୁକ୍ତମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ୭ ଦିନିଆ ରିମାଣ୍ଡର ଜେରା ସମୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କ ମୋବାଇଲ ଓ ଲାପଟପ୍ ଜବତ କରି ଫୋରେନସିକ୍ ଆନାଲିସିସ୍ ପାଇଁ ପଠାଇଛି। ସେଥିରୁ ତଥ୍ୟ ମିଳିଲେ ଅଧିକ ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ପ୍ରଶାନ୍ତ ବିଶୋଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚାନ୍ଦିପୁର ପ୍ରତିରକ୍ଷା ବିଭାଗରୁ ତଥ୍ୟ ଲିକ୍ ଅଭିଯୋଗରେ ୫ ଜଣ ଅଭିଯୁକ୍ତ ବସନ୍ତ ବେହେରା, ହେମନ୍ତ ବେହେରା, ତାପସ ରଞ୍ଜନ ନାୟକ, ସେକ୍ ମୁସାଫିର୍ ଓ ଆଇଟିଆର ନିର୍ଦ୍ଦେଶକଙ୍କ ଗାଡି ଚାଳକ ସଚିନ କୁମାର ଛତାଙ୍କୁ ଗତ ୧୮ ତାରିଖ ଦିନ କ୍ରାଇମବ୍ରାଞ୍ଚ ୭ ଦିନିଆ ରିମାଣ୍ଡରେ ନେଇ ଅଧିକ ଜେରା କରୁଥିଲେ।

ସପ୍ତାହେ ଧରି ଜେରା କରିବା ପରେ କ୍ରାଇମ୍‌ବ୍ରାଞ୍ଚ ବହୁ ଚାଞ୍ଚଲ୍ୟକର ତଥ୍ୟ ଜାଣିବାକୁ ପାଇଛି। ଅଭିଯୁକ୍ତମାନଙ୍କ ନିକଟକୁ ଦୁବାଇରୁ ଟଙ୍କା ଆସିଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ



**ଜେରାରୁ ମିଳିଥିବା ତଥ୍ୟର ଚାଲିଛି ମାନସମନ୍ଥନ**
**ପୁଣି ରିମାଣ୍ଡ ପାଇଁ ହେବ ଆବେଦନ !**
**ବସନ୍ତକୁ ବିବାହ ପ୍ରସ୍ତାବ ଦେଇଥିଲା ସୁନ୍ଦରୀ ଯୁବତୀ**

କରିସାରିଥିବା ବେଳେ ଟଙ୍କା ପଠାଇଥିବା ଲୋକର ପରିଚୟ ଜାଣିବାକୁ ପ୍ରଚେଷ୍ଟା ଜାରି ରହିଛି। ଏପରିକି ଅନ୍ୟ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ହୋଇଥିବା ଅର୍ଥକାରବାର ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ସମ୍ପୃକ୍ତ ବ୍ୟାଙ୍କ ଗୁଡିକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପ୍ରତୀରକ୍ଷା ସଂକ୍ରାନ୍ତୀୟ କେଉଁ କେଉଁ ତଥ୍ୟ ଲିକ୍ ହୋଇଥିଲା, ଅଭିଯୁକ୍ତଙ୍କୁ ସୁନ୍ଦରୀ ଯୁବତୀମାନେ କିପରି ଟ୍ରାପ୍ କରିଥିଲେ ଓ ଗପ୍ତଚରୀ କରିବା ଲାଗି ଉତ୍ତରପ୍ରଦେଶ ମିରଟ୍‌ର କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ନେଇ ଏବେ ମାନସମନ୍ଥନ କରୁଛି କ୍ରାଇମବ୍ରାଞ୍ଚ। ବ୍ୟାଙ୍କ୍‌ରୁ ସମସ୍ତ ତଥ୍ୟ ମିଳିବାପରେ ଅଭିଯୁକ୍ତମାନଙ୍କୁ ପୁଣି ଥରେ ରିମାଣ୍ଡ ପାଇଁ ଅବେଦନ କରାଯିବ ବୋଲି ଜଣାପଡ଼ିଛି। ତେବେ ଅଭିଯୁକ୍ତ ବସନ୍ତ ବେହେରାଙ୍କୁ ଜଣେ ସୁନ୍ଦର ଯୁବତୀ ନିଜ ମାୟାଜାଲରେ ଫସାଇଥିଲା। ସେ ବସନ୍ତକୁ ବିବାହ କରିବେ ବୋଲି କହିଥିଲା। ଏପରିକି ବିବାହ ପରେ ଚାନ୍ଦିପୁରରେ ତାଙ୍କ ଲାଗି ଏକ ଚାକରି ବୁଝିଦେବାକୁ ଯୁବତୀ ଜଣକ ବସନ୍ତକୁ କହିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ସମ୍ପୃକ୍ତ ସୁନ୍ଦରୀ ଯୁବତୀକୁ ଧରିବା ଲାଗି ଉଦ୍ୟମ ଜାରି ରହିଛି। କ୍ରାଇମ୍‌ବ୍ରାଞ୍ଚ ସ୍କାନରରେ ଏବେ ଏକାଧିକ କର୍ମଚାରୀ ଓ ଅଭିଯୁକ୍ତଙ୍କ ସମ୍ପର୍କୀୟ ରହିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଜେରା କରିବା ଲାଗି ନୋଟିସ ଦେଇପାରେ କ୍ରାଇମବ୍ରାଞ୍ଚ। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କୁହନ୍ତି, ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହଜର କରାଯାଇଛି। କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ତର୍ଜମା ହେଉଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରିବୁ ବୋଲି ସେ କହିଛନ୍ତି।

# ଘର ଭିତରେ ଚାଲିଥିଲା ବନ୍ଧୁକ କାରଖାନା

ଭୁବନେଶ୍ୱର,୨୪।୯(ସମିସ): ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଚାଲିଥିବା ଏକ ବେଆଇନ୍ ବନ୍ଧୁକ ଫ୍ୟାକ୍ଟ୍ରି ଉପରେ ଏସ୍‌ଟିଏଫ୍ ଚଢଉ କରିଛି। ଚଢଉ ସମୟରେ ଉକ୍ତ ଘରକୁ ୯ଟି ଦେଶୀ ବନ୍ଧୁକ,ଗୋଟିଏ ଦେଶୀ ରିଭଲଭର୍‌ଏବଂ ବନ୍ଧୁକ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀକୁ ମଧ୍ୟ ଜବତ କରାଯାଇଛି। ଏହି ବେଆଇନ୍ ବନ୍ଧୁକ ଅସ୍ତ୍ରାଗାର ଚଲାଉଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ,ଖୁଣ୍ଟୁଣିର କାଳନ୍ଦୀ ନାୟକ ଏବଂ ଢେଙ୍କାନାଳ ବାଲିଆମ୍ବ ଅଞ୍ଚଳର ଶ୍ୟାମ ସୁନ୍ଦର ସିଠା। ଏସ୍‌ଟିଏଫ ସେମାନଙ୍କୁ ରିମାଣ୍ଡରେ ଆଣିବ। ଏଥିଲାଗି ଖୁବ୍ ଶୀଘ୍ର କୋର୍ଟରେ ଆବେଦନ କରାଯିବ। ଏହି ବେଆଇନ୍ ବନ୍ଧୁକ ଫ୍ୟାକ୍ଟ୍ରି କରିବା ପଛରେ କେଉଁମାନଙ୍କ ହାତ ରହିଛି ସେନେଇ ତଦନ୍ତ କରୁଛି ଏସ୍‌ଟିଏଫ। ଏହା ପଛରେ ଅନେକ ମୃଷ୍ଟିମୟ ଲୋକଙ୍କ ହାତ ରହିଥିବା ଏସ୍‌ଟିଏଫ ସନ୍ଦେହ କରୁଛି।

ମିଳିଥିବା ସୂଚନା ଅନୁସାରେ, ଖୁଣ୍ଟୁଣିର କାଳନ୍ଦୀ ନାୟକ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ସେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥାଏ। ଏପରିକି ତା ନାମରେ ସ୍ଥାନୀୟ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗୁରୁବାର ସନ୍ଧ୍ୟାରେ କାଳନ୍ଦୀ ଗୋଟିଏ ଦେଶୀ ବନ୍ଧୁକ ନିଜ ଅଣ୍ଟାରେ ଖୋସି ବୁଲୁଥିବା ନେଇ ଏସ୍‌ଟିଏଫ ଖବର ପାଇଥିଲା। ଭୁବନେଶ୍ୱରରୁ ଏସ୍‌ଟିଏଫର ଏକ ଟିମ୍ ଢେଙ୍କାନାଳ ଅଭିମୁଖେ ଯାଇଥିଲେ। ସେଠାରେ ସେମାନେ କାଳନ୍ଦୀକୁ କାବୁ କରି ଯାଞ୍ଚ କରିବା ପରେ ତା ନିକଟରୁ ଏକ ଦେଶୀ ରିଭଲବଲ୍‌କୁ ଜବତ କରାଯାଇଥିଲା। ତାକୁ ଏସ୍‌ଟିଏଫ ଉଠାଇ ନେଇ ପଚରାଉଚରା କରିବା ପରେ ଏହି ବନ୍ଧୁକ ଫ୍ୟାକ୍ଟ୍ରି ସମ୍ପର୍କରେ ସୂଚନା ଦେଇଥିଲା। ଶ୍ୟାମ ସୁନ୍ଦର ତା ଘରେ ଏଭଳି ବେଆଇନ୍ ଭାବେ ବନ୍ଧୁକ ଫ୍ୟାକ୍ଟ୍ରି କରିଥିବା ଏସ୍‌ଟିଏଫ ଅଧିକାରୀ ଖବର ପାଇ ତୁରନ୍ତ ଚଢଉ କରିଥିଲେ। ଚଢଉ ସମୟରେ ଶ୍ୟାମ ସୁନ୍ଦରଙ୍କ ଘରୁ ୯ଟି ଦେଶୀ ବନ୍ଧୁକକୁ ଜବତ କରାଯାଇଥିଲା। ଏହା ଏପଛରେ ଏକ ବଡ଼ ରାକେଟ୍ କାମ କରୁଛି। ଦେଶୀ ବନ୍ଧୁକକୁ ୧୫ରୁ ୧୭ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଢେଙ୍କାନାଳ ଜିଲ୍ଲାର ଏକାଧିକ ଶିକାରୀ ଏବଂ ପେଷାଦାର ଅପରାଧିଙ୍କୁ ଏହି ଦେଶୀ ବନ୍ଧୁକ ବିକ୍ରି କରାଯାଇଥିବା ଏସ୍‌ଟିଏଫ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ କେଉଁମାନଙ୍କୁ ଏହି ବନ୍ଧୁକ ବିକ୍ରି କରାଯାଇଛି ସେନେଇ ଏସ୍‌ଟିଏଫ ଏକ ତାଲିକା କରୁଛି। ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ବନ୍ଧୁକ ନେଇଥିବା ବ୍ୟକ୍ତିଙ୍କ ଘରେ ଚଢଉ କରାଯିବ। ଗିରଫ ଦୁଇ ଅଭିଯୁକ୍ତ ବନ୍ଧୁକ ବିକ୍ରି କରୁଥିବା ବେଳେ ଏହାକୁ ନିର୍ମାଣ କରୁଥିବା ବ୍ୟକ୍ତି ଏବେବି ଫେରାର ଅଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ ତାର ତଦନ୍ତକୁ ଜୋରଦାର କରିଛି।



**ଏସ୍‌ଟିଏଫ୍‌ର ଚଢଉ**
**୯ ଦେଶୀ ଓ ଗୋଟିଏ ରିଭଲଭର୍ ଜବତ; ୨ ଗିରଫ**



## ୨୦୨୩ ମାଟ୍ରିକ ପରୀକ୍ଷା ପାଇଁ ପଞ୍ଜୀକରଣ ଆରମ୍ଭ

**ଅକ୍ଟୋବର ୮ ସୁଦ୍ଧା ପଞ୍ଜିକୃତ ହେବେ ନବମ ଶ୍ରେଣୀ ଛାତ୍ରଛାତ୍ରୀ**

କଟକ,୨୪।୯(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୩ ମସିହା ମାଟ୍ରିକ ପରୀକ୍ଷା ଦେବାକୁ ଆରମ୍ଭ ହୋଇଛି ପଞ୍ଜୀକରଣ ପ୍ରକ୍ରିୟା। ଆଜିଠାରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଆସନ୍ତା ଅକ୍ଟୋବର ୮ ତାରିଖ ସୁଦ୍ଧା ପରୀକ୍ଷା ଦେବାକୁ ନିଜର ନାମ ପଞ୍ଜିକୃତ କରିପାରିବେ। ଏଥିପାଇଁ ବୋର୍ଡ ପକ୍ଷରୁ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ପ୍ରାଧାନଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଅନଲାଇନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ପଞ୍ଜୀକରଣ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହାୟତାରେ କରିବାକୁ କୁହାଯାଇଛି। ଛାତ୍ରଛାତ୍ରୀଙ୍କର ନାମ ପଞ୍ଜୀକରଣ ଅକ୍ଟୋବର ୮ ତାରିଖ ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ହୋଇପାରିବ। ଏହାପରେ ୯ ତାରିଖ ମଧ୍ୟରାତ୍ର ସୁଦ୍ଧା ଫର୍ମ ଦାଖଲର ଶେଷ ସମୟ ରଖାଯାଇଛି। ପଞ୍ଜୀକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ୬୦ଟଙ୍କା ଫି' ଦେବାକୁ ପଡ଼ିବ।

ସେମାନେ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଫି ଦେଇପାରିବେ ବୋଲି ସମ୍ପାଦକ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜିକୃତ କରିପାରି ନଥିବେ ସେମାନେ ୨୦୨୩ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସ୍କୁଲ ରେଗୁଲାର ଭାବେ ସମ୍ପୃକ୍ତ ଛାତ୍ରଛାତ୍ରୀ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରବିନିମୟ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେଇପାରିବେ। ଅନ୍ୟପକ୍ଷରେ ହାଇସ୍କୁଲଗୁଡ଼ିକର ପଞ୍ଜିକୃତ ଶିକ୍ଷକମାନେ ସେମାନଙ୍କ ତଥ୍ୟ ସଂଶୋଧନ କରିପାରିବେ। ସମ୍ପୃକ୍ତ ଜିଲ୍ଲାଶିକ୍ଷା ଅଧିକାରୀଙ୍କ ସ୍ୱାକ୍ଷରକ୍ରମେ ବୋର୍ଡର ଶାଖା କାର୍ଯ୍ୟାଳୟରେ ଆସନ୍ତା ଅକ୍ଟୋବର ୨୨ ସୁଦ୍ଧା ଫର୍ମ ଦାଖଲ କରିପାରିବେ। ଏହି ପ୍ରକ୍ରିୟା ପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ପୀଡ଼ିତାଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ ବିଳମ୍ବ ପ୍ରସଙ୍ଗ**

## ଆଇନସେବା ପ୍ରାଧିକରଣକୁ ବକେୟା ପ୍ରଦାନ ବ୍ୟବସ୍ଥା କର: ହାଇକୋର୍ଟ

କଟକ,୨୪।୯(ସମିସ): ବିଭିନ୍ନ ଅପରାଧିକ ମାମଲା, ବିଶେଷକରି ଦୁଷ୍କର୍ମ ମାମଲାରେ ପୀଡ଼ିତାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ଏନେଇ ବିଳମ୍ବ ହେଉଥିବାରୁ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ଆଇନସେବା ପ୍ରାଧିକରଣ ଗୁଡିକୁ ଆବଶ୍ୟକ ଅର୍ଥ ପ୍ରଦାନ କରିବାରେ ବିଳମ୍ବ ଘଟୁଥିବାରୁ ରାଜ୍ୟ ସରକାରଙ୍କୁ ଏସମ୍ପର୍କରେ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ଆଡଭୋକେଟ ଜେନେରାଲ ଏହି ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ ବୈଠକ କରିବାକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ କହିଛନ୍ତି। ସରକାରୀ ଅଧିକାରୀଙ୍କ ସହ ଏହି ଉଚ୍ଚସ୍ତରୀୟ ବୈଠକ କରିବାର ଏକ ମାସ ମଧ୍ୟରେ ବିଭିନ୍ନ ଆଇନସେବା ପ୍ରାଧିକରଣର ପୀଡ଼ିତାଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶି ପ୍ରଦାନ କରାଇବାର ବନ୍ଦୋବସ୍ତ କରିବା ପାଇଁ ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣରେ ଜନୈକା ଆବେଦନକାରୀ ପୀଡ଼ିତା କ୍ଷତିପୂରଣ ପାଇଁ ଆବେଦନ କରିବା ସତ୍ତ୍ୱେ ତାଙ୍କୁ ଏହା ପ୍ରଦାନରେ ବିଳମ୍ବ ଘଟିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଚୌଦ୍ୱାରରେ ରାଜ୍ୟର ପ୍ରଥମ ଟସର ସୂତା ଉତ୍ପାଦନ କେନ୍ଦ୍ର

ଚୌଦ୍ୱାର,୨୪।୯(ସମିସ): ଚୌଦ୍ୱାରରେ ଆଜି ଶୁଭାରମ୍ଭ ହୋଇଛି ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଟସର ସୂତା ଉତ୍ପାଦନ କେନ୍ଦ୍ର। କଜଳକଣା ଗୋପାଳପୁର ଇଡ୍‌କୋ ଶିଳ୍ପାଞ୍ଚଳରେ ନିର୍ମିତ ଏହି ଶିଳ୍ପ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି ଖଦୀ ଓ ଗ୍ରାମୋଦ୍ୟୋଗ ରାଷ୍ଟ୍ରୀୟ ଆୟୋଗ ଅଧକ୍ଷ ବିନୟ କୁମାର ସକ୍‌ସେନା। ଆଜି ପୂର୍ବାହ୍ନରେ କାରଖାନା ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଶ୍ରୀ ସକ୍‌ସେନା ମୁଖ୍ୟଅତିଥି, ଖଦୀ ଓ ଗ୍ରାମୋଦ୍ୟୋଗ ପୂର୍ବାଞ୍ଚଳ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ୱା.କେ. ବାରାମତିକର, ପୂର୍ବାଞ୍ଚଳ ସଦସ୍ୟ ମନୋଜ କୁମାର ସିଂହ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ସକ୍‌ସେନା କହିଥିଲେ, ଚୌଦ୍ୱାରରେ ସ୍ଥାପିତ ଏହା ଓଡ଼ିଶାର ପ୍ରଥମ ଟସର ସୂତା ଉତ୍ପାଦନ କେନ୍ଦ୍ର ହୋଇଥିବାରୁ ଏହାଦ୍ୱାରା ପରୋକ୍ଷରେ ୩୦୦ରୁ ଊର୍ଦ୍ଧ୍ୱ ଟସର ଚାଷୀ ଓ ବୁଣାକାର ଲାଭାନ୍ୱିତ ହୋଇପାରିବେ। ବାର୍ଷିକ ୭୫ଲକ୍ଷ ଟଙ୍କାର ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଏହି କେନ୍ଦ୍ରରେ ସିଧାସଳଖ ସ୍ଥାନୀୟ ୫୦ ଲୋକଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ହୋଇଛି। ବିଶେଷ କରି ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଶ୍ରୀ ସକ୍‌ସେନା କହିଥିଲେ। ପ୍ରାଥମିକ ସ୍ତରରେ ୨୮କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶିଳ୍ପକେନ୍ଦ୍ରର ଉତ୍ପାଦନ କ୍ଷମତାକୁ ଆଗାମୀ ଦିନରେ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଥିଲେ।

ରାଜ୍ୟରେ ଉପଲବ୍ଧ କଞ୍ଚାମାଲର ଉପଯୋଗ କରି ଟସର ସୂତା ଉତ୍ପାଦନ କରିବା ପାଇଁ ଏପରି ଅତ୍ୟାଧୁନିକ କାରଖାନାର ଆବଶ୍ୟକ ଅପରିହାର୍ଯ୍ୟ ଥିଲା ବୋଲି ପୂର୍ବାଞ୍ଚଳ ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବାରାମତିକର କହିଥିଲେ। ଓଡ଼ିଶାର ବୁଣାକାର ମୁଖ୍ୟତଃ ଟସର ସୂତା ପାଇଁ ପଶ୍ଚିମବଂଗ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଆସାମ ଉପରେ ନିର୍ଭରଶୀଳ ହେଉଥିବାରୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଅଧିକ ହେବା ଯୋଗୁଁ କ୍ଷତି ସହିବାକୁ ପଡୁଥିଲା। ଏବେ ସେହି ଅଭାବକୁ ଚୌଦ୍ୱାରରେ ସ୍ଥାପିତ କାରଖାନା ପୂରଣ କରିବ ବୋଲି ପୂର୍ବାଞ୍ଚଳ ସଦସ୍ୟ ଶ୍ରୀ ସିଂହ କହିଥିଲେ। ଖଦୀ ଓ ଗ୍ରାମୋଦ୍ୟୋଗ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଦର୍ଶ ଖଦୀ ଉତ୍ପାଦକ ସଂଘ ସମ୍ପାଦକ ଜୟକୃଷ୍ଣ ଗୁଇଁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଭାରତ ସରକାରଙ୍କ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗଙ୍କ ତରଫରୁ ପ୍ରତିଷ୍ଠିତ ଏହି ଶିଳ୍ପ କେନ୍ଦ୍ର ଆଦର୍ଶ ଖଦୀ ଉତ୍ପାଦକ ସଂଘ ନୂଆପାଟଣା ଦ୍ୱାରା ପରିଚାଳିତ ହେବ। ଗତବର୍ଷ ଏହା ପ୍ରାକ୍ତନ ମତ୍ସ୍ୟ, ପଶୁସମ୍ପଦ ଏବଂ ଅଣୁ, ଲଘୁ ଓ ମଧ୍ୟମ ଶିଳ୍ପ କେନ୍ଦ୍ରମନ୍ତ୍ରୀ ପ୍ରତାପ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀ ଶିବିରକୁ ମୁଖ୍ୟଅତିଥି ଶ୍ରୀ ସକସେନା ବୁଲି ଦେଖିଥିଲେ। ଆଜିର ଉତ୍ସବରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ସାଂସଦ ଭର୍ତ୍ତୃହରି ମହତାବ, ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦାନ କରିବା ପାଇଁ କାର୍ଯ୍ୟକ୍ରମ ଥିଲେ ମଧ୍ୟ ସେମାନଙ୍କ ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଥିଲା।




**ବାର୍ଷିକ ୭୫ଲକ୍ଷ ଟଙ୍କାର ଉତ୍ପାଦନ ଲକ୍ଷ୍ୟ**

**ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ବହୁମୁଖୀ ପାଇଲଟ ପ୍ରକଳ୍ପ**

# ଏବେ ବିକାଶର ନୂଆ ରାସ୍ତାରେ ନବରଙ୍ଗପୁର

- ଆତ୍ମନିର୍ଭରଶୀଳ ହୋଇଛି ପଛୁଆ ଜିଲ୍ଲା
- ରାଜ୍ୟ ସରକାରଙ୍କ ୧୫ ବିଭାଗ ଦେଉଛନ୍ତି ପ୍ରୋତ୍ସାହନ
- ସହଯୋଗ କରୁଛନ୍ତି ୧୨ କେନ୍ଦ୍ରୀୟ ଗବେଷଣା ସଂସ୍ଥା

ଭୁବନେଶ୍ୱର,୨୪।୯(ସମିସ): ଏକ ଅନୁନ୍ନତ ଓ ପଛୁଆ ଜିଲ୍ଲା ଭାବେ ନବରଙ୍ଗପୁର ଜିଲ୍ଲା ବେଶ୍ ଜଣାଶୁଣା ଥିଲା। ସମସ୍ତ ସାମାଜିକ ମାନକରେ ତଳେ ରହିଥିବା ଏହି ଜିଲ୍ଲାରେ ମୁଣ୍ଡପିଛା ଆୟ ସବୁଠାରୁ କମ୍ ରହିଥିଲା। କିନ୍ତୁ ଆଜି ସମୟ ବଦଳିଛି। ଲୋକଙ୍କୁ କାମ ମିଳିଛି, ରୋଜଗାର ବଢ଼ିଛି। ବିଭିନ୍ନ ସାମଗ୍ରୀ ପାଇଁ ନବରଙ୍ଗପୁର ଜିଲ୍ଲାକୁ ଆଉ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ। ମାଛ, ଲେମନ୍ ଗ୍ରାସ୍, ଉନ୍ନତ ମାନର ହଳଦି, ଜୈବିକ ସାର, ଫଳ, ପନିପରିବା ଉତ୍ପାଦନରେ ନବରଙ୍ଗପୁର ଜିଲ୍ଲା ଆଖି ଦୃଶିଆ ବିକାଶ କରିପାରିଛି। ଏହା ସମ୍ଭବ ହୋଇ ପାରିଛି ରାଜ୍ୟ ସରକାରଙ୍କର ୧୫ଟି ବିଭାଗ ଏବଂ କେନ୍ଦ୍ର ସରକାରଙ୍କର ୧୨ଟି ପ୍ରତିଷ୍ଠାନର ମିଳିତ ଉଦ୍ୟମ ହେତୁ। ୨୦୧୯ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷିର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧି ପାଇଁ ଶୁଭାରମ୍ଭ କରିଥିବା ବହୁମୂଖୀ ପାଇଲଟ୍ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲାର ପ୍ରଗତିର ଆୟୁଧ ସାଜିଛି। ଗବେଷଣା, ପ୍ରଶିକ୍ଷଣ, ଆର୍ଥିକ ସହାୟତା ପ୍ରଦାନ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଆଜି ନବରଙ୍ଗପୁର ଜିଲ୍ଲାକୁ ବିକାଶ ଟ୍ରାକ୍‌ରେ ଆଣି ପାରିଛି।

ଦିନ ଥିଲା ଯେତେବେଳେ ମାଛ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କୃଷି ଉତ୍ପାଦ ପାଇଁ ନବରଙ୍ଗପୁର ଜିଲ୍ଲା ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, କଲକାତା ଉପରେ ନିର୍ଭରଶୀଳ ଥିଲା। କୃଷି କାର୍ଯ୍ୟ ବି ନୈରାଶ୍ୟଜନକ ଥିଲା। କିନ୍ତୁ ଏବେ ପରିସ୍ଥିତି ବଦଳିଛି। କାମ ଧନ୍ଦା ଆଶାରେ ଯୁବ ପିଢ଼ୀ ଆଉ ବାହାରକୁ ଯାଉ ନାହାନ୍ତି। ବରଂ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ପାଇ ଜଣେ ଜଣେ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ କୃଷି ଓ ମତ୍ସ୍ୟ ପଶୁ ସମ୍ପଦ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ, ହସ୍ତତନ୍ତ ଓ ହସ୍ତକଳା, ମହିଳା ଓ ଶିଶୁ ବିକାଶ, ଦକ୍ଷତା ବିକାଶ, ସରକାରୀ ଉଦ୍ୟୋଗ, ଏମ୍‌ଏସ୍‌ଏମ୍‌ଇ ଭଳି ୧୫ ବିଭାଗ ମିଳିତ ଭାବେ ନବରଙ୍ଗପୁର ଜିଲ୍ଲା ପାଇଁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିପରି ଆଇଏମ୍‌ଏମ୍‌ଟି, ଏନବିଆରଆଇ, ସିମ୍ୟାପ୍, ସିଏଫ୍‌ଟିଆରଆଇ, ସିଫା, ଆଇଆଇଏଚ୍‌ଆର, ସିଟିସିଆରଆଇ, ସିଏଆଇଆଇ, ଆଇଆଇଟିଏମ୍ ଭଳି ଜାତୀୟ ପ୍ରତିଷ୍ଠାନ ବିଭିନ୍ନ ପ୍ରକାର ଆୟ ସୃଷ୍ଟିକାରୀ ପ୍ରଶିକ୍ଷଣ ଓ ବୃତ୍ତିଗତ ସହାୟତା ଦେଉଛନ୍ତି। ଜିଲ୍ଲାର ୫ ହଜାରରୁ ଅଧିକ କୃଷକ, ମହିଳା ଏସ୍‌ଏଚ୍‌ଜି, କଳାକାର ଜୀବନ ଜୀବିକା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଆଉ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ମାଛ ଚାଷ, କୃଷି ସହିତ ଧୂପକାଠି, ଚକୋଲେଟ୍, ସୁଗନ୍ଧିତ ତୈଳ, ଜୈବିକ ସାର, ଜୈବିକ ତୈଳ, 'କେଶରୀ' ହଳଦୀ ପ୍ରସ୍ତୁତି ଓ ଉତ୍ପାଦନରେ ନିୟୋଜିତ ହୋଇଛନ୍ତି। ଏଥିରୁ ଅଧିକାଂଶ ଉତ୍ପାଦ ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶକୁ ରପ୍ତାନୀ କରାଯାଉଛି। ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନେ ମାଛ ଯାଁଳ, ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଉଛନ୍ତି। କୃଷ୍ଣଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି କହନ୍ତି, ସବୁ କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପଛରେ ରହିଥିଲା। ବିଭିନ୍ନ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ହେଉଥିଲା। କିନ୍ତୁ ବିଭିନ୍ନ ପ୍ରକାର ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ହେତୁ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିଛି। ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପ୍ରୋତ୍ସାହନ ଯୋଗୁଁ ଆଜି ମୁଁ ଜୈବିକ ସାର ଉତ୍ପାଦନ ପ୍ରକଳ୍ପ ପାଇଁ ପୁଞ୍ଜିବିନିଯୋଗ କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ଅନେକ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପ୍ରଦାନ କରିଛି।




## ୪ ଅଧିକାରୀଙ୍କୁ ଏଏସ୍‌ପି ପଦୋନ୍ନତି ଓ ବଦଳି

କଟକ,୨୪।୯(ସମିସ): ଓଡ଼ିଶା ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁସାରେ ୪ ଜଣ ଅଧିକାରୀଙ୍କୁ ଅତିରିକ୍ତ ଏସପି (ଏଏସ୍‌ପି) ପାହ୍ୟାକୁ ପଦୋନ୍ନତି ସହ ପୂର୍ବ ସ୍ଥାନରୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଏସ୍‌ପି ପାହ୍ୟାର ଏହି ଅଫିସରଙ୍କୁ ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ ପଦୋନ୍ନତି ମିଳିଥିଲା। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଡିଏସପି ଥିବା ଭି.ଏସ ଚନ୍ଦ୍ରଶେଖର ରାଓଙ୍କୁ ସ୍ପେସାଲ ବ୍ରାଞ୍ଚ ଅତରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ଢେଙ୍କାନାଳରେ ଅତିରିକ୍ତ ଏସପି ଥିବା ଗଣେଶଚନ୍ଦ୍ର ପ୍ରଧାନଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସପି, କଟକ-ଭୁବନେଶ୍ୱର କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଥିବା କେଦାରନାଥ ସାହୁଙ୍କୁ ଭିଜିଲାନ୍ସର ଅତିରିକ୍ତ ଏସପି ଓ ସ୍ପେସାଲ ବ୍ରାଞ୍ଚ ଅତିରିକ୍ତ ଏସପି ଥିବା ନରହରି ନାୟକଙ୍କୁ ଅତିରିକ୍ତ ଏସପି ଭିଜିଲାନ୍ସ ଭାବେ ପଦୋନ୍ନତି ପୂର୍ବକ ବଦଳି କରାଯାଇଛି।

## ଜିଲ୍ଲାସ୍ତରୀୟ ପୋଷଣ ମାସ ଉତ୍ସବ ପାଳିତ

# କୋଟିଆରେ ହେବ ବିଶାଳ ପୌଷ୍ଟିକ ମହୋତ୍ସବ

**କୋରାପୁଟ,୨୪।୯(ସମିସ):** କୋରାପୁଟର ଦକ୍ଷତା ବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ପୋଷଣ ମାସ ଉତ୍ସବ ପାଳିତ ହୋଇଯାଇଛି । ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ପୋଷଣ ମାସ ସେପ୍ଟେମ୍ବର ୧ ରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିବା ବେଳେ ଅପପୃଷ୍ଟି ବିରୁଦ୍ଧରେ କିପରି ଲଢେଇ ହେବ ଓ ବିଭିନ୍ନ ପୌଷ୍ଟିକ ଖାଦ୍ୟ ସାମଗ୍ରୀ ଦ୍ୱାରା କିପରି ପୁଷ୍ଟିହୀନତା ଦୂର କରାଯାଇପାରିବ ସେ ସଂପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ, ମହିଳା, ଅଙ୍ଗନବାଡି କର୍ମୀ ଓ ପୋଷଣ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ । ଏସଏଚଜି ମହିଳାଙ୍କ ଦ୍ୱାରା ବିଭିନ୍ନ ପୌଷ୍ଟିକ ଖାଦ୍ୟ ସାମଗ୍ରୀ ମେଳା କରାଯାଇଥିଲା । ଏଥିରେ




ମୁଖ୍ୟ ଅତିଥି ଭାବେ ପିଡି ଡିଆରଡିଏ ପ୍ରବୀର କୁମାର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ଷାନୀ, ଓଡିଶା ଜୀବିକା ମିଶନର ଜିଲ୍ଲା ନିର୍ଦ୍ଦେଶିକା ସୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ଓ ମହିଳାଙ୍କ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ମହିଳା ଓ ଶିଶୁ କିପରି ପୌଷ୍ଟିକ ଆହାର ସେବନ କରିବେ ସେ ସଂପର୍କରେ ଖାଦ୍ୟ ପ୍ରଦର୍ଶନୀ ସହ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷରେ ଓଡିଶା ତରଫରୁ କୋଟିଆରେ ଏକ ବିଶାଳ ପୌଷ୍ଟିକ ମହୋତ୍ସବ ଆୟୋଜନ କରାଯିବ ବୋଲି କୋରାପୁଟ ଡିଆରଡିଏ ପ୍ରକଳ୍ପ ଅଧିକାରୀ ନାୟକ ସୂଚାଇଥିଲେ । ଆଗାମୀ ଦିନରେ ଅପପୁଷ୍ଟି ଉପରେ ଲଢେଇ ଜାରି ରହିବା ସହ ପୌଷ୍ଟିକ ଆହାରକୁ ନେଇ ଏକ ଜନ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ । ଓଡିଶା ତରଫରୁ ବାରମ୍ବାର ବାରଣ ସତ୍ତ୍ୱେ ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀ କୋରାପୁଟ ଜିଲ୍ଲାର କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସରକାରୀ କାର୍ଯ୍ୟକ୍ରମ କରିଆସୁଥିବା ନେଇ ସେ କହିଥିଲେ । ସୂଚନା ଥାଉକି, ଗତକାଲି କୋଟିଆ ସମେତ ବିଭିନ୍ନ ଗ୍ରାମରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ପୌଷ୍ଟିକ ଆହାର ମହୋତ୍ସବ ପାଳନ କରାଯାଇଛି ।

## ମଣ୍ଡି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ମାଲକାନଗିରି, ୨୪।୯(ସମିସ) :** ଆଜି ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଚାଷୀ ସଙ୍ଘର ସଭାପତିଙ୍କ ନେତୃତ୍ୱରେ ତାହାସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରିରେ ହିଁ ମଣ୍ଡିରେ କାର୍ଡଧାରୀଙ୍କଠୁ ୧୨ କ୍ୟୁଣ୍ଟାଲ ପର୍ଯ୍ୟନ୍ତ ନେଉଛନ୍ତି ତାହାକୁ ପରିବର୍ତ୍ତନ କରି ୨୦ କ୍ୟୁଣ୍ଟାଲ କରାଯାଉ । ମୁଖ୍ୟତଃ ମାଲକାନଗିରି ମଣ୍ଡି ମାନଙ୍କରେ ଥରକୁ ୪୦ କ୍ୟୁଣ୍ଟାଲ ରଖାଯାଇଛି ଯାହାକି କୋରାପୁଟ ଓ ନବରଙ୍ଗପୁରରେ ୧୦୦ କ୍ୟୁଣ୍ଟାଲ ରଖା ଯାଇଛି । ସେଇଭଳି ଜିଲ୍ଲାରେ ୫ଦଫା ଦାବିନେଇ ସଭାପତି ପଦ୍ମନାଭ ନାୟକ, ସମ୍ପାଦକ ପପୁ ସାହୁ, ରାଜି ସୁଗ୍ରୀ, ଗୁପ୍ତପ୍ରସାଦ ବ୍ରହ୍ମ, ଶ୍ରୀନିବାସ ମୁଦୁଲି ଏବଂ ଶତାଧିକ ଚାଷୀ ନେତା ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ କୃତଜ୍ଞତା

**ନବରଙ୍ଗପୁର,୨୪।୯ ( ସମିସ ):**

ନବରଙ୍ଗପୁର ଜିଲ୍ଲା ବିଜେଡି ଦଳରେ ସଂଖ୍ୟାଲଘୁ ସମ୍ପ୍ରଦାୟକଙ୍କୁ ବିଭିନ୍ନ ପଦପଦବୀରେ ସ୍ଥାନ ଦେଇଥିବା ଯୋଗୁଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛି ସଂଖ୍ୟାଲଘୁ ପରିଷଦ । ନବରଙ୍ଗପୁର ଜିଲ୍ଲା ବିଜେଡି ଦଳର ନୂତନ କର୍ମକର୍ତ୍ତାଙ୍କୁ ଦଳର ବିଭିନ୍ନ ପଦପଦବୀରେ ସ୍ଥାନ ଦେଇଥିବା ବେଳେ ଏହି ପ୍ରକ୍ରିୟାରେ ସଂଖ୍ୟାଲଘୁସମ୍ପ୍ରଦାୟଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ଏଥିରେ ୩ ଜଣଙ୍କ ମଧ୍ୟରୁ ଜିଲ୍ଲା ବିଜେଡି ଉପସଭାପତି ଭାବେ ଦିବ୍ୟଦାନ ସୁନା, ଜିଲ୍ଲା ସମ୍ପାଦକ ଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ ଓ ତେନ୍ତୁଳିଖୁଣ୍ଟି ବ୍ଲକ୍ ପ୍ରତିନିଧି ସୁଧୀର ଖୁରା ସ୍ଥାନ ପାଇଛନ୍ତି । ଆଇନଜୀବୀ ସୁବୋଧ ଚନ୍ଦ୍ର ବେହେରାଙ୍କୁ ଦଳରେ ଜିଲ୍ଲା ସ୍ଥରୀୟ କମିଟିରେ ସ୍ଥାନ ମିଳିବା ପରେ ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ନବରଙ୍ଗପୁର ଜିଲ୍ଲା ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ଲୋକସଭା ସାଂସଦ ତଥା ବିଜେଡ଼ି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗା ବିଧାୟକ ମନୋହର ରନ୍ଧାରୀ ଓ ଝରୀଗାଁ ବିଧାୟକ ପ୍ରକାଶ ମାଝୀଙ୍କୁ ସଂଖ୍ୟାଲଘୁ ଜିଲ୍ଲା ସଭାପତି ସୁଧୀର ପାତ୍ର, ସମ୍ପାଦକ ଗୌରବ କାଉଁରୀ, କୋଷାଧକ୍ଷ ଉରୀୟ ଭତ୍ରା ଜିଲ୍ଲାର କର୍ମକର୍ତ୍ତାଙ୍କ ସମେତ ୧୦ ଟି ବ୍ଲକ୍‌ର କର୍ମକର୍ତ୍ତା ଧନ୍ୟବାଦ ଜଣାଇଛନ୍ତି ।

## ବିଜେଡିର ମିଶ୍ରଣ ପର୍ବ



**ମାଲକାନଗିରି,୨୪।୯(ସମିସ) :** ଆଜି ମାଲକାନଗିରି ଜିଲ୍ଲା ବିଜେଡି ତରଫରୁ ପଡିଆ ବ୍ଲକ୍ ପୁରୁଣା ନିଲିଗୁଡ଼ାରେ ଏକ କର୍ମୀ ସମାବେଶରେ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ବିଜେପି ନେତା ରତିକୁମାର ହରିଜନ, କଂଗ୍ରେସର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମାଡକାମି, କଂଗ୍ରେସ ଯୁବନେତା ନନ୍ଦା ସୋଢ଼ି, ନିଲିଗୁଡାର ନନ୍ଦା ମାଡ଼କାମି , ଲକା ମାଢ଼ି , ଦେବା ପଡିଆମି , ସିଙ୍ଗା କାରାମିଙ୍କ ସହ ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ସମ୍ମାନିତ ଅତିଥିଭାବେ ବିଜୁ ଛାତ୍ର ଜନତା ଦଳର ତାପସ ନାୟକ ଯୋଗଦେଇ ଆଗାମି ଦିନରେ ବିଜୁ ଜନତା ଦଳ ପଡିଆ ବ୍ଲକ୍‌ରେ ସୁଦୃଢହେବା ସହ ପଞ୍ଚାୟତ ନିର୍ବାଚନରେ ଦଳକୁ ସୁଫଳ ମିଳିବ ବୋଲି ପ୍ରକାଶ କରିଥିଲେ ।

# ନବରଙ୍ଗପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ

ନବରଙ୍ଗପୁର : ୨୪।୯( ସମିସ ): ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କର୍ମଶାଳାକୁ ଉଦ୍ଘାଟନ କରି ଅଧକ୍ଷ ବିନୋଦ ଚନ୍ଦ୍ର ନାୟକ ସ୍ୱେଚ୍ଛାସେବୀଙ୍କୁ ପାଠପଢା ସହ ସମାଜ ସେବାରେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବରେ ଯୋଗଦେଇ ଜିଲ୍ଲା ଯୁବ ରେଡ଼କ୍ରସ ଜିଲ୍ଲା ସମ୍ପାଦକ ଡ଼. ଭାସ୍କର ନାଥ ବିଶ୍ୱାଳ ସମାଜ ସେବାର ଗୁରୁତ୍ୱ ଓ ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜାତୀୟ ସେବା ସଂସ୍ଥାର ଜିଲ୍ଲା ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ଯୋଗଦେଇ ସମାଜ ସେବାରେ ଜାତୀୟ ସେବା ସଂସ୍ଥାର ଭୂମିକା ବିଷୟରେ ଆଲୋଚନା କରିବା ସହ ସ୍ୱେଚ୍ଛାସେବୀଙ୍କୁ ନିଜ ବ୍ୟକ୍ତିତ୍ୱର ବିକାଶ ସହ ସମାଜର ଉନ୍ନତି ପାଇଁ ଏହି ସଂସ୍ଥାରେ କାର୍ଯ୍ୟ



କରିବାକୁ ଆହ୍ୱାନ କରିଥିଲେ । ଏହାପରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଜାହାଙ୍ଗିର ମହମ୍ମଦ ଏକ ବୃତ୍ତଚିତ୍ର ମାଧ୍ୟମରେ ଜାତୀୟ ସେବା ସଂସ୍ଥାର ଇତିହାସକୁ ଉପସ୍ଥାପନ କରିଥିଲେ । ସମଗ୍ର କାର୍ଯ୍ୟାଶାଳାକୁ ସଂଯୋଜନା କରିଥିଲେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା । ଏଥିରେ ଅଧ୍ୟାପକ ଡ଼ଃ ନୀଳାଚଳ ମିଶ୍ର, ଜିତେନ୍ଦ୍ର ରଥ, ଅଶ୍ୱିନୀ ବେହେରା, ପ୍ରଭଞ୍ଜନ ବେହେରା, ମନୋଜ କୁମାର କଂସ ବେହେରା, ଅଧ୍ୟାପିକା ଶ୍ରୀମତୀ ନିର୍ମଳା ହିକ୍କା ନିଜ ନିଜ ମତ ରଖିଥିଲେ । ପ୍ରତିଷ୍ଠା ଦିବସ ପାଳନର ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ପରିସରକୁ ସଫେଇ ଓ ଚାରାରୋପଣ ତଥା ରକ୍ଷଣାବେକ୍ଷଣ କରାଯାଇଥିଲା । କାର୍ଯ୍ୟାଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ । ସେହିଭଳି ଜିଲ୍ଲା ତରଫରୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମାନସୀ ମହାପାତ୍ରଙ୍କ ସହାୟତାରେ ଦୁଇଜଣ ସ୍ୱେଚ୍ଛାସେବୀ କୁମାରୀ ଶୁଭଲକ୍ଷ୍ମୀ ଭୂଷଣ ଏବଂ କୁମାରୀ ଶୁଭଶ୍ରୀ ସାବତ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ଯୋଗ ଦେବାପାଇଁ ଭୁବନେଶ୍ୱର ଯାଇଛନ୍ତି । ସମାନ୍ତରାଳ ଭାବେ ଏହି ପ୍ରତିଷ୍ଠା ଦିବସ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଭୈରବ ମହାବିଦ୍ୟାଳୟ-ଡାବୁଗାଁ, ପେଣ୍ଡାଣି ମହାବିଦ୍ୟାଳୟ -ଉମରକୋଟ ଓ ପାନାବେଡା ମହାବିଦ୍ୟାଳୟ - ଚନ୍ଦହାଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି । ସର୍ବୋପରି ନବରଙ୍ଗପୁର ଜିଲ୍ଲାର ପ୍ରାୟ ୨ ହଜାର ଛାତ୍ର ଛାତ୍ରୀ ସ୍ୱେଚ୍ଛାସେବୀଙ୍କୁ ସମାଜ ସେବା ଦିଗରେ ଆଗେଇ ନେବା ପାଇଁ ଜିଲ୍ଲା ଜାତୀୟ ସେବା ସଂସ୍ଥା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବ୍ୟୁରୋ ତଥା ଓଡିଶା ରାଜ୍ୟ ଶାଖା ର ସହଯୋଗ ଓ ନିର୍ଦ୍ଦେଶ ରେ ସଫଳତା ଆଡକୁ ମାଡି ଚାଲିଛି ବୋଲି ଜିଲ୍ଲା ସଂଯୋଜକ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପୋଖରୀ ହୁଡାରୁ ଶବ ଉଦ୍ଧାର; ସାଧାରଣରେ ସନ୍ଦେହ

**ଜୟପୁର,୨୪।୯(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ରଣ୍ଡାପାଲ୍ଲୀ ପଞ୍ଚାୟତର ବିଜେ-୨ ଗ୍ରାମର ଏକ ପୋଖରୀ ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ପୂର୍ବାହ୍ନରେ ଉଦ୍ଧାର କରାଯାଇଛି । ବ୍ୟକ୍ତିଜଣକ ଉକ୍ତ ଗ୍ରାମର ପରେଶ ଦାସ(୫୫) ବୋଲି ଜଣାପଡିଛି । ସେ ଗତ ଗୁରବାର ଠାରୁ ନିଖୋଜ ଥିବା ବେଳେ ଏହାର ୨୪ ଘଣ୍ଟା ମଧ୍ୟରେ ପୋଖରୀ ହୁଡାରୁ ତାଙ୍କର ଶବ ଉଦ୍ଧାରକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ପୁଲିସର ସୂଚନା ଅନୁଯାୟୀ, ଗତ ଗୁରବାର ପୂର୍ବାହ୍ନ ୯ ଟାରେ ଗ୍ରାମ ନିକଟସ୍ଥ ଏକ ପୋଖରୀକୁ



ସେ ଗାଧୋଇବାକୁ ଯାଇ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ସନ୍ଧାନ ପାଇନଥିଲେ । ଶୁକ୍ରବାର ପୂର୍ବାହ୍ନରେ କିଛି ଗ୍ରାମବାସୀ ପୋଖରୀ ହୁଡାରେ ତାଙ୍କର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଏନେଇ ସେମାନେ ପରିବାର ଲୋକଙ୍କୁ ଅବଗତ କରିଥିଲେ । ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରାଯାଇଥିବା ସଦରଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ତାଙ୍କର ମୃତ୍ୟୁକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଡେଙ୍ଗୁ ମେଲେରିଆ ସଚେତନତା




**କୁନ୍ଦୁରା, ୨୪।୯(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଉପକଣ୍ଠସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଉଳ ବଣ୍ଟନ ଅବସରରେ ଅଭିଭାବକଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ଉପରେ ସଚେତନ କରାଯାଇଛି । ଜୁନିୟର ରେଡକ୍ରସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । ଜୁନିୟର ରେଡକ୍ରସର କାଉନସିଲର ବିଜୟଲକ୍ଷ୍ମୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ସହ ଜୁନିୟର ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସାମ୍ୟକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଭିବିଡ଼ିଟିଏସ୍ ବାଲାଜି ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଫ୍ଏସ୍ ତପନ କୁମାର ବାହାଦୂର, ସିଆର୍ସିସି ଗଙ୍ଗାଧର ତ୍ରିପାଠୀ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ମନୋଜ କୁମାର ଦାସ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ସିଆର୍ସିସି ତ୍ରିପାଠୀ ରେଡକ୍ରସର ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଅଭିଭାବକଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆର କାରଣ, ଲକ୍ଷଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ । ସିଆର୍ସିସି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଦ୍ଧାଙ୍ଗିନୀ ଦେବୀ, ସଂଗୀତା ଚୌଧୁରୀ ଏବଂ ପ୍ରଭାରାଣୀ ବିଶ୍ୱାଳ ସହଯୋଗ କରିଥିଲେ ।

## ୪ଦିନ ପରେ ଯୁବକର ମୃତଦେହ ଉଦ୍ଧାର

**ଉମରକୋଟ,୨୪।୯(ସମିସ):** ସୂଚନା ଥାଉକି ଦରଗା ଗୁଡ଼ା ର ଗୋବର୍ଦ୍ଧନ ମାଝୀ (୨୭) ଗତ ଶୁକ୍ରବାର ରାତି ପ୍ରାୟ ୯ଟାରେ ଘର ପାଖ ଦୋକାନକୁ ଯାଉଛି ବୋଲି ଘର ଲୋକଙ୍କୁ କହି ବାହାରକୁ ଯାଇଥିଲେ । କିନ୍ତୁ ପରେ ସେ ଘରକୁ ଫେରି ନଥିଲେ । ଘର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବାପରେ ଗତ ମଙ୍ଗଳବାର ଉମରକୋଟ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ । କିନ୍ତୁ ଶୁକ୍ରବାର ସକାଳେ ଗୋବର୍ଦ୍ଧନଙ୍କ ଭାଇ ମୋହନ ଗାଁ ନିକଟସ୍ଥ ଭାସ୍କେଲ ନଦୀକୁ ଯାଇଥିବାବେଳେ ଭାଇ ଗୋବର୍ଦ୍ଧନ ଗୋଟିଏ ଗଛ ଡାଳରେ ନିଜ ବେକରେ ଗାମୁଛା ସାହାଯ୍ୟରେ ଫାଶୀ ଲଗାଇ ଝୁଲିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି ।

## ● ରାସ୍ତାରେ ଗାତ ଖୋଳି ଛାଡ଼ି ଦେଉଛି ଠିକାସଂସ୍ଥା

## ଯାତାୟାତରେ ବାଧା; ବଢୁଛି ଅସନ୍ତୋଷ

**ତେନ୍ତୁଳିଖୁଣ୍ଟି ୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଗାତ ଖୋଳି ଛାଡି ଦେଇଛି । ସଂସ୍ଥା ପ୍ରତି କଲୋନୀ ମଝିରେ ଦୁଇରୁ ତିନୋଟି ଲେଖାଏଁ ୫ ଫୁଟ ଲମ୍ବର ଗାତ ଖୋଳି ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଛାଡି ଦେଇଛି । ଫଳରେ ଯାତାୟତରେ ବାଧା ସୃଷ୍ଟି ହେବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ବିଶେଷ କରି ଛୋଟ ଛୁଆ ଟିଉସନ ଯିବାବେଳେ ମା' ବାପାଙ୍କ ଭୟ ରହୁଛି । ରାତି ଏବଂ ବର୍ଷା ସମୟରେ ଯାତାୟତରେ ବିଶେଷ ଭାବରେ ବାଧା ସୃଷ୍ଟି ହେବାସହ ଗାତରେ ପଡିବା ଭୟ ରହୁଛି । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଯଥାଶୀଘ୍ର ଖୋଳାଯାଇଥିବା ଗାତ ଗୁଡିକର କାର୍ଯ୍ୟସାରି ପୋତିବା ପାଇଁ ଦାବି ହେଉଛି । ଏନେଇ ଜେଏମସି ସଂସ୍ଥା ଠିକାଦାର ପରିଚାଳକ ସଚିନଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଗାତ ଗୁଡିକୁ ପୋତିବାକୁ କହିବେ ବୋଲି କହିଛନ୍ତି ।

## ଆଲୁମିନିୟମ ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକ

**ଦାମନଯୋଡି,୨୪।୯(ସମିସ):** ଦାମନଯୋଡି ସ୍ଥିତ କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ନାଲକୋ ଟାଉନସିପ ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ଶିଶିର କୁମାର କୁଲଦୀପ ଅଧକ୍ଷତା କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ସଂଘର ନିର୍ବାଚନ ଉପରେ ସେ ଆଲୋକପାତ କରିଥିଲେ । ଯୁଗ୍ମ ଶ୍ରମ କମିଶନରଙ୍କ ନୀତି ନିୟମ ପାଳନ ପୂର୍ବକ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଯିବା ନେଇ ସଂଘର ଉପସଭାପତି ବିଜିତ ବିହାରୀ ଖୋରା ମତବ୍ୟକ୍ତ କରିଥିଲେ । ଏଥିରେ ସଂଘର ସାଧାରଣ ସମ୍ପାଦକ ସମିନ୍ଦ୍ର ମାଳି,



କାର୍ଯ୍ୟକାରୀ ସଭାପତି ସୁନିଲ ଖିଲ, ଯୁଗ୍ମ ସମ୍ପାଦକ ସନ୍ତୋଷ ନାୟକ ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ସଭ୍ୟମାନେ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ୧୯୯୭ ରୁ ଏହି ଶ୍ରମିକ ସଂଘ ପଞ୍ଜିକୃତ ହୋଇଥିବା ବେଳେ ୨୦୧୧ ରେ ହିନ୍ଦ୍ ମଜଦୁର ସଂଘର ଅନୁମୋଦନ ଲାଭ କରିଛି । ବର୍ତ୍ତମାନ ସୁଦ୍ଧା ଏହି ସଂଘରେ ୨୬୦ରୁ ଉର୍ଦ୍ଧ୍ୱ ଶ୍ରମିକ ସଦସ୍ୟ ରହିଛନ୍ତି ।

## ନବରଙ୍ଗପୁର ପୁଲିସ ପକ୍ଷରୁ ଶହୀଦ ପ୍ରଶାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ

**ନବରଙ୍ଗପୁର, ୨୪।୯ ( ସମିସ )**

ନବରଙ୍ଗପୁର ପୁଲିସ ପକ୍ଷରୁ ପୁଲିସ ରିଜର୍ଭ କାର୍ଯ୍ୟାଳୟ ପରିସରରେ ଶହୀଦ ପ୍ରଶାନ୍ତ ପାତ୍ରଙ୍କ ୧୦ମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସ୍ମିତ ପରମାର ପୁରୁଷୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ଶହୀଦ ପ୍ରଶାନ୍ତ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି । ଏହି ଅବସରରେ ନବରଙ୍ଗପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଶହୀଦ ପ୍ରଶାନ୍ତଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ପ୍ରକାଶ ଥାଉକି, ପ୍ରଶାନ୍ତ ପୋଲିସ ସୁରକ୍ଷା ବାହିନୀରେ କାର୍ଯ୍ୟରତ ରହି ତତ୍କାଳୀନ ଉମରକୋଟ ବିଧାୟକ ଜଗବନ୍ଧୁ ମାଝୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ । ନବରଙ୍ଗପୁର ଜିଲ୍ଲା ରାଇଘର ଗନାଠାରେ ଏକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଚାଲୁ ଥିବା ସମୟରେ କିଛି ଦୁର୍ବୃତ୍ତଙ୍କ ଗୁଳି ମାଡରେ ଶହୀଦ ହୋଇଥିଲେ ପ୍ରଶାନ୍ତ । କାର୍ଯ୍ୟକ୍ରମରେ ଏସପିଙ୍କ ସହ ଅତିରିକ୍ତ ଏସପି, ରିଜର୍ଭ ଇନ୍ସପେକ୍ଟରଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।



## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ

**ଗୁଣୁପୁର,୨୪।୯(ସମିସ):** ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଆଡ଼ମିନ ଅଡିଟୋରିୟମରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଏଭିଏନଏଲ ଶର୍ମା, ସେବା ଯୋଜନାର ଆବାହକ ପ୍ରେମାଂଶୁ ଶେଖର ରଥ ମଞ୍ଚାସିନ ରହି ଜାତୀୟ ସେବା ଯୋଜନା ବିଷୟରେ ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଫଟୋଗ୍ରାଫି ଆଦି ପ୍ରତିଯୋଗିତା କରାଯାଇଥିଲା । ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରିଶେଷରେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତାପସ ଛୁଆଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ରଶ୍ମୀପ୍ରଭା ମହାରଣା ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ନନ୍ଦପୁରରେ ପଟାଙ୍ଗି ବିଧାୟକଙ୍କ ମାରାଥନ ଗସ୍ତ



**ନନ୍ଦପୁର, ୨୪।୯(ସମିସ)**

ପଟାଙ୍ଗି ବିଧାୟକ ପ୍ରୀତମ କୁମାର ପାଢି ନନ୍ଦପୁର ବ୍ଲକକୁ ମାରାଥନ ଗସ୍ତ କରିଛନ୍ତି । ସେ ପ୍ରଥମେ ନନ୍ଦପୁର ହାଇସ୍କୁଲରେ ଚାଲିଥିବା ସ୍ମାର୍ଟ କ୍ଲାସ କାର୍ଯ୍ୟର ସମୀକ୍ଷା କରିଥିଲେ । ପରେ ବିଭିନ୍ନ ଗ୍ରାମ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରିବୁଝିବା ସହ ଆବଶ୍ୟକତା ଅନୁସାରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ନନ୍ଦପୁର ବ୍ଲକ ବିଜେଡି ନେତାଙ୍କ ସହ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଏଥିରେ ନନ୍ଦପୁର ବ୍ଲକର ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ବ୍ଲକ ବିଜେଡି ସଂଯୋଜକ ଭଗବାନ ପେଟିଆ, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ବିଶ୍ୱନାଥ ଶୀଶା, ବିଜେଡି ପୂର୍ବତନ ବ୍ଲକ ସଭାପତି ରାମେଶ୍ୱର ଦୋରା, ପୂର୍ବତନ ସମିତି ସଭ୍ୟ ମନ କଅଁର, ସେକ ମହାମ୍ମଦ, ସେକନୁରଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

## ଅରିନ୍ଦମଙ୍କ ପାଇଁ ଶୋକସଭା



**ମାଲକାନଗିରି, ୨୪।୯(ସମିସ):** ଆଜି ମାଲକାନଗିରି ଜିଲ୍ଲାର ଗୋବିନ୍ଦପଲ୍ଲୀ ଠାରେ ସାମ୍ବାଦିକ ଅରିନ୍ଦମଙ୍କ ବିୟୋଗରେ ଏକ ଶୋକସଭା ଓ ନୀରବ ପ୍ରାର୍ଥନା କରାଯାଇଥିଲା । ସମସ୍ତ ଗଣମାଧ୍ୟମର ପ୍ରତିନିଧି ଏକତ୍ରିତ ହୋଇ ଶୋକସଭା ଆୟୋଜନ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ମୁନିଗୁଡ଼ା, ୨୪।୯ (ସମିସ)**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଲିଟିଗୁଡା ଛକ ନିକଟରେ ଏକ ଟ୍ରାକ୍ଟରକୁ ପଛପଟୁ ଧକ୍କାଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଜଗଦଲପୁର ଫାଣ୍ଡି ଅନ୍ତର୍ଗତ ପାରିତୋଳା ଗ୍ରାମର ପୁରୁଷତ୍ତମ ହିକୋକା। ପୁରୁଷୋତ୍ତମ କୌଣସି କାମରେ ବାଇକ ନେଇ ନିଜ ଗ୍ରାମ ପାରିତୋଳାରୁ ମୁନିଗୁଡାର ଟିକରପଡାରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଆସୁଥିବା ବେଳେ ଆଗରେ ଯାଉଥିବା ଟ୍ରାକ୍ଟରକୁ ଭାରସାମ୍ୟ ହରାଇ ପଛପଟୁ ଧକ୍କାଦେବା ଫଳରେ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଖବର ପାଇ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡା ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ସମେତ ହୋମଗାର୍ଡ ସନ୍ତୋଷ କୁମାର ପାଢ଼ୀ, ଏ.ରାମକୃଷ୍ଣ ଆଚାରୀ, କନେଷ୍ଟାବଲ ଘନ ଶବର ପ୍ରମୁଖଙ୍କ ସମେତ ଅନ୍ୟମାନେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି ।

## ସ୍ୱାମୀ, ସ୍ତ୍ରୀଙ୍କ ଗଳିତ ଶବ ଉଦ୍ଧାର

**ମାଲକାନଗିରି ,୨୪।୯ (ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମ୍‌ଭି-୬୯ ଗ୍ରାମ ନିକଟରେ ଥିବା ଏକ ଜମିରେ ସ୍ୱାମୀ ସ୍ତ୍ରୀଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ମୃତକ ହେଲେ କାଲିମେଲା ବ୍ଲକ୍ ଅନ୍ତର୍ଗତ ବୁଦୁଗୁଡା ଗ୍ରାମର ଭିମା ମାଢି (୪୮) ଓ ଭିମେ ମାଢି (୩୩)। ଘଟଣା ସ୍ଥଳରେ କାଲିମେଲା ପୁଲିସ ପହଞ୍ଚି ତଦନ୍ତ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। କାଲିମେଲା ପୁଲିସ କେସ୍ ନମ୍ବର ୨୧୬/୨୧ ରେ ଏକ କେସ୍ ରୁଜୁକରି ତଦନ୍ତ କରୁଛି।

### ରାଜେଶ ବେନିଆ ମୃତ୍ୟୁ ମାମଲା

# ତଦନ୍ତକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ



**ରାୟଗଡା,୨୪।୯ (ସମିସ)**

ରାୟଗଡା ଥାନା ଅନ୍ତର୍ଗତ କଡିଙ୍ଗଗୁଡା ଗ୍ରାମର ରାଜେଶ ବେନିଆ ମୃତ୍ୟୁ ମାମଲାରେ ରାୟଗଡା ପୁଲିସର ତଦନ୍ତକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ପରିବାର ଲୋକେ ଓ ଗ୍ରାମବାସୀ। ରାଜେଶଙ୍କ ବିରୋଧରେ ଷଡଯନ୍ତ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ନେଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଉଥିଲେ ମଧ ଘଟଣାକୁ ନେଇ ୧୫ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ମୃତ ରାଜେଶଙ୍କ ପରିବାରକୁ ନ୍ୟାୟ ଦାବିରେ ହଲୁଆ, କଡିଙ୍ଗଗୁଡା, ଗୁମ୍ମା, ପାଲସିନିମା, କୁମ୍ଭିକୋଟା ଆଦି ଗ୍ରାମରୁ ଶତାଧିକ ଲୋକେ ରାୟଗଡା ଥାନାକୁ ଆସି ଏସ୍ଡିପିଓ ଦିବ୍ୟଜ୍ୟୋତି ଦାସ ଏବଂ ଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ତେବେ ତଦନ୍ତ ଜାରି ରହିଛି ଏବଂ ଆସନ୍ତା ୧୨ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସଡିପିଓ ଶ୍ରୀ ଦାସ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଯଦି ୧୨ ଦିନ ମଧ୍ୟରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତାହାହେଲେ ପୀଡିତ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି,ଗତ ଅଗଷ୍ଟ ମାସ ୧୩ ତାରିଖରେ ରାଜେଶ ବେନିଆର ସ୍ତ୍ରୀକୁ କୁମ୍ଭିକୋଟା ଗ୍ରାମର ମଙ୍ଗରାଜ କସ୍ଲା ନାମକ ଏକ ଯୁବକ ନିଜ ସାଥିରେ ନେଇ ଚାଲିଯାଇଥିଲା। ବହୁ ଖୋଜାଖୋଜି ପରେ କୁମ୍ଭିକୋଟା ଗ୍ରାମର ମଙ୍ଗରାଜ ତାଙ୍କ ସ୍ତ୍ରୀକୁ ନେଇ ଯାଇଥିବା ଖବର ପାଇ ରାଜେଶ ଅଗଷ୍ଟ ୧୯ ତାରିଖରେ ରାୟଗଡା ଥାନାରେ ଏକ ଅପହରଣ ମାମଲା ଦାୟର କରିଥିଲେ। ରାୟଗଡା ଥାନା ପୁଲିସ ପକ୍ଷରୁ ରାଜେଶଙ୍କ ସ୍ତ୍ରୀକୁ ଖୋଜାଖୋଜି ପାଇଁ ତଦନ୍ତ ଜାରି ରହିଥିଲା। ତେବେ ଇତି ମଧ୍ୟରେ ମଙ୍ଗରାଜଙ୍କ ସହ ରାଜେଶଙ୍କ ଶାଶୁ ଶଶୁର ଓ ଅନ୍ୟମାନେ ଆଉ ତା'ସ୍ତ୍ରୀକୁ ଖୋଜାଖୋଜି ନ କରିବା ପାଇଁ ଗାଁକୁ ଆସି ରାଜେଶକୁ ଜୀବନରେ ମାରିଦେବାର ଧମକଚମକ ଦେଇଥିବା ପରିବାର ଲୋକେ ଓ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହାର ଅଳ୍ପଦିନ ମଧ୍ୟରେ କୋଡିଙ୍ଗଗୁଡା ଓ କୋଡାପାଡି ଗ୍ରାମ ରାସ୍ତାରେ ଗତ ସେପ୍ଟେମ୍ବର ୬ ତାରିଖ ରାତ୍ର ସମୟରେ ରାଜେଶର ମୃତ ଦେହକୁ ପୁଲିସ ଉଦ୍ଧାର କରିଥିଲା। ଘଟଣାକୁ ନେଇ ପରିବାର ଲୋକଙ୍କ ଅଭିଯୋଗ ଏବଂ ରାଜେଶକୁ ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ଆକ୍ରୋଶକୁ ଦୃଷ୍ଟିରେ ରଖି ମଙ୍ଗରାଜ ସମେତ ଅନ୍ୟମାନଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖି ଜେରା କରୁଥିବା ବେଳେ ଘଟଣାକୁ ୧୫ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଦୋଷୀମାନଙ୍କୁ କାହିଁକି ଦଣ୍ଡ ଦିଆ ଯାଉନାହିଁ ବୋଲି ଗ୍ରାମର ଗୋପାଳ ବେନିଆ, ଚୈତନ୍ୟ ବେନିଆ, ଭରତ ବେନିଆ, ଭୂଷଣ ,ରେବତୀ ବେନିଆ, ଉଲ୍ଲାସ ବେନିଆ, ବଳଦେବ ବିଡିକା,ଧାର୍ମା କାଡ୍ରକା,ସୋମନାଥ ହୁଇକା,ଡୁମ୍ବୁରି ବିଡିକା ପ୍ରମୁଖ ରାୟଗଡା ଥାନାରେ ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ମୃତ ରାଜେଶଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଛନ୍ତି।

**୧୨ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସଙ୍କୁ ପ୍ରତିଶ୍ରୁତି ଦେଲେ ଏସ୍‌ଡିପିଓ**

## ରାଜ୍ୟ କରାଟେ ପ୍ରତିଯୋଗିତା ଆନନ୍ଦଙ୍କୁ କାଂସ୍ୟ

**ସୁନାବେଡା,୨୪।୯ (ସମିସ)**



ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ରାଜ୍ୟ କରାଟେ ପ୍ରତିଯୋଗିତାରେ ସୁନାବେଡା ଏସଡିପିଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପୁଲିସ କର୍ମଚାରୀ ଆନନ୍ଦ ଚନ୍ଦ୍ର ବିହାରୀ କାଂସ୍ୟ ପଦକ ହାସଲ କରିଛନ୍ତି । ଚଳିତ ମାସ ସେପ୍ଟେମ୍ବର ୧୮ ଓ ୧୯ ରେ ୩୩ତମ ରାଜ୍ୟ ବରିଷ୍ଠ ଏବଂ ୨୧ ବର୍ଷରୁ କମ ବାଳକ ଓ ବାଳିକା କରାଟେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାପୁଟ ପୁଲିସ କର୍ମଚାରୀ ଆନନ୍ଦ ଚନ୍ଦ୍ର ବିହାରୀ କାଂସ୍ୟ ପଦକ ହାସଲ କରି କୋରାପୁଟ ଜିଲ୍ଲା ଓ ପୁଲିସ ବିଭାଗ ପାଇଁ ଗୌରବ ଆଣିଛନ୍ତି । ଏହି ଅବସରରେ ଆନନ୍ଦଙ୍କୁ କୋରାପୁଟ ଏସ୍ପି ବରୁଣ ଗୁଣ୍ଟାପାଲି ଓ ଅବକାରୀ ଅଧୀକ୍ଷକ ସୁବାସ ନାୟକ ଶୁଭେଚ୍ଛା ଜଣାଇଛନ୍ତି ।

## କଂଗ୍ରେସର ମିଶ୍ରଣ ପର୍ବ

**ରାୟଗଡ଼ା, ୨୪।୯ (ସମିସ):** ଆଗକୁ ପଞ୍ଚାୟତ ନିର୍ବାଚନ। ଦିନ ନିର୍ଦ୍ଧାରିତ ହୋଇ ନଥିଲେ ହେଁ ରାୟଗଡା ରାଜନୀତି ଚଳଚଞ୍ଚଳ ହୋଇପଡିଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ କର୍ମୀମାନଙ୍କ ଦଳ ବଦଳ ପର୍ବ ଆରମ୍ଭ ହୋଇଛି । କର୍ମୀମାନେ ଦଳ ଛାଡି ପୁଣି କେଇ ଦିନ ମଧ୍ୟରେ କାଶୀପୁର ବ୍ଲକର ବିଭିନ୍ନ ଦଳର ୫୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଶୁକ୍ରବାର ସ୍ଥାନୀୟ ଲାୟନ୍ସ କ୍ଲବ ପରିସରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି । ତେବେ ଏହି ମିଶ୍ରଣ ପର୍ବ ପରେ ଜିଲ୍ଲା କଂଗ୍ରେସର ଉତ୍ସାହ ବୃଦ୍ଧି ଘଟିଛି । ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳକୁ ଛାଡି ଶାସକ ଦଳରେ କର୍ମୀମାନଙ୍କ ଯୋଗଦାନ କଂଗ୍ରେସର ଏକପ୍ରକାର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଏହି ଅବସରରେ କର୍ମୀମାନଙ୍କୁ ବିଜୟୀ ମନ୍ତ୍ର ଦେଇଛନ୍ତି ସାଂସଦ ସପ୍ତଗିରି । ଯେକୌଣସି ସ୍ଥିତିରେ ସ୍ଥାନୀୟ ଗ୍ରାମବାସୀଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ଲୋକଙ୍କ ନିକଟତର ହୋଇ ଏହାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଉଲାକା କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇଁ ଶିକ୍ଷକ ସଂଘର ଦାବି

**ଗୁଣପୁର,୨୪।୯ (ସମିସ):** ନିଖିଳ ଓଡିଶା ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ଓଡ଼ିଶା ରାୟଗଡ଼ା ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ରରେ ଆଗାମୀ ଦିନରେ ଜିଲ୍ଲାରେ ହେବାକୁ ଥିବା ଶିକ୍ଷକମାନଙ୍କ ୫ମ ବର୍ଗକ ରୁ ୫ମବର୍ଗ ଖ, ୫ମ ବର୍ଗଖ ରୁ ଚତୁର୍ଥ ବର୍ଗ ଏବଂ ଚତୁର୍ଥ ବର୍ଗରୁ ୩ୟ ବର୍ଗକୁ ପଦୋନ୍ନତି କ୍ଷେତ୍ରରେ ଶୃଙ୍ଖଳା ଦୃଷ୍ଟିରୁ ବିଭାଗୀୟ ନିର୍ଦ୍ଦେଶ ମତେ କାଉନସିଲିଂ ବ୍ୟବସ୍ଥାରେ ପଦୋନ୍ନତି କରାଯିବା ନିମନ୍ତେ ସଙ୍ଘ ପକ୍ଷରୁ ରାୟଗଡ଼ା ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏଥିପୂର୍ବରୁ ପଦୋନ୍ନତି ସମୟରେ କାଉନସିଲିଂ ବ୍ୟବସ୍ଥାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସ୍ଥାପିତ କରାଯାଇଥିଲା। ବର୍ତ୍ତମାନ,ମହାମାରୀ କୋଭିଡ୍ ସମୟରେ ଜିଲ୍ଲା ସ୍ତରରେ ହେବାକୁ ଥିବା କାଉନସିଲିଂ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ବିଇଓଙ୍କ ତତ୍ତ୍ୱାବଧାନରେ ନିଜ ନିଜ ବ୍ଲକ ସ୍ତରରେ ଉକ୍ତ କାଉନସିଲିଂ ବ୍ୟବସ୍ଥାକୁ ସମାପନ କରାଯାଉ ବୋଲି କୁହାଯାଇଛି। ଫଳରେ ପଦୋନ୍ନତିରେ ସ୍ୱଚ୍ଛତା ଆସିବା ସହ କୈଣସି ଅସୁବିଧା ହେବନାହିଁ। ଏଣୁ ଜିଲ୍ଲାରେ ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷକଙ୍କ ଶୃଙ୍ଖଳା ଓ ପଦମର୍ଯ୍ୟାଦାକୁ ବିଚାରକୁ ନେଇ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ସଂଘର ସଭାପତି ପ୍ରକାଶ ଚନ୍ଦ୍ର ରଥ ଓ ସାଧାରଣ ସମ୍ପାଦକ ପ୍ରଭାତ ମହାପାତ୍ର ଏହି ସ୍ମାରକ ପତ୍ର ମାଧ୍ୟମରେ ସଙ୍ଘ ପକ୍ଷରୁ ଅନୁରୋଧ କରିଛନ୍ତି।

## ଦୁର୍ଗୀ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ



**ଦୁର୍ଗୀ, ୨୪।୯ (ସମିସ):** ଜିଲ୍ଲାପାଳ ସରୋଜ କୁମାର ମିଶ୍ର ଶୁକ୍ରବାର ଦୁର୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତଥା 'ମୋ ସ୍କୁଲ ଅଭିଯାନରେ ନବୀକରଣ ଚାଲିଥିବା ବେଳେ ସ୍କୁଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସର୍ବଶିକ୍ଷା ଅଭିଯାନ କନିଷ୍ଠଯନ୍ତ୍ରୀ ଓ ବିଷମକଟକ ବ୍ଲକ ବିଡ଼ିଓ, ତହସିଲଦାର, ବିଇଓ ଏବଂ କନିଷ୍ଠଯନ୍ତ୍ରୀଙ୍କ ସହ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ଜିଲ୍ଲା ବିଜେଡ଼ି ସଭାପତି ସୁଧୀର କୁମାର ଦାସ ଉପସ୍ଥିତ ଥିଲେ। ଜିଲ୍ଲାପାଳ ମିଶ୍ର ବିଦ୍ୟାଳୟର ଉତ୍କୃଷ୍ଟମାନର ଶିକ୍ଷା ଦେବା ନିମନ୍ତେ ସ୍ମାର୍ଟକ୍ଲାସ, ଲାଇବ୍ରେରି ଓ ଡିଜିଟାଲ ପ୍ରଣାଳିରେ ଶିକ୍ଷାପ୍ରଦାନ ନିମନ୍ତେ ବିଦ୍ୟାଳୟର ପରିସରରେ ସ୍ୱଚ୍ଛ ଓ ଆକର୍ଷଣ କରି ବିଦ୍ୟାଳୟ ସଜାଇବା ପାଇଁ ପରାମର୍ଶ ଦେଇଥିଲେ ।

## ହାବିଲଦାର; କନଷ୍ଟେବଲ ସଂଘ ନିର୍ବାଚନ



**ଗୁଣୁପୁର,୨୪।୯ (ସମିସ):** ରାୟଗଡ଼ା ଜିଲ୍ଲାର ବିଭିନ୍ନ ଥାନାରେ ଆଜି କନେଷ୍ଟବଳ ଓ ହାବିଲଦାର ମାନଙ୍କୁ ନେଇ ସଭାପତି ଓ ସମ୍ପାଦକ ପଦ ପାଇଁ ଗୁଣୁପୁର ଆଦର୍ଶ ଥାନାରେ ମତଦାନ ହୋଇଛି। ଏଥିରେ ୫୫ ଜଣ କନେଷ୍ଟବଳ ଓ ହାବିଲଦାର ମତଦାନ କରିବା ନେଇ ତାଲିକା ରହିଛି। ସମସ୍ତ ୫୫ ଜଣ ମତଦାନ କରିଥିବା ନେଇ ନିର୍ବାଚନ ଅଧିକାରି ତଥା ଗୁଣୁପୁର ଆଦର୍ଶ ଥାନା ଅଧିକାରି କହିଛନ୍ତି। ଏହି ନିର୍ବାଚନ ଆଜି ସକାଳ ୭ରୁ ଦିନ ୧ ଘଣ୍ଟା ପର୍ଯ୍ୟନ୍ତ ମତଦାନ କରିବା ନେଇ ସମୟସୀମା ରହିଛି। ଶାନ୍ତି ସୁରକ୍ଷାରେ ଗୁଣୁପୁର ଆଦର୍ଶ ଥାନାରେ ମତଦାନ ସରିଛି। ସଭାପତି ପଦ ପାଇଁ ୩ ଜଣ ପ୍ରତିଦ୍ୱନ୍ଦିତା କରୁଥିବା ଜଣାପଡିଛି। ସେମାନେ ହେଲେ ବିରଞ୍ଚି ନାରାୟଣ ଚୌଧୁରି, ଶେଖ୍ ମୁକ୍ତାଜ୍, ବେଲାଲସେନ ହଲବା। ସାଧାରଣ ସମ୍ପାଦକ ପାଇଁ ୩ ପାର୍ଥୀ ହେଲେ କୃଷ୍ଣଚନ୍ଦ୍ର ମହାଙ୍କୁଡ଼, ଚିତ୍ତରଞ୍ଜନ ରଥ, ନାଇକା ଜାକାକା ରହିଛନ୍ତି। ଆସନ୍ତାକାଲି ଏହି ନିର୍ବାଚନର ଫଳାଫଳ ଘୋଷଣା ହେବ। ଏହି ନିର୍ବାଚନରେ ନିର୍ବାଚନ ଅଧିକାରି ରୁପେ ପ୍ରତି ଥାନାର ଆଇଆଇସି ରହିଛନ୍ତି। ଏହି ନିର୍ବାଚନ ପ୍ରତି ଦୁଇ ବର୍ଷରେ ଥରେ କରାଯାଉଥିବା ମତଦାତାଙ୍କ ପାଖରୁ ଜଣାପଡ଼ିଛି।

## ଶହୀଦ ପ୍ରଶାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ

**କୋଷାଗୁମୁଡା,୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ବସ୍ଷ୍ଟାଣ୍ଡ ପରିସରରେ ଶୁକ୍ରବାର ଶହୀଦ ପ୍ରଶାନ୍ତ ପାତ୍ରଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି । ଏହି ଅବସରରେ ବସଷ୍ଟାଣ୍ଡରେ ଥିବା ଶହୀଦ ପାତ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ବ୍ଲକ ଅଧକ୍ଷା ଗୀତାରାଣୀ ସମରଥ, ପାପଡାହାଣ୍ଡି ଏସ୍ଡିପି ଓ ଆଦିତ୍ୟ ସେନ, କୋଷାଗୁମୁଡା ଥାନା ଏସ୍‌ଆଇ ଆଲୋକ ପ୍ରସାଦ ଭୋଇ, ମୋଟର ୟୁନିୟନ ସଭାପତି କେ.ଏନ.ରାଜୁ, ସ୍ଥାନୀୟ ସରପଞ୍ଚ ନେତ୍ରୁ ପୂଜାରୀ, ଶହୀଦଙ୍କ ପିତା କାଂହୁ ଚରଣ ପାତ୍ର ଓ ପରିବାରବର୍ଗ ଉପସ୍ଥିତ ହୋଇ ତାଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଥାଉକି, ୨୪ ସେପ୍ଟେମ୍ବର ୨୦୧୧ ରେ ତତ୍କାଳୀନ ଉମରକୋଟ ବିଧାୟକ ଜଗବନ୍ଧୁ ମାଝି ରାଇଘରର ଗନା ହାଟପଦା ଠାରେ ଏକ ଗୃହ ପଟ୍ଟା ବିତରଣ ସଭାରେ ଆତତାୟୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ । ଉକ୍ତ ସମୟରେ ସୁରକ୍ଷାରେ ଥିବା ପୋଲିସ କନଷ୍ଟେବଳ ପ୍ରଶାନ୍ତ ପାତ୍ର ମଧ୍ୟ ଆତତାୟୀଙ୍କ ଗୁଳିରେ ଶହୀଦ ହୋଇଥିଲେ ।




## ଜାତୀୟ ସେବା ଯୋଜନା ଦିବସରେ ୨୧ ୟୁନିଟ୍ ରକ୍ତ ସଂଗୃହିତ



**ଗୁଣୁପୁର,୨୪।୯ (ସମିସ):** ଗୁଣପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ରମେଶ ସାହୁ ଓ ଡାକ୍ତର ଲକ୍ଷ୍ମଣ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାସହ କୋଭିଡ୍ ଟିକା ଗ୍ରହଣର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି, ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋଡିଙ୍ଗାରେ 'ଜାତୀୟ ସେବା ଯୋଜନା ଦିବସ'




**କୋଷାଗୁମୁଡ଼ା,୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ "ଜାତୀୟ ସେବା ଯୋଜନା ଦିବସ" ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଯୁବସମାଜସେବୀ ତ୍ରିପତି ପଟ୍ଟନାୟକ ଯୋଗ ଦେଇ ମୁଦ୍ରା ବିଜ୍ଞାନ ବିଷୟରେ ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ତାଲିମ ଦେଲେ । ଏହାସହ ନିଜେ ସୁସ୍ଥ ରହିବା ସହ ଅନ୍ୟମାନଙ୍କୁ ସୁସ୍ଥ ରହିବାର ଜ୍ଞାନ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଧକ୍ଷା ଅମିତା ରାୟଙ୍କ ସଭାପତିତ୍ୱରେ ଅଧ୍ୟାପକ ବିବେକ କୁମାର ମହାଲିକ, ଦାମୋଦର ସାହୁ, ପଞ୍ଚାନନ ଦୁରିଆ, ଅଖିଳ କୁମାର ଭୋଟ୍ଟୋ, ପ୍ରଦୀପ କୁମାର ସାମନ୍ତ, ଦେବକୀ ଦିଶାରୀ, ସୀମାଞ୍ଚଳ ପଟ୍ଟନାୟକ ଉପସ୍ଥିତ ଥିଲେ। ଅଧକ୍ଷା ରାୟ ସ୍ୱେଚ୍ଛାସେବୀଙ୍କୁ ଗରିବ ଅସହାୟଙ୍କୁ ସେବା ପ୍ରଦାନ ସହ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼. ରବି ନାରାୟଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା ସହ ଏନ୍‌ଏସ୍‌ଏସ୍‌ର ଲକ୍ଷ ଓ ଆଭିମୁଖ୍ୟ ବିଷୟ ରେ କହିଥିଲେ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସସ୍ମିତା ପ୍ରଧାନ, ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଶୈଳବାଳା ରାଉତ, ଯାଦବ ମହାନ୍ତି ପ୍ରମୂଖ କାର୍ଯ୍ରକ୍ରମରେ ସହଯୋଗ କରିଥିଲେ ।

## ଦୁର୍ଘଟଣାରେ ଜଣେ ମୃତ

**ମୁକୁନ୍ଦପୁର, ୨୪।୯ (ସମିସ):** ରାୟଗଡା ଜିଲ୍ଲା କୋଲନରା ବ୍ଲକ୍ ଅଧୀନ ମୁକୁନ୍ଦପୁର ଗ୍ରାମ ପଞ୍ଚାୟତର ହାତୀଖମ୍ବା ନିକଟସ୍ଥ ନୂଆସାହି ନିକଟରେ ଏକ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଦୁର୍ଘଟଣା ପରେ ଚାପା ଉତେଜନା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ହାତୀଖମ୍ବା ସ୍ଥିତ ନୂଆ ସାହିର ମାଉଡି ସୂର୍ଯ୍ୟ (୪୮) ନିଜ ଗାଈ ଆଣିବାକୁ ଯାଇ ଘରକୁ ଫେରୁଥିବା ସମୟରେ ଗୁମା ଲକ୍ଷ୍ମିପୁର ଗ୍ରାମର ଜଣେ ଯୁବକ ସ୍କୁଟି ଯୋଗେ କୋଲନରାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ କୌଣସି କାମରେ ଯାଉଥିବା ବେଳେ ନୂଆସାହି ନିକଟରେ ଦୁର୍ଘଟଣା ଘଟାଇଥିଲେ। ସ୍କୁଟି ଧକ୍କାରେ ମାଉଡି ସୂର୍ଯ୍ୟ ରାସ୍ତା ଉପରେ ଛିଟିକି ହୋଇ ପଡ଼ିଯିବା କାରଣରୁ ତାଙ୍କ ଗୋଡ ଏବଂ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ହର୍ଷଚନ୍ଦ୍ର ପାଣି ଦୁର୍ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ବେଳେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠାଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ଲୋକେ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ଦାବି କରିଛନ୍ତି।

**● ଖବର ପ୍ରକାଶ ପରେ ନାମକୁ ମାତ୍ର ତତ୍ପରତା**

## ଉପର ଠାଉରିଆ ଭାବେ ସଫା ହେଉଛି ଡ୍ରେନ୍

**ତେନ୍ତୁଳିଖୁଣ୍ଟି , ୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗ୍ରାମରେ ସ୍ୱଳ୍ପ ବୃଷ୍ଟି ହେଲେ ଗ୍ରାମ ମଧ୍ୟରେ ପାଣି ଜମି ରହୁଥିବା ଏବଂ ୫ ସାହି ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ 'ସକାଳ' ଖବର କାଗଜରେ ଗତ ୧୬ ତାରିଖରେ ଖବର ପ୍ରକାଶ ପାଇଥିଲା। ଖାତିଗୁଡା ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ଫେଲ ମାରିଥିବା ନେଇ ଖବର ପ୍ରସାରଣ ହେବାପରେ ତତ୍ପରତା ପ୍ରକାଶ କଲେ ଉପରିସ୍ଥ ଅଧିକାରୀ । କିନ୍ତୁ ଏହି ତତ୍ପରତା କେବଳ ବିଭାଗୀୟ ଅଧିକାରି ଏବଂ ଠିକାଦାରଙ୍କୁ ସୁହାଉଛି ଲୋକଙ୍କୁ ନୁହଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଆବର୍ଜନା ପୂର୍ଣ୍ଣ ଡ୍ରେନେଜ ସଫେଇ ପାଇଁ ନିର୍ଦ୍ଦେଶ ଆସିଲା ସତ କିନ୍ତୁ ମନଇଚ୍ଛା ଭାବରେ ଉପରୁ ଉପରୁ କିଛି ଆବର୍ଜନା ଖାଲି କରି କାମ ସାରିଦେଲେ ଠିକାଦାର। ସମ୍ପୂର୍ଣ ନାଳର ଆବର୍ଜନା ନକାଢ଼ି କେବଳ ଉପରୁ କିଛି ଆବର୍ଜନା କାଢୁଥିବାରୁ ଅସନ୍ତୋଷ ଦେଖାଦେଲା। ଲୋକେ କାର୍ଯ୍ୟରତ ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ସଫା କରିବାକୁ କହିବାରୁ ଠିକାଦାର ଯେତିକି କହିଛନ୍ତି ସେତିକି କାଢିବୁ ବୋଲି ଉତ୍ତର ଦେଇଥିଲେ। ଲୋକଙ୍କ ଅସୁବିଧା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ପ୍ରସାରିତ ଖବରକୁ ଢାଲ କରି କେବଳ ଯନ୍ତ୍ରୀ ଏବଂ ଠିକାଦାର ମାଲେମାଲ ହେଉଥିବା ବେଳେ ଲୋକଙ୍କ ସ୍ୱାର୍ଥ କୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଛି । ତେବେ ନାଳରୁ ସମ୍ପୂର୍ଣ ମାଟି କାଢ଼ିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ । ଏନେଇ ପଂଚାୟତ ନିର୍ବାହୀ ଅଧିକାରୀ ଅମିତ କୁମାର ଭୂଷଣ ଏବଂ ବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ପଚାରିବାରୁ ଉଭୟ ମୁ ବୁଝୁଛି ବୋଲି କହିଛନ୍ତି ।

### ଜିଲ୍ଲାପାଳଙ୍କ ବିଷମ କଟକ ଗସ୍ତ

## ଜେଲ୍ ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟର କଲେ ସମୀକ୍ଷା

**ବିଷମ କଟକ, ୨୪।୯ (ସମିସ)**



ରାୟଗଡା ଜିଲ୍ଲାପାଳ ସରୋଜ କୁମାର ମିଶ୍ର ବିଷମ କଟକ ଗସ୍ତ କରିଛନ୍ତି। ପ୍ରଥମେ ବିଷମ କଟକ ବ୍ଲକ୍ର ଦୁର୍ଗୀ ପଞ୍ଚାୟତ ଗ୍ରସ୍ତ କରିଛନ୍ତି। ଦୁର୍ଗୀ ସହକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନିର୍ମାଣାଧୀନ ସ୍ମାର୍ଟ କ୍ଲାସରୁମ୍ର ତଦାରଖ କରିଛନ୍ତି। ଏହାପରେ ଡାଳିଆକୁଜି ପଞ୍ଚାୟତ ଅଧୀନରେ ଥିବା ନିୟମଗିରୀର ବଡ଼ ଦ୍ୱାରଗୁଡି ଓ ସାନ ଦ୍ୱାରଗୁଡିର ନୂତନ ଭାବେ ରାସ୍ତା ନିର୍ମାଣ ହେଉଥିବା କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳଙ୍କ ଗ୍ରସ୍ତ ସମୟରେ ଉପସ୍ଥିତ ଥିବା ଡଙ୍ଗରିଆ ମାନଙ୍କ ସହ ଆଲଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଛନ୍ତି। ପିଡିଏସ୍ ଚାଉଳ, ଭତ୍ତା ଓ ସରକାରଙ୍କ ସମସ୍ତ ଯୋଜନା ସେମାନଙ୍କ ପାଖରେ ଠିକ୍ ଭାବେ ପହଞ୍ଚୁଛି କି ନାହିଁ ସେନେଇ ପଚାରିଥିଲେ। ପରେ ବିଷମ କଟକ ବ୍ଲକ୍ ଛାଞ୍ଚଡାଗୁଡ଼ା ପାଞ୍ଚୟତ ଅଧୀନରେ ଥିବା ଜେଲ୍ ପରିଦର୍ଶନ କରିଥିଲେ। ଜେଲ୍‌ରେ କଏଦୀଙ୍କ ସହ ଆଲଚନା କରି ସେମାନଙ୍କୁ ଖାଇବା ପିଇବା ଠିକରେ ଦିଆଯାଉଛିକି ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି କି ନାହିଁ ଆଦି ସେମାନଙ୍କୁ ପଚାରିଥିଲେ। ଜେଲ୍ ପରିଦର୍ଶନ ପରେ ବିଷମ କଟକ ବ୍ଲକ ସଦର ସହକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି , ବିଷମ କଟକ , ମୁନିଗୁଡା ଓ ଚନ୍ଦ୍ରପୁର ଏହି ତିନଟି ବ୍ଲକ୍ର ପଧାନ ଶିକ୍ଷକଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ରାୟଗଡା ଫେରିଥିଲେ। ଜିଲ୍ଲାପାଳଙ୍କ ଏହି ଗ୍ରସ୍ତ ସମୟରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକଡ଼ା , ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଓ କନିଷ୍ଠ ଯନ୍ତ୍ରୀ ସୁଧାକର ରାଓ ଉପସ୍ଥିତ ଥିଲେ ।

### ଦିଲ୍ଲୀ ଓ ଗୁଜରାଟରେ କମିଲାଣି କରୋନା

# ଓଡ଼ିଶାରେ ୪ଶହ ତଳକୁ ଖସୁନି

## ଆହ୍ୱାନ ସୃଷ୍ଟି କରିବ ପାର୍ବଣ ଋତୁ

ଭୁବନେଶ୍ୱର,୨୪।୯(ସମିସ): ସବୁ ଆଡ଼େ କୋଭିଡ୍ ସଂକ୍ରମଣ ହ୍ରାସ ପାଉଛି। କିନ୍ତୁ ଓଡ଼ିଶାରେ ବିଶେଷକରି ଭୁବନେଶ୍ୱର ଓ ଖୋର୍ଦ୍ଧା ସମତେ କିଛି ଉପକୂଳ ଜିଲ୍ଲାରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିପାରୁ ନାହିଁ। ସର୍ବାଧିକ ପ୍ରଭାବିତ ଥିବା ନୂଆଦିଲ୍ଲୀ, ଗୁଜୁରାଟ ସମେତ ପଡ଼ୋଶୀ ଝାରଖଣ୍ଡ, ଛତିଶଗଡ଼ରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ସେଠାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨୦ରୁ ୫୦ ମଧ୍ୟରେ ସୀମିତ ରହୁଛି। କିନ୍ତୁ ଓଡ଼ିଶାରେ ଆଜି ବି ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୪୫୦ରୁ ୭ ଶହ ମଧ୍ୟରେ ରହୁଛି। କେବଳ ଭୁବନେଶ୍ୱରରୁ ୫୦ ପ୍ରତିଶତ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସଂକ୍ରମଣ ହ୍ରାସ ନ ପାଇବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କିଛି ଦିନ ତଳେ କହୁଛନ୍ତି ଏଠାରେ ବାହାରୁ ଆସୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସଂକ୍ରମଣ ହ୍ରାସ ପାଉ ନାହିଁ। କିନ୍ତୁ ଭୁବନେଶ୍ୱର, କଟକ ତୁଳନାରେ ଦିଲ୍ଲୀ, ଗୁଜରାଟରେ କିଛି କମ୍ ଲୋକ ଚଳପ୍ରଚଳ କରୁନଥିବା ବେଳେ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିବା ଚିନ୍ତାଜନକ ବୋଲି କୁହାଯାଉଛି। ଗୁରୁବାର ଦିନ ରାଜ୍ୟରେ ୬୮୮୧୮ ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୫୩୯ (୦.୭୮%) ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୭ ରହିଛି। ଆଜି ଚିହ୍ନଟ ହୋଇଥିବା ପଜିଟିଭ୍‌ଙ୍କ ମଧ୍ୟରୁ ୩୧୬ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ୨୨୩ ହେଉଛନ୍ତି ସ୍ଥାନୀୟ ଆକ୍ରାନ୍ତ।

ଆଜି ଖୋର୍ଦ୍ଧାରୁ ୨୫୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଆଉ ସେଥିରୁ ଭୁବନେଶ୍ୱରର ୨୦୭ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଆଜି ସଂଧ୍ୟା ସୁଦ୍ଧା ୪୯୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ଭୁବନେଶ୍ୱରରେ ଶତପ୍ରତିଶତ ହିତାଧିକାରୀଙ୍କୁ ଟିକା ଦିଆଯାଇ ଥିବା ବେଳେ ସଂକ୍ରମଣ ହ୍ରାସ ନ ପାଇବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଇଣ୍ଡିଆନ୍ ସାରସ୍ କୋଭିଡ୍-୨ ଜିନୋମିକ୍ସ କର୍ସୋଟିୟମ୍ (ଆଇଏନ୍‌ଏସ୍‌ଏସିଓଜି)ର ତଥ୍ୟ ଅନୁସାରେ ଜାନୁଆରୀ ମାସରୁ ଆଜି ସୁଦ୍ଧା ରାଜ୍ୟରେ ୪୨୧୫ ନମୁନାର ଜିନୋମ୍ ସିକ୍ୱେନ୍ସିଂ କରାଯାଇ ଥିବା ବେଳେ ସେଥିରୁ ୨୪୬୬ ନମୁନାରେ ଡେଲ୍ଟା ଭାରିଆଣ୍ଟ ଚିହ୍ନଟ କରାଯାଇଛି। ଏପ୍ରିଲ ମାସ ପରେ ସିକ୍ୱେନ୍ସିଂ ହୋଇଥିବା ନମୁନାରେ ଡେଲ୍ଟା ଭାରିଆଣ୍ଟ ଥିବା ପ୍ରମାଣ ମିଳିଥିବା ବେଳେ ସେଥିରୁ ୯୦ ପ୍ରତିଶତ ନମୁନାରେ ନୂଆ ପରିବର୍ତ୍ତନ ଦେଖାଯାଇଛି। ଆଉ ଏହା ସଂକ୍ରମଣ ବୃଦ୍ଧି ପଛରେ ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି। ତେବେ ଖୁସିର କଥା ଯେ ଭାରିଆଣ୍ଟରେ ପରିବର୍ତ୍ତନ ଯୋଗୁଁ କୋଭିଡ୍ ଆକ୍ରାନ୍ତ ଗୁରୁତର ଅବସ୍ଥାକୁ ଯାଉ ନଥିବା କୁହାଯାଇଛି। ଓଡ଼ିଶାର ଉପକୂଳ ଜିଲ୍ଲାରେ ଦୈନିକ ସଂକ୍ରମଣ ହାର ୧ ପ୍ରତିଶତରୁ ୨ ପ୍ରତିଶତ ମଧ୍ୟରେ ରହୁଛି। ତେବେ ଖୋର୍ଦ୍ଧା ଓ କଟକରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଫଳସ୍ୱରୂପ ଏଠାରେ ସକ୍ରିୟ ମାମଲା ମଧ୍ୟ ଆଶାନୁରୂପ ଭାବେ ହ୍ରାସ ପାଉ ନାହିଁ। ଆଗକୁ ପାର୍ବଣ ଋତୁ ଥିବାରୁ ପରିସ୍ଥିତି ଜଟିଳ ହେବା ଆଶଙ୍କା ଦେଖା ଦେଇଛି।

# ଏମ୍‌ସ ଡାକ୍ତରଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ

## ସ୍ୱାସ୍ଥ୍ୟ ସେବା ଭୁଶୁଡ଼ିପଡ଼ିବା ଆଶଙ୍କା
## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଭୁବନେଶ୍ୱର,୨୪।୯(ସମିସ): ଏମ୍‌ସ ଭୁବନେଶ୍ୱରରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବାରମ୍ବାର ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଏମ୍‌ସ ଫାକଲ୍ଟି ଆସୋସିଏସନ୍ ମଧ୍ୟରେ ପ୍ରତିବାଦର ସ୍ୱର ଘନୀଭୂତ ହେବାରେ ଲାଗିଛି। ଏପରିକି ପ୍ରଶାସନ ଓ ଡାକ୍ତରଙ୍କ ମଧ୍ୟରେ ଉପୁଜିଥିବା ବିବାଦୀୟ ପରିସ୍ଥିତି ହେତୁ ଆଗକୁ ଏମ୍‌ସ, ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯିବା ପରିସ୍ଥିତି ସୃଷ୍ଟି ହେଲାଣି। ଏପରି ଅବସ୍ଥାରେ ଏମ୍‌ସ ଫାକଲ୍ଟି ଆସୋସିଏସନ୍ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଚଳିତ ମାସ କାର୍ଯ୍ୟକାଳ ପୂରଣ କରୁଥିବା ଏମ୍ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଆଉ ତିନି ମାସ ବୃଦ୍ଧି କରାଯାଇ ଥିବା ବେଳେ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବାରମ୍ବାର ବୃଦ୍ଧିକୁ ସଂଘ ତୀବ୍ର ବିରୋଧ କରିଛି। ଫଳ ସ୍ୱରୂପ ଜଣକ ପରେ ଜଣେ ଅସନ୍ତୁଷ୍ଟ ଡାକ୍ତର ଇସ୍ତଫା ଦେଇ ଏମ୍‌ସ ଛାଡୁଛନ୍ତି। ସମସ୍ୟାର ସମାଧାନ ପରିବର୍ତ୍ତେ ସଂଘର କର୍ମକର୍ତ୍ତାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ବେନାମୀ ଅଭିଯୋଗ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଧମକ ଦିଆଯାଉ ଥିବା ଫାକଲ୍ଟିଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ଏମ୍‌ସରେ ବିଭିନ୍ନ କାରଣରୁ ଅନେକ ଦିନ ହେବ ପ୍ରଶାସନ ଓ ଫାକଲ୍ଟି ଆସୋସିଏସନ୍ ମଧ୍ୟରେ ବିବାଦ ଲାଗି ରହିଛି। ବିରୋଧ କରୁଥିବା ଡାକ୍ତରଙ୍କୁ ବିଭିନ୍ନ ଆଳ ଦେଖାଇ ପଦୋନ୍ନତିରୁ ବଞ୍ଚିତ କରାଯାଉ ଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉ ଥିବା ଅଭିଯୋଗ ହୋଇଛି। ନିକଟରେ ସଂଘର ସଭାପତି ଡାକ୍ତର ସୁନୀଲ କୁମାର ରାଉତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଆପଣ ଠିକ୍ ଭାବେ ଚିକିତ୍ସା କରୁ ନାହାନ୍ତି କିମ୍ବା ପାଠ ପଢ଼ାଉ ନାହାନ୍ତି। କନିଷ୍ଠ ଡାକ୍ତରଙ୍କୁ ପଦୋନ୍ନତି ମିଳୁଥିବା ବେଳେ ବରିଷ୍ଠଙ୍କୁ ଉପେକ୍ଷା କରାଯାଉ ଥିବା ଅଭିଯୋଗ ହୋଇଛି। ଫଳରେ ଇତିମଧ୍ୟରେ ପ୍ରାୟ ୨୭ ଜଣ ଡାକ୍ତର ଚାକିରୀ ଛାଡ଼ିଥିବା ବେଳେ ଚଳିତ ବର୍ଷ ୪ ଜଣ ଡାକ୍ତର ଏମ୍‌ସରୁ ନିଜକୁ ଦୂରେଇ ନେଇଛନ୍ତି। ଏମ୍‌ସରେ ପ୍ରାୟ ଶହେ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ଉପରେ ପ୍ରବଳ ଚାପ ପଡୁଛି। ଠିକାରେ କାମ କରି ନିର୍ଯ୍ୟାତନା ସହିବାକୁ ସେମାନେ ଆଉ ଗ୍ରହଣ କରିପାରୁ ନାହାନ୍ତି। ଏନେଇ ଏମ୍‌ସ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

### ଏସଏଲବିସି ବୈଠକରେ କରୋନା ପରବର୍ତ୍ତୀ ଅର୍ଥନୀତିକୁ ଗୁରୁତ୍ୱ

# ସାମାଜିକ ଭିତ୍ତିଭୂମିର ବିକାଶରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ



## ଋଣ ପରିମାଣ ବଢ଼ାଇବା ଉପରେ ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୪।୯(ସମିସ): ଧୀରେଧୀରେ ଅର୍ଥନୀତି ପୂର୍ବ ଅବସ୍ଥାକୁ ଫେରିବାକୁ ଲାଗିଛି। ତେଣୁ ସାମାଜିକ ଭିତ୍ତିଭୂମିର ପ୍ରତି କ୍ଷେତ୍ରର ବିକାଶ ପାଇଁ ବ୍ୟାଙ୍କ୍‌ଗୁଡିକ ଆଗେଇ ଆସିବା ଉଚିତ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ଏହା ସହିତ ରାଜ୍ୟର ଦୁଇ-ତୃତୀୟାଂଶ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ୍ ଶାଖା ନାହିଁ। ତେଣୁ ଚଳିତ ଆର୍ଥିକ ବର୍ଷରେ ମୁଖ୍ୟ ଶାଖା ଗୁଡିକ ବ୍ୟାଙ୍କ୍ ନ ଥିବା ସ୍ଥାନରେ ଖୋଲିବାକୁ ପଦକ୍ଷେପ ନେବାକୁ ଶୁକ୍ରବାର ଏସ୍‌ଏଲ୍‌ବିସି ବୈଠକରେ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ଯୋଗ ଦେଇ ଉନ୍ନୟନ କମିସନର ପ୍ରଦୀପ ଜେନା କହିଥିଲେ ଯେ, କିଛିମାତ୍ରାରେ ସ୍ଥିତି ସୁଧୁରିଛି। କୃଷି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ କ୍ଷେତ୍ରରେ ଋଣ ଯୋଗାଣ ଜାରି ରହିଛି। ହେଲେ ନଗଦ ଜମା ଅନୁପାତ ହ୍ରାସ ପାଇବା ଉଦବେଗର ବିଷୟ। ତେଣୁ ବ୍ୟାଙ୍କ୍‌ମାନେ ମିଳିତ ଉଦ୍ୟମ କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

ଚଳିତ ବର୍ଷ ବ୍ୟାଙ୍କ୍ ୧, ୧୦,୦୦୦ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରି ବାର୍ଷିକ ଟାର୍ଗେଟ ହାସଲ କରିବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ବ୍ୟାଙ୍କ ପ୍ରତିନିଧିମାନଙ୍କୁ କହିଥିଲେ। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଋଣ ଯୋଗାଇଥିବା ସର୍ବୋତ୍କୃଷ୍ଟ ବ୍ୟାଙ୍କ୍ ଶାଖାଗୁଡିକ ୨୦୨୦-୨୧ ବର୍ଷ ପାଇଁ ଚୟନ କରାଯାଇ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପରିମାଣକୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମଇ ସଚିବ ସତ୍ୟବ୍ରତ ସାହୁ, କୃଷି ସଚିବ ସୁରେଶ ବଶିଷ୍ଠ ସେମାନଙ୍କ କ୍ଷେତ୍ରରେ ଅଧିକ ଋଣ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ୍ ଗୁଡିକ ନୋଡାଲ ଅଧିକାରୀମାନଙ୍କୁ ହିତାଧିକାରୀଙ୍କ ତଥ୍ୟ ପ୍ରଦାନ କରନ୍ତୁ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ ଆର. ରଘୁ ପ୍ରସାଦ କହିଥିଲେ।

ଏସଏଲବିସି ସାଧାରଣ ପରିଚାଳକ ତଥା ଆବାହକ ଅରୂପାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଏସଏଲବସି ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ଏ.କେ ଗୋଏଲ, ଆରବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏଚ.ଏନ୍ ପଣ୍ଡା, ନାବାର୍ଡ ମୁଖ୍ୟ ସାଧାରଣ ପରିଚାଳକ ସି. ଉଦୟ ଭାସ୍କର, ଏସବିଆଇ ମୁଖ୍ୟ ସାଧାରଣ ପରିଚାଳକ ବିଦ୍ୟା କ୍ରିଷ୍ଣନ୍, ୟୁକୋ ବ୍ୟାଙ୍କ ଅଫ ଇଣ୍ଡିଆର ରମାକାନ୍ତ ପ୍ରଧାନ, ଇଣ୍ଡିଆନ ବ୍ୟାଙ୍କ୍‌ର ସାଧାରଣ ପରିଚାଳକ ଏସ୍.ଏନ୍ ରୟ ଏବଂ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଓ ଆର୍ଥିକ ସେବା ବିଭାଗ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍ତର ବାଲେଶ୍ୱର ଅବସ୍ଥା ବିପନ୍ନ

# ଖସୁନି ଜଳକା, ପୁଣି ବୁଡ଼େଇଲା ସୁବର୍ଣ୍ଣରେଖା

ବାଲେଶ୍ୱର,୨୪।୯(ସମିସ): ସୁବର୍ଣ୍ଣରେଖା ନଦୀରେ ପୁଣି ବନ୍ୟା। ଝାଡ଼ଖଣ୍ଡର ଛୋଟନାଗପୁର ଉପତ୍ୟକାରେ ଅଧିକ ବୃଷ୍ଟିପାତ ସାଙ୍ଗକୁ ମୟୂରଭଞ୍ଜ ଶିମିଳିପାଳ ଜୈବମଣ୍ଡଳରେ ଅଧିକ ବର୍ଷାରେ ସୁବର୍ଣ୍ଣରେଖା ଫୁଲିଛି। ଲଗାତାର ଝାଡ଼ଖଣ୍ଡର ଗାଲୁଡ଼ିହି ଗ୍ୟାରେଜରୁ ପାଣି ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖାରେ ପୁଣି ବନ୍ୟା ପରିସ୍ଥିତି ଉଦବେଗଜନକ ହୋଇଛି। ଗତ କିଛିଦିନ ଧରି ଲଗାତାର ବର୍ଷା ପାଇଁ ତଳି ଅଞ୍ଚଳରୁ ପାଣି ଛାଡ଼ି ନଥିବା ବେଳେ ପୁଣି ସୁବର୍ଣ୍ଣରେଖା ଉଛୁଳିବା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅଧିକାଂଶ ସ୍ଥାନରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ନଦୀର ଜଳସ୍ତର। ଝାଡଖଣ୍ଡର ଗାଲୁଡିହି ବ୍ୟାରେଜରୁ ଗତ ଦୁଇ ଦିନରେ ପର୍ଯ୍ୟାୟ କ୍ରମେ ୧୧ ହଜାର ୩ ଶହ କ୍ୟୁସେକ ପାଣି ନିଷ୍କାସନ କରାଯାଇଛି। ଫଳରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ସୁବର୍ଣ୍ଣରେଖା ନଦୀର ରାଜଘାଟ ନିକଟରେ ସତର୍କ ସଂକେତ ୯.୪୫ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୦.୩୬ ମିଟର ଉପରେ ପ୍ରବାହିତ ହେବାରେ ଲାଗିଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଛି। ଅନେକ ଗାଁରେ ପାଣି ପଶିଥିବାରୁ ଲୋକଙ୍କ ବିପନ୍ନ ଅବସ୍ଥା ଦେଖିବାକୁ ମିଳୁଛି। ସୁବର୍ଣ୍ଣରେଖା ନିକଟସ୍ଥ ସନ୍ତୋଷପୁର, ଭେଲୋରା, ପାଉଁଶକୁଲି, ରଘୁନାଥପୁର ଓ କାଦରାୟାଁ ଆଦି ପଞ୍ଚାୟତରେ କିଛି ଗାଁରେ ବନ୍ୟାଜଳ ପଶିଥିବା ଜଣା ପଡ଼ିଛି। ନଦୀର ଜଳସ୍ତର ବଢୁଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

ଭୋଗରାଇ ବ୍ଲକର ୧୮ ପଞ୍ଚାୟତର ୮୦ରୁ ଅଧିକ ଗାଁ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି। ୧୦ ହେକ୍ଟରରୁ ଅଧିକ ଚାଷ ଜମି ପୁଣି ଜଳମଗ୍ନ ହୋଇଛି। ୧୫ରୁ ଅଧିକ ପ୍ରଧାନମନ୍ତ୍ରୀ ସଡ଼କ ଉପରେ ୩ରୁ ୪ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ସମସ୍ତ ଗାଁ ରାସ୍ତା ବୁଡ଼ି ଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।


ସେହିପରି ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ ବ୍ଲକର ଚଡବଡ଼ାପାଳ, ବଡ଼ ଖାନପୁର, ସର୍ଦ୍ଦାର ସାହି, ପାଳଚମ୍ପି, କଣ୍ଟାବଣୀ, ସୂର୍ଯ୍ୟାପୁର, ରାମନଗର ରସଲପୁର, ବିଷ୍ଣୁପୁର, ଇକଡ଼ପାଳ, ନୟାବାଲି, କୁଦମାନସିଂ, ସୂଂଗମୁଂହ, ଗୁନାପୁର, ଆଠବାଟିଆ, ତଳ ବାଲିଆପାଳ, ଜାମକୁଣ୍ଡା, ପାଳ ଜାମକୁଣ୍ଡା, କାଳରୁଇ, କୁଲାଚଡ, ତାଳପଦା, ନଖପାଳ, ଚୌଧୁରୀକୁଦ, ଚଡବସ୍ତ କାଳରୁଇ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବା ଜଣାପଡ଼ିଛି।

ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା, ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହେତୁ ବସ୍ତା ବ୍ଲକରେ ପ୍ରବାହିତ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜଳ ସ୍ତର ଆଜି ଗତକାଲି ଠାରୁ ସାମାନ୍ୟ କମି ଥିବା ବେଳେ ଏବେ ବି ଜଳକା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳକା ମଥାନି ଠାରେ ବିପଦ ସଂକେତ ୫.୫ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ୬.୪୧ ମିଟର ଉପରେ ପ୍ରବାହିତ ହେଉଛି। ଜଳକା ବନ୍ୟାରେ ବସ୍ତା ବ୍ଲକ ଅଞ୍ଚଳବାସୀ ଅଧିକାଂଶ କ୍ଷତି ହେଉଛ। ତତ ସହିତ ସଦର ବ୍ଲକ ଅଞ୍ଚଳକୁ ପୁଣି ବନ୍ୟା ପାଣି ପ୍ରବେଶ କରିଛି। ବାଲେଶ୍ୱର ସଦର ବ୍ଲକର ଶ୍ରୀରାମପୁର ଏବଂ ରସୁଲପୁର ଗ୍ରାମ ପଞ୍ଚାୟତରେ ବନ୍ୟାଜଳ ଘେରରେ ଅଛି। ରାସ୍ତା ଉପରେ ବନ୍ୟା ପାଣିର ସ୍ରୋତ ଥିବାରୁ ଗମନାଗମନ ସମ୍ପୂର୍ଣ ଭାବେ ବିଚ୍ଛିନ୍ନ ହୋଇଅଛି। ଜିଲ୍ଲା ପ୍ରଶାସନ ବନ୍ୟା ଅଞ୍ଚଳରେ ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ରିଲିଫ କାମରେ ଲାଗିଛନ୍ତି।

### ● ଭୂୟାଁ ଜୁଆଙ୍ଗପୀଢ଼ ଅଞ୍ଚଳରେ ବାର୍‌ହା ଓ ହାତୀଙ୍କ ଉତ୍ପାତ

# ଫସଲ ବଞ୍ଚାଇବାକୁ ଗଛ ଉପରେ ରାତି ଅନିଦ୍ରା

 କେନ୍ଦୁଝର,୨୪।୯(ସମିସ): କେନ୍ଦୁଝର ଜିଲ୍ଲା ଏକ ବଣ ଜଙ୍ଗଲ ଘେରା ଜିଲ୍ଲା ଅଟେ। ଏଠାକାର ବିଭିନ୍ନ ବଣ ଜଙ୍ଗଲରେ ଜଙ୍ଗଲୀ ହାତୀ ସହିତ ବାର୍‌ହା ରହିଛନ୍ତି। ବର୍ତ୍ତମାନ ଖରିଫ ଋତୁରେ ଗୋଡ଼ା ଧାନ ପାଚିବା ବେଳ ଆସିଛି। ଏଥିସହ ମକା, କାକୁଡ଼ି ଏବଂ ଅନ୍ୟାନ୍ୟ ଫସଲର ଅମଳ ବେଳ। ପାହାଡ଼ି ଲୋକେ ଜଙ୍ଗଲକୁ ଲାଗିଥିବା ଜମିଗୁଡ଼ିକରେ ଗୋଡ଼ା ଧାନ ଅଧିକ ପରିମାଣରେ ଚାଷ କରିଥାନ୍ତି ଏବଂ ପୋଡୁଚାଷ ମଧ୍ୟ କରିଥାନ୍ତି। ବର୍ତ୍ତମାନ ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଶହଶହ ଏକର ଜମିରେ ଗୋଡ଼ାଧାନ ପାଚି ଆସୁଚି। ଏଭଳି ପରିସ୍ଥିତିରେ ଜଙ୍ଗଲ ନିକଟ ଜମିଗୁଡ଼ିକର ଧାନକୁ ହାତୀ ଓ ବାର୍‌ହା ନଷ୍ଟ କରୁଛନ୍ତି। ଏହାକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ନିଜ ଫସଲକୁ ସୁରକ୍ଷା ଦେବା ଲକ୍ଷ୍ୟରେ କେତେକ ସ୍ଥାନରେ ବଡ଼ବଡ଼ ଗଛରେ ମଞ୍ଚା ବାନ୍ଧି ରାତ୍ରି ଉଜାଗର ହୋଇ ଫସଲକୁ ସୁରକ୍ଷା ଦେଉଛନ୍ତି ଲୋକେ। ମଞ୍ଚା ଉପରେ ରାତିରେ ରହିବା ବିପଦ ଥିଲେ ମଧ୍ୟ ଜୀବନକୁ ଅଦରି ଫସଲକୁ ବଞ୍ଚାଇବା ଲକ୍ଷ୍ୟରେ ଗଛ ଉପର ମଞ୍ଚାରେ ରାତ୍ରିଯାପନ କରିବାକୁ ବାଧ ହେଉଛନ୍ତି। ବିଶେଷକରି ଯାତ୍ରା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଅଞ୍ଚଳ, କାଦକଳା ପଞ୍ଚାୟତର କେତେକ ଅଞ୍ଚଳ, ଚମ୍ପେଇ ପଞ୍ଚାୟତର କେତେକ ଅଞ୍ଚଳ ତରମାକାନ୍ତ, ଦଇଁଳା ପ୍ରଭୃତି ଅଞ୍ଚଳରେ ଲୋକେ ଫସଲ ବଞ୍ଚାଇବା ପାଇଁ ଗଛରେ ମଞ୍ଚା ବାନ୍ଧିଥିବା ଦେଖାଯାଇଛି।



## ୨ଦିନ ହେଲାଣି ପ୍ରସବ ବେଦନାରେ ଛଟପଟ



ଚମ୍ପୁଆ,୨୪।୯(ସମିସ): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦଳକ ଜଙ୍ଗଲରେ ରହିଥିବା ଜଙ୍ଗଲୀ ହାତୀପଲ ମଧ୍ୟରେ ଗୁରୁବାର ସକାଳୁ ୨ ଶାବକ ଜନ୍ମ ନେଇଥିବାବେଳେ ଗୋଟିଏ ମାଇହାତୀ ୨ଦିନ ହେଲା ପ୍ରସବ ବେଦନାରେ ଛଟପଟ ହେଉଥିବାବେଳେ ବନବିଭାଗ, ପୁଲିସ ଓ ପ୍ରାଣୀଧନ ଚିକିତ୍ସକ ଘଟଣା ସ୍ଥଳରେ ରହି ତୀକ୍ଷ୍ଣ ନଜର ରଖିଛନ୍ତି। ମାଆ ହାତୀଟି କଷ୍ଟରେ ମାଟିରେ ଗଡୁଥିବାବେଳେ ଅନ୍ୟ ହାତୀ ତାକୁ ଜଗିରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, କିଛିଦିନ ପୂର୍ବରୁ ୨୫ଟି ହାତୀ ମୟୂରଭଞ୍ଜରୁ ଚମ୍ପୁଆ ରେଞ୍ଜ ଅଞ୍ଚଳକୁ ପଶି ଆସିଥିବାବେଳେ ଜାମୁଦଳକ ଜଙ୍ଗଲରେ ଗୁରୁବାର ୨ଟି ହାତୀ ଭୋର୍ ସମୟରେ ହାତୀଛୁଆ ଜନ୍ମ ଦେଇଥିବାବେଳେ ଆଉ ଗୋଟେ ମାଇହାତୀ ପ୍ରସବ ବେଦନାରେ ଛଟପଟ ହେଉଛି। ବନବିଭାଗ ଘଟଣାସ୍ଥଳରେ ଜଗି ରହିଛି। ହାତୀ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହିତ ହାତୀକୁ ହଇରାଣ ହରକତରୁ ଦୂରେଇ ରଖିବା ପାଇଁ ସେଠାରେ ପୁଲିସ ଜଗିରହିଛି।

# ବିଜେଡି ଏକ ଦଳ ନୁହେଁ; ସାମାଜିକ ଆନ୍ଦୋଳନ: ପ୍ରଣବ





## ବିଜେଡିରେ ଯୋଗଦେଲେ ଧର୍ମଶାଳା ବିଜେପି ନେତା ଓ କର୍ମୀ
## ଦଶରଥପୁର ବ୍ଲକର ଶତାଧିକ ବିଜେପି ଓ କଂଗ୍ରେସ ନେତା ମିଶିଲେ

ଭୁବନେଶ୍ୱର,୨୪।୯(ସମିସ): ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ତିନି ଥର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା (ତୁଷାର) ଆଜି ନିଜର ଶତାଧିକ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶୁକ୍ରବାର ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ସଭାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ତାଙ୍କୁ ସ୍ୱାଗତ କରିଥିଲେ। ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରତାପ କେଶରୀ ଦେବ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ପରିଡ଼ା କହିଥିଲେ ଯେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ଅଦ୍ୱିତୀୟ ନେତା। ଦୀର୍ଘ ୨୨ ବର୍ଷ ଧରି ତାଙ୍କର ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ବିକାଶ ପଥରେ ଅଗେଇ ଚାଲିଛି। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତୀ ଓ ନିଷ୍ଠାପର ସେବା ମନୋଭାବ ମୋତେ ସର୍ବଦା ଆକୃଷ୍ଟ କରିଛି। ଏଥିସହ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦୃଢ଼ ମାର୍ଗଦର୍ଶନ ମୋତେ ବିଜେଡିରେ ଯୋଗ ଦେବା ପାଇଁ ପ୍ରେରଣା ଦେଇଛି, ଶେଷରେ ଆଜି ମୁଁ ମୋ ପୁରୁଣା ପରିବାରକୁ ପ୍ରତ୍ୟାବର୍ତ୍ତନ କରିଛି। ଆମେ ସମସ୍ତେ ମିଳି ମିଶି ବିଜୁ ଜନତା ଦଳକୁ ଅଧିକ ବଳଶାଳୀ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପରିଡ଼ା କହିଛନ୍ତି।


ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ଶ୍ରୀ ପରିଡ଼ାଙ୍କ ଯୋଗଦାନ ଏହି ଦଳକୁ ଆହୁରି ମଜବୁତ କରିବ। ଜନତା ଦଳରେ ସେ ରାଜନୀତି ଆରମ୍ଭ କରିଥିଲେ ଆଉ ଏହା ହିଁ ତାଙ୍କ ପରିବାର। ଆଜି ତାଙ୍କର ପ୍ରତ୍ୟାବର୍ତ୍ତନ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସହିତ ଅନ୍ୟ ନେତାମାନେ ମଧ୍ୟ ନିଜର ପୁରୁଣା ଦଳକୁ ଫେରିଛନ୍ତି। ଏହି ଦଳରେ ସମସ୍ତଙ୍କ ପାଇଁ ସୁଯୋଗ ରହିଛି। ବିଜେଡିରେ କାହାରିକୁ କେବେ ବି ଅସମ୍ମାନ କିମ୍ବା ହତାଦର କରାଯାଏ ନାହିଁ। ବିଜେଡି କେବଳ ଲୋକଙ୍କ ସେବା ପାଇଁ କାମ କରେ। ବିଜେଡି ହେଉଛି ଏକ ସାମାଜିକ ଆନ୍ଦୋଳନ, ଏହି କଥାକୁ ଶ୍ରୀ ପରିଡ଼ା ଏବଂ ତାଙ୍କ ସମର୍ଥକମାନେ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ଆଗକୁ ଧର୍ମଶାଳାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ଦାସ କହିଥିଲେ।

ଶ୍ରୀ ପରିଡ଼ା ୨୦୦୯, ୨୦୧୪ ଏବଂ ୨୦୧୯ରେ ଧର୍ମଶାଳା ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ। ଜଣେ ଟାଣୁଆ ନେତା ଭାବେ ତାଙ୍କର ସୁନାମ ରହିଛି। ବିଜେଡିରେ ତାଙ୍କର ଯୋଗଦାନ ବିଜେପି ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଶ୍ରୀ ପରିଡ଼ାଙ୍କ ସହିତ ଯାଜପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚୈତନ୍ୟ ସାମଲ, ବିଜେପିର ଟାଣୁଆ ନେତା ମହେନ୍ଦ୍ର କୁମାର ପଣ୍ଡା, ସମ୍ପାଦିକା ମୋନାଲିସା ଦାଶ, କବାଟବନ୍ଧ ମଣ୍ଡଳ ସଭାପତି ବିଜୟ ନାୟକ, ଜେନାପୁର ମଣ୍ଡଳ ସଭାପତି ନିରଞ୍ଜନ ବେହେରା, ଆରୁହା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ଆଶିଷ କୁମାର ବଳ, ଜେନାପୁର ମଣ୍ଡଳ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ମାନସ ମହାନ୍ତି, ପ୍ରଭଞ୍ଜନ ମହାନ୍ତି, ଧବଳେଶ୍ୱର ରାଉତ, ରଘୁନାଥ ବେହେରା, ଶୁକଦେବ ସ୍ୱାଇଁ, ସଚ୍ଚିଦାନନ୍ଦ ପାତ୍ର, ପ୍ରଫୁଲ୍ଲ କୁମାର ବେହେରା (ବୁଲା), ପ୍ରମୋଦ କୁମାର ଦାସ, ଦେବୀ ପ୍ରସନ୍ନ ଦାଶ, କୁଳମଣି ପଣ୍ଡା, ଶରତ ଧଳ, କୈଳାଶ ଦାସ, ଜ୍ଞାନ ରଞ୍ଜନ ମଲ୍ଲିକ୍, ଅଧରକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ଧୀର, ଜୟନ୍ତ ଜେନା, ସୁଶାନ୍ତ କୁମାର ସାହୁ, ମୃତ୍ୟୁଞ୍ଜୟ ଦାସ (ଟୁକୁନା), ପ୍ରକାଶ ନାୟକ (ବୁନୁ), ପ୍ରମୋଦ ନାୟକ (ବାବୁଲି), କାମଦେବ ରାଉତ, ଦିଲ୍ଲିପ୍ କୁମାର ରଥ, ସୁକାନ୍ତ ରାମ, ଅଜୟ ଜେନା, ମନୋଜ ବେହେରା, ସହଦେବ ନାୟକ, ବାବନ ବେହେରା, ଅମୂଲ୍ୟ ଦାସ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି।

ଅପରପକ୍ଷେ ଆଜି ଅପରାହ୍ନରେ ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ୍‌ର ତଲିହା ଓ ବିରାଜପୁର ଗ୍ରାମ ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ୍ ନେତା ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ୍ ନେତା ସୁବାଷ ଚନ୍ଦ୍ର ମିଶ୍ର, ବରିଷ୍ଠ ବିଜେପି ନେତା ରତ୍ନମଣି ପଣ୍ଡା, ପୂର୍ବତନ ନାଏବ ସରପଞ୍ଚ ଅନୁପମା ଦାସ, ବିଜେପି ଯୁବ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ବାରିକ ଓ ମନୋଜ ନାୟକ ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ଏହି ମିଶ୍ରଣ ପର୍ବରେ ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ସମିତି ସଭ୍ୟ ଚନ୍ଦ୍ର ନାରାୟଣ ସାହୁ, ସରପଞ୍ଚ ପ୍ରତାପ ଜେନା, ବିରାଜପୁର ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମୁକ୍ତିକାନ୍ତ ପଣ୍ଡା ଏବଂ ବିଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କ ସଫଳ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): ଦିଲ୍ଲୀର ଆର୍ମୀ ହସ୍ପିଟାଲ(ରେଫରାଲ ଆଣ୍ଡ ରିସର୍ଚ୍ଚ)ରେ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ



ଜାରି ବିବୃତ୍ତିରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଅସ୍ତ୍ରୋପଚାର ସଫଳ ହୋଇଛି ଏବଂ ରାଷ୍ଟ୍ରପତି ହସ୍ପିଟାଲରୁ ଫେରିଛନ୍ତି। ଏହା ପୂର୍ବରୁ ଅଗଷ୍ଟ ୧୯ରେ ଆର୍ମୀ ହସ୍ପିଟାଲରେ ରାଷ୍ଟ୍ରପତିଙ୍କ ଅନ୍ୟ ଏକ ଆଖିର ମୋତିଆବିନ୍ଦୁ ଅସ୍ତ୍ରୋପଚାର ସଫଳ ହୋଇଥିଲା। ସୂଚନାଯୋଗ୍ୟ ଯେ ୭୫ ବର୍ଷୀୟ ରାମନାଥ କୋବିନ୍ଦ ୨୦୧୭ ଜୁଲାଇ ୨୫ରେ ଦେଶର ୧୪ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ।

## ମହିଳାଙ୍କ ଲାଗି ଖୋଲିଲା ଆବେଦନ ୱିଣ୍ଡୋ

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ) ଏବଂ ନୌସେନା ଏକାଡେମୀ ପରୀକ୍ଷା ପାଇଁ ଅବିବାହିତ ମହିଳା/ବାଳିକାଙ୍କୁ ଆବେଦନ କରିବାକୁ ଅନୁମତି ଦେଇଛି ୟୁନିଅନ ପବ୍ଲିକ ସର୍ଭିସ କମିଶନ(ୟୁଏପିଏସସି)। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ୟୁପିଏସସି

**ଏନ୍‌ଡିଏ ୨୦୨୧**

କେବଳ ଅବିବାହିତ ମହିଳା ଆଶାର୍ଥୀଙ୍କ ଲାଗି ନିଜ ୱେବସାଇଟରେ ୟୁପିଏସିଅନଲାଇନ. ଏନଆଇସି. ଇନରେ ଆବେଦନ ୱିଣ୍ଡୋ ଖୋଲିଛନ୍ତି। ୟୁପିଏସି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୮ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହିଳା ପ୍ରାର୍ଥୀ ଆବେଦନ କରିପାରିବେ। ଏହା ପରେ ଆବେଦନ ଗ୍ରହଣ କରାଯିବ ନାହିଁ। ଶାରୀରିକ ମାନଦଣ୍ଡ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ଥିବା ଖାଲି ପଦବୀ ବିଷୟରେ ପ୍ରତିରକ୍ଷା ମନ୍ତ୍ରାଳୟ ଜଣାଇବା ପରେ ଏ ନେଇ ସୂଚନା ଜାରି କରାଯିବ। ଏହି ପରୀକ୍ଷା ପାଇଁ ମହିଳା ଆବେଦନକାରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ। ଏହା ସେମାନଙ୍କ ପାଇଁ ମାଗଣା।

## କରୋନା ଚିକିତ୍ସାରୁ ହଟିଲା ଆଇଭରମେକ୍ଟିନ ଓ ଏଚ୍‌ସିକ୍ୟୁ

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): କରୋନା ଚିକିତ୍ସାରେ ବ୍ୟବହୃତ ଔଷଧ ତାଲିକାରୁ ଆଇଭରମେକ୍ଟିନ ଏବଂ ହାଇଡ୍ରୋକ୍ସି କ୍ଲୋରୋକୁଇନ (ଏଚସିକ୍ୟୁ)କୁ ହଟାଇ ଦେଇଛି ଆଇସିଏମଆର। ଏ ନେଇ ଆଇସିଏମଆର ଏବଂ କୋଭିଡ-୧୯ ସମ୍ବନ୍ଧୀୟ ଜାତୀୟ ଟାସ୍କ ଫୋର୍ସର ମିଳିତ ଅନୁଧ୍ୟାନକାରୀ ଟିମ ପକ୍ଷରୁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯାଇଛି। ତେବେ କରୋନା ଚିକିତ୍ସାରେ ରେମେଡେସିଭିର ଏବଂ ଟୋସିଲିଜୁମାବର ବ୍ୟବହାର ଜାରି ରହିବ। ଏହି ମାର୍ଗଦର୍ଶିକାରେ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ଏବଂ ହାତ ଧୋଇବାକୁ ପୂର୍ବପରି ଗୁରୁତ୍ୱ ଦିଆଯାଇଛି। ଏଥିରେ ସମ୍ୟକ ଲକ୍ଷଣ ଥିବା କିମ୍ବା ସଂକ୍ରମିତ ହେବାର ୧୦ ଦିନ ମଧ୍ୟରେ ଅତିରିକ୍ତ ଅମ୍ଳଜାନ ଆବଶ୍ୟକ କରୁଥିବା ଗୁରୁତର ରୋଗୀଙ୍କ କ୍ଷେତ୍ରରେ ରେମେଡେସିଭର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ତେବେ କେବଳ ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁରେ ଭର୍ତ୍ତି ହେବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଟୋସିଲିଜୁମାବ ଏବଂ ଗୁରୁତର ସଂକ୍ରମଣ କ୍ଷେତ୍ରରେ ଏନଆଇଭି ଦେବାକୁ କୁହାଯାଇଛି।

## ମହନ୍ତଙ୍କ ମୃତ୍ୟୁ ତଦନ୍ତଭାର ନେଲା ସିବିଆଇ

**ପ୍ରୟାଗରାଜ,୨୪।୯(ଏଜେନ୍ସି):** ଅଖିଳ ଭାରତ ଆଖଡା ପରିଷଦର ମୁଖ୍ୟ ମହେନ୍ଦ୍ର ନରେନ୍ଦ୍ର ଗିରିଙ୍କ ମୃତ୍ୟୁର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାତକୁ ନେଇଛି। ଉତ୍ତରପ୍ରଦେଶ ସରକାରଙ୍କ ସୁପାରିଶରେ ମାମଲାର ସିବିଆଇ ତଦନ୍ତକୁ କେନ୍ଦ୍ର ମଞ୍ଜୁରି ଦେଇଛି। ଏହା ପୂର୍ବରୁ ରାଜ୍ୟ ସରକାର ମାମଲାର ତଦନ୍ତ ଲାଗି ୧୮ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସଆଇଟି) ଗଠନ କରିଥିଲେ। ଗତ ସୋମବାର ବାଗମ୍ବରୀ ମଠରେ ମହନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏଠାରୁ ୭ ପୃଷ୍ଠାର ଏକ ସୁଇସାଇଡ ନୋଟ ମଧ୍ୟ ପୁଲିସ ଜବତ କରିଥିଲା। ସିବିଆଇ ଏହାର ତଦନ୍ତ ଲାଗି ପାଞ୍ଚଜଣିଆ ଦଳ ଗଠନ କରାଯାଇଛି। ସେମାନେ ପ୍ରୟାଗରାଜରେ ପହଞ୍ଚି ରାଜ୍ୟ ପୁଲିସ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି।

## ଅଦାଲତ ବି ଅସୁରକ୍ଷିତ

# କୋର୍ଟ ଭିତରେ ଗ୍ୟାଙ୍ଗୱାର୍

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି)

ଦେଶ ଉଚ୍ଚ ସୁରକ୍ଷା ଅଞ୍ଚଳ ଜାତୀୟ ରାଜଧାନୀ ଦିଲ୍ଲୀରେ କୋର୍ଟ ବି ଅସୁରକ୍ଷିତ। ଏହା ଶୁକ୍ରବାରର ଏକ ଘଟଣାରୁ ପ୍ରମାଣିତ ହୋଇଛି। ଦିଲ୍ଲୀର ରୋହିଣୀ କୋର୍ଟ ପରିସରରେ ଗ୍ୟାଙ୍ଗୱାର ଘଟିଛି। ବିଚାରପତିଙ୍କ ସାମ୍ନାରେ ୩୦ରୁ ୪୦ ରାଉଣ୍ଡ ଗୁଳି ଫୁଟିଛି। ୨ ଜଣ ସୁଟର ଓକିଲ ବେଶରେ ଆସି କୋର୍ଟରେ ହାଜର ହୋଇଥିବା ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ର ଗୋଗୀ(୩୦)କୁ ଗୁଳି କରି ହତ୍ୟା କରିଛନ୍ତି। ଗୋଗୀ ଉପରେ ୬ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏହା ସହିତ ପୁଲିସ ଗୁଳିରେ ୨ ଆକ୍ରମଣକାରୀ ପ୍ରାଣ ହରାଇଛନ୍ତି। ଏଥିରେ ୪ ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଦିଲ୍ଲୀର ସୁରକ୍ଷାବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଦିଲ୍ଲୀ ପୁଲିସର ଗୁଇନ୍ଦା ୟୁନିଟର କାର୍ଯ୍ୟକୁ ନେଇ ପ୍ରଶ୍ନ କରାଯାଉଛି। ତେବେ ଏହାକୁ ଓକିଲଙ୍କ ଦବଙ୍ଗଗିରିର ପରିଣତି ବୋଲି ମଧ୍ୟ କୁହାଯାଉଛି। କାରଣ ସୁରକ୍ଷା ଯାଞ୍ଚକୁ ଓକିଲ ନିଜ ସମ୍ମାନର ବିରୋଧୀ ଭାବୁଛନ୍ତି ଏବଂ ଯାଞ୍ଚକୁ ବିରୋଧ କରୁଛନ୍ତି। ଫଳରେ ଆଜି ସୁଟର ଓକିଲ ବେଶରେ ଆସି ଗୋଗୀକୁ ବିଚାରପତିଙ୍କ ସାମ୍ନାରେ ହତ୍ୟା କରିଛନ୍ତି। ଦିଲ୍ଲୀର ସୁରକ୍ଷା ଏବେ ହାଇଆଲର୍ଟରେ ଥିବାବେଳେ ଏହି ଘଟଣା ମାମଲାକୁ ଅଧିକ ଗୁରୁତର କରିଦେଇଛି। କିଛି ଦିନ ତଳେ ଏକ ଆତଙ୍କବାଦୀ ଗୋଷ୍ଠୀର ୬ ଆତଙ୍କବାଦୀଙ୍କୁ ପୁଲିସ ଗିରଫ କରିଥିଲା। ଏମାନେ ପାର୍ବଣ ଋତୁରେ ସାର୍ବଜନୀନ ସ୍ଥାନକୁ ନିଶାଣ କରିଥିଲେ ବୋଲି କୁହାଯାଉଥିଲା। ପୁଲିସ ମଧ୍ୟ ଆତଙ୍କବାଦୀଙ୍କ ଅନ୍ୟ ମଡ୍ୟୁଲୋ(ଶାଖା)ର ସମ୍ଭାବନା ନେଇ ସତର୍କତା ଜାରି କରିଥିଲା। ଏପରି ସମୟରେ କୋର୍ଟରେ ଆକ୍ରମଣ ହେବା ସୁରକ୍ଷା ଏଜେନ୍ସିର ପ୍ରସ୍ତୁତିକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ରୋହିଣୀ ଜିଲ୍ଲା ଅଦାଲତର ଜଣେ କର୍ମଚାରୀଙ୍କ ଅନୁଯାୟୀ ଓକିଲଙ୍କ ଦବଙ୍ଗଗିରି କୋର୍ଟରେ ସୁରକ୍ଷା ଉପରେ ଭାରି ପଡିଛି। ପ୍ରବେଶ ସମୟରେ ହେଉଥିବା ଚେକିଂକୁ ଓକିଲ ବିରୋଧ କରୁଛନ୍ତି। ଏହା ସମ୍ମାନରେ ଆଞ୍ଚ ଆଣୁଛି ବୋଲି ସେମାନେ କହୁଛନ୍ତି। ଅନେକ ସମୟରେ ଚେକିଂ କରୁଥିବା ଲୋକଙ୍କ ସହ ସେମାନେ ଯୁକ୍ତି କରିଥାନ୍ତି। ଏଥିଯୋଗୁଁ

- ଗ୍ୟାଙ୍ଗଷ୍ଟାର୍‌କୁ ଗୁଳିକରି ହତ୍ୟା
- ଓକିଲଙ୍କ ବେଶରେ ଆସିଥିଲେ ସୁଟର୍
- ପୁଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ
- ଓକିଲଙ୍କ ଦବଙ୍ଗଗିରି ଯୋଗୁଁ ଗୁଳିକାଣ୍ଡ



ହର୍ଷିତା ଦହିଆ

ସୁରକ୍ଷା କର୍ମଚାରୀ ମଧ୍ୟ ଠିକ୍‌ରେ ଚେକିଂ କରିନଥାନ୍ତି। ଓକିଲଙ୍କ ଏହି ଦବଙ୍ଗଗିରି ଯୋଗୁଁ ଆଜି ୩ ଜଣଙ୍କ ଜୀବନ ଚାଲିଗଲା। ସୂଚନା ଅନୁଯାୟୀ ଗୋଗୀ ହାଜର ହେବା ପାଇଁ କୋର୍ଟକୁ ଆସିଥିଲା। ସେଠାରେ ଓକିଲଙ୍କ ବେଶରେ ପୂର୍ବରୁ ଉପସ୍ଥିତ ଥିବା ୨ ସୁଟର ତା ଉପରେ ଗୁଳି ମାଡ କରିଥିଲେ।

ଦିଲ୍ଲୀ ପୁଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି ଯେ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଅପରାଧୀ ନିହତ ହୋଇଥିଲେ। ସେମାନଙ୍କୁ ମଧ୍ୟରୁ ଜଣଙ୍କ ଉପରେ ୫୦





ଟିଲୁ ତାଜପୁରିଆ

ହଜାର ଟଙ୍କା ପୁରସ୍କାର ଥିଲା। ଓକିଲ ଲଳିତ କୁମାର କହିଛନ୍ତି ଯେ ଆକ୍ରମଣକାରୀ ଗୋଗୀକୁ ୩ଟି ଗୁଳି ମାରିଥିଲେ। ଦିଲ୍ଲୀ ପୁଲିସର ଲୋକେ ଗୋଗୀର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ସେମାନେ ୨୫-୩୦ ଗୁଳି ଚଳାଇ ଥିଲେ। ଏଥିରେ ଘଟଣାସ୍ଥଳରେ ଅପରାଧିଙ୍କ ମୃତ୍ୟୁ ହୋଇଥିଲା। ତେବେ ହସ୍ପିଟାଲରେ ଗୋଗୀ ପ୍ରାଣ ହରାଇଥିଲା। ଗୋଗୀର ଶୁଣାଣି ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ଏହି ସମୟରେ ବିଚାରପତି, କର୍ମଚାରୀ ଏବଂ ଓକିଲ ଉପସ୍ଥିତ ଥିଲେ। ଜଣେ ପ୍ରଶିକ୍ଷାର୍ଥୀଙ୍କ ଗୋଡରେ ମଧ୍ୟ ଗୁଳି ବାଜିଥିବା ଜଣାପଡିଛି। ଗୁରୁବାର ଅପରାହ୍ଣ ପ୍ରାୟ ୧-୧ଟା୩୦ ମଧ୍ୟରେ ଘଟିଥିଲା। ସୂଚନାଯୋଗ୍ୟ ଯେ ଗୋଗୀ ଗତ ୨ ବର୍ଷ ହେଲା ତିହାର ଜେଲରେ ବନ୍ଦୀ ଥିଲା। ଶୁଣାଣି ପାଇଁ ତାହାକୁ କୋର୍ଟକୁ ଅଣାଯାଇଥିଲା। ଏହି ଆକ୍ରମଣ ପରେ କୋର୍ଟ ପରିସରକୁ ସିଲ କରିଦିଆଯାଇଛି। ଏହି ସମୟରେ ହୋଇଥିବା ଦଳଚକଟାରେ ଜଣେ ମହିଳା ଓକିଲ ଆହତ ହୋଇଛନ୍ତି। ୨୦୨୦ରେ ଜିତେନ୍ଦ୍ରକୁ ଗୁରୁଗ୍ରାମରୁ ଗିରଫ କରାଯାଇଥିଲା। ଗୋଗୀର ସହଯୋଗୀ କୁଳଦୀପ ଫଜ୍ଜାକୁ ମଧ୍ୟ ଧରାଯାଇଥିଲା। ସେ ମାର୍ଚ୍ଚ ୨୫ରେ ଚିକିତ୍ସା ପାଇଁ ଯାଇଥିବାବେଳେ ଜିଟିବି ହସ୍ପିଟାଲରୁ ଫେରାର ହୋଇଯାଇଥିଲା। ପରେ ଏନକାଉଣ୍ଟରରେ ସେ ପ୍ରାଣ ହରାଇଥିଲା। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ଅନୁଯାୟୀ ଜିତେନ୍ଦ୍ର ଗୋଗୀ ଅପରାଧ ମାଧ୍ୟମରେ କୋଟି କୋଟି ଟଙ୍କା ଆୟ କରିଥିଲା। ଏହାର ନେଟୱର୍କରେ ୫୦ରୁ ଅଧିକ ଲୋକ ଥିଲେ। ଗୋଗୀ ୨୦୧୭ ଫେବୃଆରୀରେ ଅଲିପୁରର ଦେବେନ୍ଦ୍ର ପ୍ରଧାନ ଏବଂ ଅକ୍ଟୋବରରେ ହରିୟାଣା କଣ୍ଠଶିଳ୍ପୀ ତଥା ନୃତ୍ୟାଙ୍ଗନା ହର୍ଷିତା ଦହିଆଙ୍କୁ ହତ୍ୟା କରିଥିଲା। ହର୍ଷିତା ନିଜ ଭିଣୋଇ ଦିନେଶ କରାଲାଙ୍କ ବିରୋଧରେ ରୁଜୁ ଏକ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଥିଲେ।

### ଛାତ୍ର ସଂଘ ନିର୍ବାଚନରୁ ଗୋଗୀ ଓ ଟିଲୁ ଗ୍ୟାଙ୍ଗ ମଧ୍ୟରେ ଶତ୍ରୁତା

ଏହି ଗ୍ୟାଙ୍ଗୱାରରେ ଦିଲ୍ଲୀ-ହରିୟାଣାର ବଡ ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ର ଗୋଗୀର ମୃତ୍ୟୁ ହୋଇଛି। ଏହା ପଛରେ ଗୋଗୀର ପୂର୍ବତନ ସହଯୋଗୀ ଟିଲୁ ତାଜପୁରିଆର ହାତ ଥିବା କୁହାଯାଉଛି। ଏହି ଦୁଇ ଜଣଙ୍କ ମଧ୍ୟରେ ୨୦୧୦ର ଏକ ଛାତ୍ରସଂଘ ନିର୍ବାଚନରୁ ଶତ୍ରୁତା ଆରମ୍ଭ ହୋଇଥିଲା। ଏହି ଦୁଇ ଗ୍ୟାଙ୍ଗ ମଧ୍ୟରେ ଅନେକ ଗ୍ୟାଙ୍ଗୱାର ହେଲାଣି। ଏଥିରେ ୨୪ରୁ ଉର୍ଦ୍ଧ୍ୱ ଅପରାଧୀ ପ୍ରାଣ ହରାଇଲେଣି। ଏବେ ଗୋଗୀ ଏହି ଗ୍ୟାଙ୍ଗୱାରରେ ବଳି ପଡିଛି। ଏବେ ଦିଲ୍ଲୀରେ ଟିଲୁ ତାଜପୁରିଆ ଗ୍ୟାଙ୍ଗର କର୍ତ୍ତୃତ୍ୱ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ ଏକଦା ଗୋଗୀ ଏବଂ ଟିଲୁ ଘନିଷ୍ଠ ବନ୍ଧୁ ଥିଲେ। ୨୦୧୦ରେ ଦିଲ୍ଲୀ ସହରର ବାହରର ଏକ ଛାତ୍ରସଂଘ ନିର୍ବାଚନରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ। ପରେ ଉଭୟେ ପରସ୍ପରର ଶତ୍ରୁ ପାଲଟି ଯାଇଥିଲେ। ଏହା ପରଠାରୁ ଉଭୟ ଗ୍ୟାଙ୍ଗ ମଧ୍ୟରେ ଗ୍ୟାଙ୍ଗୱାର ଜାରି ରହିଥିଲା।

### ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

ଦିଲ୍ଲୀର ରୋହିଣୀ କୋର୍ଟରେ ହୋଇଥିବା ସୁଟଆଉଟ ମାମଲାର ବିସ୍ତୃତ ରିପୋର୍ଟ ମାଗିଛି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ। ସୂଚନା ଅନୁଯାୟୀ ପ୍ରାରମ୍ଭିକ ରିପୋର୍ଟରେ ସୁରକ୍ଷାରେ ତ୍ରୁଟି ଥିବା ସାମ୍ନାକୁ ଆସିଛି। ଏଥିଯୋଗୁଁ ଆକ୍ରମଣକାରୀ କୋର୍ଟ ଭିତରକୁ ଯାଇପାରିଥିଲେ। କିନ୍ତୁ ପୁଲିସ କମିଶନର ସୁରକ୍ଷାରେ ଅବହେଳା ହୋଇଥିବା ମାନୁନାହାନ୍ତି। ପୁଲିସ ଆଲର୍ଟ ଥିବା ସେ କହିଛନ୍ତି। ଦିଲ୍ଲୀରେ ହୋଇଥିବା ଏହି ଘଟଣା ପରେ କୋର୍ଟର ସୁରକ୍ଷା ବ୍ୟବସ୍ଥା ବଦଳିପାରେ। ଏଥିପାଇଁ ନ୍ୟାୟିକ ବ୍ୟବସ୍ଥା ସହ ଜଡିତ ଅଧିକାରୀଙ୍କ ରାୟ ନିଆଯିବ। ବିଚାରପତି, ଓକିଲ, ପୁଲିସ ଏବଂ ଗୁଇନ୍ଦା ବିଭାଗ ମିଶି ନୂଆ ବ୍ୟବସ୍ଥା ଉପରେ ନିଜ ରାୟ ଦେବେ।

### କୋର୍ଟରେ ଗ୍ୟାଙ୍ଗୱାର୍ ନୂଆ ନୁହେଁ

ପ୍ରଥମ ଥର ପାଇଁ ଏକ କୋର୍ଟରେ ଏଭଳି ଗ୍ୟାଙ୍ଗୱାର ହୋଇନାହିଁ। ଏହା ପୂର୍ବରୁ ଦେଶର ଅନେକ କୋର୍ଟରେ ଦିନ ଦ୍ୱିପହରେ ହତ୍ୟା କରାଯାଇଛି। ୨୦୧୯ ଡିସେମ୍ବର ୧୯ରେ ଦିଲ୍ଲୀର ତିହାର ଜେଲରୁ ଶାହନୱାଜ ଏବଂ ଜବାର ନାମକ ଇତିହାସକାର କୋର୍ଟରେ ହାଜର କରିବା ପାଇଁ ବିଜନୌର ନିଆଯାଇଥିଲା। ଏହି ସମୟରେ ଆକ୍ରମଣକାରୀ ଅତର୍କିତ ଗୁଳିମାଡ କରିଥିଲେ। ଏଥିରୁ ୧୧ଟି ଗୁଳି ଶାହନୱାଜଠାରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ସମୟରେ ଜବାର ଫେରାର ହୋଇଯାଇଥିଲେ। ଏହାକୁ ନେଇ ଉତ୍ତରପ୍ରଦେଶରେ ଭୟର ବାତାବରଣ ଖେଳି ଯାଇଥିଲା। ସେହିପରି ୨୦୧୪ ମେ ୮ରେ ବିହାର ବକ୍ସର ସ୍ଥିତ କୋର୍ଟ ପରିସରରେ ସଶସ୍ତ୍ର ଆତଙ୍କବାଦୀ ଗୁଳିମାଡ କରି କଏଦୀଙ୍କୁ ହତ୍ୟା କରିଥିଲେ। ଏଥିରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିଲେ। ବକ୍ସର ଜେଲରୁ ଏହି କୋର୍ଟଙ୍କୁ କଏଦୀଙ୍କୁ ନିଆଯାଇଥିଲା। ସେଠାରେ ୬ ଜଣ ଆକ୍ରମଣକାରୀ କଏଦୀଙ୍କ ହତ୍ୟା କରିଥିଲେ। ୨୦୧୫ ମେ ୧୪ରେ ହିରାୟାଣା ହିସାର ଜିଲ୍ଲାର କୋର୍ଟ ପରିସରରେ କୁଖ୍ୟାତ ଅପରାଧୀ ସନ୍ଦୀପକୁ ହତ୍ୟା କରାଯାଇଥିଲା।

■ ଏୟାରବସ୍ ଡିଫେନ୍ସ ଓ ପ୍ରତିରକ୍ଷା ବିଭାଗ ମଧ୍ୟରେ ୨୦ ହଜାର କୋଟିର ଚୁକ୍ତି

## ବାୟୁସେନାକୁ ମିଳିବ ୫୬ ସି-୨୯୫ ବିମାନ

**ନୂଆଦିଲ୍ଲୀ, ୨୪।୯(ଏଜେନ୍ସି):** ଭାରତୀୟ ବାୟୁସେନାର ପରିବହନ ଭିତ୍ତିଭୂମିର ରୂପରେଖ ବଦଳିବ। ବାୟୁସେନାକୁ ପରିବହନ କ୍ଷେତ୍ରରେ ଅତ୍ୟାଧୁନିକ ବିମାନ ଯୋଗାଇ ଦେବା ପାଇଁ ପ୍ରତିରକ୍ଷା ବିଭାଗ ଏବଂ ସ୍ପେନର ଏହାରବସ ଡିଫେନ୍ସ କମ୍ପାନୀ ମଧ୍ୟରେ ଶୁକ୍ରବାର ୨୦ ହଜାର କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁସାରେ ଏୟାରବସ୍ କମ୍ପାନୀ ଭାରତୀୟ ବାୟୁସେନାକୁ ୫୬ଟି ସି-୨୯୫ ବିମାନ ଯୋଗାଇ ଦେବ। ଏଥିମଧ୍ୟରୁ ୧୬ଟି ବିମାନ କମ୍ପାନୀର ସ୍ପେନସ୍ଥିତ କାରଖାନାରୁ ଉଡ଼ାଣ ସ୍ଥିତିରେ ଭାରତକୁ ଯୋଗାଇ ଦେବାକୁ କୁହାଯାଇଥିବା ବେଳେ ବାକି ୪୦ଟି ବିମାନ ଭାରତରେ ନିର୍ମାଣ କରାଯିବ। ତେବେ ଭାରତରେ ଏହି ବିମାନ ନିର୍ମାଣ ଦାୟିତ୍ୱ ଟାଟା ଗ୍ରୁପକୁ ଦିଆଯାଇଛି। ଟାଟା ଗ୍ରୁପ୍ ଅନ୍ତର୍ଗତ ଟାଟା ଆଡଭାନ୍ସଡ ସିଷ୍ଟମସ୍(ଟିଏସିଏଲ) ଦ୍ୱାରା ଏହି ୪୦ଟି ବିମାନର ନିର୍ମାଣ କରାଯିବ। ପ୍ରତିରକ୍ଷା କ୍ଷେତ୍ରରେ ଉପଯୋଗ ହେଉଥିବା ଏଭଳି ବିମାନର ନିର୍ମାଣ ଭାରତରେ ପ୍ରଥମ ହେବାକୁ ଯାଉଥିବା ବେଳେ ପ୍ରତିଷ୍ଠିତ ଉଦ୍ୟୋଗପତି ରତନ ଟାଟା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟର ଏହି ନିଷ୍ପତ୍ତିକୁ ଏକ ଦୃଢ ପଦକ୍ଷେପ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଭାରତୀୟ ବାୟୁସେନାରେ ସର୍ବାଧିକ ଭାବେ 'ଆଭ୍ରୋ ଏଚଏସ୍-୭୪୮' ଶ୍ରେଣୀର ବିମାନ ବ୍ୟବହାର କରାଯାଉଥିବା ବେଳେ ଏବେ ଅତ୍ୟାଧୁନିକ ସି-୨୯୫ ବିମାନ ଉପଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଭାରତୀୟ ବାୟୁସେନା ବିମାନ ସ୍କ୍ୱାଡ୍ରନରେ ଆଭ୍ରୋ-୭୪୮ ମାଲବାହୀ ବିମାନ ୧୯୬୧ ମସିହାରେ ସାମିଲ ହୋଇଥିଲା। ଅର୍ଥାତ ପ୍ରାୟ ୬୦ ବର୍ଷ ପରେ ଭାରତ ସରକାର ଏହାର ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି କାରବାର ପାଇଁ ୧୫ ଦିନ ପୂର୍ବରୁ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ମଞ୍ଜୁରୀ ମିଳିସାରିଥିଲା। ମେକ୍-ଇନ-ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଭାରତରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ।

**ଭାରତରେ ବିମାନ ନିର୍ମାଣ କରିବ ଟାଟା**



## ମୋଦୀ-ବାଇଡେନ୍ ଭେଟ୍‌ଘାଟ୍

**ୱାସିଂଟନ,୨୪।୯(ଏଜେନ୍ସି):** ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ହ୍ୱାଇଟ ହାଉସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଭେଟ କରିଛନ୍ତି। ଉଭୟ ନେତା ଏହି ବୈଠକରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୋଦୀଙ୍କୁ ହ୍ୱାଇଟହାଉସକୁ ସ୍ୱାଗତ କରି ବାଇଡେନ କହିଥିଲେ ଯେ ଭାରତ ସହିତ କରୋନା, ଜଳବାୟୁ ପରିବର୍ତ୍ତନ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରସଙ୍ଗରେ କାମ କରିବାକୁ ଚାହାନ୍ତି। ଏହା ପରେ ମୋଦୀ ବାଇଡେନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ବାଇଡେନ ନିଜ ମୁମ୍ବଇ ଗସ୍ତର ଅଭିଜ୍ଞତା ଉଲ୍ଲେଖ କରି ଜଣେ ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିବା କହିଥିଲେ। ମୋଦୀଙ୍କୁ ସ୍ୱାଗତ କରି ବାଇଡେନ କହିଥିଲେ ଯେ ଉପରାଷ୍ଟ୍ରପତି ଥିବା ସମୟରେ ଏହି ଚୌକିରେ ବସୁଥିଲେ। ଏବେ ମୁଁ ରାଷ୍ଟ୍ରପତି ହୋଇଯାଇଛି। ଆପଣ ଏହି ଆସନରେ ବସନ୍ତୁ। ମୋଦୀଙ୍କ ନେତୃତ୍ୱରେ ଭାରତ-ଆମେରିକା ସମ୍ବନ୍ଧ ଅଧିକ ବୃଦ୍ଧି ପାଇଛି। ଦୁଇ ଦେଶର ସମ୍ବନ୍ଧ ବିଶ୍ୱ ପ୍ରତି ଦେଖାଯାଉଥିବା ଅନେକ ସମସ୍ୟାର ସମାଧାନ କରିବାରେ ସହାୟକ ହେବେ। ୨୦୦୬ରେ ଉପରାଷ୍ଟ୍ରପତି ଥିବା ସମୟରେ ୨୦୨୦ ସୁଦ୍ଧା ଭାରତ ଏବଂ ଆମେରିକା ବିଶ୍ୱର ସବୁଠାରୁ ଘନିଷ୍ଠ ଦେଶ ହେବେ ବୋଲି କହିଥିଲି।



## ବାଇଡେନଙ୍କୁ ଟ୍ୟାଗ୍ କରି ସାହାଯ୍ୟ ମାଗିଲେ ଟିକାୟତ


**ନୂଆଦିଲ୍ଲୀ,୨୪।୯(ଏଜେନ୍ସି):** କେନ୍ଦ୍ରର ୩ଟି କୃଷି ଆଇନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀ ନେତା ରାକେଶ ଟିକାୟତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଟ୍ୱିଟ କରି ସାହାଯ୍ୟ ମାଗିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଆମେରିକା ଗସ୍ତରେ ଅଛନ୍ତି। ସେ ବାଇଡେନଙ୍କ ସହ ଶୁକ୍ରବାର ରାତିରେ ଆଲୋଚନା ମଧ୍ୟ କରିଛନ୍ତି। ଏହା ପୂର୍ବରୁ ମୋଦୀଙ୍କ ସହ ଚାଷୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିବାକୁ ଟିକାୟତ ବାଇଡେନଙ୍କୁ ଅନୁରୋଧ କରିଥିଲେ। ସେ ରାଷ୍ଟ୍ରପତିଙ୍କୁ ଟ୍ୟାଗ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଆଣିଥିବା ୩ଟି କୃଷି ଆଇନ ବିରୋଧରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ଗତ ୧୧ ମାସ ଧରି ଚାଲିଥିବା ଆନ୍ଦୋଳନରେ ୭୦୦ ଜଣ ଚାଷୀ ପ୍ରାଣ ହରାଇଲେଣି। ଆମକୁ ରକ୍ଷା କରିବା ପାଇଁ ଏହି କଳା ଆଇନକୁ ପ୍ରତ୍ୟାହାର କରାଯିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଦୟାକରି ଆମ କଥାକୁ ବିଚାରକୁ ନେବେ ବୋଲି ଟିକାୟତ କହିଛନ୍ତି। ସୂଚନାଯୋଗ୍ୟ ଯେ ଦେଶର ଶତାଧିକ ଚାଷୀ ଦୀର୍ଘ ୧୧ ମାସ ହେଲା ଦିଲ୍ଲୀ ସୀମାରେ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ସରକାର କୃଷି ଆଇନକୁ ପ୍ରତ୍ୟାହାର କରୁ ନଥିବାରୁ ଆସନ୍ତା ୨୭ ତାରିଖରେ ସେମାନେ ଭାରତ ବନ୍ଦ ଡାକରା ଦେଇଛନ୍ତି। ଏବେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ଟିକାୟତ ଟ୍ୱିଟ କରି ବାଇଡେନଙ୍କ ସହଯୋଗ ଲୋଡିଛନ୍ତି।

### ଶିଶୁଙ୍କ ମିଠା ଚୋରି ଅପରାଧ ନୁହେଁ: କୋର୍ଟ

# ଲହୁଣୀ ଚୋରି ଯଦି ବାଲ୍ୟଲୀଳା ମିଠା ଚୋରି ଅପରାଧ କେମିତି ?

ନାଳନ୍ଦା, ୨୪।୯(ଏଜେନ୍ସି)

ପଡୋଶୀଙ୍କ ଫ୍ରିଜରୁ ମିଠା ଚୋରି କରିଥିବା ଅଭିଯୋଗରେ ଜଣେ ଶିଶୁକୁ ଜୁଭେନାଇଲ କୋର୍ଟ ମୁକ୍ତ କରିଦେଇଛନ୍ତି। ଏହା ସହିତ ପୁଲିସ ଏବଂ ପ୍ରତିପକ୍ଷକୁ ପରାମର୍ଶ ଦେଇଛନ୍ତି। ଲହୁଣୀ ଚୋରି ବାଲ୍ୟ ଲୀଳା ଯଦି ମିଠା ଚୋରି ଅପରାଧ କେମିତି ହେଲା ବୋଲି କୋର୍ଟ କହିଛନ୍ତି। ଜୁଭେନାଇଲ କୋର୍ଟ ମୁଖ୍ୟ ବିଚାରପତି ମାନବେନ୍ଦ୍ର ମିଶ୍ର କହିଛନ୍ତି ଯେ ଆମକୁ ଶିଶୁଙ୍କ ମାମଲାରେ ସହିଷ୍ଣୁ ଏବଂ ସହନଶୀଳ ହେବାକୁ ପଡିବ। କେଉଁ ପରିସ୍ଥିତିରେ ଶିଶୁ ଭୁଲ କରୁଛନ୍ତି ତାହା ବୁଝିବାକୁ ହେବ। ଶିଶୁଙ୍କ ବାଧ୍ୟବାଧକତା, ପରିସ୍ଥିତି, ସାମାଜିକ ସ୍ଥିତି ବୁଝିପାରିଲେ ସେମାନଙ୍କର ଛୋଟ ଛୋଟ ଅପରାଧ ଗୁଡିକ ଉପରେ ଲଗାମ ଲଗାଇବାକୁ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ସମାଜ ଆଗକୁ ଆସିବ। ଏହି ମାମଲା ନାଳନ୍ଦା ଜିଲ୍ଲା ହରନୌତ ଥାନା ଅଧିନସ୍ଥ ଏକ ଗ୍ରାମର। ଅଭିଯୁକ୍ତ ଶିଶୁ ଆରାର ବାସିନ୍ଦା। ସେ ନିଜ ମାମୁଁ ଘରକୁ ଯାଇଥିଲେ। ସେପ୍ଟେମ୍ବର ୭ରେ ଭୋକ ଲାଗିବାରୁ ସେ ପଡୋଶୀ ମାଇଁଙ୍କ ଘରକୁ ଚାଲି ଯାଇଥିଲେ ଏବଂ ଭୋକ ବିକଳରେ ଫ୍ରିଜରେ ଥିବା ମିଠା ଖାଇ ଦେଇଥିଲେ। ସେ ସେଠାରେ ଥିବା ଏକ ମୋବାଇଲ ଧରି ଚାଲି ଆସିଥିଲେ ଏବଂ ଗେମ ଖେଳିବାକ ଲାଗିଥିଲେ। ଏଥିଯୋଗୀ ପଡୋଶୀ ମାଇଁ ତାଙ୍କୁ ପୁଲିସକୁ ଦେଇଥିଲେ। ଏହି ମାମଲାରେ କଡା ଟିପ୍ପଣୀ କରି କୋର୍ଟ କହିଛନ୍ତି ଯେ ଆମ ସନାତନ ସଂସ୍କୃତିରେ ଭଗବାନର ବାଲ୍ୟ ଲୀଳାକୁ ଦର୍ଶାଯାଇଛି। ଭଗବାନ କୃଷ୍ଣ ଅନେକ ଥର ଲୋକଙ୍କ ଘରୁ ଲହୁଣୀ ଚୋରି କରି ଖାଇ ମାଠିଆ ଭାଙ୍ଗି ଦେଇଥିଲେ। ଯଦି ବର୍ତ୍ତମାନ ଭଳି ସେତେବେଳର ସମାଜ ଥାଆନ୍ତା ତେବେ ଏହି ବାଲ୍ୟ ଲୀଳା ହିଁ ନଥାନ୍ତା। ପଡୋଶୀଙ୍କୁ ଭୋକ ଲାଗୁଛି, ରୋଗଗ୍ରସ୍ତ ଏବଂ ଅସହାୟ ଥିବା ସମୟରେ ସରକାରଙ୍କୁ ଦୋଷ ଦେବା ପୂର୍ବରୁ ନିଜ ସାଧ ଅନୁସାରେ ତାଙ୍କୁ ସାହାଯ୍ୟ କରିବା ଉଚିତ୍। କୋର୍ଟ ପୁଲିସକୁ ସମାଲୋଚନା କରି କହିଛନ୍ତି ଯେ ଏହି ମାମଲା ଏଫଆଇଆର ପରିବର୍ତ୍ତେ ଜେନେରାଲ ଡାଏରୀରେ ରୁଜୁ କରିବାର ଥିଲା। ଅପରାଧ ସାଧାରଣ ଏବଂ କିଶୋରଙ୍କ ଦ୍ୱାରା ହୋଇଥିଲେ ମାମଲାର ଏଫଆଇଆର ହୋଇନଥାଏ। କିଶୋରଙ୍କୁ ସୁରକ୍ଷିତ ରଖିବା ପାଇଁ କୋର୍ଟ ଜିଲ୍ଲା ବାଲ୍ୟ ସଂରକ୍ଷଣ ସଂଗଠନକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଖରାପ ବ୍ୟବହାର କିମ୍ବା ସମସ୍ୟା ଯୋଗୁଁ ଶିଶୁ ଯେମିତି ପୁଣି ଅପରାଧ କରିବାକୁ ବାଧ୍ୟ ନହୁଏ ତାହାର ଧ୍ୟାନ ରଖାଯାଉ। କାଉନସେଲିଂ ସମୟରେ କିଶୋର ମାଜିଷ୍ଟ୍ରେଟଙ୍କୁ କହିଥିଲା ଯେ ତାଙ୍କ ବସ୍ ଡ୍ରାଇଭର ଥିଲେ। ଦୁର୍ଘଟଣାରେ ତାଙ୍କର ପିଞ୍ଜରା ହାଡ ଭାଙ୍ଗିଯିବାରୁ ଏବେ ସେ ଶଯ୍ୟାଶାୟୀ। ମାଆ ମଧ୍ୟ ମାନସିକ ରୋଗରେ ପୀଡିତ। ପରିବାରରେ କେହି ରୋଜଗାର କରୁନଥିବାରୁ ମାଆଙ୍କ ଚିକିତ୍ସା ହୋଇପାରୁନାହିଁ। ଜେଜ ଏବଂ ମାମୁଁଙ୍କ ମୃତ୍ୟୁ ହୋଇସାରିଛି। ଜେଜେମା ବୟସର ଅପରାହ୍ଣରେ ଅଛନ୍ତି। ବାପା-ମାଆ କୋର୍ଟକୁ ଆସିପାରୁ ନାହାନ୍ତି। ଆଗକୁ ଏପରି ଆଉ କରିବି ନାହିଁ।



ସକାଳ
THE SAKALA

# ସଂପାଦକୀୟ



ମୁଁ ଏଭଳି ଏକ ବିଶ୍ୱର ସ୍ୱପ୍ନ ଦେଖୁଛି, ଯେଉଁଠାରେ ଜଣେ ମଧ୍ୟ ଶିଶୁ ଶ୍ରମିକ ନ ଥିବେ, ସବୁ ଶିଶୁ ସ୍କୁଲ ଯାଉଥିବେ ଓ ସେମାନଙ୍କର ଅଧିକାର ସୁରକ୍ଷିତ ଥିବ
-କୈଳାସ ସତ୍ୟାର୍ଥୀ

## ଆଦିବାସୀ ଭାଷାରେ ଶିକ୍ଷାଦାନ ସ୍ୱାଗତଯୋଗ୍ୟ

ମାତୃଭାଷା ଶିକ୍ଷା ଓ ଭାବର ଆଦାନ ପ୍ରଦାନର ଯେ ସବୁଠୁ ସହଜ ମାଧ୍ୟମ ଏଥିରେ ଦ୍ୱିମତ ହେବାର ନାହିଁ। ସେହି ବିଚାରକୁ ଦେଖିଲେ ଆଦିବାସୀ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦେବାକୁ ଓଡ଼ିଶା ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ସରକାରୀ ନିଷ୍ପତ୍ତି ଅନୁସାରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକରେ ୨୧ଟି ଆଦିବାସୀ ଭାଷାରେ ଏହି ଶିକ୍ଷା ଦିଆଯିବ ଏବଂ ଏଥିପାଇଁ ପାଠ୍ୟକ୍ରମ, ଶିକ୍ଷକ ମନୋନୟନ ଓ ତାଲିମ ପ୍ରକ୍ରିୟା ଆରମ୍ଭ ହେବା ନିଶ୍ଚିତ ଭାବେ ଏକ ଉତ୍ସାହଜନକ ପଦକ୍ଷେପ। ସବୁଠୁ ବଡ଼ କଥା ହେଲା ଏହା ଆଦିବାସୀମାନଙ୍କର ଭାଷା ସହିତ ସେମାନଙ୍କର ଉଚ୍ଚ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ କରିବ।

୨୧ଟି ଆଦିବାସୀ ଭାଷାରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ରାଜ୍ୟ ତଫସିଲଭୁକ୍ତ ଜାତି ଓ ଉପଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ, ଆଦିବାସୀ ଭାଷା ଓ ସଂସ୍କୃତି ଆକାଡେମୀ ସହିତ ମିଶି ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ବହି ପ୍ରସ୍ତୁତ କରୁଛନ୍ତି। ଏହି ପାଠପଢ଼ା ଆସନ୍ତା ଶିକ୍ଷାବର୍ଷଠାରୁ ଆରମ୍ଭ ହେବ। ମୋଟାମୋଟି ଦେଖିଲେ ଏହି ପ୍ରୟାସ ପଛରେ ସରକାରଙ୍କର ଆବଶ୍ୟକ ଆନୁଷଙ୍ଗିକ ପ୍ରସ୍ତୁତି ରହିଛି। ବହିଗୁଡ଼ିକୁ ଆଦିବାସୀ ପିଲାଙ୍କ ପାଇଁ ଆକର୍ଷଣୀୟ କରିବାକୁ ଦୃଶ୍ୟ, ଚିତ୍ର, କାହାଣୀ, ଲୋକକଳା ଓ ଲୋକକଥା ସମ୍ବଳିତ କରିବା ଯଥାର୍ଥ ମନେହୁଏ; କାରଣ ଏହା ଆଦିବାସୀ ସମାଜ ସହିତ ଯୋଗାଯୋଗକୁ ସମୃଦ୍ଧି କରିବ। ଏହାଛଡ଼ା ଏଥିରେ ତ ଅଙ୍କ, ଅକ୍ଷରଶିକ୍ଷା ଓ ସାଧାରଣ ପାଠ ରହିବା ସ୍ୱାଭାବିକ। ପାଠ ପଢ଼ାଇବାରେ ଶିକ୍ଷକମାନଙ୍କର ଦାୟିତ୍ୱ ସର୍ବାଗ୍ରେ। ତେଣୁ ଏଥିପାଇଁ ଶିକ୍ଷକମାନଙ୍କୁ ତାଲିମ ଦେବାକୁ ପଡ଼ିବ ଏବଂ ସେ ବିଷୟ ମଧ୍ୟ ନିଶ୍ଚିତ କରାଯାଇଛି।

ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟର ଲୋକ ବାସ କରନ୍ତି ଏବଂ ସେମାନଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ୨୨ ଭାଗରୁ ଅଧିକ। ରାଜ୍ୟରେ ସାନ୍ତାଳି, ହୋ, କୋୟା, ମୁଣ୍ଡା, ବଣ୍ଡା, କିଷାନ, ଦେଶିଆ, କୁବି, କୁଇ, ଗଦ୍ବା, ସଉରା, ଜୁଆଙ୍ଗ, ଭୂୟାଁ, ଭୂମିଜ, ବିଂଝାଲ, ସାଦ୍ରି ଓ ଖଡ଼ିଆ ଆଦି ପ୍ରମୁଖ ଆଦିବାସୀ ଭାଷା ରହିଛି। ସେଥିମଧ୍ୟରୁ ସାତଟି ଭାଷାର ନିଜସ୍ୱ ଲିପି ଅଛି। ଶିକ୍ଷା କ୍ଷେତ୍ରରେ, ବିଶେଷ କରି ଆନୁଷ୍ଠାନିକ ଶିକ୍ଷାରେ ଏସବୁ ଭାଷା ବ୍ୟବହାର ହେଉ ନଥିବାରୁ ତାହା ଗୁରୁତ୍ୱ ହରାଉଛି। ତେଣୁ ପ୍ରାଥମିକ ଶିକ୍ଷାସ୍ତରରେ ଏହାର ବ୍ୟବହାର ଫଳରେ ଆଦିମ ଅଧିବାସୀଙ୍କ ସମେତ ଆଦିବାସୀମାନଙ୍କର ସଂସ୍କୃତିର ପ୍ରମାଣିକତାକୁ ସଂରକ୍ଷିତ କରି ଏହାର ସୁରକ୍ଷା କରାଯାଇପାରିବ। ସବୁଠୁ ବଡ଼କଥା ହେଲା ଆଦିବାସୀ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ଏବଂ ଏହାଦ୍ୱାରା ସେ ଭାଷା ଶିକ୍ଷା ଓ ବିକାଶର ମୂଳଦୁଆ ପଡ଼ିବ, ଯାହା ଭବିଷ୍ୟତର ଗବେଷଣା ଓ ବିକାଶକୁ ସୁହାଇବ।

ଆହୁରି ମଧ୍ୟ ଆଦିବାସୀମାନଙ୍କ ଜୀବନର ଆଦିମ ଓ ରଚନାତ୍ମକ ଦିଗଗୁଡ଼ିକୁ ଜାଣି ତାହାକୁ ସହଜରେ ତାଙ୍କ ଭାଷାରେ ଲିପିବଦ୍ଧ କରାଯାଇପାରିବ। ଗୋଟେ ନୂଆ କଥା ଆରମ୍ଭ ହେଲେ ସମ୍ଭାବ୍ୟ ବିଫଳତାର ଚିତ୍ର ମନକୁ ଆସେ ଓ ତାହାର ବ୍ୟାବହାରିକ ଦିଗ ସମ୍ପର୍କରେ ଅନେକେ ସଂଶୟ ଉଠାଇଥା'ନ୍ତି। ଏ କ୍ଷେତ୍ରରେ ତାହା ହେବା ବିଚିତ୍ର ନୁହେଁ। ଲିପି ଓ ଭାଷାକୁ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପାଠ ତଥା ପାଠ୍ୟକ୍ରମରେ ଯୋଡ଼ିବା, ତାଲିମପ୍ରାପ୍ତ ତଥା ଆଦିବାସୀ ଭାଷା ଜାଣିଥିବା ଶିକ୍ଷକ ପାଇବା, ଆବଶ୍ୟକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଆଦି ଅନେକ ପ୍ରଶ୍ନ ଉଠିବ। ତାହା ସତ ହୋଇପାରେ; କିନ୍ତୁ ଏହା ଯେ ଏକ ସାଧୁ ଉଦ୍ୟମକୁ ବିଫଳ କରିବ, ସେ ସମ୍ଭାବନା ନାହିଁ। ରାଜ୍ୟରେ ଆଦିବାସୀ ଭାଷାରେ ପିଲାଙ୍କୁ ପାଠ ପଢ଼ାଇବା ଓ ପାଠ୍ୟକ୍ରମ ପ୍ରସ୍ତୁତ କରିବା ବୋଧହୁଏ ଆଜିର ଦିନରେ ଆଉ ଏକ ସମସ୍ୟା ନୁହେଁ। ଆବାସିକ ସ୍କୁଲ୍‌ରେ ବିଭିନ୍ନ ପ୍ରକାର ଆଦିବାସୀ ପିଲା ପଢ଼ୁଛନ୍ତି ଏବଂ ସେମାନଙ୍କର ମାତୃଭାଷା ସମାନ ନୁହେଁ। ଏହା ଯେ ଏ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଆଶା। ଏଥିପାଇଁ ଆଗ୍ରହୀ ପିଲାଙ୍କୁ ମାତୃଭାଷା ଭିତ୍ତିରେ ପୁନଃ ଗୋଷ୍ଠୀଭୁକ୍ତ କରାଯାଇପାରିବ। ପ୍ରବର୍ତ୍ତିତ ତ୍ରିଭାଷୀ ସୂତ୍ରରେ ମାତୃଭାଷା, ଓଡ଼ିଆ ଓ ଇଂରାଜୀ ମଧ୍ୟ ଏସବୁ ସ୍କୁଲ୍‌ରେ ବ୍ୟବହାର ହୋଇପାରିବ।

ଭାଷା ନୀତି ସର୍ବଦା ବାସ୍ତବବାଦୀ ହେବା ଆବଶ୍ୟକ ଏବଂ ଏଥିରେ କୌଣସି ପ୍ରକାର ଭାଷାଗତ ବାଛବିଚାରର ସ୍ଥାନ ନାହିଁ। ଭାଷାକୁ ରାଜନୀତିଠାରୁ ଦୂରରେ ରଖି ଲୌକିକସ୍ତରରେ ରଖିଲେ ଓ ତାହାର ଆତ୍ମାକୁ ଚିହ୍ନିଲେ ତାହା ବଞ୍ଚିବ ଓ ବଢ଼ିବ। ଏହାକୁ ଯୋଗାଯୋଗ, କଥାବାର୍ତ୍ତା, ପାଠପଢ଼ା ଓ ରୋଜଗାରର ଭାଷା କଲେ ଏହା ଅକାଳ ନିଶ୍ଚିହ୍ନ ହେବାରୁ ରକ୍ଷା ପାଇଯିବ। ରାଜ୍ୟ ସରକାରଙ୍କର ଏହି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଅତିକମ୍‌ରେ ଏହା ଅନେକ ଆଦିମ ଆଦିବାସୀ ଭାଷାକୁ ଅକାଳ ମୃତ୍ୟୁମୁଖରୁ ବଞ୍ଚାଇ ପାରିବ। ତଥ୍ୟ ଅନୁସାରେ ପ୍ରତି ୧୪ ଦିନରେ ବିଶ୍ୱରେ ଗୋଟିଏ ପ୍ରାଚୀନ ଭାଷାର ଅପମୃତ୍ୟୁ ଘଟୁଛି। ଏହି ପ୍ରକ୍ରିୟାରେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ସାତ ହଜାର ଭାଷା ମଧ୍ୟରୁ ଅଧା ବିଲୁପ୍ତ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସେ ପ୍ରକ୍ରିୟାକୁ ଆମେ ଆମ ଓଡ଼ିଶା ମାଟିରେ ଅଟକାଇବା ଓ ଆମର କମନୀୟ, ପ୍ରାଚୀନ, ଐତିହ୍ୟମଣ୍ଡିତ ଭାଷାଗୁଡ଼ିକୁ ବିଲୁପ୍ତି ମୁଖରୁ ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହେବାର ଏହା ଉପଯୁକ୍ତ ସମୟ।

## ବାଣୀରୁ ପରିଚୟ

ଜ୍ଞାନାଞ୍ଜନ
ପରିବ୍ରାଜକ

ବାଣୀ ଓ ବ୍ୟବହାର- ଏ ଦୁଇଟିରୁ ହିଁ ମଣିଷର ପରିଚୟ ଜଣାପଡ଼ିଯାଏ। ଜଣେ ମଣିଷକୁ ଆମେ ସ୍ୱଚକ୍ଷୁରେ ଦେଖି ନଥିଲେ ବି ଫୋନ୍ କିମ୍ବା ମୋବାଇଲ୍‌ରେ କଥା ହେବା ବେଳେ ମାର୍ଜିତ କଥାବାର୍ତ୍ତା ଏବଂ ଶିଷ୍ଟ ବ୍ୟବହାରରୁ ତାଙ୍କ ବ୍ୟକ୍ତିତ୍ୱକୁ ଆମେ ଜାଣିପାରୁ। ଅବଶ୍ୟ ଆଜିର ଯୁଗରେ ଅନ୍ୟକୁ ଠକିବା ବା ପ୍ରତାରଣା କରିବା ପାଇଁ ଜଣେ ଧପାବାଜ ଭଦ୍ରତାର କୃତ୍ରିମ ଆଚରଣ କରିଥାଏ। କିନ୍ତୁ ଏହା ଚିରସ୍ଥାୟୀ ନୁହେଁ। କେଉଁଠି ନା କେଉଁଠି ଭଦ୍ର ଖୋଳପାର ଆବରଣ ତଳେ ଲୁଚି ରହିଥିବା ସୈତାନଟି ଦିନେ ଆତ୍ମପ୍ରକାଶ କରେ। ଆମ୍ଭେମାନେ ସମସ୍ତେ ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଜୀବନରେ କୃତ୍ରିମତାର କଦାପି ସ୍ଥାନ ନାହିଁ। ଏହାକୁ ନେଇ ଗୋଟିଏ କାହାଣୀ-

ସୈନ୍ୟ ସାମନ୍ତଙ୍କ ସହ ରାଜା ପାରିଧିକୁ ଯାଇଥିଲେ। ଜଙ୍ଗଲରେ ବୁଲୁ ବୁଲୁ ତାଙ୍କୁ ପ୍ରବଳ ଶୋଷ ଲାଗିଲା। ରାଜା ଚାରିଆଡ଼କୁ ନଜର ପକାଇଲେ। ଦୂରରେ ଦେଖିଲେ ଏକ କୁଡ଼ିଆ ଘରେ ଜଣେ ଅନ୍ଧବ୍ୟକ୍ତି ଅଛନ୍ତି। ତାଙ୍କ ସାମନାରେ ଏକ ପାଣି ମାଠିଆ ରଖା ହୋଇଥାଏ। ସେହି ମାଠିଆରୁ ପାଣି ଲୋଟାଏ ଆଣିବା ପାଇଁ ରାଜା ଜଣେ ସିପାହୀକୁ ପଠାଇଲେ। ସିପାହୀ ଜଣକ କୁଟୀର ପାଖରେ ପହଞ୍ଚି କହିଲା- 'ହେ ଅନ୍ଧ ବୁଢ଼ା। ଆମ ଆମ ରାଜା ଖୁବ୍ ତୃଷାର୍ତ୍ତ। ପାଣି ଲୋଟାଏ ନେବି।' ସିପାହୀର ଏ ଧମକ୍‌ପୂର୍ଣ୍ଣ କଥାକୁ ତିଳେମାତ୍ର ଖାତିର ନକରି ଅନ୍ଧ ବ୍ୟକ୍ତି ଜଣକ କହିଲେ- 'ଯା ଯା। ତୋ ଭଳି ସିପାହୀକୁ ମୋ ଜୀବନରେ କେତେ ଦେଖିଛି। ତୋ ଧମକକୁ ମୁଁ ଡରିନି।' ସିପାହୀଟି ଫେରିଯାଇ ରାଜାଙ୍କୁ ସବୁକଥା କହିଲା। ସବୁ ଶୁଣିସାରି ରାଜା ଏବେ ସେନାପତିଙ୍କୁ ପଠାଇଲେ।

ବୃଦ୍ଧଙ୍କ କୁଡ଼ିଆ ନିକଟରେ ସେନାପତି ପହଞ୍ଚି କହିଲେ- 'ହେ ଅନ୍ଧ ମହାଶୟ! ରାଜାଙ୍କ ପାଇଁ ପାଣି ଲୋଟାଏ ଦିଅ। ପ୍ରତିବଦଳରେ ତୁମକୁ ବହୁତ ପୁରସ୍କାର ମିଳିବ।' ଏତେକ ଶୁଣି ଅନ୍ଧ ବ୍ୟକ୍ତି ଜଣକ ଚଢ଼ା ଗଳାରେ କହିଲେ- 'ତୁ ବୋଧେ ପ୍ରଥମେ ଆସିଥିବା ସିପାହୀର ସର୍ଦ୍ଦାର। ଅର୍ଥାତ୍ ତୁ ହେଉଛୁ ସେନାପତି। ଏଠୁ ତୁରନ୍ତ ପଳା। ଟୋପାଏ ବି ପାଣି ମିଳିବନି।' ସେନାପତି ଏତକ ଶୁଣି ଖାଲି ହାତରେ ଫେରିବାକୁ ବାଧ୍ୟହେଲେ।

ଖାଲି ହାତରେ ସେନାପତି ଫେରିଥିବାର ଦେଖି ରାଜା ସ୍ୱୟଂ ପାଣି ମାଗିବା ପାଇଁ କୁଟୀର ନିକଟକୁ ଧାଇଁଲେ। ସେଠାରେ ପହଞ୍ଚି ପ୍ରଥମେ ଅନ୍ଧବୃଦ୍ଧ ବ୍ୟକ୍ତିଙ୍କୁ ନମସ୍କାର ଜଣାଇ ହାତଯୋଡ଼ି କହିଲେ- 'ବାବା, ଶୋଷରେ ମୋ ତଣ୍ଟି ଶୁଖିଗଲାଣି। ପାଣି ଲୋଟାଏ ଯଦି ପାନ କରିବାକୁ ଦିଅନ୍ତେ, ତେବେ ଈଶ୍ୱର ଆପଣଙ୍କର ଅଶେଷ ମଙ୍ଗଳ କରନ୍ତେ। ଟିକେ କୃପା କରନ୍ତୁ ବାବା।'

ଏତକ ଶୁଣି ଅନ୍ଧ ବ୍ୟକ୍ତି ଜଣକ ତୁରନ୍ତ ନିଜ ଆସନରୁ ଉଠିଯାଇ ଅଣ୍ଡାଳି ଅଣ୍ଡାଳି ରାଜାଙ୍କ ପାଖରେ ପହଞ୍ଚି ତାଙ୍କୁ କୁଟୀର ଭିତରକୁ ପାଛୋଟି ଆଣି ଆସନରେ ବସାଇ କହିଲେ- 'ଆଜି ମୋ କୁଡ଼ିଆ ଖଣ୍ଡକ ଧନ୍ୟ ହୋଇଗଲା। ରାଇଜର ରାଜା ଯେତେବେଳେ ମୋ ପାଖରେ ସେତେବେଳେ ମୁଁ ବି ଆଜି ଧନ୍ୟ। ଏଇ ନିଅନ୍ତୁ ପାଣି। ତୃଷା ମେଣ୍ଟାନ୍ତୁ।' ଜଳପାନ ପରେ ରାଜା ପଚାରିଲେ- 'ଆପଣ ତ ଅନ୍ଧ। ହେଲେ ଲୋକମାନଙ୍କୁ ଚିହ୍ନି ପାରୁଛନ୍ତି କେମିତି? ପ୍ରଥମ ବ୍ୟକ୍ତିଙ୍କୁ ସିପାହୀ, ଦ୍ୱିତୀୟ ବ୍ୟକ୍ତିଙ୍କୁ ସେନାପତି ଏବଂ ମୋତେ ରାଜା ବୋଲି କେମିତି ଚିହ୍ନିପାରିଲେ?' ବ୍ୟକ୍ତିଜଣକ ହାତଯୋଡ଼ି ଉତ୍ତର ଦେଲେ- 'ବ୍ୟକ୍ତିଙ୍କ ବାଣୀରୁ ତାଙ୍କର ସ୍ତର ବାବଦରେ ସହଜରେ ଜଣାପଡ଼ିଯାଏ।'

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଆତଙ୍କ ମାର୍ଗରେ ଶିଶୁଙ୍କ ଦୁରୁପଯୋଗ



ଡକ୍ଟର ଲକ୍ଷ୍ମଣ ସାହୁ
କଟକ, ମୋ: ୯୦୪୦୧୫୧୪୭୫

ଯୁବକ ଓ ବୟସ୍କମାନେ ଜାଣିଶୁଣି ଆତଙ୍କବାଦୀ କାର୍ଯ୍ୟକଳାପରେ କ୍ଷତି ଏବଂ ଲାଭ ଆକଳନ କରି ଭୁଲ୍ ମାର୍ଗରେ ପ୍ରବେଶ କରନ୍ତି ନାହିଁ, କିନ୍ତୁ କରାଇ ଦିଆଯାଏ। ଶିଶୁମାନେ ମଧ୍ୟ ନିଜେ ଏଭଳି ନିଷ୍ପତ୍ତି ନିଅନ୍ତି ନାହିଁ କିମ୍ବା ଆତଙ୍କବାଦୀ ସଂଗଠନରେ ଯୋଗ ଦିଅନ୍ତି ନାହିଁ, ବରଂ ଆତଙ୍କବାଦୀ ସଂଗଠନ ଦ୍ୱାରା ସେମାନଙ୍କୁ ଅପହରଣ କରି ନିଆଯାଇଥାଏ। ଅନେକ କ୍ଷେତ୍ରରେ କେତେକ ବ୍ୟକ୍ତି ଓ ସଂଗଠନ ବାଳକମାନଙ୍କ ନାମରେ ଆତଙ୍କବାଦ ସୃଷ୍ଟି କରନ୍ତି। ହିଂସାପ୍ରବଣ ଦେଶରେ, ଯେଉଁଠାରେ ଭୋକ ଅଛି, ବେକାରୀ ଅଛି, ସେଠାରେ ପିତାମାତା ପିଲାମାନଙ୍କ ପାଇଁ ସମୟ ଦେଇ ପାରନ୍ତି ନାହିଁ। ସିରିଆ, ଲିବିୟା ଓ ଅନ୍ୟ ଆଫ୍ରିକୀୟ ଦେଶର ଲୋକମାନେ ଗୃହଯୁଦ୍ଧ, ସାମ୍ପ୍ରଦାୟିକ ଜାତିଗତ ଯୁଦ୍ଧରେ ଲିପ୍ତ ରହନ୍ତି। ଯାହାଫଳରେ ବେଆଇନ ସ୍ଥାନାନ୍ତରଣ, ଶରଣାର୍ଥୀ ସମସ୍ୟା ମୁଣ୍ଡବ୍ୟଥାର କାରଣ ସାଜୁଛି। ସାଧାରଣ ଜନତା ଜାତିଗତ ବିନାଶ, ଆତଙ୍କବାଦ ଏବଂ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳତଃ ସେହିସବୁ ଦେଶର ଆତଙ୍କବାଦୀ ସଂଗଠନ ନୂତନ ନିଯୁକ୍ତି ଏବଂ ତାଲିମ ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତି, ଯେଉଁଠାରୁ ଜଣେ ବାଳକ ଆତଙ୍କବାଦୀ ଆଖ୍ୟା ପାଇଥାଏ।

ନିକଟରେ ମିଳିତ ଜାତିସଂଘରେ ଭାରତର ଉପପ୍ରତିନିଧି କହିଛନ୍ତି ଯେ ପିଲାମାନଙ୍କୁ ବିଦେଶୀ ଆତଙ୍କବାଦୀ ଯୁଦ୍ଧବିମାନର ମାନ୍ୟତା ଦେବା ମାନବିକ ସମ୍ମାନ ପ୍ରତି ବିପଦ, ଏହା ଅମାନୁଷିକତାକୁ ପ୍ରୋତ୍ସାହିତ କରିବ। ଭାରତ ଭଳି ଦେଶଗୁଡ଼ିକର ସଶସ୍ତ୍ର ବିବାଦ ଦ୍ୱାରା ପ୍ରଭାବିତ ହେଉଥିବା ବାଳକମାନଙ୍କ ପ୍ରତ୍ୟାବର୍ତ୍ତନ ଏବଂ ପୁନଃ ଥଇଥାନକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ବିକାଶ ପାଇଁ ଉପଯୁକ୍ତ ପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ଭାରତ ସୂଚିତ କରିଛି। ବୃତ୍ତିଗତ ଆତଙ୍କବାଦୀ ଭାବରେ ୧୦/୧୨ ବର୍ଷର ବାଳକମାନଙ୍କୁ ବିନିଯୋଗ କରିବାର ନୀତି ଅମାନବୀୟ। ଉଲ୍ଲେଖନୀୟ ହେଉଛି, ୨୦୧୪ରେ ଜାତିସଂଘର ସୁରକ୍ଷା ପରିଷଦ ଏକ ସଂକଳ୍ପ ପାଳିତ କରିଛି (ସଂଖ୍ୟା ୨୧୭୮), ଯେଉଁଥିରେ ଜଣେ ବିଦେଶୀ ଆତଙ୍କବାଦୀକୁ ବ୍ୟକ୍ତି ଭାବରେ ବ୍ୟାଖ୍ୟା କରାଯାଇ କୁହାଯାଇଛି- ଯିଏ ନିଜ ବାସସ୍ଥାନରୁ ନିଜ ଦେଶ ବ୍ୟତୀତ ଅନ୍ୟ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ କରିପାରିବ କିମ୍ବା ଯୋଜନା ପ୍ରସ୍ତୁତ କରିବ କିମ୍ବା ଆତଙ୍କବାଦୀ ତାଲିମ ଯୋଗାଇବ କିମ୍ବା ଯୁଦ୍ଧବିମାନ ଗ୍ରହଣ କରିବା ସହିତ ସଶସ୍ତ୍ର ବିବାଦ ସହ ଜଡ଼ିତ ହୋଇପାରିବ।

ଆତଙ୍କବାଦୀ ସଂଗଠନଗୁଡ଼ିକ ବାଳକମାନଙ୍କୁ ପ୍ରତାରଣା କରିବା କିମ୍ବା ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଆକର୍ଷିତ କରିବା ଆଦୌ କଷ୍ଟସାଧ୍ୟ ନୁହେଁ। ଆତଙ୍କବାଦୀ ସଂଗଠନମାନେ ଗୁପ୍ତଚର, ରୋଷେଇଆ, ଆତ୍ମଘାତୀ ବିସ୍ଫୋରଣକାରୀ କିମ୍ବା ମାନବ ବୋମା ଭାବେ



ପିଲାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ପ୍ରକ୍ରିୟାରେ ଦେଖାଦେଇଥିବା ସବୁଠାରୁ ଗମ୍ଭୀର ବିଷୟ ହେଉଛି ଯେ ମାନବ ଚାଲାଣ ଏବଂ କାର୍ଯ୍ୟକଳାପରେ ନାବାଳକକୁ ଦାସତ୍ୱରେ ପ୍ରୋତ୍ସାହିତ କରିବା। ୧୯୫୪ ମସିହା ନଭେମ୍ବର ୨୦ରେ ଅନୁଷ୍ଠିତ ମିଳିତ ଜାତିସଂଘର ସାଧାରଣ ସଭାର ଘୋଷଣାନାମାରେ ଶିଶୁମାନଙ୍କର ଅଧିକାର ସୁରକ୍ଷିତ ରଖିବା ବିଷୟରେ ଉଲ୍ଲେଖ ଅଛି। ୧୯୪୮ରେ ମାନବିକ ଅଧିକାର ଉପରେ ସର୍ବଭାରତୀୟ ଘୋଷଣାନାମା ଓ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ଶିଶୁମାନଙ୍କର ଅଧିକାର ସମେତ ସମସ୍ତ ଲୋକଙ୍କ ଅଧିକାର ତଥା ସ୍ୱାଧୀନତାର ସୁରକ୍ଷା ବିଷୟ ଉଲ୍ଲେଖ ରହିଛି। ଏହି ପରିପ୍ରେକ୍ଷୀରେ ଜାତି, ରଙ୍ଗ, ଧର୍ମ, ଭାଷା ଇତ୍ୟାଦି ଆଧାରରେ ଭେଦଭାବ ନକରିବାକୁ ଆହ୍ୱାନ ଦିଆଯାଇଛି। ନାଗରିକ ତଥା ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିର ଧାରା ୨୩ ଏବଂ ୨୪ରେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି।

ଅନ୍ତର୍ଜାତୀୟ ଚୁକ୍ତିନାମାର ଧାରା ୧୦ ଅନୁଯାୟୀ ଶିଶୁମାନଙ୍କର ସ୍ୱତନ୍ତ୍ର ଅଧିକାର ତଥା କଲ୍ୟାଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଶିଶୁ ସଶକ୍ତୀକରଣ, ଶିଶୁ ଅଧିକାରର ସୁରକ୍ଷା, ମାନବ ଅଧିକାର, ମାନବ ସମ୍ମାନର ସୁରକ୍ଷା ଆଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଭାବନାକୁ ଧ୍ୟାନରେ ରଖି ମିଳିତ ଜାତିସଂଘ ସାଧାରଣ ସଭାର ସଂକଳ୍ପ ନମ୍ବର ୪୪/୨୫ ଅନୁଯାୟୀ ୧୯୮୯ ନଭେମ୍ବର ୨୦ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସ୍ୱାକ୍ଷର ଏବଂ ସମର୍ଥନ ପାଇଁ ବିଶ୍ୱର ରାଷ୍ଟ୍ରମାନଙ୍କୁ ଅନୁରୋଧ କରାଯାଇଥିଲା। ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା, ନ୍ୟାୟ ଓ ଶାନ୍ତିର ମୂଳଦୁଆ ପକାଇବାକୁ ଶିଶୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ। ଏହାର ଧାରା ୬ରେ ମଧ୍ୟ ଏକ ବ୍ୟବସ୍ଥା ଅଛି ଯେ ରାଜ୍ୟ ପିଲାମାନଙ୍କ ବଞ୍ଚିବା ସହିତ ସେମାନଙ୍କ ବିକାଶ ପାଇଁ ସର୍ବାଧିକ ସମ୍ଭାବ୍ୟ ପଦକ୍ଷେପ ନିଶ୍ଚିତ କରିବା ଉଚିତ। ଏବେ ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାରର ଯୁଦ୍ଧ କିମ୍ବା ଗୃହଯୁଦ୍ଧ ଚାଲିଛି। ମିଆଁମାରର ରୋହିଙ୍ଗ୍ୟା ସମସ୍ୟା, ସିରିଆରେ ଶରଣାର୍ଥୀ ସମସ୍ୟା, ଇରାନ, ଇରାକ ଏବଂ ଆଫଗାନିସ୍ତାନରେ ଆଭ୍ୟନ୍ତରୀଣ ଉତ୍ତେଜନା ଏବଂ ଆଫ୍ରିକୀୟ ଦେଶଗୁଡ଼ିକରେ ଜାତିଗତ ସମସ୍ୟା ଶିଶୁ ଅଧିକାରକୁ ଉଲ୍ଲଂଘନ କରୁଛି ଏବଂ ସେମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସେଥିପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର ପିଲାମାନଙ୍କର ବଞ୍ଚିବା ପାଇଁ ତଥା ସେମାନଙ୍କର ବହୁମୁଖୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପ୍ରୟାସ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି।

ଶିଶୁ ଅଧିକାର ଚୁକ୍ତି ମିଳିତ ଜାତିସଂଘର ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ରୟାସ। ଶିଶୁ ସଶକ୍ତୀକରଣକୁ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ଶିଶୁମାନଙ୍କୁ ସମସ୍ତ ପ୍ରକାର ଅର୍ଥନୈତିକ ଶୋଷଣ ଏବଂ ନିଶା ଦ୍ରବ୍ୟର ବ୍ୟବହାରରୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ୨୦୦୦ ଜାନୁୟାରୀ ୧୨ରେ ଶିଶୁ ଅଧିକାରର ସୁରକ୍ଷାକୁ ସୁଦୃଢ଼ କରିବାକୁ ସଶସ୍ତ୍ର ଯୁଦ୍ଧରେ ପିଲାମାନଙ୍କର ସମ୍ପୃକ୍ତି ସହ ଜଡ଼ିତ ବିକଳ୍ପ ପ୍ରୋଟୋକଲଗୁଡ଼ିକୁ କାର୍ଯ୍ୟକାରୀ କରାଗଲା। ବାଳକମାନଙ୍କୁ ଦେଶରେ ବିଦ୍ରୋହ ଓ ଯୁଦ୍ଧରେ ଜଡ଼ିତ ନହେବାକୁ ଆହ୍ୱାନ କରାଯାଇଛି। ଆଫ୍ରିକୀୟ ଦେଶମାନଙ୍କରେ ବର୍ତ୍ତମାନ ଅଧିକ ସଂଖ୍ୟକ ନାବାଳକ ଅଛନ୍ତି। ସେମାନଙ୍କୁ ସୈନିକ, କ୍ୟାମ୍ପ କର୍ମଚାରୀ, ଦାସ ଏବଂ ଚୋରା ଚାଲାଣକାରୀ ଭାବରେ କାର୍ଯ୍ୟ କରିବାକୁ ପଡୁଛି। ସୈନିକ ଭାବରେ ପିଲାମାନଙ୍କୁ ବ୍ୟବହାର କରାଯାଉଛି। ଏଭଳି ଏକ ନିଷ୍ଠୁର ତଥା ଅମାନୁଷିକ କାର୍ଯ୍ୟ ଅନେକ ଦେଶରେ ପ୍ରଚଳିତ ହୋଇ ଆସୁଛି। ୟୁନିସେଫ୍ ପକ୍ଷରୁ ଦର୍ଶାଯାଇଛି, ପ୍ରତିବର୍ଷ ପ୍ରାୟ ଏକ ନିୟୁତ୍ ନାବାଳକଙ୍କ ମଧ୍ୟରୁ ଅଧିକାଂଶ ଝିଅଙ୍କୁ, ଯୌନ କାର୍ଯ୍ୟରେ ଲିପ୍ତ କରାଯାଉଛି। ଭାରତରେ ମାଓବାଦୀମାନେ ଶିଶୁ ସୈନିକ ନିଯୁକ୍ତି ଏବଂ ଉତ୍ତର-ପୂର୍ବ ରାଜ୍ୟରେ କାର୍ଯ୍ୟ କରୁଥିବା ଆଲଗା ଗୋଷ୍ଠୀ ଦ୍ୱାରା ହିଂସାତ୍ମକ କାର୍ଯ୍ୟକଳାପ ବିଷୟରେ ଖବର ରହିଛି।

ମାନବ ଅଧିକାର ପାଇଁ ଏସୀୟ କେନ୍ଦ୍ର ୨୦୧୩ ରିପୋର୍ଟରେ ସ୍ପଷ୍ଟ କରିଛି ଯେ ଜାମ୍ମୁ-କାଶ୍ମୀର ଏବଂ ଉତ୍ତର-ପୂର୍ବ ଭାରତୀୟ ରାଜ୍ୟରେ ଅତି କମରେ ତିନି ହଜାର ଶିଶୁ ସୈନିକ ହିଂସାତ୍ମକ କାର୍ଯ୍ୟକଳାପ କରିବା ଉଦ୍ଦେଶ୍ୟରେ ଉଗ୍ରବାଦୀ ସଂଗଠନଗୁଡ଼ିକରେ କାର୍ଯ୍ୟ କରୁଛନ୍ତି। ବଡ଼ ଆଶ୍ୱସ୍ତିକର ଯେ ଭାରତରେ ଏଭଳି ଆତଙ୍କବାଦୀ ବିଚ୍ଛିନ୍ନତାବାଦୀ ଦଳ ନାହାନ୍ତି। ଏହି ଅଭିଯାନ ପାଇଁ ଶିଶୁମାନଙ୍କୁ ନିୟୋଜିତ କରନ୍ତି ବୋଲି ଭାରତ କେବେ ଏହି ଅଭିଯୋଗ କରି ନାହିଁ। ୨୦୦୪ରେ ସଶସ୍ତ୍ର ବିବାଦରେ ଶିଶୁଙ୍କ ସଂଲଗ୍ନ ପାଇଁ ବିକଳ୍ପ ପ୍ରୋଟୋକଲ୍ ଭାରତ ସ୍ୱାକ୍ଷର କରିଥିଲା ଏବଂ ନଭେମ୍ବର ୨୦୦୫ରେ ମଧ୍ୟ ଏହାକୁ ସମର୍ଥନ କରିଥିଲା। ଏହାସତ୍ତ୍ୱେ ୨୦୦୫ ମସିହାରୁ ଛତିଶଗଡ଼ ଭଳି ନକ୍ସଲ୍ ପ୍ରଭାବିତ ଅଞ୍ଚଳରେ ଶିଶୁ ସୈନିକ ନିଯୁକ୍ତି ଉପରେ ମାନବ ଅଧିକାର ସଂଗଠନ ଅଙ୍କୁଶ ଲାଗୁ କରିଛି। ତେବେ ଆତଙ୍କବାଦୀମାନଙ୍କ କାର୍ଯ୍ୟକଳାପରେ ନିୟୋଜିତ ଶିଶୁମାନଙ୍କ ମୁକ୍ତି କେବେ ସମ୍ଭବ ତାହା ସମୟ କହିବ।

# ବିରାଟଙ୍କ ବିସ୍ମୟକର ନିଷ୍ପତ୍ତି !

ନିର୍ମଳ କୁମାର ମିଶ୍ର
ନିମାପଡ଼ା, ମୋ: ୯୪୩୭୨୮୦୧୯୧

ଆସନ୍ତା ମାସରୁ ଆରମ୍ଭ ହେଉଛି ଆଇସିସି ଟି-୨୦ ବିଶ୍ୱକପ୍। ବିସିସିଆଇ ଏଥିପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ବହୁ ଆଗରୁ ଟିମ୍ ଘୋଷଣା କରିସାରିଛି। ଏହି ସମ୍ମାନଜନକ ଟି-୨୦ ବିଶ୍ୱକପ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ମେଣ୍ଟର ମହେନ୍ଦ୍ର ସିଂହ ଧୋନୀ, କୋଚ୍ ରବି ଶାସ୍ତ୍ରୀ, ଅଧିନାୟକ ବିରାଟ କୋହଲି ବଡ଼ ଗେମ୍‌ପ୍ଲାନ କରି ସାରିଥିବା ବେଳେ ହଠାତ୍ ବିରାଟ କୋହଲି ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟର ଅଧିନାୟକ ଦାୟିତ୍ୱରୁ ମୁକ୍ତ ହେବା ଘୋଷଣା କ୍ରିକେଟ୍ ଜଗତକୁ ଆଶ୍ଚର୍ଯ୍ୟ କରିଛି।

ଡବ୍ଲୁଟିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡଠାରୁ ଭାରତର ପରାଜୟକୁ ଭାରତୀୟ କ୍ରିକେଟ୍ ପ୍ରେମୀ ସହଜରେ ଗ୍ରହଣ କରି ନଥିଲେ। ସେଥିପାଇଁ ବେଶ୍ ଚାପରେ ରହିଥିଲେ ଟିମ୍ ଇଣ୍ଡିଆର ଏହି ଷ୍ଟାର ଆଗ୍ରେସିଭ୍ ଅଧିନାୟକ। କ୍ରିକେଟ୍‌ର ୩ଟି ଫର୍ମାଟରେ ଅଧିନାୟକ ରହିଥିଲେ। ସେଥିପାଇଁ ବେଶ୍ ଚାପରେ ରହିବା ସ୍ୱାଭାବିକ। ବିରାଟଙ୍କର ଏହି ବିରାଟ ନିଷ୍ପତ୍ତି ସମସ୍ତ କ୍ରିକେଟ୍ ପ୍ରେମୀଙ୍କୁ ଚମକାଇ ଦେଇଛି। ବିରାଟଙ୍କ ଏପରି ନିଷ୍ପତ୍ତିକୁ ଅନେକ ପୂର୍ବତନ କ୍ରିକେଟିୟର ଏବଂ ବିସିସିଆଇର ଅଧିକାଂଶ ସଦସ୍ୟ ସ୍ୱାଗତ କରିଥିବାବେଳେ ଅନେକ ପୂର୍ବତନ ଖେଳାଳି ବିରାଟଙ୍କୁ ଏହି ଫର୍ମାଟରେ ଅଧିକ ସମୟ ପାଇଁ ଅଧିନାୟକ ରହିବା ପାଇଁ ଚାହୁଁଥିଲେ। ଗତ କିଛିବର୍ଷ ଧରି ୩ଟି ଫର୍ମାଟରେ ଅଧିନାୟକ ରହିବା ଏବଂ ଅତ୍ୟଧିକ ମ୍ୟାଚର ଚାପ ଯୋଗୁଁ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ବେଶ୍ ପ୍ରଭାବିତ ହୋଇଥିଲା। ୩୨ ବର୍ଷୀୟ ଏହି ଆକ୍ରମଣାତ୍ମକ ବ୍ୟାଟ୍‌ସମ୍ୟାନ୍ କ୍ରିକେଟର ୩ଟି ଫର୍ମାଟରେ ଯଦିଓ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ଏବଂ ସମସ୍ତ ଫର୍ମାଟରେ ତାଙ୍କର ଆଭରେଜ ୫୦ ଉପରକୁ ରହିଛି ତଥାପି ତାଙ୍କର ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଏ ପର୍ଯ୍ୟନ୍ତ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ନହେବା ତାଙ୍କ କ୍ରିକେଟ୍ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲା।

ପୂର୍ବରୁ ଟିମ୍ ଇଣ୍ଡିଆର ଅନ୍ୟତମ ଶ୍ରେଷ୍ଠ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ୨୦୧୪ରେ ଅବସର ପରେ ଟିମ୍ ଇଣ୍ଡିଆର ଦାୟିତ୍ୱ ଅତି ସଫଳତାର ସହିତ ତୁଲାଇବା ସହିତ ୨୦୧୭ରେ ଧୋନୀଙ୍କଠାରୁ ଅଧିନାୟକ ଦାୟିତ୍ୱ ନେବା ଏବଂ ଅଧିନାୟକ ହିସାବରେ ଏକଦିବସୀୟ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିବା ସହିତ ସେହିବର୍ଷ ମଧ୍ୟ ଧୋନୀଙ୍କ ପରେ ଅଧିନାୟକ ଦାୟିତ୍ୱ ନେଇଥିଲେ। ଫଳରେ ଧୋନୀଙ୍କ ପରେ ବିରାଟ କ୍ରିକେଟର ୩ଟି ଫର୍ମାଟରେ ଅଧିନାୟକ ହୋଇପାରିଥିଲେ।



ଏପର୍ଯ୍ୟନ୍ତ ୯୬ଟି ଟେଷ୍ଟ ମ୍ୟାଚ୍ ଖେଳି ୫୧ ଆଭରେଜ୍‌ରେ ୭୭୬୫ ରନ୍ ସଂଗ୍ରହ କରିବା ଏବଂ ୨୫୪ଟି ଏକଦିବସୀୟ ମ୍ୟାଚ୍‌ରେ ୫୯ ଆଭରେଜ୍‌ରେ ୧୨୧୬୯ ରନ୍ କରିବା ସହିତ ୯୦ଟି ଟି-୨୦ ମ୍ୟାଚ୍‌ରୁ ୫୨ ଆଭ୍‌ରେଜ୍‌ରେ ୩୧୫୯ ରନ୍ କରିଥିଲେ ମଧ୍ୟ ଅଧିନାୟକ ହିସାବରେ ଟି-୨୦ରେ ୪୫ଟି ମ୍ୟାଚ୍‌ରୁ ୨୭ଟି ବିଜୟ ୧୪ଟି ପରାଜୟ ୨ଟି ମ୍ୟାଚ୍ ଟାଇ ସହ ୬୫ ଶତକଡ଼ା ବିଜୟ ଏବଂ ଅତ୍ୟଧିକ ଚାପ ଯୋଗୁଁ ୨୦୧୯ ପରଠାରୁ ତାଙ୍କର ପ୍ରଦର୍ଶନରେ ସ୍ଥିରତା ନ ରହିବା ଯୋଗୁଁ ତାଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଫଳରେ ଆଇସିସି ର୍‍ୟାଙ୍କିଂରେ ମଧ୍ୟ ତାଙ୍କର ଗତି ତଳମୁହାଁ ହୋଇଥିଲା। ପୂର୍ବରୁ ମହେନ୍ଦ୍ର ସିଂହ ଧୋନୀଙ୍କ ସହ ତିକ୍ତତା ଏପରିକି ଟିମ୍ ମନୋନୟନରେ ଯୁବଖେଳାଳିମାନଙ୍କୁ ପ୍ରାଧାନ୍ୟ ନ ଦେବା ଏପରିକି ରୋହିତ ଶର୍ମାଙ୍କୁ ଟି-୨୦ ଅଧିନାୟକ ଦାୟିତ୍ୱ ଦେବା ଏବଂ ଏବେ ଟି-୨୦ ବିଶ୍ୱକପ୍‌ରୁ ଶିଖର ଧାୱନ ବାଦ୍ ପଡ଼ିବା ତାଙ୍କୁ କିଛି ପରିମାଣରେ ଚାପରେ ରଖିଥିଲା। ଟି-୨୦ରେ ଶତକ ହାସଲ ନ କରି ପାରିବା ଏବଂ ସର୍ବାଧିକ ସ୍କୋର ୯୪ ନଟ୍‌ଆଉଟ୍ ରହିବା ତାଙ୍କୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ୨୦୧୦ରେ ଜିମ୍ବାୱେ ବିପକ୍ଷରେ ନିଜର ଟି-୨୦ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୯୦ଟି ମ୍ୟାଚ୍‌ରୁ ୨୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇପିଏଲ୍‌ର ଟି-୨୦ ଫର୍ମାଟରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ରହିଥିବାବେଳେ ମୋଟ୍ ୧୯୯ଟି ମ୍ୟାଚ୍‌ରୁ ମାତ୍ର ୩୮ ଆଭରେଜ୍‌ରେ ୬୦୭୬ ରନ୍ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟରେ ନିଜର ଦମଦାର ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି କୋହଲି। ୪୩ଟି ଶତକ ୬୨ଟି ଅର୍ଦ୍ଧଶତକ ସହ ୫୯ ଆଭରେଜ୍‌ରେ ୧୨୧୬୯ ରନ୍ ସଂଗ୍ରହ କରିବା ସହିତ ସର୍ବାଧିକ ସ୍କୋର ୧୮୩ ରନ୍ ରହିଛି। ୩ଟି ଫର୍ମାଟରେ ୨୩ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହିତ ୨୦୧୪ ଏବଂ ୨୦୧୬ ଆଇସିସି ଟି-୨୦ ୱାଲର୍ଡ କପ୍‌ରେ 'ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହେବାର ସୌଭାଗ୍ୟ ଲାଭ କରିଥିଲେ।

କ୍ରିକେଟ୍‌ର ଏହି ଛୋଟିଆ ଫର୍ମାଟରେ ହ୍ୱାଇଟ୍ ବଲ୍ ସ୍ପେସିଆଲିଷ୍ଟ ରୋହିତ ଶର୍ମାଙ୍କ ନାମ ଅଧିନାୟକ ପଦ ପାଇଁ ବିବେଚନା କରାଯାଉଛି। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଏହି ଆଗ୍ରେସିଭ୍ ବ୍ୟାଟସମ୍ୟାନ୍ ଟି-୨୦ ମ୍ୟାଚ୍‌ରେ ୧୯ଟି ମ୍ୟାଚ୍‌ରେ ଅଧିନାୟକ ହେବା ସହିତ ୧୫ଟିରେ ବିଜୟୀ ହେବା ସହିତ ଏହି ଅଧିନାୟକ ଦୌଡ଼ରେ ହଟ୍ ଫେବରାଇଟ୍ କୁହାଯାଉଛି। ଆଇସିସିର ଏହି ଟି-୨୦ ଫର୍ମାଟରେ ରୋହିତ ଅଧିକ ସଫଳତା ପାଉଛନ୍ତି। ଅଧିକାଂଶ ମ୍ୟାଚ୍‌ରେ କାମଚଳା ଅଧିନାୟକ ରୂପେ ବେଶ୍ ସଫଳତା ପାଇଥିବା ବେଳେ ବିସିସିଆଇ ତାଙ୍କ ମୁଣ୍ଡରେ ସୁନା କଳସ ଢ଼ାଳିବାର ସ୍ପଷ୍ଟ ଜଣାପଡୁଛି। ଆଇପିଏଲ୍‌ରେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସକୁ ସର୍ବାଧିକ ୫ଥର ଜିତାଇବାରେ ରୋହିତଙ୍କ ଅଧିନାୟକତ୍ୱ ବେଶ୍ ସହାୟକ ହୋଇଛି। ଅଷ୍ଟ୍ରେଲିଆ କ୍ରିକେଟ ପରି ୩ଟି ଫର୍ମାଟରେ ୩ ଜଣ ଅଧିନାୟକ ରହିଲେ ଚାପ କମ୍ ରହିବ ଏବଂ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ବିସିସିଆଇର ଏହା ନିଷ୍ପତ୍ତି ହୋଇପାରେ। ନିଉଜିଲାଣ୍ଡର ଅଧିନାୟକ କେନ୍ ୱିଲିୟମସନ୍ ଗତ କିଛି ବର୍ଷ ହେବ କ୍ରିକେଟ୍‌ର ୩ଟି ଫର୍ମାଟରେ ଅଧିନାୟକ ରହି ନିଉଜିଲାଣ୍ଡକୁ ଆଇସିସି ଏକଦିବସୀୟ ଫାଇନାଲ୍ ଏବଂ ଡବ୍ଲ୍ୟୁଟିସି ଫାଇନାଲ୍‌ରେ ଚାମ୍ପିଆନ୍ କରାଇବା ସହିତ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ବିରାଟ ଚାପ ଯୋଗୁଁ ଠିକ୍ ପ୍ରଦର୍ଶନ କରିପାରୁ ନାହାନ୍ତି ବୋଲି କ୍ରିକେଟ୍ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ଏହି ଛୋଟିଆ ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରି ଟ୍ରଫି ହାସଲ କରିବ ବୋଲି ଆଶା କରାଯାଏ। ଏହା ସତ୍ୟ ଯେ ଟିମ୍ ଇଣ୍ଡିଆକୁ ୩ଟି ଫର୍ମାଟ୍ ଅଧିକ ସଫଳତା ଦେଇଥିବା ଏହି ୩୨ ବର୍ଷୀୟ ଆକ୍ରମଣାତ୍ମକ ବ୍ୟାଟସ୍‌ମ୍ୟାନ ବିରାଟ କୋହଲିଙ୍କ ନିକଟରେ ଅନେକ କ୍ରିକେଟ୍ ବାକି ରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୭୮ ● ପାଉଣ୍ଡ ୧୦୧.୦୦
- ୟୁରୋ ୮୬.୪୬ ● ୟେନ୍ ୦.୬୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୪୦ (ଭୁବନେଶ୍ୱର)
- ରୂପା : ୬୦,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୬୦,୦୪୮.୦୦
- ନିଫ୍ଟି ୧୭,୮୫୩.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଭାରତୀୟ ଶେୟାର ବଜାର ଇତିହାସରେ ସ୍ୱର୍ଣ୍ଣିମ ମୁହୂର୍ତ୍ତ

# ୬୦ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

ମୁମ୍ବାଇ,୨୪।୯ (ଏଜେନ୍ସି)

ଭାରତୀୟ ଶେୟାର ବଜାର ଇତିହାସରେ ଶୁକ୍ରବାର ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି ହୋଇଛି । ଚଳିତ ସପ୍ତାହର ଶେଷ କାରବାର ଦିବସ ଭାବେ ବିଏସ୍‌ଇ ସେନସେକ୍ସ ୬୦ ହଜାର ପଏଣ୍ଟ ଅତିକ୍ରମ କରି ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛି । ବିଗତ ୨୪୬ ଦିନରେ ସେନସେକ୍ସରେ ୧୦ ହଜାର ପଏଣ୍ଟ ବୃଦ୍ଧି ଘଟିଥିଲା ବେଳେ କେବଳ ୪୨ ଦିନ ମଧ୍ୟରେ ୫ ହଜାର ପଏଣ୍ଟ ବୃଦ୍ଧି ରେକର୍ଡ କରାଯାଇଛି । ଆନ୍ତର୍ଜାତିକ କ୍ଷେତ୍ରରେ ଅନୁକୂଳ ନିବେଶ କ୍ଷେତ୍ର ସହିତ ଭାରତୀୟ ଶେୟାର ବଜାର ପ୍ରତି ନିବେଶକାରୀଙ୍କ ଉତ୍ସାହ ଏଭଳି ସଫଳତା ଆଣିପାରିଛି ବୋଲି ବଜାର ବିଶ୍ଳେଷଣକାରୀମାନେ ମତ ଦେଇଛନ୍ତି । ବିଗତ ଦୁଇ ବର୍ଷ ଧରି କରୋନା ମହାମାରୀ ପ୍ରଭାବରେ ଅନେକ କ୍ଷେତ୍ର ପ୍ରଭାବିତ ରହି ଆସିଥିଲେ ମଧ୍ୟ ଭାରତୀୟ ଶେୟାର ବଜାରରେ ଏଭଳି ଉତ୍ସାହ ସୃଷ୍ଟି ହେବା ଏକ ନୂତନ ଦିଗକୁ ଆହ୍ୱାନ କରିଥିବା କୁହାଯାଇଛି । ଯାହାକୁ ନେଇ ଆଗାମୀ ଦିନରେ ସେନସେକ୍ସ ୧୮ ହଜାର ପଏଣ୍ଟ ଅତିକ୍ରମ କରିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ , ଗୁରୁବାର କାରବାର ଶେଷ ବେଳକୁ ସେନସେକ୍ସ ୫୯,୮୮୫ ପଏଣ୍ଟରେ ବନ୍ଦ ରହିଥିଲା ବେଳେ ଶୁକ୍ରବାର କାରବାର ଆରମ୍ଭ ବେଳକୁ ଏହା ୬୦,୧୫୮ ପଏଣ୍ଟ ଛୁଇଁଥିଲା । ହେଲେ ପରବର୍ତ୍ତୀ ସମୟରେ କିଛି ପଏଣ୍ଟ ହ୍ରାସରେ କାରବାର ଶେଷ ବେଳକୁ ଏହା ୬୦,୦୪୦ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି । ଫଳରେ ଗତକାଲି ତୁଳନାରେ ସେନସେକ୍ସରେ ୧୬୩ ପଏଣ୍ଟ ବୃଦ୍ଧି ଘଟିବା ସହିତ ଏହା ୬୦ ହଜାର ପଏଣ୍ଟ ଅତିକ୍ରମ କରିଛି । ୨୦୨୧ ମେ ' ୧୮ ପରେ ରିୟଲ୍ଟି, ଆଇଟଇ , ଟେଲିକମ ଏବଂ ମିଡିଆ ଷ୍ଟକ୍ ଗୁଡିକର ଚାହିଦା ବୃଦ୍ଧି ପାଇ ଆସିଥିଲା ବେଳେ ଶୁକ୍ରବାର ଏହିସବୁ କ୍ଷେତ୍ରର ଶେୟାର କାରବାର ବୃଦ୍ଧିକୁ ନେଇ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଘଟିଥିବା କୁହାଯାଇଛି । ମୁଖ୍ୟତଃ ରିୟଲ୍ଟି କ୍ଷେତ୍ରର



ଉତ୍ତମ କାରବାରକୁ ନେଇ ସେନସେକ୍ସରେ ବୃଦ୍ଧି ପରିଲକ୍ଷିତ ହୋଇଛି । ସେହିପରି ନିଫ୍ଟି ତାଲିକାଭୁକ୍ତ କମ୍ପାନୀଗୁଡିକ ମଧ୍ୟରୁ ଏସିଆନ ପେଣ୍ଟସ୍, ଏଇଚର ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚସିଏଲ ଟେକ୍‌ନୋଲୋଜି ଏବଂ ଏଚଡିଏଫସି ବ୍ୟାଙ୍କ ଆଦିର ଶେୟାର କାରବାର ଉତ୍ତମ ରହିଛି । ଅନ୍ୟପକ୍ଷରେ ଟାଟା ଷ୍ଟିଲ, ଜେଏସଡବ୍ଲ୍ୟୁ ଷ୍ଟିଲ, ଏସବିଆଇ ଏବଂ ଆକ୍ସିସ ବ୍ୟାଙ୍କ ଆଦିର କାରବାର ହ୍ରାସ ପାଇଥିବା କୁହାଯାଇଛି । ତେବେ କାରବାର ଶେଷ ବେଳକୁ ନିଫ୍ଟି ୩୦ ପଏଣ୍ଟ ବୃଦ୍ଧିରେ ୧୭,୮୫୩ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି ।

### କୋଭିଡ୍ କାଳରେ ୧୦ ହଜାର ପଏଣ୍ଟ ବୃଦ୍ଧି

୨୦୨୦ ପ୍ରାରମ୍ଭରେ ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର କୋଭିଡ ମହାମାରୀକୁ ନେଇ ପ୍ରଭାବିତ ହୋଇଥିଲା ବେଳେ ପୁଞ୍ଜି ନିବେଶ କ୍ଷେତ୍ର ଆନ୍ତର୍ଜାତିକ ସ୍ତରରେ ପ୍ରଭାବିତ ହୋଇଥିଲା । ୨୦୨୦ ରୁ ୨୦୨୧ ମଧ୍ୟରେ ବହୁ ପ୍ରତିଷ୍ଠିତ ଷ୍ଟକ ଏକ୍ସଚେଞ୍ଜଗୁଡିକର କାରବାର ପ୍ରଭାବିତ ହେବାରେ ଲାଗିଥିଲା । ଆଶଙ୍କିତ ନିବେଶକାରୀମାନେ ଅନେକ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରିନେଇଥିଲା ବେଳେ ବହୁ ଷ୍ଟକ ଏକ୍ସଚେଞ୍ଜର ସ୍ଥିତି ନିମ୍ନମୁଖୀ ହୋଇପଡ଼ିଥିଲା । ହେଲେ ଭାରତୀୟ ଷ୍ଟକ ବଜାର ଏକପ୍ରକାର ବ୍ୟତିକ୍ରମ ଥିଲା । ଭାରତରେ ୨୦୨୦ରେ କୋଭିଡ୍ ମହାମାରୀର ପ୍ରାଦୁର୍ଭାବ ଆରମ୍ଭ ହୋଇଥିଲା ବେଳେ ୨୦୨୧ରେ ଦେଖାଯାଇଥିବା ଦ୍ୱିତୀୟ ଲହର ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା । ଏହାସତ୍ତ୍ୱେ ଭାରତୀୟ ଷ୍ଟକ ବଜାର ନିବେଶକାରୀଙ୍କ ଲାଗି ଅନୁକୂଳ ରହିଥିଲା । ୨୦୨୧ ଜାନୁଆରୀରେ ସେନସେକ୍ସ ୫୦ ହଜାର ପଏଣ୍ଟ ଛୁଇଁଥିଲା ବେଳେ ଏହି ବର୍ଷରେ ସେନସେକ୍ସ ୬୦ ହଜାର ପଏଣ୍ଟ ଅତିକ୍ରମ କରିବା ଘଟଣା ନିଶ୍ଚିତ ଭାବେ ନିବେଶକାରୀଙ୍କ ପାଇଁ ଅନୁକୂଳ ରହିଥିବା ବଜାର ବିଶ୍ଳେଷଣକାରୀମାନେ କହିଛନ୍ତି ।

### ଶେୟାର ବଜାର ପାଇଁ କଳା ବର୍ଷ

ବିଗତ ଦିନରେ ଅନେକ କିଛି ଘଟଣାକୁ ନେଇ ଭାରତୀୟ ଶେୟାର ବଜାର ପ୍ରଭାବିତ ରହିଥିବାର ନଜିର ରହିଛି । ରାଜନୈତିକ ସ୍ଥିରତା, ଦୁର୍ନୀତି ମୁକ୍ତ ସରକାର ଏବଂ ସୁସ୍ଥ ଏବଂ ଅଭିବୃଦ୍ଧିମୂଳକ ବ୍ୟାବସାୟିକ ପରିବେଶକୁ ନେଇ ନିବେଶକାରୀମାନେ ସାଧାରଣତଃ ନିବେଶ ପାଇଁ ଉତ୍ସାହିତ ରହିଥାଆନ୍ତି । କିନ୍ତୁ କୌଣସି ସମୟରେ ପ୍ରତିକୂଳ ଘଟଣାକ୍ରମକୁ ନେଇ ନିବେଶକାରୀମାନେ ଆଶଙ୍କିତ ହୋଇପଡ଼ିଲେ ଏହାର ପରୋକ୍ଷ ପ୍ରଭାବଶ୍ୟୋର ବଜାର ଉପରେ ମଧ୍ୟ ଅନୁଭୂତ ହୋଇଥାଏ । ଭାରତରେ ମଧ୍ୟ ଏଭଳି ଅନେକ ସ୍ଥିତି ଉପୁଜିଥିବାର ଦେଖାଯାଇଛି । ୧୯୯୨ ମସିହାରେ ହର୍ଷଦ ମେହଟ୍ଟା ଘୋଟାଲା ବେଳେ ପୁଞ୍ଜି ବଜାରରେ ଅସ୍ଥିରତା ଦେଖାଯିବା ସହିତ ଶେୟାର ବଜାର ପ୍ରଭାବିତ ହୋଇଥିଲା । ସେହିପରି ୧୯୯୩ରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଉପରେ ଆତଙ୍କୀ ହମଲା, ୧୯୯୯ କାର୍ଗିଲ ଯୁଦ୍ଧ ଏବଂ ୨୦୦୨ ଭାରତୀୟ ସଂସଦ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତୀୟ ଶେୟାର ବଜାରରେ ନୈରାଶ୍ୟଜନକ ସ୍ଥିତି ଦେଖାଯାଇଥିଲା । ଏହାବ୍ୟତୀତ ସତ୍ୟମ ସ୍କାମ, ବିଶ୍ୱସ୍ତରରେ ଦେଖାଯାଇଥିବା ଅର୍ଥନୈତିକ ଅବନତି, ବିମୁଦ୍ରୀକରଣ ଏବଂ ପିଏନବି ଘୋଟାଲାକୁ ନେଇ ମଧ୍ୟ ଭାରତୀୟ ଶେୟାର ବଜାରରେ ପ୍ରତିକୂଳ ସ୍ଥିତି ଦେଖାଯାଇଥିଲା ।

### ହଜାରେ ପଏଣ୍ଟରୁ ୬୦ ହଜାର ଛୁଇଁବାକୁ ୩୧ ବର୍ଷ

ବିଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଶେୟାର ବଜାରରେ ଅନେକ ରେକର୍ଡ ସୃଷ୍ଟି ହୋଇଛି । ତେବେ ସେନସେକ୍ସର ଗତି ୧୦୦୦ ପଏଣ୍ଟରୁ ୬୦ ହଜାର ଛୁଇଁବାକୁ ଦୀର୍ଘ ୩୧ ବର୍ଷ ସମୟ ଲାଗିଛି । ୨୦୦୬ ଫେବୃଆରୀ ୬ ତାରିଖରେ ସେନସେକ୍ସ ୧୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା ବେଳେ ଭାରତୀୟ ଶେୟାର ବଜାରରେ ଏକ ନୂତନ ରେକର୍ଡ ସୃଷ୍ଟି ହୋଇଥିଲା । ଏହା ପରେ ପରେ ଶେୟାର ବଜାର ନିବେଶକାରୀଙ୍କ ପାଇଁ ଉତ୍ସାହଜନକ ହୋଇପଡ଼ିଥିଲା । ୨୦୦୭ ଅକ୍ଟୋବର



୨୯ ତାରିଖରେ ସେନସେକ୍ସ ୨୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା । ପରବର୍ତ୍ତୀ ସମୟରେ ବଜାର ଅସ୍ଥିରତାକୁ ନେଇ ସ୍ଥିତିରେ ପରିବର୍ତ୍ତନ ଦେଖାଯାଇଥିଲା । ଯେଉଁଥିପାଇଁ ୨୦ ହଜାରରୁ ୩୦ ହଜାର ପଏଣ୍ଟ ଛୁଇଁବାକୁ ଅଧିକ ସମୟ ଲାଗିଥିଲା । ୨୦୧୫ ମାର୍ଚ୍ଚ ୪ରେ ସେନସେକ୍ସ ୩୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା ବେଳେ ୨୦୧୯ ମେ ' ୨୩ରେ ଏହା ୪୦ ହଜାର ପଏଣ୍ଟ ଟପିଥିଲା । ତେବେ ଏହା ପରବର୍ତ୍ତୀ ୧୦ ହଜାର ପଏଣ୍ଟ ଅତିକ୍ରମକୁ କରିବାକୁ ମାତ୍ର ଦୁଇବର୍ଷ ସମୟ ଲାଗିଥିଲା । ୨୦୨୧ ଜାନୁଆରୀ ୨୧ରେ ସେନସେକ୍ସ ୫୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା ।

## ସୁନା ଓ ରୂପା ମୂଲ୍ୟରେ ହ୍ରାସ

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି)

ଭାରତୀୟ ବଜାରରେ ବିଗତ କିଛି ଦିନ ହେଲା ଉଭୟ ସୁନା ଓ ରୂପା ମୂଲ୍ୟକୁ ନେଇ ଅସ୍ଥିରତା ଦେଖାଯାଇ ଆସିଥିଲା ବେଳେ ଶୁକ୍ରବାର ଉଭୟ ଧାତୁ ମୂଲ୍ୟରେ ହ୍ରାସ ଘଟିଥିବା ପରିଲକ୍ଷିତ ହୋଇଛି । ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନର ସୂଚନା ଅନୁସାରେ ଗତ କିଛିଦିନ ମଧ୍ୟରେ ରହି ଆସିଥିବା ସୁନା ମୂଲ୍ୟ



ତୁଳନାରେ ଶୁକ୍ରବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୪୩୮ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଛି । ଫଳରେ ୨୨ କ୍ୟାରାଟ ୧୦ ଗ୍ରାମ ପିଛା ସୁନା ମଧ୍ୟ ତଦନୁପାତିକ ହ୍ରାସ ପାଇଥିବା କୁହାଯାଇଛି । ସେହିପରି ରୂପା ଦରରେ ମଧ୍ୟ କିଲୋ ପିଛା ୧୧୩ ଟଙ୍କା ହ୍ରାସ ପାଇଛି । ଗତକାଲି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୪୬,୬୯୪ ଟଙ୍କା ରହିଥିଲା ବେଳେ ଶୁକ୍ରବାର ଏହି ମୂଲ୍ୟ ୪୬,୨୫୬ଟଙ୍କାକୁ ଖସି ଆସିଛି । ରୂପା ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ୬୦,୬୦୦ ଟଙ୍କା ରହିଥିବା କୁହାଯାଇଛି ।

## ଓଡ଼ିଶାରେ ଆଇ ଫୋନ୍-୧୩ର ବଜାର ପ୍ରବେଶ

### ପ୍ରଥମ ଦିନରେ ଓଡ଼ିଶାରେ ବିକ୍ରି ହେଲା ୧୩୫ ଫୋନ୍




ଭୁବନେଶ୍ୱର,୨୪।୯ (ସମିସ): ଓଡ଼ିଶା ବଜାରରେ ଆଇଫୋନ-୧୩ର ବଜାର ପ୍ରବେଶ ହୋଇଛି । ଭୁବନେଶ୍ୱରର ସହିଦ ନଗର ସ୍ଥିତ ଏସ୍ ଏ ଇନ୍‌ଫୋସିସଠାରେ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଅଭିଶେକ ପୋଦର, ବିଜନେସ ମୁଖ୍ୟ ପିୟୁସ କୁମାରଙ୍କ ସହିତ ଲକ୍ଷ୍ମୀ ମୋବାଇଲର ନକୁଳ ସୁବିଦ୍ଧିଙ୍କ ଉପସ୍ଥିତିରେ ମୋବାଇଲ୍ ଲଞ୍ଚ କରାଯାଇଛି । ପ୍ରଥମ ଦିନରେ ଓଡ଼ିଶାକୁ ଆସିଥିବା ସମସ୍ତ ଷ୍ଟକ୍ ସରିଯାଇଥିବା ବେଳେ ଗ୍ରାହକଙ୍କର ଏହା ଯଥେଷ୍ଟ ପସନ୍ଦ ଆସିଛି ବୋଲି ଏସ୍‌ଏ ଇନଫୋସିସ୍ ପକ୍ଷରୁ କୁହାଯାଇଛି । ଆଇ ଫୋନ୍-୧୩ର ୩ ଟି ମଡେଲ୍ ବଜାରକୁ ଆସିଛି । ଏଥିରେ ଆଇଫୋନ୍-୧୩, ଆଇଫୋନ୍-୧୩ ମିନି ଓ ଆଇ ଫୋନ୍ ପ୍ରୋ ମ୍ୟାକ୍ସ ରହିଛି । ତେବେ ପ୍ରଥମ ଥର ପାଇଁ ସାରା ବିଶ୍ୱ ସହିତ ଭାରତରେ ମଧ୍ୟ ଗୋଟିଏ ତାରିଖରେ ଏହି ଫୋନ୍ ଲଞ୍ଚ ହୋଇଛି । ଏହା ପୂର୍ବରୁ ଭାରତରେ ଆଇଫୋନ୍ ନୂଆ ମଡେଲ୍ ଲଞ୍ଚ ହେବା ପାଇଁ ବିଳମ୍ବ ହେଉଥିଲା । ଆଇଫୋନ-୧୩ ପ୍ରୋ ମ୍ୟାକ୍ସରେ ସିନେମେଟିକ୍ ମୋଡ୍ ରହିଛି । ପ୍ରଥମ ଥର ପାଇଁ କୌଣସି ଫୋନ୍‌ରେ ଏହି ଫିଚର ଦିଆଯାଇଛି । ଯାହାଦ୍ୱାରା ଗ୍ରାହକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଏହି ମଡେଲ ୭୯ ହଜାର ୯୦୦ ଟଙ୍କାରୁ ଆରମ୍ଭ ହୋଇ ୧ ଲକ୍ଷ ୭୯ ହଜାର ୯୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଛି । ତେବେ ଏହି ଫୋନ୍ କିଣିବା ସମୟରେ ଏଚ୍‌ଡିଏଫସି କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡଧାରୀ ୫ ହଜାରରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ପାଇପାରିବେ ବୋଲି ଏଠାରେ ଘୋଷଣା କରାଯାଇଛି । ଓଡ଼ିଶାର ୧୫୦ ଟି ଷ୍ଟୋର୍‌ରେ ଏହି ଫୋନ୍ ଉପଲବ୍ଧ ରହିଥିବା ବେଳେ ଦିନକରେ ୧୩୫ ପିସ୍ ଫୋନ୍ ବିକ୍ରି ହୋଇସାରିଥିବା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି ।

## ଟେଲି ସାନ୍ଦ୍ରତା ହାର ୮୦.୧୩ %କୁ ବୃଦ୍ଧି

# ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସହ ସାମିଲ ହେଉଛନ୍ତି ଅଧିକ ଗ୍ରାହକ

ମୁମ୍ବାଇ,୨୪।୯ (ଏଜେନ୍ସି)

ଓଡ଼ିଶାରେ ଦିନକୁ ଦିନ ଅଧିକ ଗ୍ରାହକ ମୋବାଇଲ ନେଟ୍‌ୱର୍କ ସହ ଯୋଡି ହେଉଥିବା ବେଳେ ରାଜ୍ୟରେ ଟେଲି ସାନ୍ଦ୍ରତା ହାର ମଧ୍ୟ ବୃଦ୍ଧି ପାଇଛି । ଗତ ଜୁଲାଇ ସୁଦ୍ଧା ରାଜ୍ୟର ଟେଲି ସାନ୍ଦ୍ରତା ହାର ୮୦.୧୩ ପ୍ରତିଶତରେ ପହଞ୍ଚିବା ସହିତ ୧୦୦ ଜଣଙ୍କ ମଧ୍ୟରେ ପ୍ରାୟ ୮୦ ଜଣ ମୋବାଇଲ ଫୋନ ବ୍ୟବହାର କରୁଥିବା ଜଣାପଡ଼ିଛି । ବିଶେଷକରି ମୋବାଇଲ ଇଣ୍ଟରନେଟ୍‌କୁ ନେଇ ଗ୍ରାହକ ଚାହିଦା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଥିଲା ବେଳେ ଟେଲି ସେବା ଯୋଗାଣକାରୀ ବିଭିନ୍ନ ସଂସ୍ଥାଙ୍କ ମଧ୍ୟରେ ରିଲାଏନ୍ସ ଜିଓ ସବୁଠାରୁ ଆଗରେ ରହିଥିବା ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି । ଗ୍ରାହକମାନଙ୍କ ସବୁଠାରୁ ପସନ୍ଦଯୋଗ୍ୟ ଡିଜିଟାଲ୍ ସେବା ପ୍ରଦାନକାରୀ କମ୍ପାନୀ ଭାବେ ଜିଓ ଗତ ଜୁଲାଇ ମାସରେ ରାଜ୍ୟରେ ସର୍ବାଧିକ ୩.୧୯ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିବା ସହିତ ନିଜର ପ୍ରଭାବ ଜାରି ରଖିଛି ବୋଲି ଟ୍ରାଇ ତଥ୍ୟରୁ ଜଣାପଡ଼ିଛି । ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୩,୧୯,୯୮୦ ଗ୍ରାହକ ଯୋଡ଼ିଥିବା ବେଳେ ଏହା ପଛକୁ ଏୟାରଟେଲ୍ ରହିଛି । ଏହି ସମୟରେ ଏୟାରଟେଲ ମାତ୍ର ୧୫,୫୭୮ ଗ୍ରାହକ ଏବଂ



**୪ ଟେଲି ଅପରେଟରଙ୍କ ମଧ୍ୟରେ ଜିଓ ଆଗରେ**

ବିଏସ୍‌ଏନ୍‌ଏଲ୍ ମାତ୍ର ୮୧୦୯ ଜଣ ମୋବାଇଲ୍ ଗାହକ ଯୋଡ଼ିଛି । ଅନ୍ୟପକ୍ଷରେ ଭୋଡାଫୋନ୍ ଆଇଡିଆର ଗ୍ରାହକ ସଂଖ୍ୟାରେ ହ୍ରାସ ଧାରା ଜାରି ରହିଥିବା ବେଳେ ଏହି ମାସରେ କମ୍ପାନୀ ଓଡ଼ିଶାରେ ୬୪,୩୩୩ ଜଣ ମୋବାଇଲ୍ ଗ୍ରାହକଙ୍କୁ ହରାଇଛି । ଫଳରେ ଏହି ମାସରେ ରାଜ୍ୟରେ ବୃଦ୍ଧି ପାଇଥିବା ଗ୍ରାହକସଂଖ୍ୟାର ସର୍ବାଧିକ ଅଂଶ ଜିଓ ହାସଲ କରିଥିବା ଜଣାପଡ଼ିଛି । ରିଲାଏନ୍ସ ଜିଓ ଓଡିଶା ଟେଲିକମ୍ ବଜାରରେ ୪୩.୭ ପ୍ରତିଶତ ଗ୍ରାହକ ବଜାର ଅଂଶ ସହିତ ଏହାର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି । ଏୟାରଟେଲ୍‌ର ବଜାର ଅଂଶ ୩୧.୮୯ ପ୍ରତିଶତ ରହିଥିବା ବେଳେ ବିଏସ୍‌ଏନ୍‌ଏଲ୍‌ର ୧୮.୩୫ ପ୍ରତିଶତ ଓ ଭୋଡାଫୋନ୍ ଆଇଡିଆର ୬.୦୬ ପ୍ରତିଶତ ବଜାର ଅଂଶ ରହିଛି । ଯଦ୍ୱାରା ଓଡ଼ିଶାରେ ରିଲାଏନ୍ସ ଜିଓର ୧.୫୩ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଥିବା ବେଳେ ଏହା ପଛକୁ ଏୟାରଟେଲ୍‌ର ୧.୧୧ କୋଟି, ବିଏସଏନଏଲର ୬୪.୨୯ ଲକ୍ଷ ଏବଂ ଭୋଡାଫୋନ୍ ଆଇଡିଆର ୨୧.୨୫ ଲକ୍ଷ ଗ୍ରାହକ ରହିଥିବା କୁହାଯାଇଛି । ସେହିପରି ରାଜସ୍ୱ ଦୃଷ୍ଟିରୁ ଜିଓ ଓଡିଶାରେ ଅଗ୍ରଣୀ ରହିବା ସହିତ ଏହାର ମୋଟ ରାଜସ୍ୱ ବଜାର ଅଂଶ ୫୨.୩ ପ୍ରତିଶତ ରହିଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ଏପ୍ରିଲ୍-ଜୁନ୍ ତ୍ରୈମାସିକ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି ।

## ବିଭାଗୀୟ ବ୍ୟୟ କଟକଣା ଉଠାଇଲା ଅର୍ଥ ମନ୍ତ୍ରାଳୟ

# ଅଭିବୃଦ୍ଧି ପଥ ତ୍ୱରାନ୍ୱିତ ଲକ୍ଷ୍ୟ

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି): କରୋନା ମହାମାରୀ ଦ୍ୱିତୀୟ ଲହର ପ୍ରଭାବକୁ ନେଇ ଗତ ଜୁନ୍ ମାସରେ ବିଭିନ୍ନ ବିଭାଗ ଏବଂ ମନ୍ତ୍ରାଳୟର ବ୍ୟୟ ଉପରେ ଲଗାଯାଇଥିବା କଟକଣାକୁ ଶୁକ୍ରବାର ପ୍ରତ୍ୟାହାର କରିନିଆଯାଇଛି । ଚଳିତ ଆର୍ଥିକ ବର୍ଷର ବାକି ସମୟରେ ଅର୍ଥନୀତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ଉଚ୍ଚ ଅଭିବୃଦ୍ଧି ହାସଲ କରିବା ଏବଂ ବିଭିନ୍ନ କ୍ଷେତ୍ରକୁ ନିବେଶ ଦୃଷ୍ଟିରୁ ଉନ୍ମୁକ୍ତ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । କରୋନାର ଦ୍ୱିତୀୟ ଲହର ସମୟରେ ବ୍ୟୟ ଉପରେ କଟକଣା ଜାରିକରାଯିବା ସହିତ ପ୍ରତ୍ୟେକ ବିଭାଗ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସ(ଜୁଲାଇ- ସେପ୍ଟେମ୍ବର) ମଧ୍ୟ ବଜେଟ ଅନୁମୋଦିତ ରାଶିର କେବଳ ମାତ୍ର ୨୦ ଭାଗ ଉପଯୋଗ କରିବାକୁ କୁହାଯାଇଥିଲା । ହେଲେ ଏବେ ସ୍ଥିତିରେ ଉନ୍ନତି ଘଟିବା ସହିତ ପୁଞ୍ଜି ବ୍ୟବସ୍ଥା ଅନୁକୂଳ ରହିଥିବାରୁ ବର୍ତ୍ତମାନ ସମସ୍ତ ବିଭାଗ ସେମାନଙ୍କ ଧାର୍ଯ୍ୟ ବ୍ୟୟ ଅନୁସାରେ କାର୍ଯ୍ୟ କରିପାରିବେ ବୋଲି କୁହାଯାଇଛି । ବିଶେଷକରି ଚଳିତ ଆର୍ଥିକ ବର୍ଷର ବଜେଟ୍ ଅନୁସାରେ ମାସିକ କିମ୍ବା ତ୍ରୟମାସିକ ବ୍ୟୟ ବରାଦ ଅନୁସାରେ ପ୍ରତ୍ୟେକ ବିଭାଗ ଏଣିକି ବ୍ୟୟ କରିପାରିବେ ବୋଲି ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି ।

## ଚାଇନାର ନିବେଶ ଚାଲ୍‌କୁ ନେଇ ଉଦବେଗ୍

# ନିବେଶ ଚୁକ୍ତିରୁ ମୁହଁ ଫେରାଉଛନ୍ତି ଅନେକ ରାଷ୍ଟ୍ର

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି)

ବିଶ୍ୱର ବିଭିନ୍ନ ଭାଗରେ ନିବେଶ ନାମରେ ଚୀନ୍ ଯେଉଁଳି ଚାଲ ଚଳାଇ ଅନେକ କ୍ଷେତ୍ରକୁ ଅକ୍ତିଆର କରିବାର ନଜିର ରହିଛି । ପାକିସ୍ତାନ ଠାରୁ ଆରମ୍ଭ କରି ଶ୍ରୀଲଙ୍କା ଏବଂ କିଛି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଚୀନ୍‌ର ଏଭଳି କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଆଫ୍ରିକା ମହାଦେଶର ବହୁ ରାଷ୍ଟ୍ର ଉଦ୍‌ବେଗ ପ୍ରକାଶ କରିବା ସହିତ ସେଠାରେ ଚୀନ୍ ଜାଲରୁ ମୁକ୍ତ ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଆଫ୍ରିକାର ବିଭିନ୍ନ ରାଷ୍ଟ୍ରରେ ଚୀନ୍ ନିବେଶ କରିବାକୁ ଚୁକ୍ତି କରିଥିଲା ବେଳେ ଚୀନ୍‌ର ଏଭଳି ମନୋଭାବକୁ ନେଇ ସେଠାକାର ବିଭିନ୍ନ ରାଷ୍ଟ୍ର ଚୀନ୍ ସହ ହୋଇଥିବା ବ୍ୟାବସାୟିକ ଚୁକ୍ତି ରଦ୍ଦ କରିବାକୁ ଆରମ୍ଭ କରିଛନ୍ତି ବୋଲି ଏ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ବିଶେଷ ରିପୋର୍ଟରୁ ଜଣାପଡ଼ିଛି । ଚୀନ୍ ନିବେଶ କରିବା ସୂତ୍ରରେ ବହୁ ରାଷ୍ଟ୍ରଙ୍କ ସହ ଅନୈତିକ ଉପାୟରେ ଚୁକ୍ତି କରି ସେମାନଙ୍କୁ ପରୋକ୍ଷରେ ଉତ୍ପୀଡ଼ନ ଘେରକୁ ଟାଣି ନେଇଥିବା ବହୁ ରାଷ୍ଟ୍ର ପ୍ରକାଶ କରିଛନ୍ତି । ଏହାକୁ ନେଇ ଏବେ ଆଫ୍ରିକା ମହାଦେଶରେ ତିକ୍ତତା ବୃଦ୍ଧି ପାଇବା ସହିତ ବହୁ ରାଷ୍ଟ୍ର ଚାଇନା କମ୍ପାନୀମାନଙ୍କ ସହ ଚୁକ୍ତି ଖାରଜ୍ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଚୀନ୍ ଏହାର ବହୁ ପ୍ରସାରିତ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ) ପ୍ରକଳ୍ପ ଜରିଆରେ ଆଫ୍ରିକାର ବିଭିନ୍ନ ରାଷ୍ଟ୍ରରେ ପର୍ଯ୍ୟାପ୍ତ ନିବେଶ ପାଇଁ ଚୁକ୍ତିବଦ୍ଧ ହୋଇଛି । କେନିଆ ଠାରୁ ଆରମ୍ଭ କରି ଘାନା, କଙ୍ଗୋ ଏବଂ କେନ୍ଦ୍ରୀୟଆଫ୍ରିକାର ବହୁ ରାଷ୍ଟ୍ର ସହ ଚୀନ୍ ଏହି ପ୍ରକଳ୍ପ ଜରିଆରେ ନିବେଶ କରିବାକୁ ଚୁକ୍ତି କରିଛି । କିନ୍ତୁ କିଛି ରାଷ୍ଟ୍ରରେ ଚୀନ୍ ଶେଷ



କରିଥିବା ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ସର୍ତ୍ତକୁ ନେଇ ଏବେ ପ୍ରଶ୍ନ ଉଠିବା ପରେ ଅନେକ ରାଷ୍ଟ୍ର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । କେନିଆରେ ଚାଇନା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ଏକ ରେଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗତ ଜୁଲାଇରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ବେଳେ ଏଥିରେ ଚୀନ୍ ଅନୈତିକ ଭାବେ ବିଭିନ୍ନ ପ୍ରସଙ୍ଗକୁ ଯୋଡିଥିବା ଏବେ ଜଣାପଡ଼ିଛି । ପ୍ରାୟ ୩.୨ ବିଲିୟନ ଡଲାର ମୂଲ୍ୟର ଏହି ପ୍ରକଳ୍ପ ପାଇଁ କରାଯାଇଥିବା ଚୁକ୍ତି ସମ୍ପୂର୍ଣ୍ଣ ବେଆଇନ ଏବଂ ଏହା କେନିଆର ଆଇନ ବ୍ୟବସ୍ଥା ବାହାରେ ବୋଲି ସେଠାକାର ହାଇକୋର୍ଟ କହିଛନ୍ତି । ସେହିପରି କଙ୍ଗୋରେ ଚୀନ୍ ଦ୍ୱାରା ଏକ ପ୍ରକଳ୍ପ ପାଇଁ ହୋଇଥିବା ଚୁକ୍ତି ମଧ୍ୟ ଅନୈତିକ ଉପାୟରେ କରାଯାଇଥିବା ସେଠାକାର ସରକାର ଏବେ ଜାଣିବାକୁ ପାଇଛନ୍ତି । ଫଳରେ ଏହି ଚୁକ୍ତିକୁ ମଧ୍ୟ ବାତିଲ କରାଯାଇଥିବା କୁହାଯାଇଛି । ଏହି ଦୁଇଟି ରାଷ୍ଟ୍ର ବ୍ୟତୀତ ଘାନା, ତାଞ୍ଜାନିଆ ଭଳି ଆହୁରି ଅନେକ ରାଷ୍ଟ୍ରରେ ଚୀନ୍ ଟ୍ରାଫିକ ପ୍ରକଳ୍ପ ଠାରୁ ଆରମ୍ଭ କରି ରେଳ, ସଡ଼କ ଏବଂ ବନ୍ଦର ଆଦି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚୁକ୍ତି କରିଛି । ହେଲେ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଚୁକ୍ତିଗୁଡିକୁ ତର୍ଜମା କରିବା ପରେ ଏବଂ ଚୀନ୍ ଆଭିମୁଖ୍ୟ ସମ୍ପର୍କରେ ଜଣାପଡ଼ିବା ପରେ ଏବେ ସମଗ୍ର ଆଫ୍ରିକା ମହାଦେଶରେ ଉଦ୍‌ବେଗ ପ୍ରକାଶ ପାଇଥିବା ଜଣାପଡ଼ିଛି ।

## ଆୟୁଷ ଡାକ୍ତର ସଂଘର ସ୍ଥାୟୀ ନିଯୁକ୍ତି ଦାବି

# ୨ରୁ ଅସହଯୋଗ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୨୪।୯ (ସମିସ): ସ୍ଥାୟୀ ନିଯୁକ୍ତି ଦାବି କରି ଆସୁଥିବା ଆୟୁଷ ଡାକ୍ତରମାନେ ଅସହଯୋଗ ଆନ୍ଦୋଳନକୁ ଓହ୍ଲାଇବେ। ସରକାର ତୁରନ୍ତ ନିଷ୍ପତ୍ତି ଗ୍ରହଣ ନ କଲେ ସେପ୍ଟେମ୍ବର ୩୦ ତାରିଖ ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ହେବ ବୋଲି ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ସଂଘ ଚେତାବନୀ ଦେଇଛି। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ଅଧ୍ୟକ୍ଷ ଡାକ୍ତର ଲୋଟସ୍ ମିଶ୍ର କହିଛନ୍ତି, ୨୦୦୭ ମସିହାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ଆୟୁଷ ଡାକ୍ତରମାନେ ଠିକା ନିଯୁକ୍ତିରେ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ବନ୍ୟା ବାତ୍ୟା ହେଉ ଅବା କୋଭିଡ୍ ମହାମାରୀ, ଆୟୁଷ ଡାକ୍ତରମାନେ ରୋଗୀ ସେବାରେ କଦାପି ଅବହେଳା କରି ନାହାନ୍ତି। ବିଶେଷକରି ସିଏଚ୍‌ସି, ପିଏଚ୍‌ସିରେ କାମ କରି ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାରେ ଆୟୁଷ ଡାକ୍ତରଙ୍କ ଭୂମିକା ଉଲ୍ଲେଖନୀୟ। ୧୪ ବର୍ଷ ହେଲା ଆମେ ନିରବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସିଛୁ। କିନ୍ତୁ ଆମ ସ୍ଥାୟୀ ନିଯୁକ୍ତି ଦାବିକୁ ଅଣଦେଖା କରାଯାଉଛି। ଏହା ଆମର ମନୋବଳକୁ ଭାଙ୍ଗିବା ସହିତ ଆମ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଉଛି ବୋଲି ଡା. ମିଶ୍ର କହିଛନ୍ତି।

ସଂଘର ସାଧାରଣ ସମ୍ପାଦକ ଡାକ୍ତର ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୨୦୦୭ ମସିହାରେ କାର୍ଯ୍ୟ ଆରମ୍ଭ ସମୟରେ ଆୟୁଷ ଡାକ୍ତରମାନଙ୍କୁ ୭ ହଜାର ଟଙ୍କା ଦରମା ମିଳୁଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୨୯ ହଜାର ଟଙ୍କାରେ ପହଞ୍ଚିଛି। କିନ୍ତୁ ୨୦୦୭ ମସିହାରେ ଠିକା ନିଯୁକ୍ତି ପାଇଥିବା ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ୧୨ ହଜାର ଟଙ୍କା ଦରମା ମିଳୁଥିବା ବେଳେ ଆଜି ତାହା ବୃଦ୍ଧି ପାଇ ୭୦ ହଜାର ଟଙ୍କାରେ ପହଞ୍ଚିଛି। ଏମ୍‌ବିବିଏସ୍ ଡାକ୍ତରଙ୍କ ସହିତ ସମାନ ସେବା ଯୋଗାଉଥିବା ସତ୍ତ୍ୱେ ଆୟୁଷ ଡାକ୍ତରମାନଙ୍କୁ ବାରମ୍ବାର ଅବହେଳା କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ି ଆସୁଛି...

ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ଜେଟିଡବ୍ଲୁସି ସଂସ୍ଥା ବାତ୍ୟା ନେଇ ସୂଚନା ଦେଇଛି। ରବିବାର ସନ୍ଧ୍ୟାରେ ଏହା ଦକ୍ଷିଣ ଗଞ୍ଜାମରେ ସ୍ଥଳଭାଗ ଅତିକ୍ରମ କରିପାରେ। ଜେଟିଡବ୍ଲ୍ୟୁସି ପକ୍ଷରୁ ଶୁକ୍ରବାର ସକାଳୁ ଏହାକୁ ବାତ୍ୟା ଭାବେ ଘୋଷଣା କରି ସାରିଛି। ଅପରପକ୍ଷରେ ଆଇଏମଡି ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ଏହା ଅବପାତ ଆକାରରେ ରହିଛି। ଶନିବାର ଏହା ବାତ୍ୟାର ରୂପ ନେବ। ୨୬ ତାରିଖରେ ସାମୁଦ୍ରିକ ଝଡ଼ ରୂପରେ ବିଶାଖାପାଟଣା ଓ ଗୋପାଳପୁର ମଝିରେ ଥିବା କଳିଙ୍ଗପାଟଣମ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ୭୦-୮୦ କିମି ଓ ଏହାର ଝଟକା ୯୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସ୍ପେଶାଲ ବୁଲେଟିନ୍‌ରେ କୁହାଯାଇଛି। ବିଭାଗ ପକ୍ଷରୁ ସନ୍ଧ୍ୟାରେ ଜାରି ହୋଇଥିବା ସ୍ପେସାଲ ବୁଲେଟିନ୍‌ରେ କୁହାଯାଇଛି ଯେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ଏକ ଲଘୁଚାପ ସୃଷ୍ଟି ହୋଇଥିଲା। ପରେ ଏହା ଘନୀଭୂତ ହୋଇ ଏକ ୱେଲମାର୍କଡ ଓ ପରେ ଅବପାତର ରୂପ ନେଇଛି। ଆସନ୍ତା ୧୨ ଘଣ୍ଟା ଅର୍ଥାତ ଶନିବାର ସକାଳୁ ଗଭୀର ଅବପାତରେ ପରିଣତ ହୋଇ ଘନୀଭୂତ ହେବ। ପରବର୍ତ୍ତି ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି ପରେ ଦିଗ ପରବର୍ତ୍ତନ କରିବ ଓ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳରେ ପହଞ୍ଚିବ।

ସେହିପରି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ୍ ବାତ୍ୟା ନେଇ ଆଶଙ୍କା ପ୍ରକାଶ କରୁଥିବା ବେଳେ କିଛି ମଡେଲ୍ ବାତ୍ୟା ସମ୍ପର୍କରେ ନିରବ ରହିଛନ୍ତି। ଜେଟିସିର ଆକଳନ ଅନୁଯାୟୀ ଆଜି ଅପରାହ୍ଣ ୧ ଟା ୩୦ ସୁଦ୍ଧା ଉତ୍ତର ପୂର୍ବ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଲଘୁଚାପଟି ବାତ୍ୟାର ରୂପ ନେଇଛି। ସନ୍ଧ୍ୟା ୫ ଟା ୩୦ରେ ପବନର ବେଗ ଘଣ୍ଟା ପ୍ରତି ୭୨ କିମି ରହିଛି। ପବନର ଝଟକା ଆଉ ୧୫ କିମି ଅଧିକ ରହିଥିଲା। ଏହି ବାତ୍ୟା ବର୍ତ୍ତମାନ ଘଣ୍ଟା ପ୍ରତି ୭ କିମି ବେଗରେ ପଶ୍ଚିମ ଆଡ଼କୁ ଗତି କରୁଛି। ଏହା କ୍ରମଶଃ ଘନୀଭୂତ ହୋଇ ୨୬ ତାରିଖ ସନ୍ଧ୍ୟା ବେଳକୁ ପଲାସାରୁ ପ୍ରାୟ ୨୦୦ କିମି ପୂର୍ବ ସମୁଦ୍ର ମଧ୍ୟରେ ଥିବ ଏବଂ ପବନର ଘଣ୍ଟାପ୍ରତି ବେଗ ୯୦ କିମି ଅର୍ଥାତ ସିଭିୟର ସାଇକ୍ଲୋନ ରହିବ। ଏହା ଦ୍ୱାରା ଓଡ଼ିଶାରେ ପ୍ରଭାବ ପଡ଼ିବ ନାହିଁ। ପାଗ ମେଘୁଆ ହୋଇପାରେ ଏବଂ ଗଞ୍ଜାମ ଉପକୂଳରେ ପବନ ମେଘ ସାମାନ୍ୟ ବଢ଼ିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଇସିଏମ୍‌ଡବ୍ଲୁଏଫ୍ ମଡେଲ୍ ମଧ୍ୟ ବାତ୍ୟା କଥା କହିଛି। ଏହି ବାତ୍ୟା ୨୬ ମଧ୍ୟାହ୍ଣ ପରେ ଓଡ଼ିଶା ଉପକୂଳ ଛୁଇଁପାରେ। ତେବେ ଏହା ଦ୍ୱାରା ଓଡ଼ିଶା ଉପରେ ବିଶେଷ ବର୍ଷା କିମ୍ବା ପବନର ସମ୍ଭାବନା ନାହିଁ। ହୁଏତ ଦକ୍ଷିଣ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା କିଛି ସ୍ଥାନରେ ମଧ୍ୟମ ଧରଣ ବର୍ଷା ହୋଇପାରେ କିନ୍ତି ବିସ୍ତୃତ ବର୍ଷାର ସମ୍ଭାବନା ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଆଇଏମ୍‌ଡି ପକ୍ଷରୁ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୨୫ ତାରିଖରେ ବର୍ଷା ଆରମ୍ଭ ହେବ ସେହିଦିନ ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ବିଭାଗ ୟେଲୋ ଆଲର୍ଟ ଜାରି କରିଛି। ମାତ୍ର ରବିବାର ଅର୍ଥାତ ୨୬ ତାରିଖରେ ବର୍ଷାର ପ୍ରକୋପ ଯଥେଷ୍ଟ ଅଧିକ ରହିବ। ବିଶେଷ କରି କନ୍ଧମାଳ, ଗଞ୍ଜାମ, ରାୟଗଡ଼ା ଓ ଗଜପତିରେ ବର୍ଷାର ପ୍ରକୋପ ୨୦ ସେଣ୍ଟିମିଟରରୁ ଅଧିକ ରହିବ। ଏଥିପାଇଁ ଏହି ୪ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିଦିନ କଟକ, ନୟାଗଡ଼, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କାରଯାଇଛି। ବର୍ଷାର ପ୍ରକୋପ ଅଧିକ ହେତୁ ବିଭିନ୍ନ ସ୍ଥାନରେ କଚ୍ଚା ଘର ଭାଙ୍ଗିବା ସହିତ ମାଟି ରାସ୍ତା ମଧ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ତଳିଆ ଅଞ୍ଚଳରେ ପାଣି ଜମିବା ସହିତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଉଦ୍ୟାନ କୃଷି ସହିତ ଠିଆ ହୋଇଥିବା ଫସଲ ନଷ୍ଟ ହେବା ଭଳି ସ୍ଥିତି ଉପୁଜିପାରେ ବୋଲି କେନ୍ଦ୍ର କହିଛି। ଗୋଟିଏ ପଟେ ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର କମି ନ ଥିବା ବେଳେ ସମ୍ଭାବ୍ୟ ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ହେବ। ଯାହାଦ୍ୱାରା ପୁଣି ଥରେ ବିଭିନ୍ନ ଅଞ୍ଚଳରେ ବନ୍ୟା ବିଭାଶୀକା ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଜଳକାକୁ ଛାଡ଼ି ସବୁ ନଦୀ ବିପଦ ସଙ୍କେତ ତଳେ ଥିଲେ ମଧ୍ୟ ପାଣି ନଦୀରେ ଜଳସ୍ତର ଯଥେଷ୍ଟ ଅଧିକ ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

### ୨୪ ଘଣ୍ଟିଆ କଣ୍ଟ୍ରୋଲ୍‌ରୁମ୍ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦ୍ୱାରା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ରେଡ୍, ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲାଗୁଡ଼କର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି। ତଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସହିତ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହୁଛି। ତେଣୁ ଏହାର ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଜଳବନ୍ଦୀ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ସହିତ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିବାକୁ ମଧ୍ୟ କୁହାଯାଇଛି। ଏହାସହିତ ଶନିବାର ସୃଷ୍ଟି ହେବାକୁ ଥିବା ବାତ୍ୟା ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୭୦-୮୦ ଓ ଏହାର ଝଟକା ୯୦ କିମି ପର୍ଯ୍ୟନ୍ତ ରହିବାର ଅଛି। ଏଥିପାଇଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ଯିବା ପାଇଁ ବାରଣ କରାଯାଇଛି।

### ଆଇଏମ୍‌ଡିର ରାତିଅଧିଆ...

ତତ୍ପରତା ପ୍ରଦର୍ଶନ କରିଥିଲେ ତାହା ବାତ୍ୟା ପୂର୍ବ ପ୍ରସ୍ତୁତି ନିମନ୍ତେ ଅଧିକ ସହାୟକ ହୋଇଥାଆନ୍ତା। ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆସିଯାଇଥିବାରୁ ସମୁଦ୍ର ମଧ୍ୟରେ ହେଉଥିବା ପ୍ରତ୍ୟେକଟି ଗତି ବିଧି ଉପରେ ବିଭିନ୍ନ ସଂସ୍ଥା ନଜର ରଖିଛନ୍ତି। ଏହାକୁ ଆଧାର କରି ଅନେକ ବିଦେଶୀ ମଡେଲ ବାତ୍ୟା ପାଇଁ ବାତାବରଣ ସୃଷ୍ଟି ହେବାକୁ ଯାଉଥିବା ବହୁ ପୂର୍ବରୁ ଆକଳନ କରିଛନ୍ତି। ମାତ୍ର ଆଇଏମ୍‌ଡି ଏ ସମ୍ପର୍କରେ ନିରବତା ଅବଲମ୍ବନ କରିବା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଶୁକ୍ରବାର ସକାଳେ ଲଘୁଚାପ ସୃଷ୍ଟି ହୋଇ ଗୋଟିଏ ଦିନରେ ଏହା ବାତ୍ୟାର ରୂପ ନେବା ସମସ୍ତଙ୍କୁ ଚକିତ କରିଛି। ଅତି କମ୍ ସମୟ ମଧ୍ୟରେ ଏହା ତୀବ୍ର ଭାବେ ଘନୀଭୂତ ହେଉଥିବାରୁ ପରବର୍ତ୍ତି ଅବସ୍ଥା ସମ୍ପର୍କରେ ମଧ୍ୟ ସଠିକ୍ ଆକଳନକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ହୋଇଥିବା ଓଖି ବାତ୍ୟା ମଧ୍ୟ ହଟାତ୍ ଘନୀଭୂତ ହୋଇ ବାତ୍ୟାର ରୂପ ନେଇଥିଲା। ଯାହାଦ୍ୱାର ସମୁଦ୍ର ମଧ୍ୟରେ ଥିବା ଅନେକ ମତ୍ସ୍ୟଜୀବୀ ପ୍ରାଣ ହରାଇଥିଲେ।

### କ୍ରୀଡ଼ା କ୍ଷେତ୍ରରେ ନବୀନ...

କରିଛି। ଏଠାରେ ସ୍ମରଣଯୋଗ୍ୟ, ଭାରତର ଜାତୀୟ ଖେଳ ହକିର ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ନିରନ୍ତର ଭାବେ ଯେଉଁ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ନବୀନଙ୍କର ଦୃଢୋକ୍ତି ଦେଖି କ୍ରୀଡାପ୍ରେମୀ ବି ଆଚମ୍ବିତ। ପୂର୍ବରୁ ଓଡ଼ିଶା ସରକାର ମାତ୍ର ୯୦ ଦିନ ମଧ୍ୟରେ ୨୦୧୮ରେ ୨୨ତମ ଏସୀୟ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍ ଆୟୋଜନ କରିଥିଲେ। ଯେତେବେଳେ ହକିର ପ୍ରାୟୋଜକ ଦାୟିତ୍ୱରୁ ଭାରତବର୍ଷର ଗୋଟିଏ ନାମୀଦାମୀ କଂପାନି ଓହରି ଆସିଥିଲା, ସେବେ ନବୀନ ସାମ୍ନାକୁ ଆସିଥିଲେ। ଏବେ ଓଡ଼ିଶାର ସଂପୃକ୍ତି ପରେ ଚାରିଦଶନ୍ଧି ପରେ ଅଲମ୍ପିକ୍ସରେ ମିଳିଥିବା ସଫଳତା ନବୀନ ଓ ଭାରତର ହକି ଦଳ ସଂପର୍କକୁ ଆହୁରି ଘନିଷ୍ଠ କରିଦେଇଛି। ସେହିଭଳି ଫୁଟବଲ୍ ଓ ରଗ୍‌ବୀ କ୍ଷେତ୍ରରେ ବି ଓଡ଼ିଶା ଇତିମଧ୍ୟରେ ସାହସିକ ପଦକ୍ଷେପ ନେଇସାରିଲାଣି। ରଗ୍‌ବୀ ପ୍ରାୟୋଜକ ଦାୟିତ୍ୱ ବି ଓଡ଼ିଶା ସରକାର ନେଇଛନ୍ତି। ତେବେ ହକି କ୍ଷେତ୍ରରେ ନବୀନଙ୍କର ଏଭଳି ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ବିଶ୍ୱ ସମୁଦାୟ ଆଗରେ ଭାରତର ଜାତୀୟ ଖେଳ ପ୍ରତି ଆଦୃତ୍ତି ବଢାଉଛି ଓ ରାଜ୍ୟକୁ ଗୋଟିଏ ଭିନ୍ନସ୍ତରକୁ ନେଇଗଲେଣି। କ୍ରିକେଟ୍ ମନସ୍କ ଯୁବ ବର୍ଗ ଏବେ ହକି ପାଇଁ ପାଗଳ ହେବା ଆରମ୍ଭ କଲେଣି ଏବଂ ହକି ଖେଳାଳିମାନଙ୍କୁ ମଧ୍ୟ ସ୍ୱୀକୃତି ଦେଲେଣି। ଏକଥା ନିକଟରେ ଟୋକିଓ ଅଲମ୍ପିକରେ ହକିର ସଫଳତା ପରେ ଦେଶର ବିଭିନ୍ନ ଅଞ୍ଚଳରେ ଯେଉଁଭଳି ସମ୍ବର୍ଦ୍ଧନା ଦିଆଗଲା, ସେଥିରୁ ଜଣାପଡିଯାଇଛି। ଏପରି ପରିସ୍ଥିତିରେ ଓଡ଼ିଶା ଏହି ଜୁନିୟର ବିଶ୍ୱକପ୍ ଆୟୋଜନ ଲାଗି ଆଗେଇ ଆସିବା ପରେ କ୍ରୀଡାପ୍ରେମୀ ଆହୁରି ଉତ୍ସାହିତ ହୋଇପଡିଛନ୍ତି। ରାଜନୈତିକ ମହଲର କହିବା କଥା ହେଉଛି, ରାଜନୀତିରେ ଅତ୍ୟନ୍ତ ସଫଳ ନବୀନ ହକି ଖେଳକୁ ସର୍ବକାଳୀନ ଲୋକାଦୃତି କରିବା ସହିତ ଓଡ଼ିଶାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ବିଭିନ୍ନ କ୍ଷେତ୍ରରେ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଏବେ ଅଧିକ ପରିପୁଷ୍ଟ ହେବାରେ ଲାଗିଛି। ଆଥଲେଟ ଏବଂ କ୍ରୀଡ଼ାବିତଙ୍କୁ ସହାୟତା କରିବା କ୍ଷେତ୍ରରେ ଓଡ଼ିଶା ପ୍ରୟୋଗଶାଳା ପାଲଟିଛି। ଓଡ଼ିଶା ଏବେ ଦେଶର ପ୍ରଶଂସନୀୟ କ୍ରୀଡା ଭିତ୍ତିଭୂମି କ୍ଷେତ୍ର ନିର୍ମାଣରେ ଲାଗିଛି। ନିକଟ ଅତୀତରେ ସମସ୍ତ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ରାଜ୍ୟ ଏକ ନିରନ୍ତର ସ୍ତମ୍ଭ ହୋଇଆସୁଛି।

ଏହି ମହଲ ଆହୁରି କହୁଛନ୍ତି, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମି ନିର୍ମାଣରେ ମନୋନିବେଶ କରିଥିବା ମୁଖ୍ୟମନ୍ତ୍ରୀ ଏବେ କ୍ରୀଡାରେ ଉତ୍କର୍ଷତା ଲାଭ କରିବା ଲାଗି ପ୍ରତିବଦ୍ଧତା ପ୍ରକଟ କରିଛନ୍ତି। ଭୁବନେଶ୍ୱରର ପରିଚୟ ବଦଳୁଛି ଓ ଏହା କ୍ରୀଡା ରାଜଧାନୀର ମାନ୍ୟତା ପାଇଛି, ଖାସ୍ ରାଜ୍ୟ ସରକାରଙ୍କ କ୍ରୀଡା ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପାଇଁ। ୨୦୨୩ ହକି ବିଶ୍ୱକପ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବ। ସଂପ୍ରତି କଳିଙ୍ଗ ଷ୍ଟାଡିୟମ୍ ସହିତ ହକିର ଏନ୍ତୁଡିଶାଳ ସୁନ୍ଦରଗଡ ଜିଲ୍ଲାରେ (ରାଉରକେଲାଠାରେ) ଦେଶର ବଡ ହକି ଷ୍ଟାଡିୟମ୍ ନିର୍ମାଣ କରୁଛନ୍ତି। ଓଡ଼ିଶା ଅଲମ୍ପିକ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛି। ଏହାଦ୍ୱାରା କେବଳ କ୍ରୀଡାର ବିକାଶ ହେଉଛି ତାହା ନୁହେଁ, ବରଂ ଯୁବ ପିଢ଼ି ମନ ବଦଳାଇଲେଣି। ଖେଳ ପ୍ରତି ଗାଁ ଗାଁରେ ଆଦୃତ୍ତି ବଢୁଛି ଓ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାରା ଓଡ଼ିଶାରେ ଷ୍ଟାଡିୟମ୍ ନିର୍ମାଣ ଲାଗି ୭୦୦ କୋଟିର ଟଙ୍କାର ଗୋଟିଏ ବଡ ବଜେଟ୍ ଖର୍ଚ୍ଚ କରିବା ଲାଗି ଟ୍ରେଜେରି ଖୋଲିଦେଇଛନ୍ତି। ଏହାର ସାମାଜିକ ପ୍ରଭାବ ମଧ୍ୟ ଆସନ୍ତା ଦିନରେ ରାଜ୍ୟ ଅନୁଭବ କରିବ ଓ ଓଡ଼ିଶା ଦେଶର ପ୍ରଶଂସନୀୟ କ୍ରୀଡା ଭିତ୍ତିଭୂମି ଭାବେ ମୁଣ୍ଡ ଟେକିବା ସମୟ ଆଉ ବେଶୀ ଦୂର ନୁହେଁ ବୋଲି ମତ ରଖିଛନ୍ତି।

### ଦୋହରାଇବେ...

ଏଫସିଆଇ ସିଧାସିଧା ମନା କରି ଦେଇଛି। ଅନୁରୂପ ଭାବରେ କେନ୍ଦ୍ର ଉପରେ ଧାନ କିଣା ସବସିଡ଼ି ବାବଦରେ ପ୍ରାୟ ୬ ହଜାର କୋଟି ଟଙ୍କା ବକେୟା ପଡ଼ିଛି। କେନ୍ଦ୍ର ଆଗ୍ରୀମ ଟଙ୍କା ଦେଉ ନଥିବାରୁ ରାଜ୍ୟ ସରକାର ବ୍ୟାଙ୍କରୁ ଋଣ କରି ଚାଷୀଙ୍କ ଠାରୁ ଧାନ କିଣିବାକୁ ବାଧ ହେଉଛି ଏବଂ ଏଥିପାଇଁ ସୁଧ ଗଣୁଛି। ତେଣୁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ଅଧିକାରୀଙ୍କୁ ଭେଟିପାରନ୍ତି ବୋଲି କୁହାଯାଉଛି।

ରାଜ୍ୟରେ ଇଣ୍ଟରନେଟ୍ ଓ ମୋବାଇଲ ସେବାର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିପାରନ୍ତି ବୋଲି ମଧ୍ୟ ଅନ୍ୟଏକ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟରେ ୭୫୦୦ ଗାଁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ଅଛନ୍ତି। ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲ୍ଲାରେ ୩୦%ରୁ ଅଧିକ ଗାଁରେ ମୋବାଇଲ୍ ସେବା ଉପଲବ୍ଧ ନାହିଁ। ରାଜ୍ୟରେ ସମୁଦାୟ ୫୧୩୧୧ ଗାଁରୁ ୧୧ ହଜାର ଗାଁରେ ମୋବାଇଲ୍ ସଂଯୋଗ ନାହିଁ। ତେଣୁ କରୋନା କାଳରେ ପିଲାଙ୍କ ଅନଲାଇନ ପାଠପଢ଼ା ବାଧାପ୍ରାପ୍ତ ହୋଇଛି, ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ପ୍ରଦାନରେ ଏହା ବାଧକ ହୋଇଛି।

ଏହାବ୍ୟତୀତ ବର୍ତ୍ତମାନ ରାଜ୍ୟରେ 'ଆବାସ' ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି। ଓଡ଼ିଶାର ୫୨୧୬୮ ଗାଁ ଏସ୍‌ଇସିସି (ସାମାଜିକ, ଆର୍ଥିକ, ଜାତିଭିତ୍ତିକ ଜନଗଣନା) ଡ଼ାଟାଭୁକ୍ତ ହୋଇଥିବାବେଳେ ୪୮୩୩ ଗାଁକୁ ଏଯାଏ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ଓ ଆବାସ ସଫ୍ଟ ୱେବସାଇଟରେ ଏହି ଗାଁ ଗୁଡ଼ିକ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଚଳିତ ବର୍ଷ ରାଜ୍ୟ ସରକାର 'ଆବାସ' ଯୋଜନାରେ ନିଜର ଅଂଶ ନିମନ୍ତେ ବଜେଟରେ ୩୦୦୦ କୋଟି ଟଙ୍କା ବରାଦ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଂଶ ମିଳିଲେ ଏହି ଅର୍ଥ ବ୍ୟୟ ହୋଇପାରିବ। ମାତ୍ର କେନ୍ଦ୍ର ସରକାର ଆବାସ ଯୋଜନାରେ ନିଜର ଅଂଶଧନ ଦେବାରେ ଟାଳଟୁଳ ଅବଲମ୍ବନ କରୁଥିବାରୁ 'ଆବାସ' ପ୍ରକଳ୍ପ ଆଗକୁ ଆଗେଇ ପାରୁନାହିଁ। ତେଣୁ ଏ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଅବଗତ କରିପାରନ୍ତି ବୋଲି କୁହାଯାଉଛି।

### ସାମ୍ବାଦିକ ମୃତ...

ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଅରିନ୍ଦମଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ଓଡ୍ରାଫ ଯବାନ ହରିଶ୍ଚନ୍ଦ୍ର ନାୟକ, ଆନନ୍ଦ ପାଲ ଓ ସଞ୍ଜୀବ ବିଶ୍ୱାଳ ଓ କ୍ୟାମେରାମ୍ୟାନ ପ୍ରଭାତ ଚିକିତ୍ସିତ ହେଉଛନ୍ତି। ଓଡ୍ରାଫ୍‌ର ଜଣେ ଯବାନ ସନାତନ ମୁର୍ମୁ ନିଖୋଜ ଅଛନ୍ତି। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସନାତନଙ୍କୁ ଖୋଜିବା ପ୍ରକ୍ରିୟା ଚାଲିଥିଲା। ଶନିବାର ସକାଳୁ ପୁଣି ଉଦ୍ଧାର ଅଭିଯାନ ଚାଲିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଆଇନଶୃଙ୍ଖଳା ଏଡିଜି ଆର୍.କେ ଶର୍ମା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କେମିତି ଓଡ୍ରାଫ୍ ବୋଟରେ ସାମ୍ବାଦିକମାନେ ଗଲେ ସେ ଦିଗରେ ତଦନ୍ତ ଆରମ୍ଭ ହୋଇଛି। ଆର୍.କେ. ଶର୍ମା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଓଡ୍ରାଫର ୫ଜଣିଆ ଟିମ ହାତୀ ପାଖକୁ ଯାଉଥିବା ବେଳେ ସେହି ବୋଟ୍‌ରେ ଅରିନ୍ଦମ ଓ କ୍ୟାମେରା ସହଯୋଗୀ ପ୍ରଭାତ ଲାଇଭ କଭରେଜ ପାଇଁ ବୋଟରେ ଚଢ଼ିଥିଲେ। ସେମାନେ ବୋଟ ଜରିଆରେ ହାତୀ ନିକଟରେ ପହଞ୍ଚିଥିଲେ। ହାତୀକୁ ଅତିକ୍ରମ କରି ତା'ର ପଛପାର୍ଶ୍ୱକୁ ଯାଇ ପହଞ୍ଚିଥିଲେ। ଏହି ସମୟରେ ପାଣିର ପ୍ରଖର ସୁଅ ବୋଟରେ ମାଡ଼ ହେଉଥିବାରୁ ଦୁର୍ଭାଗ୍ୟବଶତଃ ବୋଟ୍‌ର ଷ୍ଟାର୍ଟ ବନ୍ଦ ହୋଇ ଯାଇଥିଲା। ପାଣି ସୁଅ ଭିତରେ ଓଲଟି ପଡ଼ିଥିଲା ବୋଟ୍। ସଙ୍ଗେସଙ୍ଗେ ବ୍ୟାରେଜ ଉପରୁ ଦଉଡି ପକାଯାଇ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯାଇଥିଲା। ୫ଜଣଙ୍କୁ ଏହି ପ୍ରକ୍ରିୟାରେ ଉପରକୁ ଉଠାଇ ଅଣାଯାଇଥିଲା। ମାତ୍ର ଅରିନ୍ଦମ ଭାସି ଯାଇଥିଲେ। କିଛି ବାଟ ଦୂରରେ ତାଙ୍କୁ ଡଙ୍ଗା ଜରିଆରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଦେହାନ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅରିନ୍ଦମଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। କାର୍ଯ୍ୟରତ ଯୁବ ଓଡ଼ିଆ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ପରଲୋକରେ ରାଜ୍ୟପାଳ ଶୋକପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏହାସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଟୁଇଟ୍ ମାଧ୍ୟମରେ ନିଜର ଶୋକବାର୍ତ୍ତା ଜଣାଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ ତାଙ୍କର ବିୟୋଗରେ ଶୋକବ୍ୟକ୍ତ କରିବା ସହ ଜଣେ ଉଦୀୟମାନ ସାମ୍ବାଦିକଙ୍କୁ ରାଜ୍ୟ ହରାଇଲା ବୋଲି କହିଛନ୍ତି। ଏହା ସହ ତାଙ୍କର ପରିବାରକୁ ମଧ୍ୟ ଶ୍ରୀ ମଙ୍ଗରାଜ ନିଜର ସମବେଦନା ଜଣାଇଛନ୍ତି।

### ଅଭିଯୁକ୍ତକୁ ୧୧ ବର୍ଷ...

ଗ୍ରାମରେ ଅଭିଯୁକ୍ତ ଅଳିଆ ସାହୁଙ୍କ ଘର ନିକଟରେ ୫ ବର୍ଷର ନାବାଳିକା ତାଙ୍କ ପରିବାର ସହ ରହୁଥିଲେ। ନାବାଳିକାଙ୍କୁ ଚକଲେଟ ଦେବା ସହ ବୁଲାଇବାକୁ କହି ଅଭିଯୁକ୍ତ ଜଣକ ୨୦୧୪ ଜୁଲାଇ ୧୦ ତାରିଖରେ ଘରକୁ ଡାକିନେଇ ଦୁଷ୍କର୍ମ କରିଥିଲା। ନାବାଳିକା ଚିତ୍କାର କରିବା ପରେ ପରିବାର ଲୋକ ସେଠାରେ ପହଞ୍ଚି ତୁରନ୍ତ ଅଭିଯୁକ୍ତକୁ କାବୁ କରି ନେଇଥିଲେ। ପରେ ଏ ନେଇ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ଅଭିଯୁକ୍ତ ଅଳିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ଓ ପରବର୍ତ୍ତି ପର୍ଯ୍ୟାୟରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦର୍ଶାଇ ଆଜି ପୋକ୍ସ କୋର୍ଟ ଜଜ୍ ଗୁରୁ ପ୍ରସାଦ ସାହୁ ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଘଟଣା ଦିନଠାରୁ ଅଭିଯୁକ୍ତ ଅଳିଆ ଜେଲରେ ରହିଥିବା ବେଳେ ଇତି ମଧ୍ୟରେ ୭ବର୍ଷ ବିତିଯାଇଛି। ଆଉ ୪ ବର୍ଷ ଜେଲରେ ରହିବେ ବୋଲି ମଧ୍ୟ ଜଜ୍ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସ କୋର୍ଟ ଆଇନଜୀବୀ ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ନାବାଳିକାଙ୍କୁ ଗଣଦୁଷ୍କର୍ମ...

ଏସ୍‌ପି ରାଜ କିଶୋର ପାଇକରାୟ ଓ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କ ଚପଲ, ମନିପର୍ସ, ଆଧାର କାର୍ଡ ଓ ନାବାଳିକାର ଅନ୍ତବସ୍ତ୍ର ଜବତ କରିଥିଲେ।

### ଶୁଭମ୍ କୁମାର ସର୍ବଭାରତୀୟ...

୬୨୦ରେ ସୁଧାଂଶୁ ନାୟକ, ୬୫୮ରେ ଜିତେନ୍ଦ୍ର କୁମାର ମେହେର ପ୍ରମୁଖଙ୍କୁ ମିଶାଇ ୨୦ରୁ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ବର୍ଷ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।

ଦେଶରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରଶାସନିକ ସେବା ପାଇଁ ୧୮୦ ଜଣଙ୍କୁ ମନୋନୀତ କରାଯାଇଥିବାବେଳେ ଆଇଏଫ୍‌ଏସ୍ ପାଇଁ ୩୬, ଆଇପିଏସ୍ ବର୍ଗରେ ୨୦୦, ଗ୍ରୁପ୍ ଏ ବର୍ଗର ସେବା ପାଇଁ ୩୦୨ ଏବଂ ଗ୍ରୁପ୍ ବି ବର୍ଗର ସେବା ପାଇଁ ୧୧୮ ଜଣଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମାର୍କ ଅନଲାଇନ୍‌ରେ ଉପଲବ୍ଧ ହେବ।

## ବିଜେଡି ଯୁବନେତାଙ୍କୁ ହତ୍ୟା ଘଟଣା

# ୨ ଜଣଙ୍କୁ ଆଜୀବନ କାରାଦଣ୍ଡ





ସାଲେପୁର,୨୪।୯ (ସମିସ): ବହୁଚର୍ଚ୍ଚିତ ବିଜେଡି ଯୁବନେତା ଚିତ୍ତ ମହାନ୍ତିଙ୍କୁ ବୋମାମାଡ଼ ଓ ହତ୍ୟା ଘଟଣାର ବିଚାର କରି ଆଜି ସାଲେପୁର ଅତିରିକ୍ତ ଦୌରାଜଜ୍ ଦୁଇଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୭ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

୨୦୧୨ ଜୁଲାଇ ୧୮ ତାରିଖ ରାତି ପ୍ରାୟ ୧୦ଟାରେ ରୋଧପୁର ଗ୍ରାମର ଛାତ୍ର ବିଜେଡି ଯୁବନେତା ଚିତ୍ତରଞ୍ଜନ ମହାନ୍ତି ନିଜ ଘର ଭିତରକୁ ପ୍ରବେଶ କରୁଥିବାବେଳେ ବୋମାମାଡ଼ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ତ୍ତି କରିଥିବାବେଳେ ସେଠାରୁ କଟକ ବଡ଼ ମେଡିକାଲକୁ ନେବା ସମୟରେ ବାଟରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମୃତ ଚିତ୍ତରଞ୍ଜନଙ୍କ ପିତା ଅନିରୁଦ୍ଧ ମହାନ୍ତି ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ମାମଲା ରୁଜୁ କରି ଉତ୍ତର ବଟେଶ୍ୱର ଗ୍ରାମର ଦୁଷ୍ମନ୍ତ ଦାସ ଓ ଉକ୍ତ ଗ୍ରାମର ସଞ୍ଜୟ ଭୋଇଙ୍କୁ ଗିରଫ କରିଥିଲା। ପରେ ଏହି ହତ୍ୟାକାଣ୍ଡ ଘଟଣାକୁ ଗୁରୁତ୍ୱ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରିଥିଲା। ଆଜି ସାଲେପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଗ୍ରାମ କିଶୋର ପଟ୍ଟନାୟକ ଏହି ମାମଲାର ୨୦ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଆଧାର କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା କ୍ରାଇମ୍‌ବ୍ରାଞ୍ଚର ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନଗୋ ପ୍ରକାଶ କରିଛନ୍ତି। ମୃତ ଚିତ୍ତରଞ୍ଜନଙ୍କ ପିତା ଅନିରୁଦ୍ଧ ମହାନ୍ତି ୯ ବର୍ଷ ପରେ ତାଙ୍କୁ ନ୍ୟାୟ ମିଳିଥିବାରୁ ତାଙ୍କ ପୁଅର ଆତ୍ମାକୁ ଶାନ୍ତିମିଳିଲା ବୋଲି ପ୍ରକାଶ କରିବା ସହ ଅଦାଲତର ରାୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ କିଛିଦିନ ତଳେ ସାଲେପୁର ଆଇଆଇସି ମୃଣ୍ମୟ ସେନାପତି ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ଦୁଷ୍ମନ୍ତ ଦାସ ଓ ସଞ୍ଜୟ ଭୋଇଙ୍କୁ ୱାରେଣ୍ଟି ବଳରେ ଗିରଫ କରିଥିଲେ।

### ଘୁଞ୍ଚିଲା ଓସିଏସ ପ୍ରମାଣପତ୍ର ଯାଞ୍ଚ ଏବଂ ମୌଖିକ ପରୀକ୍ଷା

କଟକ,୨୪।୯ (ସମିସ): ଓଡ଼ିଶା ଲୋକସଭା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୧୯ ର ଚାଲିଥିବା ପ୍ରମାଣପତ୍ର ଯାଞ୍ଚ ଏବଂ ମୌଖିକ ପରୀକ୍ଷା ଆସନ୍ତା ୨୭ ତାରିଖରେ ବନ୍ଦ ରହିବ। ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡକରା ଦିଆଯାଇଥିବାରୁ ଉକ୍ତ ଦିନ ପରିବର୍ତ୍ତେ ଆସନ୍ତା ଅକ୍ଟୋବର ୫ ତାରିଖରେ ଏହି ପରୀକ୍ଷା ହେବ। ଏନେଇ ଆଜି ଓପିଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଥାଉକି, ପ୍ରାୟ ୩୬ ଜଣ ପ୍ରାର୍ଥୀ ଏହି ପରୀକ୍ଷା ଦେଇଥାନ୍ତେ।

### ଯୁବତୀଙ୍କ ନକଲି ଫେସ୍‌ବୁକ୍ ଆଇଡିରେ ଅଶ୍ଳୀଳ ଫଟୋ ପୋଷ୍ଟକରି ଯୁବକ ଗିରଫ

କଟକ,୨୪।୯ (ସମିସ): ସମ୍ବଲପୁର ଜିଲ୍ଲା ଧମା ଥାନା ବଦୁଆପାଲି ଗ୍ରାମର ଜଣେ ଯୁବତୀଙ୍କ ନକଲି ଫେସବୁକ ଆକାଉଣ୍ଟ ଖୋଲି ସେଥିରେ ଅଶ୍ଳୀଳ ଫଟୋ ଛଡ଼ାଯାଉଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବରଗଡ଼ ଜିଲ୍ଲା ଭେଡେନ ଥାନା ଜୁଗିପାଲି ଗ୍ରାମର ଗୋକୁଳ ଓରଫ କ୍ଷୀରସିନ୍ଧୁ ପ୍ରଧାନ(୨୨)। ସମ୍ପୃକ୍ତ ଗିରଫ ଯୁବକ ନିକଟରୁ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଛି। ଅଭିଯୋଗ ଅନୁସାରେ, ବାଦୁଆପାଲି ଗ୍ରାମର ଜଣେ ମହିଳାଙ୍କ ଭଉଣୀଙ୍କ ନାମରେ ଫେକ୍ ଫେସବୁକ ଆଇଡି ଖୋଲାଯାଇ ଭଉଣୀର ଅଶ୍ଳୀଳ ଫଟୋ ଛଡ଼ାଯାଉଥିଲା। ଏପରିକି ଭଉଣୀ ନାମରେ ଖୋଲିଥିବା ଫେସବୁକରୁ ଅନ୍ୟମାନଙ୍କ ସହ ଚାଟିଂ କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ଉପରୋକ୍ତ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗକାରୀ ଏତଲା ଦେଇଥିଲେ।

## ହାଇକୋର୍ଟରେ ବେଆଇନ ଚିଙ୍ଗୁଡ଼ିଘେରି ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କୁ ଜବାବଦାଖଲ ନିର୍ଦ୍ଦେଶ

କଟକ,୨୪।୯ (ସମିସ): ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ତଥା ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର ଓ ବିଚାରପତି ଜଷ୍ଟିସ ବି.ପି ରାଉତରାୟଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଜବାବ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାର ଉପକୂଳରେ ଗଢିଉଠିଥିବା ବେଆଇନ ଚିଙ୍ଗୁଡ଼ିଘେରି ସହ ଚିଙ୍ଗୁଡ଼ି ହ୍ୟାଚେରିଗୁଡ଼ିକୁ ମଧ୍ୟ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ କେତେକ ଇଣ୍ଟର୍‌ଭେନ୍‌ସନ ପିଟିସନ ଦାୟର କରାଯାଇଥିଲା। ଡିଏଲସି ବୈଠକରେ ସମ୍ବେଦନଶୀଳ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷକୁ ଅନୁମତି ପ୍ରଦାନ ନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଂକ୍ରାନ୍ତରେ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଅନ୍ୟପଟରେ କେବଳ ପୁରୀ ଜିଲ୍ଲାପାଳ ଭର୍ଚ୍ଚୁଆଲ ମାଧ୍ୟମରେ ହାଜର ହୋଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ଜଣାଇଥିଲେ। କେତେକ ଇଣ୍ଟରଭେନର ଉପସ୍ଥାପନ କରିଥିବା ପ୍ରସଙ୍ଗରେ ହାଇକୋର୍ଟ ଚିଙ୍ଗୁଡିଘେରି ଗୁଡିକର ପଞ୍ଜୀକରଣ ଓ ଲାଇସେନ୍ସ ବୈଧ ରହିଛି ନା ନାହିଁ ତାହା ଅନୁଧ୍ୟାନ କରିବାକୁ କହିଥିଲେ। କୋଷ୍ଟାଲ ଆକ୍ୱାକଲଚର ଅଥରିଟି ଆକ୍ଟ ଅନୁସାରେ, ଚିଙ୍ଗୁଡ଼ିଘେରିଗୁଡ଼ିକ ନିର୍ଦ୍ଧାରିତ ସୀମାରେ ନଥିବା ନେଇ ଅଦାଲତଙ୍କୁ ନିଶ୍ଚିତ ନକରିବା ପର୍ଯ୍ୟନ୍ତ ଏହି ଇଣ୍ଟରଭେନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଜାରି କରିଥିବା ଅନ୍ତରୀଣ ରୋକ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ଅଦାଲତ। ପ୍ରକାଶଥାଉକି ଏହି ମାମଲାରେ ଆଇନଜୀବୀ ମୋହିତ ଅଗ୍ରୱାଲଙ୍କୁ ହାଇକୋର୍ଟ ଆମିକସକ୍ୟୁରୀ ନିଯୁକ୍ତି ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ନଭେମ୍ବର ୧୬ତାରିଖକୁ ଧାର୍ଯ୍ୟ କରାଯାଇଛି।


**PUBLIC NOTICE**

This Notice is issued to all person(s)/ institution(s) and general public that an equitable mortgage shall be created in respect of the following land in Dist.- Khurdha, Tahasil- Bhubaneswar, Mouza- Koradakanta, New Mutation Khata No.- 459/2537, Chaka No.- 145, Plot No.-164, Area.-Ac.1.196 dec. correspondence to Sabak Khata No.- 347 & 459/15, Chaka No.- 145, Plot No.- 164, Area.- Ac.1.196 dec. and for which two link documents of mine i.e. (1) Original R.S.D. infavour of Sagarika Kar of Khata No.- 347, Chaka No.- 145, Plot No.- 164, Area.- Ac.1.196 dec. (2)Original R.O.R. of Khata No.- 459/15, Chaka No.- 145, Plot No.- 164, Area.- Ac.1.196 dec. in the name of Sagarika Kar has been lost somewhere in Sahid Nagar, Bhubaneswar on dtd.05.04.2021 and necessary police report has been made at Sahid Nagar Police Station on dtd.06.04.2021. Therefore any person(s)/institution(s)/ member of the general public having any interest in the said property. If any, is/are requested to intimate the undersigned within fifteen days from the date of publication of this notice failing which it shall be deemed that the said property is free from any mortgaged charges lien, litigation and encumbrances.

Smt. Sagarika Kar
W/o- Sri Ajit Kumar Kar
Near Janana Hospital Road, Ramahari Nagar, 2nd Sahi, Brahmapur Sadar, Berhampur, Dist.- Ganjam, Odisha-760001
Ph. No.- 6370504656

**OFFICE OF THE PANCHAYAT SAMITI, BONTH**

At- Bonth, Po- Bonth, Dist.- Bhadrak, Pin-756114
email: ori-bonth@nic.in
Adv No.- 01/2021-22 Date- 23.09.2021 175-I

No. 2527 **TENDER CALL NOTICE** Dt.- 24.09.2021

Sealed Tender (Percentage Rate) in conformity with the DTCN are invited from "C" class and above contractors registered with central Govt. / MES / Railways the State Govt. for executition of civil works under Panchayat Samiti Bonth. The tender document (BOQ & DTCN) obtained from Block devlopment officer on Dt.27.09.2021 to 16.10.2021 till 3.00 P.M. The tender will be received up to Date 16.10.2021 till 3.00 P.M & same will be dropped in tender box available at to Panchayat Samiti Bonth, Dist.: Bhadrak, PIN-756114 through registered / Speed post & no courier service shall be accepted. The tender shall be opened at 3.30 pm on dt. 16.10.2021 in the office of the Panchayat Samiti Bonth. The incomplete bid in any form is liable for rejection. The details terms and condition can be seen at NIC website (www.bhadrak.nic.in).

OIPR-19150/11/0001/2122

Sd/- Block Development Officer
Bonth

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-19-21

କାର୍ଯ୍ୟର ବିବରଣୀ : ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନୟନ ସହିତ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପ୍ଲାଟଫର୍ମ ଏବଂ ପରିକ୍ଷେତ୍ର (Circulating area)ରେ ଆଲୋକିତକରଣର ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,50,38,513.33

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-20-21

କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 17 ଗୋଟି ରେଳ ଷ୍ଟେସନଠାରେ ଲାଇଟିଙ୍ଗ୍ (Lighting)ର ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,75,89,439.73

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-21-21

କାର୍ଯ୍ୟର ବିବରଣୀ : ରେଳକୁଞ୍ଜ, ଭୁବନେଶ୍ୱର ଠାରେ 100 KLD କ୍ଷମତା ବିଶିଷ୍ଟ ନବ ନିର୍ମିତ ମଇଳା ପାଣି ଉପଚାର କାରଖାନା(Sewage Treatment Plant) ନିମନ୍ତେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,61,038.99

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-22-21

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼, ଭଦ୍ରକ, ବ୍ରହ୍ମପୁର ଏବଂ ପଲାସା ରେଳ ଷ୍ଟେସନ ଠାରେ ଷ୍ଟେସନ ସିକ୍ୟୁରିଟି ପ୍ଲାନ୍(Station security plan)ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 9,34,749.88

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- (କ୍ରମ ସଂ.1 ଏବଂ 2 ପାଇଁ), 1,180/- (କ୍ରମ ସଂ.3 ପାଇଁ), 2,360/- (କ୍ରମ ସଂ.4 ପାଇଁ), ଶେଷ ହେବା ଅବଧି : 06 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.10.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ଼

PR-408/M/21-22

## ଆସନ୍ତା ୨ରୁ ବିଶାଖାପାଟଣା-କିରଣ୍ଡଲ ଟ୍ରେନ୍ ଚଳାଚଳ

**ଜୟପୁର/କୋରାପୁଟ ୨୪।୯ (ସମିସ):** ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଛତିଶଗଡ କିରଣ୍ଡଲକୁ ରାତ୍ରୀକାଳୀନ ଟ୍ରେନ ଚଳାଚଳ ପୁନର୍ବାର ଆସନ୍ତା ୨ ତାରିଖରୁ ଚଳାଚଳ ଆରମ୍ଭ ହେବ। ଏନେଇ ଶୁକ୍ରବାର ଭୁବନେଶ୍ୱର ପୂର୍ବତଟ ରେଳ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୦୨୦ କୋଭିଡ୍ ମହମାରୀ କଟକଣା ଯୋଗୁଁ ଉକ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବନ୍ଦ ରହିଥିଲା। କିନ୍ତୁ ମହାମାରୀ ଦ୍ୱିତୀୟ ଲହରର ପ୍ରକୋପ କମିବାରେ ଲାଗିଥିବା ଯୋଗୁଁ ପୁନର୍ବାର ଉକ୍ତ ଯାତ୍ରୀବାହୀ ଟ୍ରେନ ପ୍ରତ୍ୟେକ ସପ୍ତାହରେ ଦୁଇଦିନ ଚଳାଚଳ କରିବ। ବିଶାଖପାଟଣା ଠାରୁ ପ୍ରତି ଶନିବାର ରାତି ୯.୨୦ ମିନିଟରେ ବାହାରି କୋରାପୁଟରେ ରାତି ୨.୩୦ମି, ଜୟପୁରରେ ରାତି ୩.୩୮ ମି.ରେ ପହଞ୍ଚିବ। ଏହାପରେ ଗନ୍ତବ୍ୟସ୍ଥଳ କିରଣ୍ଡଲର ପୂର୍ବାହ୍ନ ୯ଟାରେ ପହଞ୍ଚିବ। ସେହିପରି ବିପରୀତ ଦିଗରୁ କିରଣ୍ଡଲରୁ ଅପରାହ୍ନ ୩ ଟାରେ ବାହାରି ଜୟପୁରରେ ୭.୪୩ ମିରେ ସଂଧ୍ୟା ପହଞ୍ଚି ଏଠାରୁ ୭.୪୫ମିରେ ଯାତ୍ରା ଆରମ୍ଭ କରିବ। କୋରାପୁଟ ଠାରେ ୯.୧୦ମିରେ ପହଞ୍ଚି ସେଠାରୁ ୫ମିନିଟ ରହଣିପରେ ବିଶାଖାପାଟଣାରେ ରାତି ୨.୪୦ମିରେ ପହଞ୍ଚିବ। ଏହି ଟ୍ରେନ ଓଡିଶାରେ କେବଳ ଦୁଇଟି ଷ୍ଟେସନରେ ରହଣି ବ୍ୟବସ୍ଥା ରହିଥିବା ବେଳେ ଆନ୍ଧ୍ରପ୍ରଦେଶରେ ଏବଂ ଛତିଶଗଡରେ ୩ ଲେଖାଏଁ ସମୁଦାୟ ୮ଟି ଷ୍ଟେସନରେ ରହଣି ରହିଛି। ଏଥିରେ ଶୀତତାପ ନିୟନ୍ତ୍ରଣ ଏବଂ ସ୍ଲିପରକ୍ଲାସ ସମେତ ୧୩ଟି ବଗି ରହିବ ବୋଲି ସୂଚନା ମିଳିଛି ।

## ଦଶହରା ପାଇଁ ପ୍ରସ୍ତୁତି ବୈଠକ

**କୋଷାଗୁମୁଡ଼ା,୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ କୋଡ଼ିଙ୍ଗା ଗ୍ରାମରେ ଚଳିତ ବର୍ଷର ଦଶହରା ପର୍ବ ପାଳନ ପାଇଁ ଦଶହରା ମଣ୍ଡପ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଏହି ପାର୍ବ ନିମନ୍ତେ ମୂର୍ତ୍ତି ଓ ସାଜସଜ୍ଜା ଉପରେ ଯାହା ଉଲେଖ ରହିଛି ତାହାକୁ ଦୃଷ୍ଟିରେ ରଖି ପୂଜା କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ପୂଜା କମିଟିର ସଭାପତି ଜଗନ୍ନାଥ ନାୟକ, ସମ୍ପାଦକ ଧନସିଂ ମାଝୀ, କମିଟି ସଦସ୍ୟ ଧରମ ସିଂ, ଅନନ୍ତ ମାଝୀ, ସାହେବ ଚାଲାଣ, ସୁନିଲ ପାତ୍ର, ବିଜୟ ପଟ୍ଟନାୟକ, ଘାସିରାମ ସ୍ୱାଇଁ, ଶ୍ୟାମ ହରିଜନ, ମୁନା ପଟ୍ଟନାୟକ,ବାବୁଲି ପାତ୍ର ଓ ସନ୍ତୋଷ ପ୍ରଧାନ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

**କୋଷାଗୁମୁଡ଼ା,୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୁଲି ଗ୍ରାମ ପଞ୍ଚାୟତର ଦେଓଗାଁ ଗ୍ରାମର ସଦା ଗୌଡ଼ଙ୍କ ୯ ବର୍ଷର ଝିଅ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛି। ଆଜି ସନ୍ଧ୍ୟାରେ ଗୋମା ଗୌଡ଼(୯)ସ୍ଥାନୀୟ ଗ୍ରାମର ପୋଖରୀକୁ ଯାଇଥିଲା। ହଠାତ ପୋଖରୀ ଭିତରକୁ ଖସିଯାଇ ଗଭୀର ପାଣିକୁ ଚାଲି ଯାଇଥିଲା। ବର୍ଷାଯୋଗୁଁ ପୋଖରୀରେ ଭରି ରହିଥିବା ପାଣିରେ ପହଁରି ନ ପାରି ବୁଡିଯାଥିଲା।

## ଡୁଡୁମପଦରରେ କଂଗ୍ରେସର ମିଶ୍ରଣ ପର୍ବ

**କୁନ୍ଦୁରା, ୨୪।୯ (ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ନୂତନ ଭାବେ ଗଠିତ ପଞ୍ଚାୟତ ଅନ୍ତର୍ଗତ ଡୁଡୁମପଦରଠାରେ ଶୁକ୍ରବାର ବ୍ଲକ କଂଗ୍ରେସ ସଭାପତି ଗକୁଳ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅଗାମୀ ଗ୍ରାମ ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ଅପ୍ରାଣ ଚେଷ୍ଟା କରିବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ କୌଣସି ଅଧିକାରୀ ରହୁ ନଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଞ୍ଚଳବାସୀ କଂଗ୍ରେସ ସଭାପତିଙ୍କୁ ଅଭିଯୋଗ କରିଥିଲେ । ଏହି ଅବସରରେ ବିଜେଡିର ୧୦ ଜଣ କର୍ମୀ କଂଗ୍ରେସରେ ହୋଇଥିବା ସଭାପତି ସୂଚନା ଦେଇଛନ୍ତି । ଏଥିରେ ଯୁବ କଂଗ୍ରେସ ସଭାପତି ରାଜେଶ ଗୁରୁ, ବରିଷ୍ଠ କର୍ମୀ ଗୁପ୍ତ ହରିଜନ, ଶିବ ପ୍ରଧାନି, ସାଇବାନ୍ ଖୋସଲା, ଶୁକ୍ର ସାନ୍ତା, ଆନ୍ଦ୍ରିୟ ଦୁର୍ଗା ଏବଂ ଫୁଲଭଟ୍ଟା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ଧ୍ରପ୍ରଦେଶ ଏମ ପି ଟି ସି ଚେୟାରମ୍ୟାନ ମନୋନୀତ

**ପଟାଙ୍ଗି,୨୪।୯ (ସମିସ):** ଆନ୍ଧ୍ରପ୍ରଦେଶ ର ଆଜି ଏମ ପି ଟି ସି ଚେୟାରମ୍ୟାନ(ବ୍ଲକ ଅଧ୍ୟକ୍ଷ) ଏକ ଆଦିବାସୀ ମହିଳା ଚୟନ ହୋଇଯାଇଅଛନ୍ତି।କୋଟିଆ କୁ ନେଇ ଆନ୍ଧ୍ର ଏବଂ ଓଡିଶା ମଧ୍ୟରେ ବିବାଦ ଚାଲିଅଛି ଏଥି ମଧ୍ୟରେ ସୁପ୍ରିମକୋର୍ଟ ହାଇକୋର୍ଟ ର ଦ୍ୱାରସ୍ଥ ହେବା ପରେ ମାନ୍ୟବର ହାଇକୋର୍ଟ ପୁନର୍ବାର ନିର୍ବାଚନ ନକରି ଭୋଟ ଗଣତି କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବାପରେ ଏମ.ପି.ଟି.ସି/ଜେଡ଼.ପି.ଟି.ସି ଭୋଟ ଗଣତି କରି ନିର୍ବାଚନ ଫଳାଫଳ ପ୍ରକାଶ କରିଥିଲେ।ଆଜି ସୀମାନ୍ତ ସାଲୁର ମଣ୍ଡଳ(ବ୍ଲକ) କାର୍ଯ୍ୟାଳୟ ଠାରେ ଆଜି ଏମ.ପି.ଟି.ସି ଚେୟାରମ୍ୟାନ(ବ୍ଲକ ଅଧ୍ୟକ୍ଷ) ଚୟନ କରାଯାଇଥିବା ନେଇ ଜଣାପଡିଅଛି।ସୂଚନା ଅନୁଯାୟୀ ସାଲୁର ମଣ୍ଡଳରେ ୧୬ ଗୋଟି ଏମ.ପି.ଟି.ସି(ସମିତିସଭ୍ୟ) ରହିଥିବା ବେଳେ ଟିଡିପି ଦଳ ପକ୍ଷରୁ ୨,ୱା ଏସ ଆର ସି ପି ଦଳ ପକ୍ଷରୁ ୧୪ ଗୋଟି ସଦସ୍ୟ ନିର୍ବାଚିତ ହୋଇଅଛନ୍ତି।ଗାରୁଗୁପିଲି ରାମୁଲାମା ଆଦିବାସୀ ମହିଳା ଗୋରାବାନ୍ଧା ପଞ୍ଚାୟତ ର ଏମ.ପି.ଟି.ସି(ସମିତିସଭ୍ୟ) ଏମ.ପି.ଟି.ସି ଚେୟାରମ୍ୟାନ(ବ୍ଲକ ଅଧ୍ୟକ୍ଷ) ଭାବେ ମନୋନୀତ ହୋଇଥିବା ନେଇ ଜଣାପଡିଅଛି।ଉକ୍ତ ନିର୍ବାଚନରେ କୋଟିଆ ଅଞ୍ଚଳରେ ନିର୍ବାଚିତ ହୋଇଥିବା ଏମ.ପି.ଟି.ସି(ସମିତିସଭ୍ୟ) ସାମିଲ ହୋଇଥିବା ନେଇ ଜଣାପଡିଅଛି।

## ହୃଦଘାତରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ

**ତେନ୍ତୁଲିଖୁଣ୍ଟି, ୨୪।୯ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟରତ ପଂଚାୟତ ନିର୍ବାହୀ ଅଧିକାରୀ କୈଳାଶ ପ୍ରଧାନ ୫୭ ଙ୍କ ଆଜି ରାତ୍ର ତେନ୍ତୁଲିଖୁଣ୍ଟି ଠାରେ ପରଲକୋ ହୋଇଯାଇଛି । ସେ ତେନ୍ତୁଲିଖୁଣ୍ଟି ବ୍ଲକ ର କୁକୁଡ଼ାବାଇ ପଂଚାୟତ ଠାରେ ପଂଚାୟତ ନିର୍ବାହୀ ଅଧିକାରୀ ଭାବେ ଦୀର୍ଘ ଦୁଇବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ।ତାଙ୍କ ବିୟୋଗରେ ତେନ୍ତୁଲିଖୁଣ୍ଟି ବ୍ଲକ ର କର୍ମଚାରୀ ଙ୍କ ସହ କୁକୁଡ଼ାବାଇ ପଂଚାୟତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି ।ତାଙ୍କ ନିଜ ପିତୃ ଗ୍ରାମ କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ଅନ୍ତର୍ଗତ ଗୁମୁଡ଼ା ଗ୍ରାମରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି ।ତାଙ୍କ ଏହି ବିୟୋଗ ରେ ତେନ୍ତୁଲିଖୁଣ୍ଟି ଗୋଷ୍ଠି ଉନୟନ ଅଧିକାରୀ ପଦ୍ମନାଭ ତ୍ରିପାଠୀ ,ଯନ୍ତ୍ରୀ ଅରବିନ୍ଦ ବେହେରା ଙ୍କ ସମେତ ସମସ୍ତ ପିଇଓ ଦୁଃଖ ପ୍ରକାଶ କରିଛନ୍ତି ।ଆଖିଳ ଭତରା ,ନାରାୟଣ ପାତ୍ର ,ଗୌରୀ ଶଙ୍କର ମାଝୀ,ପର୍ଶୁରାମ ମାଝୀ,ବିଜେପି ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ,ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ ନାଗ,ବ୍ଲକ ର ସମସ୍ତ ସରପଂଚ,ବ୍ଲକ ଚେୟାର ମେନ ଦେବକୀ ନାୟକଭାଇସ ଚେୟାରମ୍ୟାନ ଦେବକୀ ନାୟକ,ସୁଧୀର ଖୁରା, ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି ।

### ଦ୍ୱିତୀୟ ପର୍ଯ୍ୟାୟରେ ଆସିଲେ ନୂଆପଡ଼ା ଓ କେନ୍ଦୁଝରର ଅଧିକାରୀ

# ୪୮ ଅଧିକାରୀ ବୁଲି ଦେଖିଲେ ଗଞ୍ଜାମର ବିକାଶ ମଡେଲ

**ଛତ୍ରପୁର,୨୪।୯ (ସମିସ):** ଗଞ୍ଜାମର ବିକାଶ ମଡେଲକୁ ଓଡ଼ିଶାର ଅନ୍ୟ ସମସ୍ତ ୨୯ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ନୂଆପଡ଼ା ଓ କେନ୍ଦୁଝର ଜିଲ୍ଲାର ୪୮ ଜଣ ଅଧିକାରୀମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ବୁଲି ଦେଖିଛନ୍ତି। ଜିଲ୍ଲାର ବିକାଶକୁ ଅନୁକରଣ କରିବା ପାଇଁ ୨ ଜିଲ୍ଲାର ଅଧିକାରୀମାନେ ସଂକଳ୍ପ ନେଇଛନ୍ତି। ନୂଆପଡ଼ା ଓ କେନ୍ଦୁଝର ଜିଲ୍ଲାର ଅଧିକାରୀମାନେ ୨ଟି ଟିମ୍‌ରେ ବିଭକ୍ତ ହୋଇ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି ମନରେଗା ଯୋଜନାରେ ନିର୍ମାଣ ହୋଇଥିବା ପର୍ଯ୍ୟଟନ ସର୍କିଟ, ଆଦର୍ଶ ପୋଖରୀ, ଆଦର୍ଶ ଅଙ୍ଗନବାଡି କେନ୍ଦ୍ର, ଆଦର୍ଶ ଗ୍ରାମୀଣ ପାର୍କ, ମିଶନ ଶକ୍ତି କୋଠା ଗ୍ରାମୀଣ ଜିମ୍, କ୍ୟାଟେଲ ହଷ୍ଟେଲ, ବିଜୁ ପଞ୍ଚାୟତ ପାଠାଗାର, ଭ୍ୟୁ-ପଏଣ୍ଟ, କଲ୍ୟାଣ ମଣ୍ଡପ, ଦେଶୀ କୁକୁଡା ଫାର୍ମ, ସ୍କୁଲ ରୁପାନ୍ତିକରଣ କାର୍ଯ୍ୟକ୍ରମରେ ମଡେଲ ହାଇସ୍କୁଲ ରୁପାନ୍ତିକରଣ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ପରେ ଛତ୍ରପୁରରେ ଡିଆରଡିଏ ସ୍ଥିତ ଗଞ୍ଜାମ ହାଟ ବୁଲି ଦେଖିବା ସହ ଜିଲ୍ଲାର ଏସଏଚଜି ମା'ମାନେ କରିଥିବା ବିଭିନ୍ନ ସାମଗ୍ରୀ ତନଖି ଦେଖିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜିଲ୍ଲା ପରିଷଦ ଭବନ ପରିସରରେ ଥିବା ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଡିଆରଡିଏ ପିଡି ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ କହିଛନ୍ତି ଯେ ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହୋଇପାରିବ। ଏହାର ମାଧ୍ୟମ ହେଉଛି ମନରେଗା ଯୋଜାନର ସୁଫଳ କାର୍ଯ୍ୟକାରିତା। ଯେଉଁଥିରେ ଗଞ୍ଜାମ ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିଜକୁ ସେମାନେ ସାମିଲ କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଡିଆରଡିଏ ପିଡି ଶ୍ରୀ ଭାଉସାହେବ ଟିମ୍ ୱାର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନା ବୈଠକରେ ଡିଆରଡିଏ ଏପିଡି (ଗଞ୍ଜାମ) ଜ୍ୟୋତି ଶଙ୍କର ରାୟ, ନୂଆପଡ଼ା ଜିଲ୍ଲାର ଡିଆରଡିଏ ପିଡି ମଧୁ ଚାନ୍ଦ ସାହୁ ଓ କେନ୍ଦୁଝର ଜିଲ୍ଲାର ଡିଆରଡିଏ ପିଡି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ୨ଟି ଜିଲ୍ଲାର ଆସିଥିବା ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୨ତାରିଖରେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ବୌଦ୍ଧ ଓ ଖୋର୍ଦ୍ଧା ଜିଲ୍ଲାର ୬୬ ଜଣ ଅଧିକାରୀ ଗଞ୍ଜାମ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ।





### ● କାଳେଶ୍ୱର ମନ୍ଦିର ମଡେଲ ପାର୍କ ଓ ଜଉଗଡ଼ ପରିଦର୍ଶନ

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମ ପୁର ବ୍ଲକ ଅନ୍ତର୍ଗତ ବଡଖରିଡା ଗ୍ରାମରେ ପ୍ରାୟ ଦୁଇ କୋଟି ଟଙ୍କା ଅଟକଳରେ ନିର୍ମାଣ ହୋଇଥିବା କାଳେଶ୍ୱର ମନ୍ଦିର ମଡେଲ ପାର୍କ ଓ ଐତିହାସିକ ସ୍ଥଳ ଜଉଗଡ଼ ପରିଦର୍ଶନରେ ୫ ଆଇଏଏସ୍ ଅଧିକାରୀ ଚୈହାନ୍ କୁମାର ମୋତିରାମ (ବାଲେଶ୍ୱର), କୁଲକରାନି ଆଶୁତୋଷ (ସମ୍ବଲପୁର), ବେଭୁଷଣ (କୋରାପୁଟ), ବିଭୂତି ଭୂଷଣ ନାୟକ (ଢେଙ୍କାନାଳ), ମଧୁସ୍ମିତା ଶୁକ୍ରବାର ପରିଦର୍ଶନ କରିଛନ୍ତି। ଜଉଗଡ଼ରେ ଅଶୋକଙ୍କ ଶିଳାଲିପି ଆଦି ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ପୁରୁଷୋତ୍ତମପୁର ବିଡିଓ ବିଜୟ କୁମାର ବେହେରାଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ।

### ● ବିଦ୍ୟାଳୟ ରୂପାନ୍ତରଣ ବୁଲି ଦେଖିଲେ

**ଶେରଗଡ଼:** ପ୍ରଥମେ ମନ୍ତ୍ରୀ, ସାଂସଦ ଓ ବିଧାୟକ ଗଣଙ୍କ ଗସ୍ତ ପରେ ଶେରଗଡ଼ ବ୍ଲକ ବିଦ୍ୟାଳୟ ଗୁଡିକର ରୂପାନ୍ତରୀକରଣ କାର୍ଯ୍ୟ ଗୁଡିକୁ କେନ୍ଦୁଝର ଓ ନୂଆପଡ଼ା ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ଉଭୟ ଜିଲ୍ଲାର ସମସ୍ତ ବିଡ଼ିଓ, ସହକାରୀ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି। ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ନୂତନ ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଅତ୍ୟାଧୁନିକ ଶୌଚାଳୟ, ଖେଳ ପଡ଼ିଆ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଶମ୍ଭୁନାଥ ନନ୍ଦୀ, ସହକାରୀ ଯନ୍ତ୍ରୀ କେଦାର ନାଥ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପଟ୍ଟନାୟକ, ସରପଞ୍ଚଙ୍କ ପ୍ରତିନିଧି ବାଲାଜୀ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ● ଆସିକାରେ ନୂଆପଡ଼ାର ୨୨ ଅଧିକାରୀ

**ଆସିକା:** ଆସିକା ବ୍ଲକ ପରିସରଭୁକ୍ତ ବରଗାଁ ଓ କାଳଷଣ୍ଢପୁର ଗ୍ରାମପଞ୍ଚାୟତରେ ନୂଆ ଢାଞ୍ଚାରେ ନିର୍ମାଣ କରାଯାଇଥିବା ବହୁ ବିକାଶମୂଳକ କାର୍ଯ୍ୟକୁ ଶୁକ୍ରବାର ଅପରାହ୍ନରେ ବୁଲି ଦେଖିଛନ୍ତି ନୂଆପଡ଼ା ଜିଲ୍ଲାର ୨୨ଜଣ ସରକାରୀ ପଦାଧିକାରୀ ଓ କର୍ମଚାରୀ। ଆସିକା ଗସ୍ତରେ ଆସିଥିବା ନୂଆପଡ଼ା ଜିଲ୍ଲାର ସରକାରୀ ପଦାଧିକାରୀ ଓ କର୍ମଚାରୀ ମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ କୁମାର ଶତପଥି, ସହକାରୀ ଯନ୍ତ୍ରୀ ଇଂ.ନାରାୟଣ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ଇଂ.ଦୁର୍ଯ୍ୟୋଧନ ବେହେରା, ଶୁଭଶ୍ରୀ ପାତ୍ର, ବରଗାଁ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଲଲାଟ ବେହେରା, ସରପଞ୍ଚ ଧନମାଳୀ ସିୟ, ତ୍ରିବେଣୀ ନାହାକ, ସମିତି ସଭ୍ୟ ଶିବ ନାହାକ, କାଳଷଣ୍ଢପୁର ଗ୍ରାମପଞ୍ଚାୟତର ପିଇଓ ଦୀପକ କୁମାର ପ୍ରଧାନ, ବ୍ଲକ ସ୍ୱଚ୍ଛ ଭାରତ ମିଶନର ମାଷ୍ଟରଟ୍ରେନର କାଳୁଚରଣ ପାତ୍ର, ଗ୍ରାମ୍ୟ ରୋଜଗାର ସେବିକା ଗୋଲାପ ଡାକୁଆ, ଜିଲ୍ଲା ପରିମଳ ପରାମର୍ଶଦାତା ରଞ୍ଜିତ କୁମାର ପରିଡ଼ାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ 'ସକାଳ' ଏଜେଣ୍ଟ ଆହତ



**ଛତ୍ରପୁର,୨୪।୯ (ସମିସ):** ଦୈନିକ ଖବରକାଗଜ 'ସକାଳ'ର ଏଜେଣ୍ଟ ଓ ଛତ୍ରପୁର ପ୍ରେସ କ୍ଲବର ସଦସ୍ୟ କେ.ରମେଶ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳ ୭ଟାରେ ରମେଶ ସ୍କୁଟି ଯୋଗେ ଡିଆରଡିଏ ଛକ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଏକ ବାଇକ୍ ଦ୍ରୁତ ଗତି ପାର ହୋଇଯାଇଥିଲା। ଏହା ଦେଖି ସେ ସ୍କୁଟିର ଆଗ ବ୍ରେକ୍ ଦବାଇ ଦେବାରୁ ଭରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଏହାର ଖବର ପାଇ ଛତ୍ରପୁରର ବହୁ ସାମ୍ବାଦିକ ଓ ତାଙ୍କ ସାଙ୍ଗସାଥିମାନେ ମେଡିକାଲରେ ପହଞ୍ଚି ଡାକ୍ତର ଓ କର୍ମଚାରୀଙ୍କୁ ରମେଶଙ୍କୁ ଉତ୍ତମ ସେବା ଯୋଗାଇ ଦେବା ନିମନ୍ତେ କହିଥିଲେ।

## ସ୍ଥଗିତ ଥିବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମ ଆରମ୍ଭ

**କାଶୀନଗର, ୨୪।୯ (ସମିସ)**

ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସି ଅନ୍ତର୍ଗତ ଫରେଷ୍ଟ ଜଙ୍କସନ୍ ନିକଟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାମ କାମ ଆରମ୍ଭ ହୋଇଥିଲା। ସ୍ଥାନୀୟ ରିଲିଫ କଲୋନୀର ଜଣେ ବ୍ୟକ୍ତି ଓଡ଼ିଶା ହାଇକୋର୍ଟରେ ଏହାର ବୈଧତାକୁ ଚାଲେଞ୍ଜ କରିଥିଲେ। ଶୁଣାଣି ପରେ କୋର୍ଟ ଚାଲେଞ୍ଜ କରିଥିବା ବ୍ୟକ୍ତିଙ୍କୁ ନିଜର ଅଭିଯୋଗ ସମ୍ବଳିତ ପିଟିସନ୍ ୨ ସପ୍ତାହ ଭିତରେ ଏନ୍‌ଏସି ଇଓଙ୍କ ଦପ୍ତରରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ତିନି ମାସ ଭିତରେ ପିଟିସନ୍‌ର ଡିସ୍‌ପୋଜାଲ୍ ପାଇଁ ଇଓଙ୍କୁ କହିଥିଲେ। ଇଓ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ ଜଣାଇଛନ୍ତି ଯେ, ଉଲ୍ଲିଖିତ ପିଟିସନ୍‌ର ଡିସ୍‌ପୋଜାଲ୍ ପରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାମ ପୁଣି ଆରମ୍ଭ ହୋଇଛି।

## ଅଙ୍ଗନବାଡ଼ି କର୍ମୀଙ୍କ ଦାବିପତ୍ର ପ୍ରଦାନ

**ପୁରୁଷୋତ୍ତମପୁର,୨୪।୯ (ସମିସ):** କେନ୍ଦ୍ର ଟ୍ରେଡ୍ ୟୁନିୟନର ଆହ୍ୱାନରେ ଆଜି ହୋଇଥିବା ଦେଶବ୍ୟାପୀ ଶ୍ରମିକଙ୍କ ଧର୍ମଘଟ ପରିପ୍ରେକ୍ଷୀରେ ପୁରୁଷୋତ୍ତମପୁର ପକଳ୍ପର ଏଆଇଟିୟୁସି ଅଧୀନ ନିଖିଳ ଓଡ଼ିଶା ଆଙ୍ଗନବାଡି କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପୁରୁଷୋତ୍ତମପୁର କାଳୀମନ୍ଦିର ଛକଠାରୁ ଅଙ୍ଗନବାଡି କର୍ମୀ ଓ ସହାୟକ ପଦଯାତ୍ରାରେ ବାହାରି ପୁରୁଷୋତ୍ତମପୁର ବ୍ଲକ, ସିଡିପିଓ, ତହସିଲଦାର କାର୍ଯ୍ୟାଳୟର ସମ୍ମୁଖୀନରେ ବିକ୍ଷୋଭ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଅଙ୍ଗନବାଡି କର୍ମୀ ସଭାନେତ୍ରୀ ମମତା ଖୁଣ୍ଟିଆ, ସମ୍ପାଦିକା ଏସ୍ ଦମୟନ୍ତୀ ଦୋରା ନେତୃତ୍ୱ ନେଇଥିଲେ। କର୍ମୀଙ୍କ ସାମାଜିକ ସୁରକ୍ଷା, ସର୍ବନିମ୍ନ ମଜୁରୀ ପ୍ରଦାନ, ମୃତ୍ୟୁକାଳୀନ ସହାୟତା ସହିତ ପେନସନ ଲାଗୁକରିବା, କରୋନା ସମ୍ମୁଖ ଯୋଦ୍ଧା ହିସାବରେ ସରକାରୀ କର୍ମଚାରୀଙ୍କ ପରି ସୁବିଧା ପ୍ରଦାନ ପଦବୀରେ ସୁରକ୍ଷା ପାଇଁ ସରକାରୀ ମାନ୍ୟତା, ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ କର୍ମୀଙ୍କ ପ୍ରତି କରାଯାଉଥିବା ଉଦ୍ଦେଶ୍ୟ ମୂଳକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଆଦି ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ବିଜୟ କୁମାର ବେହେରା, ସିଡିପିଓ ସବିତା ଚ୍ୟାଉପଟ୍ଟନାୟକ, ଅତିରିକ୍ତ ତହସିଲଦାର ସୁନୀଲ କୁମାର ଟୁଡୁଙ୍କ ଜରିଆରେ ପ୍ରଦାନ କରାଯାଇଛି।

### ସଂକ୍ଷେପରେ.....

## ୩୨୦ କେଜି ମାଧବୀ ଚେର ଜବତ; ୨ ଗିରଫ

**ଭଞ୍ଜନଗର,୨୪।୯ (ସମିସ):** ଗୁରୁବାର ରାତି ୧୧ଟାରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅନ୍ତର୍ଗତ ଅଳସୁ ନିକଟରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଗୋଟିଏ ଡାଲା ଅଟୋରୁ ୩୨୦ କେଜି ମାଧବୀ ଚେର ଜବତ କରାଯାଇଛି। ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ସନ୍ଦେହ ହେବାରୁ ବନ ବିଭାଗ ତାର ପିଛା କରି ଦଶଫୁଟିଆ ଛକ ନିକଟରେ ଧରିଥିଲେ। ଯାଞ୍ଚ ବେଳେ ଗାଡି ଡାଲାରେ ମାଧବୀ ଚେର ଥିବା ଜଣାପଡ଼ିଥିଲା। ତଦନ୍ତ ପରେ ପ୍ରାୟ ୩୨୦କେଜି ଓଜନର ମାଧବୀ ଚେର ଥିବା ଜଣାପଡ଼ିଥିଲା। ଏହି ବେଆଇନ ଚୋରା ଚାଲାଣରେ ସମ୍ପୃକ୍ତ ଗାଡି ମାଲିକ ତଥା ଚାଳକ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ହରିହରପୁର ଗ୍ରାମର ଅଜୟ ମହାନ୍ତି ଓ ଗୁଡିପାଲି ଗ୍ରାମର ବ୍ୟବସାୟୀ ଦଶରଥୀ ସାହୁ ଗିରଫ କରାଯାଇଛି। ଏନେଇ କେସ ନମ୍ବର ୧୯୬/୨୨ରେ ମାମଲା ରୁଜୁ ହୋଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ମାଧବୀ ଚେରର ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ହେବ।

## ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଜଣେ ଗିରଫ

**ବ୍ରହ୍ମପୁର,୨୪।୯ (ସମିସ):** ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଶୁକ୍ରବାର ଗୋସାଇଁନୂଆଗାଁ ଥାନା ପୁଲିସ ନୀଳକଣ୍ଠନଗରର ସନ୍ତୋଷ କୁମାର ପଣ୍ଡା(୪୦)ଙ୍କୁ ଗିରଫ କରିଛି। ପିଡିତା ମହିଳାଙ୍କ ଅଭିଯୋଗପ୍ରକାରେ ଥାନା କେସନଂ.୧୧୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଗୋସାଇଁନୂଆଗାଁ ନୀଳକଣ୍ଠନଗରର ସନ୍ତୋଷ ପିଡ଼ିତା ମହିଳାଙ୍କ ଦେଢଶୂର ବନ୍ଧୁ ହୋଇଥିବାରୁ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଏହାଭିତରେ ପିଡ଼ିତା ମହିଳା ଓ ସନ୍ତୋଷଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିଲା। ଅଭିଯୁକ୍ତ ସନ୍ତୋଷ ମହିଳାଙ୍କ ସହ ମୋବାଇଲରେ ଭିଡିଓ କଲ ଯୋଗେ କଥା ହେଉଥିଲେ। ଏପରିକି ଅନ୍ତରଙ୍ଗ ଫଟୋ ଉତ୍ତୋଳନ କରି ରଖିଥିଲେ। ହେଲେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଅଭିଯୁକ୍ତ ସନ୍ତୋଷ ମହିଳାଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରିଦେଇଥିଲେ।

### ନୂଆଖାଇ -୨୦୨୧ ପରବ ପାଳିତ

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**ଛତ୍ରପୁର,୨୪।୯ (ସମିସ)**



ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମଗ୍ର ଓଡ଼ିଶାରେ ପାଳିତ ହୋଇ ଆସୁଛି। ଏହି ଅବସରରେ ଆଜି ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରଠାରେ ପ୍ରଥମ କରି ଅନୁଷ୍ଠିତ ନୂଆଁଖାଇ ପରବ -୨୦୨୧ କାର୍ଯ୍ୟକ୍ରମରେ ଡାଲ ଖାଇରେ ଖାଇରେ ସମ୍ବଲପୁରୀ ନୃତ୍ୟରେ ତଳେ ତଳେ ଦୁଲୁକିଲା ମଞ୍ଚ। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ନୂଆଖାଇ-୨୦୨୧ ନୃତ୍ୟ ସମାବେଶ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଓଡ଼ିଶାର ପ୍ରାଚୀନ ପର୍ବ, କୃଷିର ପର୍ବ, ସମ୍ପର୍କ ପର୍ବ ନୂଆଁଖାଇ ପର୍ବ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଲୀନା କୁମାରୀ ଖେସ ଯୋଗଦେଇଥିଲେ। ସମସ୍ତଙ୍କୁ ନୂଆଁଖାଇ ଜୁହାର କହିବା ସହ ପଶ୍ଚିମ ଓଡ଼ିଶା ଭାଷାରେ ନୂଆଁଖାଇ ଭେଟଘାଟ ପର୍ବ ସମ୍ପର୍କ ସୂଚନା ଦେଇଥିଲେ। ସେହିପରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଓ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଏକ ଭାଇଚାରାର ପରବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କ୍ୟୁୟର୍ସ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ଶତପଥି ସଂଯୋଜନା କରିଥିବା ବେଳେ ଛତ୍ରପୁରର ବିବିଧା ଫାଉଣ୍ଡେସନ ଫୋର ଆର୍ଟ ଏଣ୍ଡ କଲଚର, ପ୍ରଗତି କଳାକେନ୍ଦ୍ର, ଷ୍ଟାର ବୟସ ଡ୍ୟାନ୍ସ ଗ୍ରୁପ୍, ସମୀର କାଠ ପାଦ ରଣପା ଡ୍ୟାନ୍ସ ଗ୍ରୁପ, ଡ୍ରିମ ଡ୍ୟାନ୍ସ ଏକାଡେମୀ, କଳାବିକାଶ କେନ୍ଦ୍ର, ଜେଡିସି ଡ୍ୟାନ୍ସ ଗ୍ରୁପ ଓ ଆର୍ମି ପବ୍ଲିକ ସ୍କୁଲ (ଗୋପଳପୁର) କଳାକାର ମାନଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶା ସମ୍ବଲପୁରୀ ଡ୍ୟାନ୍ସ ପରିବେଷିତ ହୋଇଥିଲା।

ସକାଳ
THE SAKALA



# ସାପ କାମୁଡ଼ାରେ ବାଳକର ମୃତ୍ୟୁ



**ଉମରକୋଟ, ୨୪।୯ ( ସମିସ ) :** ଉମରକୋଟ ବ୍ଲକ ଅଧିନରେ ଥିବା ଚିକଲପଦର ଗ୍ରାମ ପଞ୍ଚାୟତର ରାମସିଂ ଗଣ୍ଡ ଙ୍କ ସାନ ପୁଅ ଅର୍ଜୁନ ଗଣ୍ଡ (୧୧) ଗତ ରାତ୍ରିରେ ଶୋଇଥିବା ଅବସ୍ଥାରେ ଅର୍ଜୁନ କୁ ରାତ୍ର ତିନିଟା ଏକ ବିଷଧର ସାପ କାମୁଡି ଦେଇଥିଲା ସାପ କାମୁଡି ବାରୁ ଅର୍ଜୁନ ଚିତ୍କାର କରିଥିଲା। ଅର୍ଜୁନ ର ଚିତ୍କାର ଶୁଣି ପରିବାରର ସମସ୍ତ ଉଠି ପଡ଼ିଥିଲେ ଏବଂ ଖୋଜାଖୋଜି କରିଥିଲେ। କିନ୍ତୁ କିଛି ପାଇଁ ନଥିଲେ। ଭୋର ପାଞ୍ଚଟା ସମୟରେ ଅର୍ଜୁନ ଙ୍କ ମୁହଁରୁ ଫେଣ ବାହାରିବା ମା ଉଜଳା ଦେଖିଥିଲେ। ପରେ ସେ ରାମ ସିଂ କୁ କହିଥିଲେ। ରାମସିଂ ଅର୍ଜୁନ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣୁଥିବା ବାଟରେ ଅର୍ଜୁନ ଙ୍କ ମୃତ୍ୟୁ ଘଟିଥିଲା। ଡ଼ାକ୍ତରଖାନାରେ ଡାକ୍ତର ଅର୍ଜୁନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା।

● ଗଞ୍ଜେଇ ଚାଲାଣର ନୂଆ ତରିକା

# ଲୁହା ଚାମ୍ବର କରି ହେଉଥିଲା ଗଞ୍ଜେଇ ଚାଲାଣ




**ମାଲକାନଗିରି, ୨୪।୯ (ସମିସ) :** ମାଲକାନଗିରି ଜିଲ୍ଲାରେ କମୁନାହିଁ ନୀଳ ଜହରର କଳା କାରବାର । ପ୍ରାୟ ପ୍ରତିଦିନ ଜିଲ୍ଲାର ପ୍ରତିଟି ଥାନାରେ ଏକ ନୂଆ ଗଞ୍ଜେଇ କେଶ ରୁଜୁ ହେଉଥିଲେ ମଧ ଗଞ୍ଜେଇ କାରବାର ରେ ରୋକ ଲଗାଇ ପାରୁନି ପୋଲିସ । ଆଜି ମଧ ଆଉ ଏକ ଗଞ୍ଜେଇ କାରବାର କୁ ରୋକ ଲଗାଇବାରେ ସଫଳ ହୋଇଛି ମାଲକାନଗିରି ପୋଲିସ । କିନ୍ତୁ ଆଜି ଆଉ ଏକ ଅଭିନବ ଉପାୟରେ ଗଞ୍ଜେଇଚାଲାଣ ହେଉଥିଲା, ଯାହାକୁ ଜବତ କରିବାରେ ସଫଳ ହୋଇଛି ମାଲକାନଗିରି ଜିଲ୍ଲାର ଓର୍କେଲ ପୋଲିସ । ଓର୍କେଲ ପୋଲିସ ର ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ଉତ୍ତରପ୍ରଦେଶ ନମ୍ବର ଥିବା ଏକ ଡଲା ଗାଡି କୁ ଅଟାଇଥିଲା ପୋଲିସ ଅଟକାଇବା ସମୟରେ ଗାଡ଼ିରେ ବସିଥିବା ଦୁଇଜଣ ବ୍ୟକ୍ତି ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ କିନ୍ତୁ ପୋଲିସ ତାଙ୍କୁ ଧରିବାକୁ ସଫଳ ହେବା ସହ ଗାଡିକୁ ଯାଞ୍ଚ ସମୟରେ ସଂଦେହ ହେବାରୁ ଅଧିକ ଯାଞ୍ଚ କରିବା ଫଳରେ ସେଥିରେ ଏକ ଲୁହା ଚାମ୍ବର ଦେଖିଥଲେ ଅଧିକ ତଦନ୍ତ ପରେ ସେଥିରେ ପ୍ରାୟ ଏକ ଟନ ଗଞ୍ଜେଇ କୁ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି ଓର୍କେଲ ପୋଲିସ । ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କା ହେବ ଏବଂ ଉକ୍ତ ଗଞ୍ଜେଇ ଚିତ୍ରକୋଣ୍ଡା ରୁ ଉତ୍ତରପ୍ରଦେଶର ଆଲ୍ଲାହାବାଦକୁ ଚାଲାଣ ହେଉଥିଲା ବୋଲି ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି ।

# ୨୬ ମୋବାଇଲ ଫୋନ୍ ଉଦ୍ଧାର କଲା ପୁଲିସ



**ନବରଙ୍ଗପୁର : ୨୪।୯ ( ସମିସ ):** ନବରଙ୍ଗପୁର ପୋଲିସ ଦ୍ୱାରା ୨୬ଟି ସ୍ମାର୍ଟ ମୋବାଇଲ ଫୋନ ଉଦ୍ଧାର କରାଯାଇଛି । ଯେଉଁ ମାନଙ୍କ ସ୍ମାର୍ଟ ଫୋନ ଚୋରି ହୋଇଯାଇଛି କିମ୍ବା ହଜିଯାଇଥିଲା ସେହି ଫୋନ ମାଲିକ ଙ୍କୁ ଡାକି ଆଜି ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ପୁଲିସ ପକ୍ଷରୁ ଗତ ଏକ ମାସ ହେବ ଯେଉଁ ମାନଙ୍କ ସ୍ମାର୍ଟ ମୋବାଇଲ ଫୋନ ଚୋରି ହୋଇଛି କିମ୍ବା ହଜି ଯାଇଛି ତାର ଉପରେ ଏକ ଆଭ୍ୟନ୍ତରୀଣ ତଦନ୍ତ ଚଳାଇଥିଲେ ସେହି ତଦନ୍ତ ପରେ ଜିଲ୍ଲା ଜିଲ୍ଲା ବାହାରୁ ଏବଂ ରାଜ୍ୟ ବାହାରୁ ମଧ ମୋଟ ୨୬ଟି ସ୍ମାର୍ଟ ମୋବାଇଲ ଫୋନ ଉଦ୍ଧାର କରାଯାଇଛି । ଆଜି ଏହି ୨୬ ଟି ସ୍ମାର୍ଟ ମୋବାଇଲ ଫୋନ ଗୁଡିକୁ ତାର ମାଲିକଙ୍କୁ ଡାକି ପ୍ରଦାନ କରାଯାଇଛି ବୋଲି ଆଜିର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସ୍ମିତ ପରମିତ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି । ଏଥି ସହିତ ଶ୍ରୀ ଦାସ କହିଛନ୍ତି ଯେ ଆଗକୁ ଯେତେବେଳେ ମଧ ଯାହାର କିଛି ମୋବାଇଲ ଫୋନ କିମ୍ବା କୌଣସି ଇଲେକ୍ଟ୍ରୋନିକ୍ସ ଜିନିଷ କିଛି ହଜି ଯାଉଛି କି ଚୋରି ହୋଇଯାଉଛି ତାହେଲେ ତୁରନ୍ତ ଆମ ସିୟୁଜି ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ ନତୁବା ଆମ କୁ ମେଲ ମାଧ୍ୟମରେ ମଧ ଜଣାନ୍ତୁ ଆମେ ଆପଣଙ୍କ ଜିନିଷକୁ ତୁରନ୍ତ ପୁନରୁଦ୍ଧାର କରିବୁ ବୋଲି ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନସାଧାରଣ ଙ୍କୁ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦ ଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ୭ ଗୁରୁତର, ୧୫ ଆହତ

**ଚିତ୍ରକୋଣ୍ଡା ୨୪।୯(ସମିସ ):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବର ୨୦ ଜଣ ଲୋକ ଏକ ପିକଅପ୍‌ରେ ବଡ଼ପଦର ପଞ୍ଚାୟତ ଲାମ୍ବାସିଙ୍ଗ ଗ୍ରାମକୁ ଆସୁଥିଲେ। ଯୋଡ଼ାମ୍ବରୁ ଲାମ୍ବାସିଙ୍ଗ ଆସୁଥିବା ବେଳେ ହନ୍ତାଳଗୁଡ଼ା ଘାଟିରେ ଗାଡ଼ିଟି ଘାଟିରୁ ତଳକୁ ଓଲଟି ପଡିଥିଲା ଫଳରେ ଗାଡ଼ିରେ ଆସୁଥିବା ୨୦ ଜଣଙ୍କ ସମେତ ଗାଡ଼ି ଡ୍ରାଇଭର୍ ମଧ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ, ପୁଲିସ ଓ ବିଏସ୍‌ଏଫ୍‌ଙ୍କ ସହାୟତାରେ ଆହତଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଛି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଗୁରୁତରଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତର କରାଯାଇଛି ବୋଲି ସୂଚନା ମିଳିଛି । ଉକ୍ତ ସ୍ୱାଭିମାନ ଅଞ୍ଚଳର ଶତାଧିକ ଲୋକ ଆସି ଚିତ୍ରକୋଣ୍ଡା ଚିକିତ୍ସାଳୟରେ ପହଞ୍ଚିଛନ୍ତି। ହନ୍ତାଳଗୁଡ଼ା ଘାଟିଦେଇ ଯାତାୟତ କରୁଥିବା ଲୋକଙ୍କ ଭିତରେ ଭୟ ସୃଷ୍ଟି ହେଉଥିବା ଜଣାପଡ଼ିଛି।

## ସର୍ଗିଗୁଡ଼ା ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ଦାବି

# ରାସ୍ତା ନ ହେଲେ ଭୋଟ ବର୍ଜନ ଚେତାବନୀ

**କାକିରିଗୁମ୍ମା, ୨୪।୯ (ସମିସ)**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୁନୁପାର ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମ ପ୍ରତି ପ୍ରଶାସନର ଅବହେଳା ଅଭିଯୋଗ। ଉକ୍ତ ଗ୍ରାମଠାରୁ ପ୍ରାୟ ୩ କିଲୋମିଟରରୁ ଉର୍ଦ୍ଧ୍ୱ ଦୂରତାରେ ଥିବା ମାତାରି ଗ୍ରାମ ପର୍ଯ୍ୟନ୍ତ ପାଦଚଲା ରାସ୍ତା ରହିଛି । ବହୁବାର ଅଭିଯୋଗ ସତ୍ତ୍ୱେ ପକ୍କା ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ରାସ୍ତା ନିର୍ମାଣ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଶୁଣାଇଛନ୍ତି । ଗ୍ରାମବାସୀ ସରକାରୀ ଭତ୍ତା, ଚାଉଳ ତଥା ଅନ୍ୟାନ୍ୟ କାର୍ଯ୍ୟପାଇଁ ତୁନୁପର ପଞ୍ଚାୟତକୁ ଉକ୍ତ ରାସ୍ତା ଦେଇ ଆସିଥାନ୍ତି । ଗ୍ରାମଟି ଦଶମନ୍ତପୁର ବ୍ଲକ ସଦରରୁ ୯ କିଲୋମିଟର ଦୂରତାରେ ରହିଥିଲେ ମଧ ଉକ୍ତ ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି ।



ଗ୍ରାମର ଚର୍ତୁପାର୍ଶ୍ୱରେ ବଣପାହାଡ଼ ଜଙ୍ଗଲିଆ ରାସ୍ତା ରହିଛି । ରାସ୍ତା ନିର୍ମାଣ ହୋଇ ନଥିବାରୁ ଗ୍ରାମକୁ ପ୍ରଶାସନ ଅଧିକାରୀ ଯାତାୟତ କରିବା ସମ୍ଭବପର ହୋଇପାରୁ ନାହିଁ । ଫଳରେ ଗ୍ରାମରେ ମୌଳିକ ସୁବିଧା ପହଞ୍ଚି ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଏଥିଯୋଗୁଁ ଗ୍ରାମର ବିକାଶ କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥିବା ସେମାନେ କହିଛନ୍ତି । ଗ୍ରାମରେ ୯୫ ଆଦିବାସୀ ପରିବାର ଚାଷ କରି ଜୀବିକା ନିର୍ବାହ କରୁଛନ୍ତି । ପାଦଚଲା ରାସ୍ତାରେ ଚାଷୀ ଉତ୍ପାଦିତ ସାମଗ୍ରୀ ଆଣି ବଜାରରେ ବିକ୍ରି କରିବା କଷ୍ଟସାଧ ହେଉଛି । ଏପରିକି ଘର ନିର୍ମାଣ ପାଇଁ ସାମଗ୍ରୀ ମଧ ପହଞ୍ଚି ପାରୁନାହିଁ। ଯାହାଦ୍ୱାରା ସରକାରଙ୍କ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ । ମାତାରି ଗ୍ରାମ ଠାରୁ ସର୍ଗିଗୁଡା ଗ୍ରାମ ଦେଇ ଦଶମନ୍ତପୁର ବ୍ଲକ ସଦର ପର୍ଯ୍ୟନ୍ତ ପ୍ରାୟ ୧୨ କିମି ଦୀର୍ଘ ରାସ୍ତା ନିର୍ମାଣ କଲେ ଉଭୟ ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକର ଅନେକ ଗ୍ରାମବାସୀଙ୍କ ଯାତାୟତ ସୁଗମ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି । ସର୍ଗିଗୁଡା ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କେହି ଦୃଷ୍ଟି ଦେଉ ନ ଥିବା ସେମାନେ କହିଛନ୍ତି । ରାଜନେତାଙ୍କର କେବଳ ନିର୍ବାଚନ ବ୍ୟତିତ ଆଉ ଅନ୍ୟ ସମୟରେ ଗ୍ରାମରେ ପାଦ ପଡୁ ନଥିବା ଗ୍ରାମବାସୀ କହିଛନ୍ତି । ଏନେଇ ଲକ୍ଷ୍ମୀପୁର ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ପଚାରିବାରେ, ଏଥିପ୍ରତି ଦୃଷ୍ଟି ଦେବା ସହ ଗ୍ରାମକୁ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ।

# ପାଚିକା ସହାୟିକା ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ଗୁଣୁପୁର,୨୪।୯ (ସମିସ):** ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ତରଫରୁ ଗୁଣୁପୁର ବାଇପାସ୍ ଛକରୁ ଏକ ଶୋଭାଯାତ୍ରା ବାହାରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୧୦ ଦଫା ଦାବିନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଦାବି ସମୂହ ମଧ୍ୟରେ ପାଚିକା ସହାୟକା, ଆଶା, ଅଙ୍ଗନବାଡ଼ି ମାନଙ୍କୁ କରୋନାଯୋଦ୍ଧା ଘୋଷଣା କରି ୫୦ ଲକ୍ଷ ଟଙ୍କା ବୀମାଭୁକ୍ତ କରାଯାଉ। ତାଲାବନ୍ଦି ସମୟରେ ସମସ୍ତ ପାଚିକା ସହାୟିକା, ଆଶା,ଅଙ୍ଗନବାଡି ମାନଙ୍କୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଉ, ଏହି କର୍ମଚାରି ମାନଙ୍କ ୨୧ ହଜାର ଟଙ୍କା ମାସିକ ବେତନ ପ୍ରଦାନ କରାଯାଉ, ପାଚିକା ଓ ସହାୟିକା ମାନଙ୍କୁ ସ୍ଥାୟୀନିଯୁକ୍ତି ଦିଆଯାଉ ଏଭଳି ଦାବି ସମୂହ ଗୁଡିକ ରହିଛି। ତିରୁପତୀ ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଶୋଭାଯାତ୍ରା କରିଥିଲେ। ଗୁଣୁପୁର ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।




# ଜାତୀୟ କ୍ରୀଡ଼ାରେ ସ୍ଥାନ ପାଇଲେ ଗାନ୍ଧି ପବ୍ଲିକର ଛାତ୍ର

**ଗୁଣପୁର,୨୪।୯ (ସମିସ)**

ରାୟଗଡ଼ା ଜିଲ୍ଲା ଗୁଣପୁର ଗାନ୍ଧି ପବ୍ଲିକ ସ୍କୁଲର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସନ୍ଦୀପ କୁମାର କରକରିଆ ଜାତୀୟ ସ୍ତରରେ ଆୟୋଜିତ ସଫ୍ଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ବିଦ୍ୟାଳୟ ଏବଂ ରାୟଗଡ଼ା ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ଓଡିଶା ସଫ୍ଟବଲ୍ ଆସିଏସେସନ ଦ୍ୱାରା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା କଟକର ସତ୍ୟବ୍ରତ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରି ମନୋନୀତ ହୋଇଥିଲେ । ସେପ୍ଟେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ପଗୁୱାରା ଠାରେ ଜାତୀୟ ସ୍ତରୀୟ ସଫ୍ଟବଲ୍ ପ୍ରତିଯୋଗିତା ଆନୁଷ୍ଠିତ ହେବାକୁ ଯାଉଛି । ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକ ଏହି ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ।



ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଖୁସି ବ୍ୟକ୍ତ କରି କହିଥିଲେ ଯେ ନିଜର ଲକ୍ଷ୍ୟ ପୂରଣ ପାଇଁ ସବୁ ସମୟରେ ପ୍ରଚେଷ୍ଟା ଜାରି ରହିଲେ ସଫଳତା ନିଶ୍ଚିତ ହାସଲ କରିବ । ଏହି ଅବସରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ଅଭିନନ୍ଦନ ଜଣାଇ କହିଲେ ଯେ ଆଜିର ଏହି ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହିତ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବ । ଓଡିଶା ଦଳରେ ସନ୍ଦୀପ କୁମାର ମନୋନୀତ ହୋଇ ଜାତୀୟ ସ୍ତରରେ ଖେଳିବାକୁ ଯାଉଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସତ୍ୟପ୍ରକାଶ ପଣ୍ଡା ସମ୍ପାଦକ ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି ।

# ପଞ୍ଜୀକରଣ ପାଇଁ ଶ୍ରମ କାର୍ଯ୍ୟାଳୟରେ ଭିଡ଼

**ମାଲକାନଗିରି ୨୪।୯ (ସମିସ )**

କରୋନା ମହାମାରୀ ରାଜ୍ୟରେ ସକ୍ରିୟ ଥିବାବେଳେ ତୃତୀୟ ଲହରରେ ଏହା ଶିଶୁଙ୍କୁ ବିଶେଷ ପ୍ରଭାବିତ କରିବ ବୋଲି ରାଜ୍ୟ ସରକାର ସତର୍କ ସୂଚନା ଦେବାସହ ସବୁ କ୍ଷେତ୍ରରେ କୋଭିଡ୍ ନିୟମକୁ କଡାକଡି ପାଳନ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାଲକାନଗିରି ଜିଲ୍ଲା ସଦର ମହକୁମା ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ନିଜର ନାମ ପଞ୍ଜୀକରଣ କରିବା ପାଇଁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। କାହା ମୁହଁରେ ମାସ୍କ ନଥିବା ବେଳେ ଠେଲାପେଲା ମଧ୍ୟରେ କାର୍ଯ୍ୟାଳୟକୁ ଧସାଇ ପସିଥିବା ଦେଖିବାକୁ ମିଳିଛି । କୋଭିଡ୍ ନିୟମକୁ ଖୋଲାଖୋଲି ଭାବେ ଏଠାରେ ଉଲଘଂନ କରୁଥିବା ଦେଖିବାକୁ ମଳିଛି।




କର୍ମଚାରୀମାନେ ଏହାକୁ ରୋକିବାରେ ବିଫଳ ହୋଇଛନ୍ତି। ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି କାର୍ଯ୍ୟାଳୟକୁ ଲାଗି ଉପନିର୍ଦ୍ଦେଶକ ମୁର୍ତ୍ତିକା ସଂରକ୍ଷଣ , ଜିଲ୍ଲା ଶିଶୁସୁରକ୍ଷା , ଶିଶୁକଲ୍ୟାଣ , ଡାକଘର , ଜିଲ୍ଲା ସମାଜକଲ୍ୟାଣ , ଶିଳ୍ପ ବିଭାଗ କାର୍ଯ୍ୟାଳୟ ଆଦି ରହିଥିବା ବେଳେ ପ୍ରବଳ ଜନଗହଳି ଯୋଗୁଁ ଏହିସବୁ କାର୍ଯ୍ୟାଳୟର କାର୍ଯ୍ୟ କରିବାରେ ବ୍ୟାଘାତ ଘଟୁଛି ବୋଲି ଶିଶୁମଙ୍ଗଳ ଅଧିକାରୀ ଅଶୋକ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗିୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ନ୍ୟାୟ ଅପେକ୍ଷାରେ ସତିଗୁଡ଼ା ଜଳଭଣ୍ଡାର ବିସ୍ଥାପିତ ପରିବାର



**ମାଲକାନଗିରି ୨୪।୯ (ସମିସ) :** ମାଲକାନଗିରି ଜିଲ୍ଲାରେ ୨୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା ସତିଗୁଡ଼ା ଜଳଭଣ୍ଡାର। ଜଳଭଣ୍ଡାର ହେବା ଦ୍ୱାରା ଜମିରେ ଜଳସେଚନ କରି ଚାଷକାର୍ଯ୍ୟ ଚାଲୁଥିବା ବେଳେ ଅନେକଲୋକ ଏହି ଜଳଭଣ୍ଡାରରେ ମାଛଧରି ନିଜର ଜୀବିକା ନିର୍ବାହ କରନ୍ତି। କିନ୍ତୁ ପ୍ରଶାସନ ଭୁଲିଗଲେ ଏହି ଜଳଭଣ୍ଡାର ପାଇଁ ବିସ୍ତାପିତ ହୋଇଥିବା ଗ୍ରାମବାସୀଙ୍କ କଥା। ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ନିର୍ମାଣ କରିଥିଲେ ସତିଗୁଡ଼ା ଜଳଭଣ୍ଡାର। ଜଳଭଣ୍ଡାର ନିର୍ମାଣ ସମୟରେ ସେହି ଡ୍ୟାମ୍ ହେବା ସ୍ଥାନରେ ଥିଲା ମୁନୁଷା ଗ୍ରାମବାସୀଙ୍କ ଜମି। ଡ୍ୟାମ୍ ନିର୍ମାଣ କରିବା ପୂର୍ବରୁ ମୁନୁଷା ଗ୍ରାମର ନିରିହ ଆଦିବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦିଆଯାଇ ବିରାଟ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ଜଳଭଣ୍ଡାର ନିର୍ମାଣ ହେଲା ଓ ଏହି ଜଳଭଣ୍ଡାର ଦ୍ୱାରା ଅନେକ ଚାଷ ଜମିରେ ଚାଷହେବା ସହିତ ଡ୍ୟାମ୍ ଆଖ ପାଖରେ ଥିବା ଗ୍ରାମବାସୀ ଜଳଭଣ୍ଡାରରେ ମାଛଧରି ନିଜର ଜୀବିକା ନିର୍ବାହ କଲେ। କିନ୍ତୁ ଏହି ଡ୍ୟାମ୍ ପାଇଁ ବିସ୍ତାପିତ ହୋଇଥିବା ଲୋକଙ୍କ କଥା ଭୁଲିଗଲା ପ୍ରଶାସନ। ସେମାନଙ୍କୁ କେବଳ ୩.୦୫ ଏକର ଚାଷଜମି ପଟ୍ଟା ଓ ଘର କରିବା ପାଇଁ କିଛି ଜାଗା ଦେଇ ଚୁପ୍ ରହିଗଲା ପ୍ରଶାସନ। ବିସ୍ତାପିତ ହୋଇଥିବା ୫୦ ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ସରକାରଙ୍କ ତରଫରୁ ୩.୦୫ ଏକର ଚାଷ ଜମି ଦିଆଗଲା ସତ କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ଏମାନଙ୍କ ଜମି ଚିହ୍ନଟ କରି ନାହାନ୍ତି। ତେବେ ସେହି ଜମି ଅଛି ନା ଆଉ କେହି ସେହି ଜମିକୁ ଅକ୍ତିଆର କରି ସାରିଛି ସେକଥା ବି ସେମାନେ ଜାଣି ନାହାନ୍ତି। ତେବେ ତୁରନ୍ତ ସେମାନଙ୍କ ଜମି ମାପିବା ସହ ଜାଗା ଚିହ୍ନଟ ପାଇଁ ଦାବି କରିଛନ୍ତି। ସେମାନେ ନିଜ ଜମି ସମ୍ପର୍କରେ କିଛି ଜାଣି ନଥିବାରୁ ଜିଲ୍ଲାରେ କୌଣସି କାମଧନ୍ଦା ନ ପାଇ ବାଧ୍ୟହୋଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଯାଇ କାମ କରୁଛନ୍ତି। ତେବେ ଏହି ଜମି ମାପ ସମ୍ବନ୍ଧରେ ମାଲକାନଗିରି ତହସିଲ୍‌ଦାରଙ୍କୁ ପଚାରିବାରୁ କିଛିଦିନ ମଧ୍ୟରେ ଆମେ ଏକ ଟିମ୍ ଗଠନ କରି ସେହି ଗାଁକୁ ଯାଇ ଗ୍ରାମବାସୀଙ୍କ ଜମି ଗୁଡ଼ିକୁ ମାପି ଚିହ୍ନଟ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଶିଶୁ ମଙ୍ଗଳ ଓ ଶିଶୁ ସୁରକ୍ଷା ବିଭାଗର ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ

**ମାଲକାନଗିରି ୨୪।୯(ସମିସ ):** ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ୨ ବର୍ଷ ଧରି କୋଭିଡ୍ ମହାମାରୀ ସମୟରେ ପିତାମାତାଙ୍କୁ ହରାଇଥିବା ଶିଶୁଙ୍କୁ କିପରି ଥଇଥାନ କରାଯିବ ସେଥିପାଇଁ ଆଜି ଜିଲ୍ଲା ଶିଶୁମଙ୍ଗଳ ସମିତି ଓ ଶିଶୁସୁରକ୍ଷା ସମିତିର ଅଧ୍ୟକ୍ଷଙ୍କ ଦ୍ୱାରା ଏକ ମିଳିତ କ୍ୟାମ୍ପକୋର୍ଟ କରାଯାଇଥିଲା। ଇତି ମଧ୍ୟରେ ସ୍ୱାଭିମାନ ଅଞ୍ଚଳ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪୮୫ ଜଣ ଶିଶୁଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଚିହ୍ନଟ କରାଯାଇ ସେମାନଙ୍କୁ ୨୫୦୦ଟଙ୍କା ଓ ପିତା କିମ୍ବା ମାତା ଜଣଙ୍କୁ ହରାଇଥିବା ଶିଶୁଙ୍କୁ ୧୫୦୦ ଟଙ୍କା , ଆର୍ଶିବାଦ ଯୋଜନାରେ ୧୦୦୦ ଟଙ୍କା ପ୍ରଦାନ କରାଯିବା ସହ ସେମାନଙ୍କ ଶିକ୍ଷା , ସ୍ୱାସ୍ଥ୍ୟ ଓ ଅନାନ୍ୟ ସୁବିଧା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହି ଶିଶୁମାନେ ମର୍ଯ୍ୟଦାର ସହ ବଞ୍ଚିବା, ସୁ ନାଗରିକ ହେବାର ସବୁ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ବିଶାଲ ସିଂ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ୍ , ସହକାରୀ ସୁରକ୍ଷା ଅଧିକାରୀ ସୁଦୃଷ୍ଟି ରାଉତ , ଏସଡିଓ ରାଜଲକ୍ଷ୍ମୀ ପ୍ରଧାନ,ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନଙ୍କ ସହ ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ବିଶିଷ୍ଟ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ମାତୃ ବିୟୋଗ

**ମୁନିଗୁଡା,୨୪।୯ (ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡାର ବିଶିଷ୍ଟ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ମା କୁନ୍ତଳା କୁମାରୀ ଆଚାର୍ଯ୍ୟଙ୍କ ଆଜି ପରଲୋକ ଘଟିଛି । ସେ ଗତ କିଛିମାସ ହେବ କିଡ଼ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବେଳେ ହଠାତ ଆଜି ତାଙ୍କର ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁରକୁ ଅଧିକ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ପରଲୋକ ଘଟିଛି। ପରେ ତାଙ୍କୁ ମୁନିଖୋଲସ୍ଥିତ ବସଭାବନକୁ ଆଣିବା ପରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିବା ଜଣାପଡ଼ିଛି। ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲାର ଜଣେ ବହୁ ପୁରାତନ ତଥା ଜଣାଶୁଣା ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ମାର୍କଣ୍ଡ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଥିଲେ ଏବଂ ସେ ମଧ ଜଣେ ଧର୍ମିକ, ପରୋପକାରୀ ମହିଳା ଥିଲେ। ଏହି ଦୁଃଖଦ ଖବର ପ୍ରଚାରିତ ହେବାପରେ ମୁନିଗୁଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ଶେଷ ଦର୍ଶନ କରିବା ପାଇଁ ମୁନିଗୁଡା ବିଜେଡି ବ୍ଲକ୍ ସଭାପତି ରତନଲାଲ ଜୈନ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ବିଜେଡି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ପ୍ରେସ କ୍ଲବ୍ ସଭାପତି ରାଜୀବ ଲୋଚନ ଦାସ, ନନ୍ଦ କିଶୋର ପଟ୍ଟନାୟକ, ବ୍ରାହ୍ମଣ ସମାଜ ସଭାପତି ସନ୍ତୋଷ କୁମାର ବ୍ରହ୍ମା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବୈକୁଣ୍ଠ ବନଛୋର ପ୍ରମୁଖଙ୍କ ସମେତ ମୁନିଗୁଡା ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକ ଶନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି।

# ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ




**ବିଷମ କଟକ, ୨୪।୯ (ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର ମା ମାର୍କମା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟସେବା ଯୋଜନାର ଶୁଭାରମ୍ଭ କରି ଯୋଜନାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ +୩ ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ୍ ବି.ରବିଶଙ୍କର ଜାତୀୟ ସେବା ଯୋଜନାର ଭୂମିକା ଛାତ୍ରଛାତ୍ରୀଙ୍କ ଜୀବନରେ କେତେ ଗୁରତ୍ୱପୂର୍ଣ୍ଣ ତାହା ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଜାତୀୟସେବା କାର୍ଯ୍ୟକ୍ରମ ଅଧିକାରୀ ଡ଼.ଅଶ୍ୱିନୀ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣରେ ଏହି ଯୋଜନାର ସୁବିଧା ଉପରେ ଆଲୋକପାତ କରିଥିଲେ। ଆଜି ଅନୁଷ୍ଠିତ ଜାତୀୟସେବା କାର୍ଯ୍ୟକ୍ରମରେ ସରକାରଙ୍କ ସମସ୍ତ କୋଭିଡ୍ ନିୟମ ପାଳନ କରାଯାଇଥିଲା। ସ୍ଥାନୀୟ ମହାବିଦ୍ୟାଳର ଜାତୀୟସେବା ଅଧିକାରୀ ପ୍ରଦୀପ କୁମାର ଭଞ୍ଜ ଓ ନିରଞ୍ଜନ ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରିଣୀ ଦୀପ୍ତିରାଣୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ନୂତନ ପାର୍କ, ଶୌଚାଳୟ ନିର୍ମାଣ ନେଇ ସାହିବାସୀନ୍ଦାଙ୍କ ଦାବି



**ଜୟପୁର, ୨୪।୯ (ସମିସ)**

କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକା ଅନ୍ତର୍ଗତ ୭ ନଂ ୱାର୍ଡର ମହିଳା ମହାବିଦ୍ୟାଳୟ ପଛପାଖରେ ରହିଥିବା ଗୁଦାମଗୁଡା, ସୁଇପର କଲୋନୀ, କୁନ୍ଦାରିଗୁଡା, ବାପୁଜି ନଗର ବାସିନ୍ଦାମାନେ ଉକ୍ତ ଅଞ୍ଚଳରେ ପାର୍କ ଓ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଛନ୍ତି । ଏହି ଅଞ୍ଚଳରେ ପୌରସଂସ୍ଥାର ପ୍ରାୟ ୧ ଏକରର ଖାଲି ଜମି ରହିଛି । ଉକ୍ତ ଜମିକୁ ସ୍ଥାନୀୟ ବସ୍ତି ଅଞ୍ଚଳର ଲୋକମାନେ ମୁକ୍ତ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି । ଫଳରେ ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ସହରରେ ଅନେକ ସରକାରୀ ଓ ପୌରସଂସ୍ଥାର ଜମିକୁ ଜବରଦଖଲକାରୀମାନେ ନିଜ ଅକ୍ତିଆରକୁ ନେଇଛନ୍ତି । ତେଣୁ ଉକ୍ତ ଖାଲି ଜମିରେ ପାର୍କ ଏବଂ ଶୌଚାଳୟ ନିର୍ମାଣ କରାଗଲେ ତାହାର ସଦବ୍ୟବହାର ହେବା ସହ ସ୍ଥାନୀୟ ବାସିନ୍ଦାଙ୍କ ଚିତ୍ତବିନୋଦନ ହୋଇପାରିବ ବୋଲି ଅଞ୍ଚଳବାସୀ ଜୟପୁର ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସୟଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ମୃତ୍ୟୁଞ୍ଜୟ ରାଉତ, ରାମଖରା, କବୀର ଦାସ, ପ୍ରଶାନ୍ତ ଚାଲାଣ, ଗୋପାଳ ଖରା, ପ୍ରମୁଖ ଉପସ୍ଥିତ ଥିଲେ ।

## ହାଟ ମଧ୍ୟରୁ ଅସ୍ଥାୟୀ ଦୋକାନ ହଟେଇବାକୁ ମହିଳାଙ୍କ ପ୍ରତିବାଦ

# ସ୍ଥାନ ସଂରକ୍ଷଣ ଦାବି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ

**କୋରାପୁଟ, ୨୪।୯ (ସମିସ)**



କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଜୟନ୍ତଗିରି ସାପ୍ତାହିକ ହାଟରେ ଅସ୍ଥାୟୀ ଭାବେ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିବା ଆଦିବାସୀ ମହିଳାମାନେ ହାଟ ମଧ୍ୟରେ ତାଙ୍କ ପାଇଁ ସ୍ଥାନ ସଂରକ୍ଷିତ କରିବାକୁ ଦାବି କରିଛନ୍ତି । ଏନେଇ ମହିଳାମାନେ କୋରାପୁଟ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି । ସ୍ଥାନୀୟ ସରପଞ୍ଚ ଧନମାନି ଅମାନତ୍ୟ ପୁଲିସ ଦ୍ୱାରା ବ୍ୟବସାୟକୁ ଅନେକ ଥର ବନ୍ଦ କରିଥିବା ମହିଳା ମାନେ କହିଛନ୍ତି । ସରପଞ୍ଚ ପୁଲିସ ଦ୍ୱାରା ଧମକ ଦେଉଥିବା ମହିଳାମାନେ କହିଛନ୍ତି । ସୂଚନାଥାଉକି, ଜୟନ୍ତଗିରିର କିଛି ଆଦିବାସୀ ମହିଳା ବଂଶାନୁକ୍ରମିକ ଭାବେ ସାପ୍ତାହିକ ହାଟରେ ମାତ୍ର ୫୦ ଟଙ୍କାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ବିକ୍ରୟ କରନ୍ତି । ତାଙ୍କର ସ୍ଥାୟୀ ଦୋକାନ ନ ଥିବାରୁ ସେମାନଙ୍କୁ ହାଟରୁ ଉଠିଯିବା ପାଇଁ ସ୍ଥାନୀୟ ସରପଞ୍ଚ କହୁଥିବା ଜିଲ୍ଲାପାଳଙ୍କ ନିକଟକୁ ଆସିଥିବା ମହିଳାମାନେ କହିଛନ୍ତି । ହାଟରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା ପାଇଁ ବଇଦେଇ ଗୌଡ, ରାଧାମଣି ହରିଜନ, ସୁକାନ୍ତି ହରିଜନ, ଦର୍ସମଣି ହରିଜନଙ୍କ ସମେତ ୩୦ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି । କୋରାପୁଟ ଜିଲ୍ଲାପାଳ ମହମ୍ମଦ ଆବଦଲ ଅଖତର ଜୟପୁର ଉପଜିଲ୍ଲାପାଳଙ୍କ ସହ ଉକ୍ତ ସମସ୍ୟା ସଂପର୍କରେ ଆଲୋଚନା କରିବା ପାଇଁ ମହିଳାମାନଙ୍କୁ କହିଥିବା ଜଣାପଡିଛି ।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ଲମତାପୁଟ, ୨୪।୯ (ସମିସ)**



ଲମତାପୁଟ ବ୍ଲକ ଗୋଡ଼ିହୋଞ୍ଜର ପଞ୍ଚାୟତ ରାଇପଡ଼ା ଗ୍ରାମ ପୋଖରୀରେ ବୁଡି ଦୁଇ ନାବାଳିକାଙ୍କ ମୃତ୍ୟୁ ହୋଇଛି । ମୃତ ନାବାଳିକା ଦୁଇଜଣ ବଳଭଦ୍ର ପାଙ୍ଗିଙ୍କ ୧୨ ବର୍ଷର ଝିଅ କବିତା ପାଙ୍ଗି ଏବଂ ଭୀମ ଖୋରାଙ୍କ ୧୦ ବର୍ଷର ଝିଅ ବାସନ୍ତୀ ଖୋରା ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଦିନ ୧୨.୩୦ରେ ଉଭୟେ ଗାଁ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତା କାରଣରୁ ଦୁଇ ଜଣ ପାଣିରେ ବୁଡ଼ି ଯାଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିବା ଜଣାପଡିଛି । ମାଛକୁଣ୍ଡ ଥାନା ଅଧିକାରୀ ପ୍ରଫୁଲ୍ଲ ଲାକ୍ରା ,ସେକେଣ୍ଡ ଅଫିସର ଡମ୍ବରୁଧର ବାତ୍ରିଆ ଓ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଶନିବାର ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବା ନେଇ ପୁଲିସ ସୂଚାଇଛି ।

# ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦାୟ ସମ୍ବର୍ଦ୍ଧନା



**ଦାମନଯୋଡି, ୨୪।୯ (ସମିସ):** କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦାୟ କାଳିନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ଫାର୍ମାସିଷ୍ଟ ସରୋଜ କୁମାର ସେଠୀ ଓ ତାଙ୍କ ଧର୍ମପତ୍ନୀ ତଥା ନର୍ସିଂ ଅଧିକାରିଣୀ ସ୍ୱାଗତିକା ସେଠୀଙ୍କୁ ଶୁକ୍ରବାର ବିଦାୟ କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉଭୟଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଉଭୟଙ୍କ କର୍ମକୁଶଳତା ଓ ବନ୍ଧୁବତ୍ସଳତାର ସ୍ମୃତିଚାରଣ କରିଥିଲେ । ଉଭୟଙ୍କର ଖୋର୍ଦ୍ଧା ଜିଲ୍ଲାକୁ ବଦଳି ହୋଇଥିବା ବେଳେ ସେମାନେ ନିଜ ପ୍ରତିକ୍ରିୟାରେ ଦାମନଯୋଡି ତଥା କୋରାପୁଟ ଜିଲ୍ଲାର ରହଣି ସର୍ବଦା ସ୍ମରଣୀୟ ରହିବ ବୋଲି କହିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସୁମନ କୁମାର ଟପ୍ପୋଙ୍କ ସହ ଡ଼ା. ସୋହନ କୁମାର ନାୟକ, ଡ଼ା. ନିଶାପ୍ରୀତ ଏକ୍କା, ଡ଼ା. ସ୍ୱାଗତ ବିଶ୍ୱାଳ, ଡ଼ା. ଜ୍ଞାନରଞ୍ଜନ ବିଶୋଇ, ଡ଼ା ସୁଶ୍ରୀତା ଦାସ, ବ୍ରଜଶଙ୍କର ବେହେରା, ନର୍ସିଂ ଅଧିକାରିଣୀ ବିମଳା ସାହୁ, ସୁନିତା କେର୍କେଟା, ଶର୍ମିଷ୍ଠା ବିଶ୍ୱାଳ, ମଧୁସ୍ମିତା ବାଘ, ସୁପରଭାଇଜର ସିମାଞ୍ଚଳ ପରିଡା, ଜଗନ୍ନାଥ ବିଶ୍ୱାସରାୟ, କର୍ମଚାରୀ କ୍ଷୀରପ୍ରଭା ସେଠୀ, ରାଜଲକ୍ଷ୍ମୀ ସାହୁ, ତାପସୀ ଜେନା, ସୁଶାନ୍ତ ଭଞ୍ଜ, ମାନସ କୁମାର ସ୍ୱାଇଁ, ସୁକେତ ବିଶୋଇ, ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଚକ୍ଷୁ ସହାୟକ ବିଜୟ କୁମାର ଆଚାର୍ଯ୍ୟ ମଞ୍ଚ ସଂଯୋଜନା କରିଥିବା ବେଳେ ଭାରପ୍ରାପ୍ତ ପିଏଚଇଓ ମକର ଜାନି ଧନ୍ୟବାଦ ଦେଇଥିଲେ ।

## ରାସ୍ତା ଓ ପାଣି ସମସ୍ୟାର ସମାଧାନ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଭେଜାଗୁଡ଼ାବାସୀ

**କୋରାପୁଟ, ୨୪।୯ (ସମିସ)**




କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଭେଜାଗୁଡା ଗ୍ରାମବାସୀ ରାସ୍ତା ଓ ପାଣି ସମସ୍ୟାର ସମାଧାନ ନେଇ କୋରାପୁଟ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି । ନନ୍ଦକା ଆରଡି ରାସ୍ତା ଠାରୁ ଭେଜାଗୁଡା ଦେଇ ରେନୁ ପର୍ଯ୍ୟନ୍ତ ୨ କିମି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମରେ ୫ ହଜାର ଲିଟର ପାଣି ଟାଙ୍କି ରହିଥିବା ବେଳେ ଜନସଂଖ୍ୟା ଅଧିକ ଯୋଗୁଁ ପାଇପ ଯୋଗେ ହେଉଥିବା ପାନୀୟ ଜଳ ଯୋଗାଣ ଯଥେଷ୍ଟ ହେଉ ନ ଥିବାରୁ ୧୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟ୍ୟାଙ୍କ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, କଂଗ୍ରେସ ନେତା ରୂପକ ତୁରୁକ, ମୁକୁନ୍ଦ ଶିଶା, ମନୋଜ ପାଙ୍ଗୀ, ମଙ୍ଗୋରାଜ ଗୋଲରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ରାସ୍ତା ନିର୍ମାଣ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିଥିବା ପୂର୍ବତନ ବିଧାୟକ ଶ୍ରୀ କାଡାମ କହିଛନ୍ତି ।

# ଦଶହରା ପାଳନ ନେଇ ପ୍ରସ୍ତୁତି ବୈଠକ


**ଜୟପୁର,୨୪।୯ (ସମିସ)**

କୋରାପୁଟ ଜିଲ୍ଲା ଜୟପୁରଠାରେ ଆସନ୍ତା ଦଶହରା ପର୍ବ ପାଳନ ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର ସମ୍ମନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଟିଡିଏ) କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଦଶହରା ପୂଜା କମିଟିର ଅଧ୍ୟକ୍ଷ ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ସହରରେ ଐତିହାସିକ ଦଶହରା ପର୍ବ ରିତିନୀତି ସହ ବିଭିନ୍ନ ଶକ୍ତି ପୀଠ ଓ ପୂଜା ମଣ୍ଡପରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ସହ ପାଳନ କରାଯିବାକୁ ନିଷ୍ପତି ହୋଇଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପଟୁଆର ଉପରେ ରୋକ ଲଗାଯାଇଛି । ମନ୍ଦିର ଓ ପୂଜାମଣ୍ଡପ ନିକଟରେ ଜନଗହଳିକୁ ବାରଣ କରାଯାଇଛି । କୋଭିଡ କଟକଣା ଅନୁଯାୟୀ ସାମାଜିକ ଦୂରତା, ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳ କରାଯାଇଛି । କୋଭିଡ ନିୟମାବଳୀକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାହ୍ନରେ ଦେବତ୍ତୋର ଉପଦେଷ୍ଟା କମିଟିରେ ସହରର ଅଧିଷ୍ଠାତ୍ରୀ ପୁରୁଣାଗଡର ଦେବୀ ଦକ୍ଷିଣକାଳୀ ଏବଂ ଭଗବତୀଙ୍କ ସୁନାବେଶ ଚଳିତ ବର୍ଷ ଆୟୋଜନ ନ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଦେବୀ ଦକ୍ଷିଣକାଳୀଙ୍କ ଷଷ୍ଠିତିଥିରେ ଏବଂ ଭଗବତୀଙ୍କ ନବମୀ ତିଥିରେ ଆୟୋଜିତ କରିବାକୁ ନିଷ୍ପତି ନିଆଯାଇଛି । ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଶକ୍ତି ପୀଠରୁ ପ୍ରତୀକ ଭାବେ ୮୦ରୁ ଉର୍ଦ୍ଧ୍ୱ ଲାଠି ବଦଳରେ ଚଳିତ ବର୍ଷ କେବଳ ଜୟପୁର ବ୍ଲକ ସଲପା, ତେଲିଆ, ଧାରଣାହାଣ୍ଡି, ଖଡପା, କଙ୍ଗା, ଜାମୁଣ୍ଡା ଗ୍ରାମର ଶକ୍ତିପୀଠରୁ ଲାଠି ଗୁଡିକକୁ ଦଶହରା ଦିନ ଅପରାଜିତା ପୂଜା ନିମନ୍ତେ ଅଣାଯିବ । ଏଥିପାଇଁ ଆସନ୍ତା ୨୯ ତାରିଖ ମୂଳାଷ୍ଟମୀ ତିଥିରେ ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ନିମନ୍ତ୍ରଣ ଉପରୋକ୍ତ ତିନୋଟି ପୀଠକୁ ପଠାଯିବ । ନବରାତ୍ର ଆରମ୍ଭ ଠାରୁ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦକ୍ଷିଣକାଳୀ ଏବଂ ଭଗବତୀଙ୍କ ପ୍ରତୀକ ମୂର୍ତ୍ତି ବିମାନରେ ବାଙ୍କମଠକୁ ଯାଇ ପୂଜାର୍ଚ୍ଚନା କରାଯିବ । ଦଶହରା ଅନ୍ତିମ ଦିବସରେ ପୌରସଂସ୍ଥା ପକ୍ଷରୁ ସହରରେ ଏକ କୃତ୍ରିମ ପୋଖରୀ ଖୋଳାଯାଇ ସେଠାରେ ସହରର ବିଭିନ୍ନ ପୂଜାମଣ୍ଡପର ମୃଣ୍ମୟୀ ମୂର୍ତ୍ତି ଗୁଡିକୁ ବିସର୍ଜନ କରାଯିବ । ଆଇନଶୃଙ୍ଖଳା ବ୍ୟବସ୍ଥା ନିମନ୍ତେ ନବରାତ୍ରରେ ଭଗବତୀ ମନ୍ଦିର ସମ୍ମୁଖ ରାସ୍ତାରେ ସନ୍ଧ୍ୟା ୬ ଟା ଠାରୁ ରାତ୍ରୀ ୧୦ ଟା ପର୍ଯ୍ୟନ୍ତ ଦୁଇ ଏବଂ ଚାରି ଚକିଆ ଯାତାୟାତ ଉପରେ ନିଶେଧାଦେଶ ଜାରୀ କରାଯାଇଛି । ଷଷ୍ଠୀ ଠାରୁ ଦଶହରା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାରେ ୪ ଚକିଆ ଯାନ ଯାତାୟାତ ବନ୍ଦ ରହିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ସପ୍ତମୀ ଠାରୁ ଦଶହରା ପର୍ଯ୍ୟନ୍ତ ବେଆଇନ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ପୂଜା କମିଟିର ସଭାପତି ଉପଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମା, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, ସଦରଥାନା ଅଧିକାରୀ ଆଦିତ୍ୟ ମହାକୁର, ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଦେବତ୍ତୋର ଉପଦେଷ୍ଟା କମିଟିର ସଭାପତି ଲାଲମୋହନ ମିଶ୍ର ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

**● କୃତ୍ରିମ ପୋଖରୀରେ ହେବ ବିସର୍ଜନ**

# କାଳି ପ୍ରସାଦ ଜିଲ୍ଲାସ୍ତରୀୟ କୃତୀଶିକ୍ଷକ ମନୋନୀତ

**କୋଟପାଡ଼, ୨୪।୯ (ସମିସ)**



ଚଳିତ ଶିକ୍ଷା ବର୍ଷ ପାଇଁ ରାଜ୍ୟସ୍ତରୀୟ କୃତି ଶିକ୍ଷକ ନିମନ୍ତେ କୋରାପୁଟ ଜିଲ୍ଲାର କୋଟପାଡ ବ୍ଲକ ଅନ୍ତର୍ଗତ ଗୁଆଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କାଳି ପ୍ରସାଦ ବେହେରାଙ୍କୁ ମନୋନୀତ କରାଯାଇଛି । ଚଳିତ ବର୍ଷ ଅନଲାଇନ୍ ମାଧ୍ୟମରେ ଏହି ପୁରସ୍କାର ସକାଶେ କୋରାପୁଟ ଜିଲ୍ଲାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଆବେଦନ କରିଥିଲେ । ସେଥିମଧ୍ୟରୁ ଶ୍ରୀ କାଳି ପ୍ରସାଦ ବେହେରାଙ୍କୁ ଚୟନ କମିଟି ତରଫରୁ ଶ୍ରେଷ୍ଠ ବିବେଚିତ କରାଯାଇଛି । ତାଙ୍କ ନାମ ରାଜ୍ୟ ପୁରସ୍କାର ନିମନ୍ତେ କୋରାପୁଟ ଜିଲ୍ଲା ତରଫରୁ ସୁପାରିସ୍ କରାଯାଇଥିବା ଜଣାପଡିଛି । ଶ୍ରୀ ବେହେରା ବହୁବାର ରାଜ୍ୟସ୍ତରୀୟ ପୁରସ୍କାର ପାଇସାରିଛନ୍ତି । ତେବେ ସେ ଏହାର ଶ୍ରେୟ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ତଥା ସହପାଠୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦେଇଛନ୍ତି । ଏନପିଏସ ସଂଘ ସଭାପତି ସନ୍ତୋଷ କୁମାର ଦୁର୍ବେ, ସମ୍ପାଦକ ସାଗର ଭଟ୍ଟ ରାମ ପ୍ରସାଦ ବେହେରା ପ୍ରମୁଖ ଶିକ୍ଷକ ଶ୍ରୀ ବେହେରାଙ୍କୁ ଶୁଭକାମନା ଦେବା ସହ ତାଙ୍କର ଚାକିରୀ ଜୀବନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ହତ୍ୟା ଉଦ୍ୟମ ମାମଲାରେ ୨ ଦୋଷୀ ସାବ୍ୟସ୍ତ

**କୋରାପୁଟ, ୨୪।୯ (ସମିସ):** କୋରାପୁଟ ସହକାରୀ ଦୌରା ଜଜ୍ ଏକ ମାମଲାର ବିଚାର କରି ଦୁଇଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି ବିଚାରପତି ହୃଷିକେଶ ସାହୁ । ଧାରା ୩୦୭, ୩୪୧ ଅନୁଯାୟୀ ଅଭିଯୁକ୍ତ ଦୀପାନ୍ତର ଚୌଧୁରୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଅନଦେୟ ଆଉ ଦୁଇମାସ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଦଫା ୩୨୩ ଓ ୩୪୧ ଅନୁଯାୟୀ ଅଭିଯୁକ୍ତ ଚକିତ ଚୌଧୁରୀଙ୍କୁ ୨ ମାସ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଅନଦେୟ ଅଧିକ ୧୫ ଦିନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନା ଅନୁଯାୟୀ, ଗତ ୨୦୧୬ ମସିହା ମାର୍ଚ୍ଚ ୩ ତାରିଖରେ ଦାମନଯୋଡିର ଦିବାକର ଚୌଧୁରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଦାମନଯୋଡି ଥାନାରେ ଏତଲା ହୋଇଥିଲା । ଏତଲା ଅନୁଯାଇ ୩ ତାରିଖ ସନ୍ଧ୍ୟାରେ ଦୀପାନ୍ତର ଚୌଧୁରୀ ଦିବାକରଙ୍କୁ ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲା । ପରେ ଚିକିତ୍ସା ପାଇଁ ଦିବାକର ଡାକ୍ତରଖାନା ଯିବା ସମୟରେ ରାସ୍ତାରେ ଦୀପାନ୍ତର ଓ ଚକିତ ପୁଣିଥରେ ଆକ୍ରମଣ କରି ମାଡ଼ ମାରିବା ସହ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ । ଏନେଇ ଦାମନଯୋଡି ଥାନାରେ ଦଫା ୩୪୧/ ୨୯୪/ ୩୨୩/୩୫୪/୩୦୭/୫୦୬/୩୪ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ସରକାରଙ୍କ ତରଫରୁ ମାମଲାଟିକୁ ଆଇନଜୀବୀ ବିଦ୍ୟାଧର ସାହୁ ପରିଚାଳନା କରିଥିଲେ ।

## ନୂଆଗୁଡାର ୯୮ ପରିବାର ବିଜେଡିରେ ସାମିଲ ପ୍ରସଙ୍ଗ

# କଂଗ୍ରେସର ସୂଚନାକୁ ମିଥ୍ୟା କହିଲେ ଗ୍ରାମବାସୀ



**ପଟାଙ୍ଗି, ୨୪।୯ (ସମିସ)**

କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତର ନୂଆଗୁଡା ଗ୍ରାମର ୯୮ ଗୋଟି ପରିବାର ବିଜେଡିରେ ସାମିଲ ଖବର ମିଥ୍ୟା ନେଇ କଂଗ୍ରେସର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମଙ୍କ କିଛିଦିନ ପୂର୍ବେ ଦେଇଥିବା ସୂଚନାକୁ ମିଥ୍ୟା କହିଛନ୍ତି ଗ୍ରାମବାସୀ । ଏନେଇ ପଟାଙ୍ଗି ବିଧାୟକ ପ୍ରୀତମ ପାଡୀଙ୍କୁ ଗ୍ରାମର ୯୮ ପରିବାର ଲିଖିତ ଭାବେ ଜଣାଇଥିବା ସୂଚନା ମିଳିଛି । କଂଗ୍ରେସ ଦଳରେ ହିଁ ରହିଛୁ କହି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସୂଚନା ମିଥ୍ୟା ବୋଲି କହିବା ସହ ସାଧା କାଗଜରେ ସ୍ୱାକ୍ଷର କରି ଗଣ ମାଧ୍ୟମରେ ଏଭଳି ପ୍ରକାଶ କରିଥିବା ଗ୍ରାମର ୯୮ ପରିବାର ସଦସ୍ୟ କହିଛନ୍ତି । ସେମାନେ ବିଜେଡି ଦଳରେ ହିଁ ରହିଥିବା ନେଇ ଆଜି ବିଧାୟକଙ୍କୁ ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ୨୨ ତାରିଖ ଦିନ ପଟାଙ୍ଗିର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ ନୂଆଗାଁ ଗ୍ରାମବାସୀ ବିଜେଡିରେ ସାମିଲ ସୂଚନା ମିଥ୍ୟା ବୋଲି କହିଥିଲେ । ଏଥିସହ ପଟାଙ୍ଗି ବିଧାୟକ ପ୍ରୀତମ ପାଡୀ ଗ୍ରାମକୁ ଆସିଥିବା ବେଳେ ବିଧାୟକଙ୍କ ନିକଟରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତି କରାଇଥିଲେ । ବିଧାୟକ ପ୍ରୀତମ ପାଡୀ ଗ୍ରାମର ୯୮ ପରିବାର ବର୍ଗଙ୍କ ଫଟୋ ଉଠାଇବାକୁ କହିଥିଲେ । ଉକ୍ତ ଫଟୋକୁ ନେଇ କିଛି ଗଣମାଧ୍ୟମରେ ୯୮ ପରିବାର ବର୍ଗ କଂଗ୍ରେସକୁ ଛାଡି ବିଜେଡିରେ ମିଶିଥିବା ନେଇ ପ୍ରଚାର କରାଯାଇଥିବା ଗ୍ରାମବାସୀ ଲିଖିତଭାବେ ଗତ ୧୯ ତାରିଖ ଦିନ ଜଣାଇଥିବା ପୂର୍ବତନ ବିଧାୟକ କାଡାମ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ଏହି ପୂର୍ବତନ ବିଧାୟକ କାଡାମଙ୍କ ସୂଚନା ମିଥ୍ୟା ବୋଲି କହି ଆଜି ନୂଆଗୁଡା ଗ୍ରାମର ଉକ୍ତ ୯୮ ଗୋଟି ପରିବାର ବିଧାୟକ ଶ୍ରୀପାଡୀଙ୍କ ବାସଭବନରେ ପହଞ୍ଚି ଗତ ୨୨ ରିଖ ଦିନ କରୋନା ଟିକା ନେବା ସମୟରେ ସାଧା କାଗଜରେ ଗ୍ରାମବାସୀଙ୍କ ସ୍ୱାକ୍ଷର ଗ୍ରହଣକରି ଆମେ କଂଗ୍ରେସରେ ରହିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରିଥିବା କହିଛନ୍ତି । ପୂର୍ବତନ କଂଗ୍ରେସ ବିଧାୟକ ମିଥ୍ୟା ସୂଚନା ପ୍ରଚାର କରିଛନ୍ତି । ଆମେ ବିଜେଡିରେ ମିଶିଛୁ ବିଜେଡିରେ ହିଁ ରହିବୁ ବୋଲି ରମେଶ ଗୁଣ୍ଠା, ସେତୁ ଗୁଣ୍ଠା, ବିଶୁ ଗୁଣ୍ଠା, କୁଶୁ ଗୁଣ୍ଠା ପ୍ରମୁଖ ଗ୍ରାମବାସୀ ବିଧାୟକଙ୍କୁ କହିଥିବା ସୂଚନା ମିଳିଛି । ପ୍ରକାଶଥାଉକି, ଗତ ୧୯ ତାରିଖରେ ନୂଆଗୁଡା ଗ୍ରାମରେ ଏକ ମିଶ୍ରଣ ପର୍ବର ଆୟୋଜିତ ହୋଇଥିଲା । ଏଥିରେ ପଟାଙ୍ଗି ବିଧାୟକ ପ୍ରୀତମ ପାଡୀଙ୍କ ଉପସ୍ଥିତିରେ ଗ୍ରାମର ରମେଶ ଗୁଣ୍ଠାଙ୍କ ସମେତ ୯୮ ପରିବାର କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ ।

**● ସାଧା କାଗଜରେ ଦସ୍ତଖତ କରାଇ କଂଗ୍ରେସରେ ରହିଥିବା ଦର୍ଶାଇଥିବା ଅଭିଯୋଗ କଲେ ଗ୍ରାମବାସୀ**

# ଜାତୀୟ ସେବା ଯୋଜନା ଦିବସ ପାଳିତ

**ସୁନାବେଡା, ୨୪।୯ (ସମିସ)**

ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା (ଏନଏସଏସ) ଦିବସ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରଣୀ ଦାସ ସଭାପତିତ୍ୱ କରିବା ସହ ଛାତ୍ରୀଙ୍କୁ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏନଏସଏସର ଐତିହ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡା, ଓଡ଼ିଆ ଅଧ୍ୟାପିକ ଡ. ବସୁଦେବ ସାହୁ, ଶିକ୍ଷା ବିଭାଗର ଡେମନଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ, ଲାଇବ୍ରେରିଆନ ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ୱାଇଆରସି କାଉନସିଲର ତଥା ବରିଷ୍ଠ ଅଧ୍ୟାପିକା ବାସନ୍ତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟର ଏନଏସଏସର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।





# ମାଇଲଖୁଣ୍ଟ ନିକଟରେ ଦିଲ୍ଲୀ କ୍ରିକେଟର୍

ଆଇପିଏଲ୍ ୧୪ତମ ସଂସ୍କରଣର ୨ୟ ପର୍ଯ୍ୟାୟ ୟୁଏଇରେ ଆରମ୍ଭ ହୋଇସାରିଛି। କରୋନା ମହାମାରୀ ଲାଗି ଗତ ମେ ମାସରେ ଭାରତରେ ଆୟୋଜିତ ଏହି ସଂସ୍କରଣକୁ ଅଧାରୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ୩୫ଟି ମ୍ୟାଚ୍ ଖେଳାଯାଇସାରିଲାଣି। ୩୬ତମ ମୁକାବିଲାରେ ଶନିବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ସହ ହେବ। ଆବୁଧାବିର ଶେଖ୍ ଜାୟେଦ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ୫ଜଣ ଖେଳାଳି ଆଇପିଏଲ୍‌ର ପ୍ରମୁଖ ମାଇଲଖୁଣ୍ଟ ହାସଲ କରିବାର ସୁଯୋଗ ରହିଛି। ଏହି ୫ ଖେଳାଳି ହାସଲ କରିବାକୁ ଥିବା ମାଇଲଖୁଣ୍ଟ ଉପରେ ନଜର ପକାଇବା।

## ୧- ଆଜିଙ୍କ୍ୟ ରାହାଣେ, ୪ ହଜାର ଆଇପିଏଲ୍ ରନ୍:



ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଆଜିଙ୍କ୍ୟ ରାହାଣେ ତାଙ୍କ ଆଇପିଏଲ୍ କ୍ୟାରିୟରରେ ୪ଟି ଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଖେଳିସାରିଛନ୍ତି। ୩୩ ବର୍ଷୀୟ ରାହାଣେ ବର୍ତ୍ତମାନ ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ଦିଲ୍ଲୀ ଜର୍ସିରେ ସେ ଆଇପିଏଲ୍‌ର ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ ହାସଲ କରିବାର ନିକଟତର ହୋଇଛନ୍ତି। ରାହାଣେ ଯଦି ଆଉ ୫୯ ରନ୍ ସଂଗ୍ରହ କରନ୍ତି ତେବେ ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିବେ। ନିକଟରେ ସେ ଆଇପିଏଲ୍‌ରେ ୧୫୦ତମ ମ୍ୟାଚ୍ ଖେଳିଥିଲେ। କିନ୍ତୁ ହାଇଦରାବାଦ୍ ବିପକ୍ଷ ଅନ୍ତିମ ମ୍ୟାଚରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ଯଦି ରାଜସ୍ଥାନ ବିପକ୍ଷରେ ରାହାଣେଙ୍କୁ ସ୍ଥାନ ମିଳେ ତେବେ ଆଇପିଏଲ୍‌ରେ ସେ ୪୦୦୦ ରନ୍ ପୂରଣ କରିବାର ସୁଯୋଗ ରହିଛି। ୮ମ ଭାରତୀୟ ତଥା ମୋଟ୍ ଉପରେ ୧୧ତମ ବ୍ୟାଟ୍ସମ୍ୟାନ ଭାବେ ସେ ଏହି ସଫଳତା ପାଇବେ। ବର୍ତ୍ତମାନ ସୁଦ୍ଧା ରାହାଣେ ୧୫୧ ମ୍ୟାଚ୍ ଖେଳି ୧୨୧ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ ରେଟ୍‌ରେ ୩୯୪୧ ରନ୍ କରିଛନ୍ତି। ଯେଉଁଥିରେ ୨ ଶତକ ଓ ୨୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ରହିଛି। ୧୦୫ ରନ୍ ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରହିଛି।

## ୨- ଅମିତ୍ ମିଶ୍ର, ସର୍ବୋଚ୍ଚ ୱିକେଟ୍ ହାସଲକାରୀ ସୁଯୋଗ:



ଭେଟେରାନ ଅମିତ୍ ମିଶ୍ରାଙ୍କୁ ଆଇପିଏଲ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ବିବେଚନା କରାଯାଏ। ୩୮ ବର୍ଷୀୟ ଅମିତ୍‌ଙ୍କ ନିକଟରେ ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହେବାର ସୁଯୋଗ ରହିଛି। ବର୍ତ୍ତମାନ ସୁଦ୍ଧା ସେ ଆଇପିଏଲ୍‌ରେ ୧୫୪ ମ୍ୟାଚ୍ ଖେଳି ୨୩.୯ ଆଭରେଜରେ ୧୬୬ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହାରି ମଧ୍ୟରେ ସେ ୫ ୱିକେଟ୍ ଥରେ ଏବଂ ୪ ୱିକେଟ୍ ସଫଳତା ୪ଥର ପାଇଛନ୍ତି। ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହେବାକୁ ହେଲେ ତାଙ୍କୁ ଆଉ ୫ ୱିକେଟ୍ ଆବଶ୍ୟକ ହେଉଛି। ମୁମ୍ବାଇ ଇଣ୍ଡିଆନ୍ସର ପ୍ରାକ୍ତନ ବୋଲର୍ ଲସିଥ୍ ମାଲିଙ୍ଗାଙ୍କ ନାମରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୱିକେଟ୍ ଅକ୍ତିଆର କରିବାର ରେକର୍ଡ ରହିଛି। ନିକଟରେ ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଗ୍ରହଣ କରିଥିବା ମାଲିଙ୍ଗା ଆଇପିଏଲ୍‌ରେ ୧୨୨ ମ୍ୟାଚ୍ ଖେଳି ୧୯.୮ ଆଭରେଜରେ ୧୭୦ ୱିକେଟ୍ ନେଇଛନ୍ତି।

## ୩- ମାର୍କସ ଷ୍ଟୋଇନିସ, ହଜାରେ ଆଇପିଏଲ୍ ରନ୍:



ନିକଟ ଅତୀତରେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ମାର୍କସ ଷ୍ଟୋଇନିସ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ୩୨ ବର୍ଷୀୟ ଷ୍ଟୋଇନିସ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଯଦି ସେ ଆଉ ୧୦୪ ରନ୍ ସଂଗ୍ରହ କରନ୍ତି ତେବେ ବିଶ୍ୱର ଏହି ବ୍ୟୟବହୁଳ ଲିଗରେ ଏକ ହଜାର ରନ୍ ପୂରଣ କରିବେ। ଆଇପିଏଲ୍‌ରେ ତାଙ୍କର ୫୫ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଯେଉଁଥିରେ ସେ ବ୍ୟାଟିଂରେ ୨୮ ଆଭରେଜରେ ୮୯୬ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ୩୦ ୱିକେଟ୍ ମଧ୍ୟ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ୪- ସ୍ମିଥ୍ ୨୫୦୦ ରନ୍ ନିକଟତର:



୨୦୨୧ ସଂସ୍କରଣ ପୂର୍ବରୁ ଅଷ୍ଟ୍ରେଲିଆର ବରିଷ୍ଠ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ଦଳରେ ସାମିଲ କରିଥିଲା। ଚଳିତ ୧୪ତମ ସଂସ୍କରଣରେ ସେ ମାତ୍ର ୬ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଯେଉଁଥିରେ ମୋଟ୍ ଉପରେ ୧୦୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ଓଭରଅଲ୍ ଆଇପିଏଲ୍ କ୍ୟାରିୟରରେ ନଜର ପକାଇଲେ ଏହି ଭେଟେରାନ ବ୍ୟାଟ୍ସମ୍ୟାନ ୧୦୧ ଆଇପିଏଲ୍ ମ୍ୟାଚ୍ ଖେଳି ୨,୪୩୭ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧ ଶତକ ଓ ୧୧ ଅର୍ଦ୍ଧଶତକ ସାମିଲ ରହିଛି। ଆଉ ୬୩ ରନ୍ ସଂଗ୍ରହ କଲେ ସେ ଆଇପିଏଲ୍‌ରେ ୨୫୦୦ ରନ୍ ପୂରଣ କରିବେ।


## ୫- ଧାୱନ ୬୫୦ ଚୌକାଠୁ ୧୦ ଦୂରରେ:



ଆଗାମୀ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ଭେଟେରାନ ଓପନର୍ ଶିଖର ଧାୱନଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିନାହିଁ। କିନ୍ତୁ ଏହି ବାମହାତୀ ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟ୍ସମାନ ଆଇପିଏଲ୍‌ର ଚଳିତ ସଂସ୍କରଣରେ ଦମ୍‌ଦାର ଫର୍ମରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୯ ମ୍ୟାଚ୍ ଖେଳି ପାଖାପାଖି ୫୩ ଆଭରେଜରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ଯଦି ତାଙ୍କ ଆଇପିଏଲ୍ କ୍ୟାରିୟର ଉପରେ ନଜର ପକାଇବା ତେବେ ବର୍ତ୍ତମାନ ସୁଦ୍ଧା ସେ ୧୮୫ ମ୍ୟାଚ୍ ଖେଳି ୫,୬୧୯ ରନ୍ ସଂଗ୍ରହ କରିଛନ୍ତି। ଏହାରି ମଧ୍ୟରେ ୪୪ ଅର୍ଦ୍ଧଶତକ ଓ ୨ ଶତକ ସାମିଲ ରହିଛି। ସେହିଭଳି ତାଙ୍କ ନାମରେ ୬୪୦ ଚୌକା ଓ ୧୧୭ ଛକା ଲିପିବଦ୍ଧ ରହିଛି। ଯଦି ଧାୱନ ଆଉ ୧୦ଟି ଚୌକା ମାରନ୍ତି ତେବେ ଆଇପିଏଲ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୬୫୦ ଚୌକା ମାଇଲଖୁଣ୍ଟ ସ୍ପର୍ଶ କରିବେ।



ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ ସିଜନ-୨୦୨୧ ଲାଗି ଓଡ଼ିଶା ଫୁଟବଲ କ୍ଲବ୍‌ର ନୂଆ ଜର୍ସି ଓ କିଟ୍।



ମୁମ୍ବାଇରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ 'ସାରା' ଜିମ୍‌ରେ ଅଭ୍ୟାସରତ।

# ଓଡ଼ିଶା କନିଷ୍ଠ ସଫ୍ଟବଲ ଦଳର ପଞ୍ଜାବ ଯାତ୍ରା



**ଭୁବନେଶ୍ୱର,୨୪।୯ (ସମିସ)**

ପଞ୍ଜାବରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ସବ୍‌ଜୁନିୟର ସଫ୍ଟବଲ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ପଞ୍ଜାବ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି କ୍ୟାମ୍ପସରେ ଚଳିତମାସ ୨୬ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ଏଥିଲାଗି ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଚୟନ କରାଯିବା ପରେ କଟକରୁ ଚଣ୍ଡିଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା ସଫ୍ଟବଲ ଦଳର ସମ୍ପାଦକ ଦେବେନ୍ଦ୍ର ସାହୁ ଓ ଅନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ସହସମ୍ପାଦକ ରାଜକିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି ଓ ଅନ୍ୟମାନେ ରେଲୱେ ଷ୍ଟେସନରେ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

ମନୋନୀତ ବାଳିକା ଦଳର ଖେଳାଳିମାନେ ହେଲେ- ଧରିତ୍ରୀ ସିଂ, ଜୟନ୍ତୀ ଟପ୍ପୋ, ସୁଲୋଚନା ମଲ୍ଲିକ, ମମତା ସିଂ, ମାମାଲି ବେହେରା, ପ୍ରତିମା ଜେନା, ରାଜଶ୍ରୀ ପଣ୍ଡା, ମୋନାଲିସା ଦାସ୍, ପ୍ରତୀକ୍ଷା ତ୍ରିପାଠୀ, ଅପର୍ଣ୍ଣା ସାମଲ, ସସ୍ମିତା ସ୍ୱାଇଁ, ପ୍ରିସିତା ଦାସ୍, ଲୋପାମୁଦ୍ରା ସାହୁ ଓ ସୋନାଲିକା ଜେନା। କୋଚ୍- ଜିତେନ୍ଦ୍ର ମହାନ୍ତି, ମ୍ୟାନେଜର- ଜୟଶ୍ରୀ ମହାନା।

ବାଳକ ଦଳର ଖେଳାଳିମାନେ ହେଲେ- ତପୁ ସିଂ, ଖଗେଶ୍ୱରମଲ୍ଲିକ, ସୁନିଲଟୁଡୁ, ସନ୍ଦୀପକୁମାରକରକେରିଆ, ପ୍ରିୟାଂଶୁ ଶେଖର ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, ସୁରଡ଼ା ଲକ୍ଷ୍ମଣ, ଜ୍ୟାକ୍‌ସନ ପାଲାକୋ, ରଞ୍ଜନ କୁମାର ଦାସ୍, ଲୋକେଶ କୁମାର, ଶୁଭ୍ରଜିତ ସାହୁ, ପଦ୍ମଲୋଚନା ପଣ୍ଡା, ବିଘ୍ନଜ୍ୟୋତି ସାହୁ, ପରଭେଶ ପାତ୍ର। କୋଚ- ଗୌତମ ବିଶ୍ୱାସ, ମ୍ୟାନେଜର- କୈଳାଶ ଚନ୍ଦ୍ର ମହାଳିକ।


# ଆଇପିଏଲ୍‌ର ନୂଆ ତାରକା 'ଏମ୍‌ବିଏ' ଭେଙ୍କଟେଶ

ଆୟର ପରିବାରରେ ଖେଳ ଏକ ଫେସନ। ଏହି ପରିବାରେ ଅଛନ୍ତି ପ୍ରତିଷ୍ଠିତ ଡାକ୍ତର, ଇଞ୍ଜିନିୟର, ପ୍ରଫେସର ଆଦି। କିନ୍ତୁ କେହି ଖେଳରେ କ୍ୟାରିୟର ଗଠନ କରିନାହାନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ନୂଆ ଆବିଷ୍କାର କୋଲକାତା ନାଇଟ୍ ରାଇଡର୍ସର 'ଭେଙ୍କଟେଶ ଆୟର' ହେଉଛନ୍ତି ଆୟର ପରିବାର ପ୍ରଥମ ବ୍ୟକ୍ତି ଯିଏକି ଖେଳକୁ କ୍ୟାରିୟର କରିଛନ୍ତି। ଏପରିକି ସେ ନିଜ ପିତାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ଏମ୍‌ବିଏ ଡିଗ୍ରି ହାସଲ କରିଥିଲାବେଳେ ଏବେ ନିଜ ଇଚ୍ଛାନୁଯାୟୀ କ୍ରିକେଟ ଖେଳାଳି ହୋଇପାରିଛନ୍ତି।

ମଧ୍ୟପ୍ରଦେଶର ଇନ୍ଦୋରରେ ବସବାସ କରୁଥିବା ତାମିଲ ପରିବାରରେ ଭେଙ୍କଟେଶଙ୍କ ଜନ୍ମ। ଜୀବନ ଆରମ୍ଭରୁ ସେ ଖେଳପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପିତା ରାଜଶେକରନ ପୁଅ ଖେଳୁ ବୋଲି ଆଦୌ ଚାହୁଁ ନଥିଲେ। କ୍ରିକେଟ ଖେଳ ପ୍ରତି ଭେଙ୍କଟେଶଙ୍କର ଥିଲା ପ୍ରବଳ ଆଗ୍ରହ ଓ ଦୁର୍ବଳତା। ସମସ୍ତ ପରିବାର ଭଳି ଭେଙ୍କଟେଶ ଖେଳିବା ଲାଗି ମା' ଉଷାଙ୍କ ଶରଣ ପଶିଲେ। ତାଙ୍କ ଆଗ୍ରହ ଆଗରେ ଆୟର ପରିବାରର ଜିଦ୍ ରହିଲାନି। ଆପୋଲୋ ହସ୍ପିଟାଲ୍‌ରେ ଷ୍ଟାଫ୍ ନର୍ସ ଥିବା ମା' ଉଷା ପୁଅର ଆଗ୍ରହ ଦେଖି ଇନ୍ଦୋରର ୟେଶୱନ୍ତରାଓ କ୍ରିକେଟ କ୍ଲବ୍‌ର କୋଚ୍ ଦିନେଶ ଶର୍ମାଙ୍କ ନିକଟକୁ ନେଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଭେଙ୍କଟେଶଙ୍କ କ୍ରିକେଟ ଜୀବନ କାହାଣୀ।

ଯେଉଁଦିନ କୋଚ୍ ଦିନେଶ ସହ ପରିଚୟ କରାଗଲା, ସେଦିନ ଭେଙ୍କଟେଶଙ୍କ ପରୀକ୍ଷା ହେଲା। ସେ ପ୍ରଥମେ ଦୁର୍ବଳ ବୋଲରଙ୍କୁ ନିର୍ଦ୍ଧୁମ ପିଟିଲେ। ଦିନେଶ ଏହା ଦେଖି ତାଙ୍କ ଟପ୍ ବୋଲରଙ୍କୁ ବୋଲି କରିବାକୁ କହିଲେ। ସେମାନେ ମଧ୍ୟ ସମାନ ଦଶା ଭୋଗିଲେ। ଭେଙ୍କଟେଶଙ୍କ ସଟ୍ ମାରିବା ଶୈଳୀ କୋଚ୍‌ଙ୍କୁ ବେଶ ପ୍ରଭାବିତ କରିଥିଲା। ଏହା ପରେ ସେ କ୍ଲବ୍‌ରେ ଯୋଗଦେଲେ ଓ ଜଣେ ନିମ୍ନମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଭାବେ ଖେଳିବାକୁ ଲାଗିଲେ। ଏହି ପୋଜିସନରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପଡୁଥିବାରୁ ସେ ବଡ଼ ସ୍କୋର କରି ପାରି ନଥିଲେ। ଏକଦା ଅନ୍ୟ ଏକ କ୍ଲବ୍ ସହ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆୟୋଜିତ ହେଲା। ଏଥିରେ ତାଙ୍କୁ କୋଚ୍ ଇନିଂସ ଓପନ କରିବାକୁ କହିଲେ। ପ୍ରଥମେ ଏହା ଶୁଣିବା ପରେ ଭେଙ୍କଟେଶ ଟିକେ ନର୍ଭସ ହୋଇ ପଡ଼ିଲେ। ତାଙ୍କୁ ନିଜ ଗେମ୍ ଖେଳିବାକୁ କୁହାଯିବାରୁ ସେ ଇନିଂସ ଓପନ କଲେ ଓ ସେ ୩ଟି ବଡ଼ ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିପାରିଲେ। ଏହାପରେ ସେ କ୍ଲବ୍‌ର ନିୟମିତ ଓପନର ହେଲେ ଓ ଏହି ସଫଳତା ହିଁ ତାଙ୍କୁ ମଧ୍ୟପ୍ରଦେଶ ସିନିୟର ଦଳରେ ସ୍ଥାନ ଦେଇଥିଲା। ଏହି ଦଳରେ ମଧ୍ୟ ସେ ତଳେ ବ୍ୟାଟିଂ କରୁଥିଲେ, କିନ୍ତୁ ତାଙ୍କ ବ୍ୟାଟିଂ ଷ୍ଟାଇଲ ଯୋଗୁଁ ଇନିଂସ ଓପନ କରିବାକୁ ସୁଯୋଗ ମିଳିଲା ବୋଲି କୋଚ୍ ଦିନେଶ କହନ୍ତି। ଏହି ଷ୍ଟ୍ରାଇକ୍ ରେଟ୍‌କୁ ଦେଖି କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ଦଳରେ ସାମିଲ କରିଥିଲା। କରୋନା ଯୋଗୁଁ ଟୁର୍ଣ୍ଣାମେଣ୍ଟ ଅଧାରୁ ବାତିଲ ହୋଇ ନଥିଲେ ସେ ଭାରତରେ ଆଇପିଏଲ ଡେବ୍ୟୁ କରିଥାନ୍ତେ।

ୟୁଏଇକୁ ଆଇପିଏଲ ସ୍ଥାନାନ୍ତରିତ ହେବା ପରେ ଭେଙ୍କ୍‌ଟେଶଙ୍କ ଭାଗ୍ୟୋଦୟ ହେଲା। ତାଙ୍କ ଖେଳ ଉପରେ ମେଣ୍ଟର ହରଭଜନ ସିଂ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଖୁସି ଥିଲେ। ଏଣୁ ତାଙ୍କୁ ପ୍ରଥମ ମ୍ୟାଚ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଗଲା। ବିରାଟ କୋହଲିଙ୍କ ଆର୍‌ସିବି ବିପକ୍ଷରେ ୪୩ ଓ ଦ୍ୱିତୀୟ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୫୩ ରନ୍ କରି ସମସ୍ତଙ୍କୁ ଆକୃଷ୍ଟ କରିଛନ୍ତି। ସେ ରନ୍ କରିଛନ୍ତି ବୋଲି ନୁହେଁ, ସେ ଯେପରି ସଟ୍ ଖେଳିଛନ୍ତି ତାହା ସମସ୍ତଙ୍କୁ ଆକୃଷ୍ଟ କରିଛି। ଯୁବରାଜ ସିଂଙ୍କ ପରି ଖେଳୁଥିବା ଏହି ୨୬ ବର୍ଷୀୟ ବାମହାତୀ ଓପନର ପରିବାରର ସମ୍ମାନ ରଖିବା ଲାଗି ଏମ୍‌ବିଏ ପାସ କରିଛନ୍ତି। ଏବେ ନିଜେ ଜଣେ ଖେଳାଳି ହେବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାର୍ଥକ ହେବାକୁ ଯାଉଛି। ତାଙ୍କ ସଫଳତାରେ ହରଭଜନ ଖୁବ୍ ଖୁସି ଅଛନ୍ତି। ଏପରିକି ସେ ମ୍ୟାଚ୍ ବେଳେ ବିରାଟଙ୍କ ସହ କିଛି ସମୟ ବିତାଇବାକୁ ମଧ୍ୟ ଯୋଜନା କରିଥିଲେ। ଭେଙ୍କଟେଶ ତାଙ୍କଠାରୁ ଅନେକ ଟିପ୍ସ ପାଇଛନ୍ତି ଓ ଜଣେ ବଡ଼ ଖେଳାଳି ହେବାର ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ପୂରଣ ହେବାକୁ ଯାଉଛି ବୋଲି କୋଚ୍ ଦିନେଶ ଶର୍ମା କହିଛନ୍ତି।





ପ୍ରଦୀପ୍ତ କୁମାର ବିଶ୍ୱାଳ



# ଚାଲ, ଗାଁ'କୁ ଯିବା

ଅର୍ଣ୍ଣା ସେଦିନ ସ୍କୁଲରୁ କାନ୍ଦିକାନ୍ଦି ଘରକୁ ଫେରିଲା । ମାମା ବୁଝିଗଲେ ସ୍କୁଲରେ ନିଶ୍ଚେ ସାଙ୍ଗପାଖରୁ ମାଡ଼ ଖାଇଥିବ। ତା' ବଡ଼ ଭାଇ ଓମ୍ ତାକୁ ଚିଡ଼େଇବା ପାଇଁ କହିଲା - କିରେ ସ୍କୁଲ୍ରେ କିଏ ତୋ ଚୁଟି ଟାଣିଲା କି? ଏମିତି କାନ୍ଦି କାନ୍ଦି କିଆଁ ଅଥୟ ହେଉଚୁ?

ଭାଇର ଏମିତି କଥା ଶୁଣି ଅର୍ଣ୍ଣା ଆହୁରି ଜୋର୍ ଜୋର୍ରେ କାନ୍ଦିବାକୁ ଲାଗିଲା। ଏତିକି ବେଳେ ତା' ବାପା ଅଫିସରୁ ଆସି ପହଁଚିଲେ। ଝିଅ କାନ୍ଦୁଥିବାର ଦେଖି କୋଳକୁ ଉଠାଇ ନେଇ କ'ଣ ହେଲା ବୋଲି ପଚାରିଲେ।- ବାବା, ଆମ ଗାଁ କେଉଁଠି? ତୁମେ ଆମକୁ ଗାଁକୁ କାହିଁକି ନେଇ ଯାଉନ? ଆମେ ସବୁଦିନ କ'ଣ ଏଇ ସହରରେ ରହିବା? କେବେ ବି ଗାଁ ଆଡେ ଯିବାନି? କାନ୍ଦ ବନ୍ଦ କରି ଅର୍ଣ୍ଣା ପଚାରିଲା। ଝିଅ ଏମିତି କଥା କାହିଁକି ପଚାରିଲା ବୋଲି ତା ବାବା ହଠାତ୍ ବୁଝି ପାରିଲେନି।- କିରେ ମା, ଏ ଗାଁ କଥା କାହିଁକି ପଚାରିଲୁ କି? ବୁଝିଲ ବାବା, ଆଜି ସ୍କୁଲ୍ରେ ଶିକ୍ଷକ ସମସ୍ତଙ୍କୁ ପଚାରିଲେ, ନିଜ ନିଜ ଗାଁ ବିଷୟରେ କିଛି କିଛି କୁହ। ବହୁତ ପିଲା ଯିଏ ଯାହା ଗାଁ ବିଷୟରେ କହିଲେ। ହେଲେ ମୁଁ କିଛି କହି ପାରିଲାନି। କାହିଁକି ନା ମୁଁ ତ କେବେ ଗାଁକୁ ଯାଇନି କି ଦେଖିନି। ସାଙ୍ଗମାନେ ମୋତେ ଖୁବ୍ ଚିଡେଇଲେ। ଶିକ୍ଷକ ବି ମୋତେ ଗାଳି ଦେଲେ। ଚାଲୁନ, ଆମେ ଥରେ ଗାଁକୁ ଯିବା। ଅର୍ଣ୍ଣାର ବାବା ଟିକେ ଚିନ୍ତାରେ ପଡିଗଲେ। ତାଙ୍କର ଗାଁରେ ଆଉ କେହି ନଥିଲେ, ତାଙ୍କ ବାପା-ମା'ଙ୍କ ଦେହାନ୍ତ ପରେ ସେ ଗାଁର ଜମିବାଡ଼ି ସବୁ ବିକି ଦେଇ ସହରରେ ଚାକିରି ସହ ଘର ଖଣ୍ଡେ କରି ରହୁଥିଲେ। ତେଣୁ ପିଲାମାନେ କେବେ ଗାଁକୁ ଯିବାର ସୁଯୋଗ ପାଇ ନ ଥିଲେ। କିନ୍ତୁ ଝିଅର ମନ ଦେଖି ଭାବିଲେ, ନିଜ ଘର ନ ହେଲା ନାହିଁ, ଗାଁରେ ରହୁଥିବା କୁଟୁମ୍ବ ଭିତରେ କାହା ଘରେ ଯାଇ ଦୁଇ ତିନି ଦିନ ରହି ବୁଲି ଆସିବେ ଆଉ ପିଲାମାନେ ବି ତାଙ୍କ ଗାଁ ବିଷୟରେ ଜାଣି ପାରିବେ। ଗାଁରେ ରହୁଥିବା ତାଙ୍କ ଦିନା କକାକୁ ଫୋନ କଲେ ଅର୍ଣ୍ଣାର ବାବା ଓ ଆଗାମୀ ଦୁର୍ଗା ପୂଜା ଛୁଟିରେ ଗାଁକୁ ବୁଲିବା ପାଇଁ ଯିବେ ବୋଲି କହିଲେ। ପୂଜା ଛୁଟିରେ ସେମାନେ ସମସ୍ତେ ଗାଁକୁ ଗଲେ। ଗାଁ ବୁଲାର ପ୍ରଥମ ଦିନ - ଅର୍ଣ୍ଣା ଓ ଓମ୍ ଗାଁ ମୁଣ୍ଡ ପୋଖରୀରେ ଗାଧୋଇଲେ, ଆମ୍ବ ତୋଟାରେ ବୁଲିଲେ, ଧାନ ବିଲରେ କେମିତି ଧାନ ଚାଷ ହେଇଚି ଦେଖିଲେ। ଗାଁ ପିଲାଙ୍କ ସହ ଖେଳାବୁଲା କଲେ। ସନ୍ଧ୍ୟାବେଳେ ଗାଁରେ ବସିଥିବା ପାର୍ବଣ ମେଳାରେ ଖୁବ ବୁଲିଲେ।

ଦ୍ୱିତୀୟ ଦିନ ବେଶୀ ମଜା ହେଲା, ଦିନା କକାଙ୍କ ଗାଡ଼ିଆରେ ବନଶୀରେ ମାଛ ଧରା ଅନୁଭୂତି ଭାଇ ଭଉଣୀଙ୍କ ପାଇଁ ପ୍ରଥମ ଥିଲା। ଦ୍ୱିପ୍ରହର ଭାତଖିଆ ପରେ ଲୁଡୋ ଖେଳ ଖୁସି କହିଲେ ନସରେ। ମୋବାଇଲ ଆଉ ଲାପଟପରେ ଗେମ ଖେଳ ଅଭ୍ୟସ୍ତ ପିଲାଙ୍କ ପାଇଁ ବାସ୍ତବ ଦୁନିଆର ଖେଳକୁଦ କାହିଁରେ କେତେ ଖୁସି ଆଣି ଦଉଥିଲା। ଶେଷ ଦିନ, ପରିବା ଚାଷ ହଉଥିବା ପାଳ ବୁଲିବା ପାଇଁ ଗଲେ ଭାଇ ଭଉଣୀ। ବଜାରରେ ମିଳୁଥିବା ବାଇଗଣ, ଭେଣ୍ଡି, କଲରା, କାକୁଡି, ବନ୍ଧା କୋବି ଇତ୍ୟାଦି ଖେତରେ କେମିତି ହୁଏ ସେ ବିଷୟରେ କିଛି ଜାଣି ନଥିଲେ ସେମାନେ। ଶାଗ ଚାଷ କେମିତି ହୁଏ ଦେଖିଲେ। ଆଖୁ ଖେତରେ ଯାଇ ତାଜା ତାଜା ଆଖୁ ଭାଙ୍ଗି ଖାଇଲେ। ଖେତରୁ ଫେରିବାବେଳେ ଗୋଟେ ଘର ଭିତରୁ ଜୋର ଜୋର ପାଟି ଶୁଭିଲା, ଯେମିତି ବହୁତ ପିଲା ଏକ ସ୍ୱରରେ କ'ଣ ଗୋଟେ କହୁଛନ୍ତି। ବାବା, ଏତେ ପାଟି କଣ ଶୁଭୁଚି। କ'ଣ କହୁଛନ୍ତି ସେମାନେ ? ଅର୍ଣ୍ଣା ତାଟକା ହେଇ ପଚାରିଲା।

ଏଇଟା ଗୋଟେ ଚାଟଶାଳୀ। ଚାଟଶାଳୀ ମାନେ କଣ ? ପିଲାଏ ଏତେ ପାଟି କାଇଁ କରୁଚନ୍ତି ? ଅର୍ଣ୍ଣାର ପାଲଟା ପ୍ରଶ୍ନ। ଚାଟଶାଳୀ ମାନେ ଛୋଟ ପିଲାମାନଙ୍କ ସ୍କୁଲ, ଯେମିତି ତୋର ପ୍ଲେ ସ୍କୁଲ। ସେମାନେ ଏକ ସ୍ୱରରେ ପଣକିଆ, ମାନେ ନମ୍ବର ଟେବଲ କହୁଛନ୍ତି । ଏମିତି କଲେ ଶୀଘ୍ର ମନେ ରହିଯାଏ, ବୁଝିଲୁ। ବାବାଙ୍କ କଥା ଅର୍ଣ୍ଣା ବୁଝିଲା ପରି ମନେ ହେଲା।

ପରଦିନ ସେମାନେ ସହରକୁ ଫେରିବା ପାଇଁ ବାହାରିଲେ। ଅର୍ଣ୍ଣାର ଜମା ଇଚ୍ଛା ନଥିଲା ଗାଁ ଛାଡି ଆସିବା ପାଇଁ, କିନ୍ତୁ ବାବାଙ୍କ ଅଫିସ ଖୋଲିଯିବ ବୋଲି ବାଧ ହେଇ ଆସିବାକୁ ପଡିଲା। ତିନି ଦିନ ଭିତରେ ଗାଁ ରେ ହେଇଥିବା ତା'ର ନୂଆ ସାଙ୍ଗମାନଙ୍କୁ ଦେଖା କରି ଆସିଲା ବେଳେ କହିଲା, ପୁଣି ଛୁଟି ପଡିଲେ ନିଶ୍ଚୟ ଗାଁକୁ ଆସିବି।

ବାଲିଗଞ୍ଜ ପ୍ଲେସ୍, କୋଲକାତା-୧୯
ମୋ: ୮୪୨୦୧୯୬୫୯୯

## କୁନି ତାରକା



# ତାଏକୋଣ୍ଡୋରେ ଜାତୀୟ ସ୍ତରରେ ଚମକିଲେ ଅନିକା

କୁନି ପ୍ରତିଭା



**ଜାତୀୟ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି କଟକର କୁନି ଝିଅ ଅନିକା ବଗରିଆ। ମାତ୍ର ୫ବର୍ଷ ବୟସରେ ସେ କୋଭିଡ୍ ଲକ୍ଡାଉନ୍ ସମୟର ସଦୁପଯୋଗ କରି ଅନିକା ତାଏକୋଣ୍ଡୋରେ ତାଲିମ ନେଇ ଜାତୀୟ ସ୍ତରରେ କାଂସ୍ୟ (ବ୍ରୋଞ୍ଜ) ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ଆଗକୁ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଅନିକା।**

ଅନିକା ବର୍ତ୍ତମାନ କଟକର ସେଣ୍ଟ ଜୋସେଫ ଗାର୍ଲସ୍ ହାଇସ୍କୁଲ୍ରେ ପ୍ରେପ୍ରେ ପଢୁଛନ୍ତି। ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅନିକା ନର୍ସରୀରେ ନାମ ଲେଖାଇବାର ମାତ୍ର ବର୍ଷକ ପରେ କରୋନା ମହାମାରୀ ଯୋଗୁଁ ସ୍କୁଲ୍ ଓ କଲେଜଗୁଡ଼ିକ ବନ୍ଦ କରି ଦିଆଗଲା। ଲକ୍ଡାଉନ୍ ସମୟକୁ ସଦୁପଯୋଗ କରିବା ପାଇଁ ଅନିକାଙ୍କ ମା' ସିଲ୍କି ତାକୁ ଅନ୍ଲାଇନ୍ରେ ତାଏକୋଣ୍ଡୋ ଶିକ୍ଷା ଦେଇଥିଲେ। ସେ ଅନ୍ଲାଇନ୍ରେ ସୁଦୀପ୍ତ ନନ୍ଦଙ୍କ ଠାରୁ ତାଏକୋଣ୍ଡୋ ଶିଖିଥିଲେ। କିଛିମାସ ପୂର୍ବରୁ ଅନ୍ଲାଇନ୍ ମାଧ୍ୟମରେ ଜାତୀୟ ସ୍ତରରେ ଆୟୋଜିତ ହୋଇଥିଲା 'ଓପନ୍ ନ୍ୟାସନାଲ ତାଏକୋଣ୍ଡୋ ଚାମ୍ପିୟନସିପ୍'। ଆମ ରାଜ୍ୟରୁ ଅନିକା ଜଣେ ମାତ୍ର ପ୍ରତିଯୋଗୀ ଯିଏକି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିପାଇଁ ସେ ତାଏକୋଣ୍ଡୋର କିଛି ଷ୍ଟେପ୍ସଗୁଡିକର ଭିଡ଼ିଓ ପ୍ରସ୍ତୁତି କରି ବିଚାରକଙ୍କ ପାଖକୁ ପଠାଇଥିଲେ। କୁନି କୁନି ହାତରେ ଅନିକା ନିଜକୁ ସୁରକ୍ଷା ଦେବା ଲାଗି ଯେଉଁପରି କୌଶଳ ପ୍ରଦର୍ଶନ କରିଥିଲେ ତାହା ବିଚାରକମଣ୍ଡଳିଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏଥିରେ ସେ ଜାତୀୟ ସ୍ତରରେ କାଂସ୍ୟ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। କେବଳ ତାଏକୋଣ୍ଡୋ ନୁହେଁ, ପ୍ରି-ନର୍ସରୀରୁ ଅନିକା ନୃତ୍ୟ-ଗୀତ ସହ ଫ୍ୟାନ୍ସି ଡ୍ରେସ୍, ଚିତ୍ର ଆଙ୍କିବା, ରାଇମ୍ ଆବୃତ୍ତି କରିବାରେ ମଧ୍ୟ ଧୁରନ୍ଧର। ଅନିକା ଘରେ ଖାଲି ସମୟରେ ନୃତ୍ୟ, ଚିତ୍ରାଙ୍କନ ଆଦି ଅଭ୍ୟାସ କରନ୍ତି। ଏହି ବୟସରେ ଅନେକ ପିଲା ଠିକ୍ସେ କଥା ହୋଇ ପାରନ୍ତି ନାହିଁ। କିନ୍ତୁ ଅନିକା ଏତେ କମ୍ ବୟସରେ ବି ରାମାୟଣକୁ ନିର୍ଭୁଲ ଭାବେ କହିପାରନ୍ତି। ଅନିକା ତାଙ୍କ ପରି କୁନି କୁନି ପିଲାଙ୍କୁ ତାଏକୋଣ୍ଡୋ ରେ ଯୋଗଦେବା ପାଇଁ ଉତ୍ସାହିତ କରିଛନ୍ତି। ଏନେଇ ଅନିକା କୁହନ୍ତି ଯେ, ତାଏକୋଣ୍ଡୋରେ ଅଧିକ ଅଭ୍ୟାସ ଜାରି ରଖିବି। ଚଳିତ ବର୍ଷ କାଂସ୍ୟ ପଦକ ପାଇ ମୁଁ ବେଶ୍ ଖୁସି ଅଛି। ଭବିଷ୍ୟତରେ ସ୍ୱର୍ଣ୍ଣ ପଦକ ଜିଣିବା ମୋର ଲକ୍ଷ୍ୟ।

## କୁନି କଲମ

# ଟିକି ଚଢ଼େଇ



ପ୍ରାଚୀ ପ୍ରତ୍ୟୁଷା ରଥ



ଟିକି ଚଢ଼େଇରେ
ଟିକି ଚଢ଼େଇ
କୁଆଡେ ଯାଉଛୁ
ଡେଣା ହଲାଇ ।।
ମୋ ସାଥେ ଖେଳିବୁ
ଆ..... ତୁ ଓହ୍ଲାଇ
କେତେ କେତେ ଚିଜ
ଦେବି ଖୁଆଇ ।।
ପିଇବାକୁ ଦେବି
ମଧୁର ଜଳ
ଖାଇବାକୁ ଦେବି
କେତେଯେ ଫଳ ।।
ଏଠି କେହି ନୁହେଁ
ଆପଣା ପର
ସଭିଏଁ ଚଳିବା
ହୋଇ ନିଜର ।।

- ସପ୍ତମ ଶ୍ରେଣୀ, ମାହିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, କାଦୁଆପଡ଼ା,, ଜଗତସିଂହପୁର

## ଶିଶୁ ପହେଲି



ପ୍ରଶାନ୍ତ କୁମାର ନାଥ

- ତିନୋଟି ଅକ୍ଷରେ ନାମ ମୋହର
ପ୍ରଥମ ଦୁଇଟି କରେ ରକ୍ତ ଆହାର
ପ୍ରଥମ ଓ ଶେଷ ଯେବେ ମିଶିବ
ମୃତ୍ୟୁ ଅନ୍ୟନାମ ବୁଝାଉଥିବ
ତିନୋଟି ଅକ୍ଷର ମିଶିଲା ପରେ
ପ୍ରଥମ ଦୁଇକୁ ସେ ଆୟତ୍ତ କରେ
ଶେଷ ଦୁଇରେ ମୁଁ ସାଜଇ ପକ୍ଷୀ
ନାମଟି ମୋହର କହିଲ ଦେଖି
ଉ-ମଶାରି

- ନଈ ପଠାରେ ଖେଳଇ ଦୋଳି
ଆଶ୍ୱିନ ଯେବେ ଫେରେ
ଧବଳ ଅଟେ ରଙ୍ଗଟି ମୋର
ମନକୁ ଚୋରି କରେ
ସୁନ୍ଦର ଅଟେ ରୂପଟି ମୋର
ବିଭୋର ହୁଏ କବି
ଜାଣିଛ କିଏ ନାମଟି ମୋର
କହିଲ ଥରେ ଭାବି।
ଉ-କାଶତଣ୍ଡି

ସୁନ୍ଦରପୁର, ଉତ୍ତରକୂଳ ହାଟ,
ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩

## ଶିଶୁ କୁଇଜ୍- ୧୩

(୧) ଲିଙ୍ଗରାଜ ମନ୍ଦିର କେଉଁ ରାଜା ନିର୍ମାଣ କରିଥିଲେ?
ଉତ୍ତର : ____________________
(୨) ବାରବାଟୀ ଦୁର୍ଗ ଓଡ଼ିଶାର କେଉଁ ସହରରେ ଅବସ୍ଥିତ?
ଉତ୍ତର : ____________________
(୩) ପ୍ଲେଗ୍ ରୋଗ କାହାଦ୍ୱାରା ବ୍ୟାପେ?
ଉତ୍ତର : ____________________
(୪) ଧଳା ହାତୀର ଦେଶ କାହାକୁ କୁହାଯାଏ?
ଉତ୍ତର : ____________________
(୫) କେରଳର ରାଜଧାନୀର ନାମ କ'ଣ?
ଉତ୍ତର : ____________________

## ସକାଳ ଶିଶୁ କୁଇଜ୍ ବିଜେତା

ଏଥିରେ ୫ରୁ ୧୬ ବର୍ଷ ବୟସର ପିଲା ଅଂଶଗ୍ରହଣ କରିପାରିବେ। ସଠିକ୍ ଉତ୍ତର ସହ ଉକ୍ତ କୁପନଟିକୁ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଆମ ନିକଟକୁ ପଠାନ୍ତୁ।

(ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ଜଣେ ଭାଗ୍ୟଶାଳୀ ବିଜେତା ବଛାଯାଇ ତାଙ୍କୁ ପୁରସ୍କୃତ କରାଯିବ।)

ଗତ ସପ୍ତାହର ଭାଗ୍ୟଶାଳୀ ବିଜେତା
ସାଇନା ପଟ୍ଟନାୟକ, ଆଠଗଡ଼, କଟକ

ଆମର ଯୋଗାଯୋଗ ଠିକଣା
ସକାଳ ମିଡିଆ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ- ଏନ୍-୩/୪୪୧, ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫

## ମୋ ସ୍କୁଲ ଅଭିଯାନ



ଯଦୁମଣି ପାଣିଗ୍ରାହୀ

ବିଦ୍ୟାଳୟ ଆମ ମନ୍ଦିର ସମାନ
ପବିତ୍ର ଯା'ପରିବେଶ
ମଣିଷ ହେବାର ବୀଜମନ୍ତ୍ର ଯିଏ
ଶିଖାଉଛି ଅହର୍ନିଶ ।
କେତେ କେତେ ଗୁଣୀ ବିଦ୍ୱାନ ପଣ୍ଡିତ
ସୃଷ୍ଟି ନ କରୁଛି ସିଏ
ଉଚ୍ଚ ଆସନରେ ବସାଉଛି ନେଇ
ତା' ସମ ତୁଳନା କିଏ ।
ଆଜି ଯିଏ ଯାହା ହୋଇଛି ଜୀବନେ
ସବୁ ତା'ର ଅବଦାନ
ଭୁଲି ଯିବା ନାହିଁ ମନରୁ କେବେ ବି
ଶୁଝିବା ତାହାରି ଋଣ ।
ମିଳିମିଶି ଆମେ କରିବା ଉନ୍ନତି
ଦେଇ କିଛି କିଛି ଦାନ
ସରକାର ଦେବେ ଦୁଇଗୁଣା ତା'ର
ବୃଦ୍ଧି କରିବାକୁ ମାନ।
ହସି ଉଠିବ ଏ ବିଦ୍ୟାଳୟ ଆମ
ଗର୍ବରେ ଫୁଲିବ ଛାତି
ସଫଳ ହୋଇବ ମୋ ସ୍କୁଲ ଅଭିଯାନ
ରହିଥିବ ଯଶ କୀର୍ତ୍ତି ।

ଶଂଖୁଆ, ତିହିଡ଼ି, ଭଦ୍ରକ.
ମୋ- ୯୯୩୭୫୬୫୫୨୭



## ହେବି ମୁଁ ସୁନାପିଲା



ଡ. ସରଳା ବେହେରା

ମୁଁ ଗୋଟିଏ ଦୁଷ୍ଟପିଲା
ନିଇତି ଖାଏ ଗାଳି
ସାଙ୍ଗ ସାଥୀଙ୍କ ଖେଳ ମେଳରେ
ଲଗାଇ ଦିଏ କଳି।
ପାଣିରେ ବୁଡେ ଗଛରେ ଚଢ଼େ
ଭାଙ୍ଗଇ କେତେ ବସା
ପାଠପଢ଼ାରେ ଦିଏନି ମନ
ହୁଅଇ ଲୋକହସା ।
ଗୁରୁଜୀ ଥରେ କହିଲେ ଡାକି
ଶୁଣବାବୁ ମୋ କଥା
ଆମ ଦେଶର ଇତିହାସରେ
ରହିଛି କେତେ ଗାଥା ।
ତୋହରି ପରି ବାଳୁତ ଥିଲେ
ବାଜି, ଧରମା, ନଚି
କାଳକାଳକୁ ରଖିଲେ ନାଁ
ଆଜି ବି ଛନ୍ତି ବଞ୍ଚି ।
ଜୀବନ ଦେଇ କରଇ ଯିଏ
ପରର ଉପକାର
ଘର ବାହାରେ ବଢଇ ସିନା
ଆଦର କେତେ ତାର ।
ବାପା, ମାଆଙ୍କ ମନରେ କେବେ
ଦୁଃଖ ଆଣିବୁ ନାହିଁ
ତାଙ୍କ ଆଶିଷ ଲଭିଲେ ବାବୁ
ମଣିଷ ହେବୁ ତୁହି ।
ଗୁରୁଙ୍କ ପାଦ ଛୁଇଁ କହିଲା
ଆଶିଷ ଦିଅ ମୋତେ
ପଢିବି ପାଠ ଗଢିବି ଦେଶ
ଏଇ ମୋ କୁନି ହାତେ ।
ବଦଳି ଗଲା ବାବୁଲା ମନ
ସଭିଙ୍କୁ କଥା ଦେଲା
ଚଗଲାପଣ ଛାଡି ଆଜିଠୁ
ହେବି ମୁଁ ସୁନାପିଲା ।

ଭୁବନେଶ୍ୱର, ମୋ- ୯୪୩୭୭୪୬୪୬୭

## ଲେଖକ ଲେଖିକାଙ୍କ ନିମନ୍ତେ ସୂଚନା

'ସକାଳ'ର ଶିଶୁପୃଷ୍ଠା 'ସୁମନ' ପ୍ରତ୍ୟେକ ଶନିବାର ପ୍ରକାଶ ପାଉଛି। ଏହି ପୃଷ୍ଠା ପାଇଁ ଶିଶୁ ଗପ, ଶିଶୁ କବିତା, ଚିତ୍ରାଙ୍କନ ଓ ଶିଶୁ ପ୍ରତିଭା ଆହ୍ୱାନ କରାଯାଉଛି। ପିଲାଙ୍କ ଦ୍ୱାରା ସ୍ୱରଚିତ ଗପ, କବିତାକୁ ବିଶେଷ ଅଗ୍ରାଧିକାର ଦିଆଯିବ। ଗପ, କବିତା ଯଥାସମ୍ଭବ କ୍ଷୁଦ୍ର ଏବଂ ଶିକ୍ଷଣୀୟ ହୋଇଥିବା ଆବଶ୍ୟକ।

ଆମ ଠିକଣା
'ସୁମନ', ସକାଳ ମିଡିଆ ପ୍ରା.ଲି.
ପ୍ଲଟ୍ ନଂ- ଏନ୍-୩/୪୪୧, ଆଇ.ଆର.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଇ-ମେଲ୍: sakalasishu@gmail.com



ଶୁଭଶ୍ରୀ ବେହେରା
ସପ୍ତମ ଶ୍ରେଣୀ, ଭି.ଏସ୍.ଭି ବିଦ୍ୟାଳୟ, ସୁନାବେଡ଼ା



ପୁଣ୍ୟତୋୟ ଲେଙ୍କା
ନବମ ଶ୍ରେଣୀ, ସରସ୍ୱତୀ ଶିଶୁ ମନ୍ଦିର, କଟକ



ରିଆନ୍ ବିଶ୍ୱାଳ
ସପ୍ତମ ଶ୍ରେଣୀ, ଲୋୟଲା ସ୍କୁଲ୍, ଭୁବନେଶ୍ୱର



## ଜୟବର୍ଦ୍ଧନେ ପରାମର୍ଶଦାତା

କଲମ୍ବୋ,୨୪।୯ (ଏଜେନ୍ସି): ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳର ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଅକ୍ଟୋବର ୧୬ରୁ ୨୩ ତାରିଖଯାଏ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ସେ ଟିମ୍‌ର ଦାୟିତ୍ୱରେ ରହିବେ ଓ ତାଙ୍କ ନିକଟରେ ଥିବା ଅଭିଜ୍ଞତାକୁ ଦଳ ସହ ବାଣ୍ଟିବେ। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଟିମ୍ ମୁମ୍ବଇ ଇଣ୍ଡିଆନ୍ସର ହେଡ କୋଚ୍ ଥିବା ଜୟବର୍ଦ୍ଧନେ ମଧ୍ୟ ଶ୍ରୀଲଙ୍କା ୧୯ ବର୍ଷରୁ କମ୍ ଟିମ୍‌ର ପରାମର୍ଶଦାତା ଓ ମେଣ୍ଟର ରହିବେ। ଏହି ଟିମ୍ ଜୁନିଅର ବିଶ୍ୱକପ୍ ଲାଗି ପ୍ରସ୍ତୁତି ଚଳାଇଛି। ଜୟବର୍ଦ୍ଧନେଙ୍କୁ ପାଇ ଶ୍ରୀଲଙ୍କା କ୍ରିକେଟ ଟିମ୍ ନିଜ ଖେଳରେ ଅନେକ ଉନ୍ନତି ଆଣିବାରେ ସମର୍ଥ ହେବ ବୋଲି କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶଲେ ଡି ସିଲ୍‌ଭା କହିଛନ୍ତି।



## ହ୍ୱାଟମୋର ବରୋଦା କୋଚ୍

ଭଦୋଦରା,୨୪।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦଳର ପୂର୍ବତନ କ୍ରିକେଟର ତଥା ଶ୍ରୀଲଙ୍କାକୁ ବିଶ୍ୱକପ୍ ଚାମ୍ପିଅନ୍ କରାଇଥିବା ଡେଭ୍ ହ୍ୱାଟମୋର ଚଳିତ ସିଜନ ଲାଗି ବରୋଦା ସିନିୟର କ୍ରିକେଟ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ୬୭ ବର୍ଷୀୟ ଅଭିଜ୍ଞ କୋଚ୍ କେବଳ ସିନିୟର ଦଳର କୋଚ୍ ଦାୟିତ୍ୱ ସମ୍ଭାଳିବେ ନାହିଁ, ସେ ମଧ୍ୟ ଅନ୍ୟ ଏଜ୍ ଗ୍ରୁପ୍ କୋଚ୍ ମାନଙ୍କୁ ପରାମର୍ଶ ଦେବେ ବୋଲି ବରୋଦା କ୍ରିକେଟ ସଂଘ ସମ୍ପାଦକ ଡେଭ୍ ହ୍ୱାଟମୋର ପ୍ରକାଶ କରିଛନ୍ତି। ଭାରତରେ ଅନେକ ଘରୋଇ ଟିମ୍‌ର କୋଚ୍ ଦାୟିତ୍ୱରେ ରହିଥିବା ହ୍ୱାଟମୋର ନିକଟରେ ନେପାଳ କୋଚ୍ ପଦ ଛାଡିଛନ୍ତି। ଭାରତୀୟ ଘରୋଇ କ୍ରିକେଟ ସିଜନ ଚଳିତମାସରୁ ଆରମ୍ଭ ହେବାକୁ ଯାଉଛି। ଗତ ସିଜନରେ ବାତିଲ ହୋଇଥିବା ରଣଜୀ ଟ୍ରଫି ଏବର୍ଷ ଆୟୋଜିତ ହେବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି।



## ଆଇଏସ୍‌ଏଲ୍‌କୁ ଯୋଗ୍ୟତା ଅର୍ଜନ କଲେ ଏକ କୋଟି ପୁରସ୍କାର



ଶିଲଂ,୨୪।୯ (ଏଜେନ୍ସି): ମେଘାଳୟର ଯଦି କୌଣସି କ୍ଲବ୍ ଇଣ୍ଡିଆନ୍ ସୁପର ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି କ୍ଲବ୍‌କୁ ଏକ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି କ୍ରୀଡ଼ାମନ୍ତ୍ରୀ ବାଣ୍ଟେଇଡୋର ଲିଙ୍ଗଡୋ ଘୋଷଣା କରିଛନ୍ତି। ଆର୍ଥିକ ସଙ୍କଟ ଯୋଗୁଁ ମେଘାଳୟର ଫୁଟବଲ କ୍ଲବ୍ ଗୁଡିକ ତିଷ୍ଠିପାରୁ ନାହାନ୍ତି। ଏଣୁ ସରକାର ସମସ୍ତ ପ୍ରକାର କ୍ଲବ୍‌ଗୁଡିକୁ ଆର୍ଥିକ ସହାୟତା ଦେବେ ବୋଲି ସେ କହିଛନ୍ତି। ରାଜ୍ୟର ଯଦି କୌଣସି କ୍ଲବ୍ ଦ୍ୱିତୀୟ ଡିଭିଜନ ଆଇ-ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରନ୍ତି, ତାହାକୁ ୧୦ ଲକ୍ଷ, ପ୍ରଥମ ଡିଭିଜନ ଆଇ-ଲିଗ୍ ଲାଗି ୪୦ ଲକ୍ଷ ଓ ଆଇଏସ୍‌ଏଲ୍ ଲାଗି ୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି କ୍ଲବ୍ ଗୁଡିକୁ ଦିଆଯିବ। ରାଜଧାନୀ ଶିଲଂରେ ୧୩୪ କୋଟି ଟଙ୍କା ଖର୍ଚ୍ଚରେ ବିଭିନ୍ନ ପ୍ରକାର କ୍ରୀଡ଼ା ଲାଗି ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

## ଡୁରାଣ୍ଡ କପ୍ ସେମିରେ ଗୋଆ

କୋଲକାତା, ୨୪।୯ (ଏଜେନ୍ସି): ଏଫ୍‌ସି ଗୋଆ ଏହାର ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଚଳିତ ଡୁରାଣ୍ଡ କପ୍ ୧୩୦ତମ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୋଆ ୫-୧ ଗୋଲର ବୃହତ୍ ବ୍ୟବଧାନରେ ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଥିଲା। କୋଲକାତାର କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଗୋଆ ପ୍ରଥମାର୍ଦ୍ଧରେ ୩ଟି ଗୋଲ୍ ଦେଇ ପ୍ରଭାବ ବିସ୍ତାର କରିଥିଲା। ବେଙ୍ଗାଲୁରୁ ଏଫ୍‌ସି ଓ ଆର୍ମି ଗ୍ରୀନ୍ ମଧ୍ୟରେ ଶନିବାର ଖେଳାଯିବାକୁ ଥିବା ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲର ବିଜେତାକୁ ଗୋଆ ସେମିଫାଇନାଲରେ ଭେଟିବ।

# ବାଙ୍ଗାଲୋରକୁ ହରାଇ ଚେନ୍ନଇ ଶୀର୍ଷରେ

**ଶାରଜା,୨୪।୯ (ଏଜେନ୍ସି)**

ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୬ ୱିକେଟରେ ହରାଇ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନଇ ସୁପର କିଙ୍ଗ୍‌ସ ଏଠାରେ ଚାଲିଥିବା ଆଇପିଏଲ୍-୨୦୨୧ ପଏଣ୍ଟ ଟେବଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଶୁକ୍ରବାର ଏଠାରେ ଚେନ୍ନଇ ୯ମ ମ୍ୟାଚ୍‌ରୁ ୭ମ ବିଜୟ ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ସହ ସମାନ ୧୪ ପଏଣ୍ଟ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍ ରନ୍‌ରେଟ୍ ଯୋଗୁଁ ଚେନ୍ନଇ ପ୍ରଥମ ଓ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ କୋହଲି ୫୩ ଓ ଦେବଦତ୍ତ ପାଡିକଲ ୭୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୬ ୱିକେଟରେ ୧୫୬ ରନ୍ କରିଥିଲା। ଜବାବରେ ଚେନ୍ନଇ ୧୮.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୩୮, ଅମ୍ବତି ରାୟୁଡୁ ୩୨, ଫାଫ୍ ଡୁ ପ୍ଲେସିସ୍ ୩୧ ଓ ମୋଇନ୍ ଅଲ୍ଲୀ ୨୩ ରନ୍ କରିଥିଲେ। ଖେଳ ଶେଷବେଳକୁ ସୁରେଶ ରାଇନା ୧୭ ଓ ଧୋନି ୧୧ ରନ୍‌ରେ ଅପରାଜିତ ରହିଥିଲେ। ପରାଜିତ ଦଳର ହର୍ଷଲ ପଟେଲଙ୍କୁ ୨ଟି ୱିକେଟ ମିଳିଥିଲା।

ଏଠାରେ ଚେନ୍ନଇ ଅଧିନାୟକ ଧୋନି ଟସ୍ ଜିତିବା ପରେ ବାଙ୍ଗାଲୋରକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଦଳପକ୍ଷରୁ ଅଧିନାୟକ କୋହଲି ଓ ପାଡିକଲ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିବା ସହ ପ୍ରଥମ ୱିକେଟ ପାର୍ଟନରଶିପ୍‌ରୁ ୧୩.୨ ଓଭରରେ ୧୧୧ ରନ୍ ଉଠାଇ ଅନେକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ କୋହଲି ୪୧ ବଲ୍‌ରେ ୬ ଚୌକା ଓ ୧ଛକା ୫୩ ରନ୍ କରି ବ୍ରାଭୋଙ୍କ ପ୍ରଥମ ଶିକାର ବନିଥିଲେ। ପାଡିକଲ ଓ ଏବି ଡି ଭିଲିୟର୍ସ ଦ୍ରୁତ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇ ପାରି ନଥିଲେ। ଏମାନେ ମଧ୍ୟ ଦ୍ରୁତ ରନ୍ କରିବାକୁ ଯାଇ ଆଉଟ ହୋଇଥିଲେ। ପାଡିକଲ ୫୦ ବଲ୍‌ରେ ୫ଚୌକା ଓ ୩ଛକା ସହ ସର୍ବାଧିକ ୭୦ ଓ ଡି ଭିଲିୟର୍ସ ୧୨ ରନ୍ କରି ଆଉଟ ହୋଇଥିଲେ। ଚେନ୍ନଇର ବୋଲରମାନେ ଲେଗ୍ କଟର, ୟର୍କରକୁ ଚମତ୍କାର ଭଙ୍ଗୀରେ ବୋଲିଂ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ଲଗ୍ ଓଭରରେ ହାତଖୋଲା ସଟ୍ ଖେଳିବାକୁ ଦେଇ ନଥିଲେ। ଯାହା ଫଳରେ ବାଙ୍ଗାଲୋର ଶେଷ ୪ ଓଭରରେ ୨୫ ରନ୍ ଉଠାଇଥିଲେ ମଧ୍ୟ ୫ଟି ୱିକେଟ ହରାଇଥିଲେ। ପିଚ୍‌ରୁ ସହାୟତା ପାଇବା ପରେ ବ୍ରାଭୋ ଚମତ୍କାର ସ୍ଲୋ ବଲ ପକାଇ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୨୪ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଶାର୍ଦ୍ଦୁଳ ଠାକୁରଙ୍କ ଲେଗ୍ କଟରକୁ ମୁକାବିଲା କରି ନପାରି ୨ଜଣ ଖେଳାଳି ଆଉଟ ହୋଇଥିଲେ।


ଦେବଦତ୍ତ ପାଡ଼ିକଲ ଓ ବିରାଟ କୋହଲି ରନ୍ ନେବାକୁ ଦୌଡ଼ୁଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବ୍‌ଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍ ରନ୍ |
|---|---|---|---|---|---|
| ଚେନ୍ନଇ | ୯ | ୭ | ୨ | ୧୪ | +୧.୧୮୫ |
| ଦିଲ୍ଲୀ | ୯ | ୭ | ୨ | ୧୪ | +୦.୬୧୩ |
| ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୭୨୦ |
| କୋଲକାତା | ୯ | ୪ | ୫ | ୮ | +୦.୩୬୩ |
| ରାଜସ୍ଥାନ | ୮ | ୪ | ୪ | ୮ | -୦.୧୫୪ |
| ମୁମ୍ବଇ | ୯ | ୪ | ୫ | ୮ | -୦.୩୧୦ |
| ପଞ୍ଜାବ | ୯ | ୩ | ୬ | ୬ | -୦.୩୪୫ |
| ହାଇଦରାବାଦ | ୮ | ୧ | ୭ | ୨ | -୦.୬୮୯ |

### ସଂକ୍ଷିପ୍ତ ସ୍କୋର

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୧୫୬/୬,** ୨୦ ଓଭର (ଦେବଦତ୍ତ ପାଡିକଲ-୭୦, ବିରାଟ କୋହଲି-୫୩, ଡ୍ୱେନ୍ ବ୍ରାଭୋ-୩/୨୪, ଶାର୍ଦ୍ଦୁଳ ଠାକୁର-୨/୨୯)।

**ଚେନ୍ନଇ ସୁପର କିଙ୍ଗ୍‌ସ: ୧୫୭/୪,** ୧୮.୧ ଓଭର (ଋତୁରାଜ-୩୮, ଡୁ ପ୍ଲେସିସ୍-୩୧, ରାୟୁଡୁ-୩୨, ରାଇନା-୧୭*, ଧୋନୀ-୧୧*, ହର୍ଷଲ-୨/୨୫, ଚହଲ-୧/୨୬)।

### ଆଜିର ମ୍ୟାଚ୍

ଆଇପିଏଲ୍ ୨୦୨୧

ଦିଲ୍ଲୀ ବନାମ ରାଜସ୍ଥାନ
ଭେନ୍ୟୁ-ଆବୁଧାବି
ଖେଳ ଆରମ୍ଭ- ଅପରାହ୍ନ ୩ଟା ୩୦

ହାଇଦରାବାଦ ବନାମ ପଞ୍ଜାବ
ଭେନ୍ୟୁ-ଶାରଜା
ଖେଳ ଆରମ୍ଭ- ରାତି ୭ଟା ୩୦

ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ଡିସ୍‌ନୀ ହଟ୍‌ଷ୍ଟାର

### ଡେଭିଡ୍ ପ୍ରଥମ ସିଙ୍ଗାପୁର କ୍ରିକେଟର୍

ଶାରଜା, ୨୪।୯ (ଏଜେନ୍ସି): ସିଙ୍ଗାପୁରର ପ୍ରଥମ କ୍ରିକେଟର୍ ଭାବେ ଟିମ୍ ଡେଭିଡ୍ ଆଇପିଏଲ୍‌ରେ ପଦାର୍ପଣ କରିଛନ୍ତି। ଶୁକ୍ରବାର ଡେଭିଡ୍ ଚେନ୍ନଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳି ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଏହି ମ୍ୟାଚରେ ସେ ମାତ୍ର ୧ ରନ କରି ଦୀପକ ଚହରଙ୍କ ବଲରେ ଆଉଟ୍ ହୋଇଥିଲେ। ଫିନ୍ ଆଲେନ୍‌ଙ୍କ ବଦଳ ଖେଳାଳି ଭାବେ ଡେଭିଡ୍ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇସିସିର ଦିନିକିଆ କିମ୍ବା ଟେଷ୍ଟ ମାନ୍ୟତା ପାଇ ନଥିବା ଦେଶ 'ସିଙ୍ଗାପୁର'ରୁ ଡେଭିଡ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ଆଇପିଏଲ୍ ଖେଳିଛନ୍ତି। ଏହି ଦେଶକୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମାନ୍ୟତା ମିଳିଛି।

# କ୍ୱାର୍ଟରରେ ଓଡ଼ିଶା ବାଳକ ଓ ବାଳିକା ଦଳ

ଜାତୀୟ ଜୁନିଅର ଖୋ ଖୋ

**ଭୁବନେଶ୍ୱର, ୨୪।୯ (ସମିସ)**

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍‌ର ୪୦ତମ ସଂସ୍କରଣରେ ଆୟୋଜକ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ବାଳିକା ଦଳ ୨୧ ପଏଣ୍ଟରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୨୧ ପଏଣ୍ଟ ଓ ଇନିଂସ ବ୍ୟବଧାନରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା। ସେହିଭଳି ଦିବସରେ ଅନୁଷ୍ଠିତ ବାଳିକା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଛତିଶଗଡ଼ ୧୦ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, କୋହ୍ଲାପୁର ୩ ପଏଣ୍ଟରେ ରାଜସ୍ଥାନକୁ, ହରିୟାଣା ୧ ପଏଣ୍ଟରେ କେରଳକୁ, ତାମିଲନାଡୁ ୧୬ ପଏଣ୍ଟରେ ମଧ୍ୟପ୍ରଦେଶକୁ, ପଞ୍ଜାବ ୧ ପଏଣ୍ଟରେ ଦିଲ୍ଲୀକୁ ଓ ପଶ୍ଚିମବଙ୍ଗ ୧ ପଏଣ୍ଟରେ ଗୁଜରାଟକୁ ହରାଇଥିଲା।

ଅପରପକ୍ଷରେ ବାଳକ ବିଭାଗରେ ଓଡ଼ିଶା ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ମଣିପୁରକୁ ୭ ପଏଣ୍ଟରେ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଥିଲା। ଅନ୍ୟ ମ୍ୟାଚଗୁଡ଼ିକରେ ମଣିପୁର, ଝାଡ଼ଖଣ୍ଡ, ଲେଲଙ୍ଗାନା, ହରିୟାଣା, କୋହ୍ଲାପୁର ଆନ୍ଧ୍ରପ୍ରଦେଶ ପ୍ରମୁଖ ବିଜୟୀ ହୋଇଥିଲେ। ସେହିଭଳି ଦିଲ୍ଲୀ ଓ ତାମିଲନାଡୁ ମଧ୍ୟରେ ଜୋଯାଇଥିବା ମ୍ୟାଚ୍ ୧୦-୧୦ ପଏଣ୍ଟରେ ଟାଇ ରହିଥିଲା।




### ମହିଳା କ୍ରିକେଟ

# ଶେଷ ବଲ୍‌ରେ ହାରିଲା ଭାରତ

**ମ୍ୟାକ୍‌କୟ (ଅଷ୍ଟ୍ରେଲିଆ), ୨୪।୯ (ଏଜେନ୍ସି)**

ଭ୍ରମଣକାରୀ ଭାରତୀୟ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଏକଦିବସୀୟ ମ୍ୟାଚରେ ଅଷ୍ଟ୍ରେଲିଆ ରୋମାଞ୍ଚକ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୭୫ ରନର ଲକ୍ଷ୍ୟକୁ ପିଛା କରି ଘରୋଇ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ୫ ୱିକେଟ୍ ହରାଇ ଅନ୍ତିମ ବଲରେ ବିଜୟୀ ହୋଇଥିଲା। ଅନ୍ତିମ ଓଭରରେ ବିଜୟ ଲାଗି ଅଷ୍ଟ୍ରେଲିଆକୁ ୧୩ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ଭାରତର ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ଏହି ରନ୍‌କୁ ଅଟକାଇବାରେ ବିଫଳ ହୋଇଥିଲେ। ଓପନର୍ ବେଥ୍ ମୁନୀ ଅପରାଜିତ ଶତକୀୟ ଇନିଂସ ଖେଳି ଅଷ୍ଟ୍ରେଲିଆ ବିଜୟରେ ନାୟିକା ସାଜିଥିଲେ। ପୂର୍ବରୁ ମଧ୍ୟ ପ୍ରଥମ ଏକଦିବସୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୯ ୱିକେଟ୍ ଜିତିଥିଲା। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଘରୋଇ ଦଳ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜ ଅନ୍ତିମ ମ୍ୟାଚ୍ ରବିବାର ଖେଳାଯିବ।

ସ୍ଥାନ ହାରୁପ୍ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ ପ୍ରଥମେ ଭାରତୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଓପନିଂ ଯୋଡ଼ିରେ ଦୁଇ ଭାରତୀୟ ବ୍ୟାଟର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ୧୧.୧ ଓଭରରେ ୭୪ ରନ ସଂଗ୍ରହ କରିଥିଲେ। ଏହି ସମୟରେ ଶେଫାଳିଙ୍କୁ ଆଉଟ୍ କରି ସୋଫି ମୋଲିନେଉକ୍ସ ଅଷ୍ଟ୍ରେଲିଆକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହାପରେ ମନ୍ଧାନା ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ ଜାରି ରଖିଥିବାବେଳେ ଅନ୍ୟପଟେ ପ୍ରତ୍ୟେକ ବ୍ୟାଟର୍ ତାଙ୍କୁ ସହଯୋଗ କରିଥିଲେ। ଫଳରେ ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୭୪ ରନ ସଂଗ୍ରହ କରିଥିଲା। ମନ୍ଧାନା ୯୪ ବଲରୁ ୮୬ ରନ କରି ଆଉଟ୍ ହୋଇଥିଲେ। ଏହି ଇନିଂସରେ ସେ ୧୧ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟ୍‌କିପର ରିଚା ଘୋଷ ୪୪, ପୂଜା ବସ୍ତ୍ରକାର ୨୯, ଝୁଲଣ ଗୋସ୍ୱାମୀ ୨୮*, ଦୀପ୍ତି ଶର୍ମା ୨୩ ରନ କରିଥିଲେ। ଅଧିନାୟିକା ମିତାଲି ରାଜ ମାତ୍ର ୮ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଥିଲନ ମ୍ୟାକ୍‌ଗ୍ରା ୩ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭରୁ ୫୨ ରନରେ ୪ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଓପନର୍ ବେଥ୍ ମୁନୀ ଗୋଟିଏ ପାର୍ଶ୍ୱରେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦମ୍‌ଦାର ଶତକ ସହ ଦଳକୁ ୫ ୱିକେଟ୍‌ରେ ରୋମାଞ୍ଚକ ବିଜୟୀ କରାଇଥିଲେ। ଶେଷ ଓଭରରେ ୧୩ ଓ ଶେଷ ବଲରେ ୩ ରନ୍ ଆବଶ୍ୟକ ହେଉଥିଲେ ମଧ୍ୟ ମୁନୀ ଏହାକୁ ସଂଗ୍ରହ କରିନେଇଥିଲେ। ଭାରତ ପକ୍ଷରୁ ଶେଷ ଓଭର ବୋଲିଂ କରୁଥିବା ଗୋସ୍ୱାମୀ ଶେଷ ବଲରେ ନୋ ବଲ୍ ପକାଇ ଅଷ୍ଟ୍ରେଲିଆର ବିଜୟକୁ ସହଜ କରିଦେଇଥିଲେ। ମୁନୀ ୧୨୫ ରନରେ ଅପରାଜିତ ରହିଥିବାବେଳେ ମ୍ୟାକ୍‌ଗ୍ରା (୭୪ ରନ) ଓ ନିକୋଲା କ୍ୟାରୀ (୩୯*) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ।


ଅଷ୍ଟ୍ରେଲିଆର ଶତକ ହାସଲକାରୀ ବେଥ୍ ମୁନୀ

MAHAVIR COLLEGE OF NURSING
Recognised by : Health & family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED :
1. ANM - 2Yrs: (+2 any Stream), 2. GNM - 3Years: (+2 any Stream)
3. DMLT - 2 Yrs (+2 Science) 4. B.Sc Nursing - 4 Yrs (+2 Science - PCB)
5. Diabetes Assistant - 1 Yr: (+2 Any Stream) 6. Dental Assistant - 1Yr: (+2 Any Stream)
7. GDA (General Duty Assistant) - 9 Monts :(10th Pass) 8. Dental Lab Tech. - 9 Monts :(10th Pass)
100% Placement | Spot Admission | Hostel Facility available
Address & Contact :
Campus1: Mahapatra Complex, Gobindpali, Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No. 9937292549 | 8984918095
Mail ID : mahavircollegeofnursing@gmail.com | mahavirschoolofnursing@gmail.com
Website : www.mahavircollegeofnursing.org

ସକାଳ THE SAKALA
www.thesakala.com
We require the following posts for Bhubaneswar City.
STRINGER
For Khandagiri, Old Town, Chandrasekharpur, Rasulgarh.
Qualification: Graduation with 3 yrs. experience.
Send your CV by 30.09.2021 to
DGM, HR
Email: hr@thesakala.com
SAKALA MEDIA PVT LTD,
Plot No.: N-3/441, Nayapalli, Bhubaneswar

ସକାଳ THE SAKALA | SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT SAKALA MEDIA PVT. LTD, PLOT NO.125, IRRIGATION COLONY, JEYPORE, DIST: KORAPUT, PIN-764001
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର